# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୮/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 28/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 273 | ମୂଲ୍ୟ ₹୭/-


# ଚାପରେ ମହିଳା ଏସ୍ଆଇଙ୍କ ଆତ୍ମହତ୍ୟା

## ■ ନିର୍ଯାତନା ଦିଆଯାଇଥିବା ଅଭିଯୋଗ
## ■ କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ ଭାଇ

ଜି.ଉଦୟଗିରି,୨୭।୮ (ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ଥାନାର ମହିଳା ଏସ୍ଆଇ ସ୍ୱାଗତିକା ବେହେରା ଶନିବାର ସକାଳେ ଆତ୍ମହତ୍ୟା କରିଛନ୍ତି। ଥାନା ପରିସରରେ ଥିବା କ୍ୱାର୍ଟର୍ସରେ ଫ୍ୟାନରେ ଲୁଗା ବାନ୍ଧି ସେ ଝୁଲି ପଡ଼ିଥିଲେ। ଥାନା ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଉଥିବାରୁ ସ୍ୱାଗତିକା ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରଛନ୍ତି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ପି ଭିନୀତ ଅଗ୍ରୱାଲ କହିଛନ୍ତି।

ସୂଚନା ଅନୁଯାୟୀ, ଏସ୍ଆଇ ସ୍ୱାଗତିକାଙ୍କ ନିଜ ଘର ଖୋର୍ଦ୍ଧା ଜିଲା ନିରାକାରପୁର ନିକଟସ୍ଥ ପାଣ୍ଡବ ପାଟଣା ଗ୍ରାମରେ। ୨୦୧୯ରେ ସେ ଚାକିରି



ସ୍ୱାଗତିକା ବେହେରା

ପାଇଥିଲେ। ଗତ ୯ ମାସ ତଳେ ଜି. ଉଦୟଗିରି ଥାନାରେ ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରୀ କ୍ୱାର୍ଟର୍ସରେ ଏକା ରହୁଥିବା ସ୍ୱାଗତିକା ଶନିବାର ସକାଳ ପ୍ରାୟ ୭ଟାରେ କେତେଜଣ ସହକର୍ମୀଙ୍କ ସହ କଥା ହୋଇଥିବା ଜଣାପଡ଼ିଛି। ସେ ଥାନାକୁ ଯିବାରେ ବିଳମ୍ବ ହେବା ଓ ତାଙ୍କ ଫୋନରୁ କୌଣସି ଉତ୍ତର ନ ମିଳିବାରୁ ଗୃହରକ୍ଷୀ କ୍ୱାର୍ଟର୍ସକୁ ଡାକିବାକୁ ଯାଇଥିଲେ। ଭିତରୁ କବାଟ ବନ୍ଦ ଥିବା ଦେଖି ଗୃହରକ୍ଷୀ ଜଣକ ଫେରି ଆସିଥିଲେ। ଥାନାରୁ ଜଣେ ମହିଳା କର୍ମଚାରୀ ଯାଇ ଝରକା ପଟେ ତାଙ୍କ ଝୁଲନ୍ତା ଶରୀର ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଏସ୍ଆଇ ସ୍ୱାଗତିକାଙ୍କୁ ତଳକୁ ଓହ୍ଲାଇ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଅପରାହ୍ନ ପ୍ରାୟ ୫ଟାରେ ସ୍ୱାଗତିକାଙ୍କ ମା' ଓ ଦୁଇ ଭାଇ ଆସି ଜି. ଉଦୟଗିରିରେ ପହଞ୍ଚିଥିଲେ। ବଡ଼ ଭାଇ ମନୋରଞ୍ଜନ ବେହେରା ତାଙ୍କ ଭଉଣୀଙ୍କ ଆତ୍ମହତ୍ୟା ପାଇଁ ଜି.ଉଦୟଗିରି ଆଇଆଇସିଙ୍କୁ ଦାୟୀ କରିଛନ୍ତି। ଆଇଆଇସି ମାନସିକ ନିର୍ଯାତନା ଦେଉଥିବା ବିଷୟରେ ଶୁକ୍ରବାର ରାତିରେ ସ୍ୱାଗତିକା ଫୋନ ଯୋଗେ ଜଣାଇଥିଲେ। ତେଣୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରି ଭଉଣୀଙ୍କ ଆତ୍ମହତ୍ୟା ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ସେହିପରି ସ୍ୱାଗତିକାଙ୍କ ମା' ଉଷାରାଣୀ ବେହେରା ମଧ୍ୟ କାନ୍ଦି କାନ୍ଦି ସମାନ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ନେଇ ଆଇଆଇସି ରେବତୀ ଶବରଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ଚାଲିଥିବା ସେ କହିଛନ୍ତି। ଜି. ଉଦୟଗିରି ଏସ୍‌ଡିପିଓ ଡି. ତିରୁପତି ରାଓ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସ୍ୱାଗତିକାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ☞ ପୃଷ୍ଠା-୪






# ରାଜ୍ୟରେ ଖୋଲିବ ୩୬ ନୂଆ ଥାନା

## ■ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
## ■ ପରିଚାଳନା ପାଇଁ ୫୬୩ ନୂଆ ପଦବୀ ସୃଷ୍ଟି

ଭୁବନେଶ୍ୱର,୨୭।୮ (ବ୍ୟୁରୋ)

ବର୍ଦ୍ଧିତ ଜନସଂଖ୍ୟା ଏବଂ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଉ ୩୬ଟି ନୂଆ ଥାନା ଖୋଲିବ। ଏହି ପ୍ରସ୍ତାବକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହି ଥାନାଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୋଳର ବାଗେଡିଆ ଓ ଗୋପାଳପ୍ରସାଦ, ବାଲେଶ୍ୱରର ଗୋପାଳପୁର ଓ ଅନନ୍ତପୁର, ବରଗଡ଼ର ବରଗଡ ଗ୍ରାମାଞ୍ଚଳ, ବ୍ରହ୍ମପୁରର ନିମଖଣ୍ଡି, ବଲାଙ୍ଗୀରର ଲକ୍ଷ୍ମୀଜୋର ଓ ଆଗଲପୁର, ବଉଦର ଘଣ୍ଟାପଡ଼ା, ଭୁବନେଶ୍ୱର କମିଶନରେଟ୍‌ର ମୈତ୍ରୀ ବିହାର, କଟକ ଗ୍ରାମାଞ୍ଚଳର ମାଣିଆବନ୍ଧ, ଜୋବ୍ରା ଓ ଭଦ୍ରେଶ୍ୱର, ଦେବଗଡ଼ର ଲଇମୁରାରେ ନୂଆ ଥାନା ଖୋଲିବ। ସେହିପରି ଢେଙ୍କାନାଳର ମହାବୀର ରୋଡ୍, ଗଞ୍ଜାମର ବେଗୁନିଆପଡ଼ା ଓ କୋଟିନଡ଼ା, ଜଗତ୍‌ସିଂହପୁରର କୃଷ୍ଣନନ୍ଦପୁର, ଯାଜପୁରର ଅଳକୁଣ୍ଡ, ☞ ପୃଷ୍ଠା-୪

**ଏସିଆ କପ୍**

## ଆଜି ଭାରତ-ପାକିସ୍ତାନ ଲଢ଼େଇ

........ ୧୪ ........

**ଆଜିର ସମ୍ପାଦକୀୟ**

## କେବଳ ହତାଶ













## ଆଜି ଭାରତ ଆସିବେ ୟୁଏନ୍‌ଜିଏ ଅଧ୍ୟକ୍ଷ



ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ) ଅଧ୍ୟକ୍ଷ ଅବଦୁଲ୍ଲା ଶାହିଦ୍ ରବିବାର ଦୁଇ ଦିନିଆ ଭାରତ ଗସ୍ତରେ ଆସିବେ। ଅବଦୁଲ୍ଲା ବରିଷ୍ଠ ଅଧିକାରୀଙ୍କୁ ସାକ୍ଷାତ କରି ସମ୍ପ୍ରତି ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ମାଳଦ୍ୱୀପର ବହିର୍ବ୍ୟାପାର ମନ୍ତ୍ରୀ ଥିବା ୬୦ ବର୍ଷୀୟ ଅବଦୁଲ୍ଲା ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ୍ ଧନକର୍ ଏବଂ ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରାଙ୍କୁ ଭେଟିବେ। ଏହି ଗସ୍ତ ଖର୍ଚ୍ଚ ଭାରତ ସରକାର ଏବଂ ସାଧାରଣ ସଭା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ(ଓପିଜିଏ) ବହନ କରିବ।

# ସଂକ୍ଷେପରେ

## ୨୦ ଚାଷୀଙ୍କ ସହ ଟ୍ରାକ୍ଟର ଟ୍ରଲି ନଦୀକୁ ଖସିଲା

**ହାର୍ଦୋଇ,୨୭।୮ (ପି.ଟି.):** ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଟ୍ରଲି ଶନିବାର ସକାଳେ ଉତ୍ତରପ୍ରଦେଶର ହାର୍ଦୋଇ ଜିଲା ଅନ୍ତର୍ଗତ ଏକ ନଦୀ ମଧ୍ୟକୁ ଖସିପଡ଼ିଛି। ସେମାନଙ୍କ ମଧ୍ୟରୁ ୧୩ ଜଣ ଚାଷୀ ପହଁରି ପହଁରି କୂଳକୁ ଚାଲିଆସିଥିବାବେଳେ ଅନ୍ୟମାନଙ୍କୁ ଖୋଜା ଚାଲିଛି। ୧୦ରୁ ଅଧିକ ନିଖୋଜ ଥିବା ଜିଲାପାଳ ଅବିନାଶ କୁମାର କହିଛନ୍ତି।

## ୩ ଅଫିସରଙ୍କ ଘରୁ ୪ କୋଟି ଜବତ

**ପାଟନା,୨୭।୮:** ବିହାରର ୩ ଜଣ ସରକାରୀ ଅଧିକାରୀଙ୍କ ଘର ଉପରେ ଭିଜିଲାନ୍ସ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଭିଆଇବି) ଚଢ଼ାଉ କରି ୪ କୋଟିରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରିଛି। କିଶନଗଞ୍ଜ ପୂର୍ତ୍ତ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ୍ କୁମାର ରାୟ୍, ଜଣେ ଜୁନିୟର ଇଞ୍ଜିନିୟର ଏବଂ କ୍ୟାସିୟରଙ୍କ ଘରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। କ୍ୟାସିୟରଙ୍କୁ ଘରୁ ୩ କୋଟିରୁ ଅଧିକ ଟଙ୍କା ମିଳିଥିବା ବେଳେ ସଞ୍ଜୟଙ୍କ ପାଟନା ବାସଭବନରୁ ୧ କୋଟି ନଗଦ ଅର୍ଥ ମିଳିଛି।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ନ ଥିବା ୪୭ ଫାଇଲ ଫେରାଇଲେ ଦିଲ୍ଲୀ ଉପରାଜ୍ୟପାଳ

**ନୂଆଦିଲ୍ଲୀ,୨୭।୮:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସ୍ୱାକ୍ଷର କରି ନ ଥିବା ୪୭ଟି ଫାଇଲକୁ ଉପରାଜ୍ୟପାଳଙ୍କ ସଚିବାଳୟ ଫେରାଇ ଦେଇଛି। ଉକ୍ତ ଫାଇଲଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ସ୍ୱାକ୍ଷର କରିଥିଲେ। ଫାଇଲରେ ସ୍ୱାକ୍ଷର ନ କରିବା ଦ୍ୱାରା ନିୟମାବଳୀର ଉଲ୍ଲଂଘନ ହେଉଥିବା ଉପରାଜ୍ୟପାଳ ଭି.କେ. ସାକ୍ସେନା ଗତ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପତ୍ର ଲେଖି ଜଣାଇଥିଲେ। ଏହା ସତ୍ତ୍ୱେ ସିଏମ୍‌ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ବିନା ଫାଇଲ ପଠାଇବାରୁ ସେଗୁଡ଼ିକୁ ଫେରାଇ ଦିଆଯାଇଛି।

## ବନ୍ୟାରେ ପାକିସ୍ତାନର ୪ ବିଲିୟନ ଡଲାର କ୍ଷତି

**କରାଚି, ୨୭।୮:** ଲଗାଣ ବର୍ଷା ଯୋଗୁ ପାକିସ୍ତାନରେ ଚଳିତ ବର୍ଷ ଭୟଙ୍କର ବନ୍ୟା ହୋଇଛି। ଏଥିଯୋଗୁ ପାକ୍ ଅର୍ଥନୀତି ବିପୁଳ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାଜନିତ କ୍ଷୟକ୍ଷତି ୪ ବିଲିୟନ ଡଲାରରୁ ଅଧିକ ହୋଇପାରେ ବୋଲି ଆକଳନ କରାଯାଇଛି। ବିଶେଷକରି ସିନ୍ଧ ଏବଂ ବାଲୁଚିସ୍ତାନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଜୁନ୍‌ରୁ ଅଦ୍ୟାବଧି ପ୍ରାୟ ୧ ହଜାର ଲୋକଙ୍କ ଜୀବନ ଯାଇଛି। ପାକ୍ ସରକାର ଉଦ୍ଧାର କାର୍ଯ୍ୟରେ ସେନା ମୁତୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିଆଯାଇଛି। କ୍ଷୟକ୍ଷତି ରୋକିବା ଦିଗରେ ପଦକ୍ଷେପ ନିଆ ନ ଗଲେ ଦେଶର ଚଳନ୍ତି ବିତ୍ତୀୟ ନିଅଣ୍ଟ ୪.୪ ବିଲିୟନ ଡଲାରକୁ ବୃଦ୍ଧିପାଇପାରେ ବୋଲି ଜେଏସ୍ ଗ୍ଲୋବାଲ ରିସର୍ଚ୍ଚ ଆକଳନ କରିଛି, ଯାହା କି ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୧ ପ୍ରତିଶତ।

## ୟୁକ୍ରେନ୍ ଛାଡ଼ି ରୁଷିଆ ଆସିଲେ ମିଳିବ ଆର୍ଥିକ ସହାୟତା: ପୁଟିନ୍

**ମସ୍କୋ,୨୭।୮:** ୟୁକ୍ରେନ୍ ଛାଡ଼ି ରୁଷିଆ ଆସୁଥିବା ଲୋକଙ୍କୁ ଆର୍ଥିକ ସହାୟତା ଦିଆଯିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକ ନୀତିରେ ହସ୍ତାକ୍ଷର କରିଛନ୍ତି। ଏହା ଦ୍ୱାରା ଗର୍ଭବତୀ ଓ ଦିବ୍ୟାଙ୍ଗମାନେ ବିଶେଷକରି ଲାଭବାନ୍ ହେବେ। ଫେବୃୟାରୀ ୧୮ ପରଠାରୁ ଯେଉଁବ୍ୟକ୍ତିଙ୍କୁ ୟୁକ୍ରେନ୍ ଛାଡ଼ିବା ପାଇଁ ବାଧ କରାଯାଇଛି ସେମାନଙ୍କୁ ମାସିକ ୧୦ ହଜାର ରୁବେଲ୍ସ ଦିଆଯିବ। ସମାନ ପରିମାଣର ଅର୍ଥ ଦିବ୍ୟାଙ୍ଗମାନଙ୍କୁ ମଧ ମିଳିବ।

# ତାଇୱାନ-ଆମେରିକା ଯୁଦ୍ଧାସ୍ତ୍ର ଡିଲ୍

- ୪.୫ କୋଟି ଡଲାରର ୬ ବର୍ଷିଆ ଚୁକ୍ତି
- ଆପାଚି, ବ୍ଲାକ୍‌ହକ୍ ହେଲିକପ୍ଟର ସାମିଲ



ତାଇପେଇ, ୨୭।୮

ଚାଇନା-ତାଇୱାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଆମେରିକା ଏହି ଦ୍ୱୀପରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧବାହନ ଦେବାକୁ ଚୁକ୍ତି କରିଛି। ତାଇୱାନ ଏବଂ ଆମେରିକା ମଧ୍ୟରେ ୪.୫ କୋଟି ଡଲାରର ଡିଲ୍ ୬ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଛି। ଅର୍ଥାତ୍ ୨୦୨୮ ପର୍ଯ୍ୟନ୍ତ ୱାଶିଂଟନ୍ ତାଇପେଇକୁ ଗୋଳାବାରୁଦ ସହ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଯୋଗାଇବ। ଏଥିରେ ଆପାଚି ଏବଂ ବ୍ଲାକ୍ ହକ୍ ହେଲିକପ୍ଟର ସାମିଲ ରହିଛି। ଏ ନେଇ ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଥିବା ତାଇପେଇ ଟାଇମ୍ସରେ ରିପୋର୍ଟ ପ୍ରକାଶ ପାଇଛି।

ଅଗଷ୍ଟ ୩ରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ଏହି ସ୍ୱୟଂଶାସିତ ରାଷ୍ଟ୍ରକୁ ନିଜର ଦାବି କରିଆସୁଥିବା ଚାଇନା ଆକ୍ରମଣାତ୍ମକ ହୋଇପଡ଼ିଛି। ତାଇୱାନ ପ୍ରଣାଳୀ ନିକଟରେ ସମରାଭ୍ୟାସ ପରେ ଚାଇନାର ଯୁଦ୍ଧଜାହାଜ ବାରମ୍ବାର ତାଇପେଇ ସୀମା ଟପୁଛି। ଶକ୍ତିଶାଳୀ ଚାଇନାର ମୁକାବିଲା ପାଇଁ ତାଇୱାନ ନିଜ ପ୍ରତିରକ୍ଷା ଶକ୍ତି ବୃଦ୍ଧି କରୁଛି। ଏହା ଭିତରେ ଗତ ସପ୍ତାହରେ ତାଇୱାନରେ ଆମେରିକାନ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ତାଇପେଇ ସେନା ମଧ୍ୟରେ ଉପରୋକ୍ତ ଡିଲ୍ ହୋଇଛି। ଆସନ୍ତା ଡିସେମ୍ବରରୁ ୨୦୨୮ ଡିସେମ୍ବର ପର୍ଯ୍ୟନ୍ତ ଆମେରିକା ତାଇୱାନକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଯୋଗାଇବ। ପ୍ରତିରକ୍ଷା ସାମଗ୍ରୀ, ଏନର୍ଜି ଏବଂ ଅନ୍ୟ ସମ୍ବଳ ଆମଦାନୀରେ ବାଧା ଉପୁଯାଇ ଚାଇନା ତାଇୱାନର ସାମରିକ ଶକ୍ତିକୁ ଦୁର୍ବଳ କରିଦେବା ଉଦ୍ୟମ କରିପାରେ। ତେଣୁ ତାଇପେଇ ଏପରି ହେବା ପୂର୍ବରୁ ନିଜକୁ ଚାଇନା ସହ ମୁକାବିଲା ପାଇଁ ପ୍ରସ୍ତୁତ ରଖିବାକୁ ପଦକ୍ଷେପ ନେଉଛି। ଅତ୍ୟାଧୁନିକ ସେନା ହେଲିକପ୍ଟରରେ ପର୍ଯ୍ୟାପ୍ତ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧବାହନଗୁଡ଼ିକର ସ୍ପେୟାର ପାର୍ଟ୍‌ସ ଆଦି ମହଜୁଦ ରଖିବା ନିମନ୍ତେ ତାଇୱାନ ଯୋଜନା କରିଛି। ସେହିପରି ସମସ୍ତ ସୈନ୍ୟବାହିନୀଙ୍କୁ ପର୍ଯ୍ୟାପ୍ତ ଯୁଦ୍ଧାସ୍ତ୍ର ଯୋଗାଇଦେବା ନିମନ୍ତେ ୱାଶିଂଟନ୍ ଓ ତାଇପେଇ ମଧ୍ୟରେ ଅଧିକ ଚୁକ୍ତି ହେବା ନେଇ ଆଲୋଚନା ଜାରି ରହିଛି। ୨୦୧୭ରୁ ଆମେରିକା ତାଇୱାନକୁ ଯୁଦ୍ଧାସ୍ତ୍ର ଯୋଗାଣ ପାଇଁ ୧୮ ବିଲିୟନ ଡଲାରର ଚୁକ୍ତି କରିଛି।

## ଚାଇନା ପାଇଁ ଦ୍ୱୈତ ସମସ୍ୟା ସୃଷ୍ଟି କରିବ ଭାରତ

ୱାଶିଂଟନ୍, ୨୭।୮



ମାଇକ୍ ଗିଲ୍‌ଡେ

ଭବିଷ୍ୟତରେ ଚାଇନା ସହ ମୁକାବିଲାରେ ଭାରତ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ହେବ। ବେଜିଂକୁ ପ୍ରତିହତ କରିବା ଦିଗରେ ନୂଆଦିଲ୍ଲୀ ପ୍ରମୁଖ ଭୂମିକା ନିଭାଇବ ବୋଲି ଆମେରିକା ନୌସେନାର ଅପରେଶନ ମୁଖ୍ୟ ମାଇକ୍ ଗିଲ୍‌ଡେ କହିଛନ୍ତି। ୱାଶିଂଟନ୍‌ରେ ଆୟୋଜିତ ଏକ ସେମିନାରରେ ଭାଗ ନେଇ ଗିଲ୍‌ଡେ୍ କହିଛନ୍ତି, ଚାଇନା ତାଇୱାନ ଆଡ଼କୁ ବଢ଼ିଲେ ଆମେରିକା ଏବଂ ଜାପାନ ପୂର୍ବରୁ ପ୍ରତିରୋଧ ପାଇଁ ପ୍ରସ୍ତୁତ ଅଛନ୍ତି। ଏଥିସହ ଭାରତ ଓ ଚାଇନା ମଧ୍ୟରେ ସୀମା ସଂଘର୍ଷ ବେଜିଂ ପାଇଁ ଦ୍ୱୈତ ସମସ୍ୟା ସୃଷ୍ଟି କରିବ। ଅନ୍ୟ ଦେଶ ତୁଳନାରେ ସେ ଭାରତକୁ ଅଧିକ ଗସ୍ତ କରିଛନ୍ତି। କାରଣ ନୂଆଦିଲ୍ଲୀ ଆମେରିକା ପାଇଁ ଏକ ବଡ଼ ରଣନୈତିକ ସହଯୋଗୀ। ଭାରତ ମହାସାଗର ଏବେ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଛି। ନିକଟରେ ଭାରତ ଓ ଚାଇନା ମଧ୍ୟରେ ସୀମାରେ ସଂଘର୍ଷ ରଣନୈତିକ ଦୃଷ୍ଟିରୁ ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ। ଗତ ଜୁନ୍‌ରେ ଜାପାନରେ ଅନୁଷ୍ଠିତ କ୍ୱାଡ୍ ବୈଠକରେ ପେଣ୍ଟାଗନ୍‌ର ପୂର୍ବତନ ଅଧିକାରୀ ଏଲ୍‌ବ୍ରିଜ୍ କୋଲ୍‌ବି କହିଥିଲେ, ତାଇୱାନ ଉପରେ ଚାଇନା ଆକ୍ରମଣ କଲେ ଭାରତ ସିଧାସଳଖ ଏହି ଯୁଦ୍ଧକୁ ଓହ୍ଲାଇବ ନାହିଁ। କିନ୍ତୁ ଭାରତ ଏହାର ଲଦାଖ ଫ୍ରଣ୍ଟକୁ ଖୋଲିବ। ଫଳରେ ବେଜିଂ ଏକାସଙ୍ଗେ ଦୁଇଟି ଯୁଦ୍ଧ ସ୍ଥିତିର ସାମ୍ନା କରିବ। ଏଥିସହ ଲଦାଖ ଭଳି ଥଣ୍ଡା ପରିବେଶରେ ଲଢ଼ିବା ମଧ ଚାଇନା ପାଇଁ ସହଜ ହେବ ନାହିଁ ବୋଲି ସେ କହିଥିଲେ।

## ସାବରମତି ନଦୀରେ ଅଟଳ ବ୍ରିଜ୍ ଉଦ୍‌ଘାଟନ କଲେ ମୋଦି



ଅହମଦାବାଦ ସହରରେ ସାବରମତି ନଦୀ ଉପରେ ନିର୍ମିତ ଅଟଳ ବ୍ରିଜ୍।

**ଅହମଦାବାଦ,୨୭।୮ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଗୁଜରାଟର ଅହମଦାବାଦ ସହରରେ ସାବରମତି ନଦୀ ଉପରେ ଅଟଳ ବ୍ରିଜ୍‌କୁ ଉଦ୍‌ଘାଟନ କରିଛନ୍ତି। ୩୦୦ ମିଟର ଲମ୍ବ ଓ ୧୪ ମିଟର ପ୍ରସ୍ଥ ବିଶିଷ୍ଟ ଏହି ଫୁଟ୍ ଓଭରବ୍ରିଜ୍ ସାବରମତି ନଦୀର ପଶ୍ଚିମ ପାର୍ଶ୍ୱରେ ଥିବା ପୁଷ୍ପ ଉଦ୍ୟାନକୁ ପୂର୍ବ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା କଳା ଓ ସଂସ୍କୃତି କେନ୍ଦ୍ର ସହ ସଂଯୋଗ କରିବ। ଉଦ୍‌ଘାଟନ ଅବସରରେ ବ୍ରିଜ୍‌କୁ ଉଜ୍ଜ୍ୱଳ ଏଲଇଡି ଆଲୋକମାଳାରେ ସଜାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ ଉକ୍ତ ବ୍ରିଜ୍ ନଦୀର ପୂର୍ବ ଓ ପଶ୍ଚିମ ପାର୍ଶ୍ୱକୁ ସଂଯୋଗ କରିବ। ଏହାର ନିର୍ମାଣରେ ୨,୬୦୦ ଟନ୍ ଇସ୍ପାତ ପାଇପ ବ୍ୟବହାର ହୋଇଥିବାବେଳେ ଛାତ ରଙ୍ଗୀନ ଫାବ୍ରିକ୍‌ରେ ଏବଂ ରେଲିଂ କାଚ ଓ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ନିର୍ମାଣ କରାଯାଇଛି।

## ବୋମାଇ ସରକାର ଦୁର୍ନୀତିଗ୍ରସ୍ତ

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୧୩ ହଜାର ସ୍କୁଲ

ବେଙ୍ଗାଲୁରୁ, ୨୭।୮

କର୍ଣାଟକର ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ଭାଜପା ସରକାର ଦୁର୍ନୀତିରେ ବୁଡ଼ିରହିଛି। ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ୧୩ ହଜାର ସ୍କୁଲକୁ ନେଇ ଗଠିତ ୨ଟି ସଙ୍ଗଠନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ପ୍ରମାଣପତ୍ର ଦେବାକୁ ରାଜ୍ୟ ଶିକ୍ଷା ବିଭାଗ ଲାଞ୍ଚ ଦାବି କରୁଥିବା ଆସୋସିଏଟେଡ୍ ମ୍ୟାନେଜମେଣ୍ଟ୍‌ସ ଅଫ୍ ପ୍ରାଇମେରି ଆଣ୍ଡ୍ ସେକେଣ୍ଡାରୀ ସ୍କୁଲ୍‌ସ ଏବଂ ରେଜିଷ୍ଟର୍‌ଡ ଅନ୍‌ଏଡେଡ୍ ପ୍ରାଇଭେଟ୍ ସ୍କୁଲ୍‌ସ ମ୍ୟାନେଜମେଣ୍ଟ ଆସୋସିଏଶନ ପକ୍ଷରୁ ଅଭିଯୋଗ ହୋଇଛି। ଅଣ ଅନୁଦାନପ୍ରାପ୍ତ ଘରୋଇ ସ୍କୁଲଗୁଡ଼ିକ ପାଇଁ ବେଆଇନ ଭାବେ ଅଯୌକ୍ତିକ ଏବଂ ଭେଦଭାବକାରୀ ନିୟମ ଅଣାଯାଉଛି। ଏ ଦିଗରେ ସରକାର ବ୍ୟାପକ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ବହୁବାର ଅଭିଯୋଗ ସତ୍ତ୍ୱେ ତାହାକୁ ଅଣଦେଖା କରାଯାଉଛି। ତେଣୁ ଶିକ୍ଷାମନ୍ତ୍ରୀ ବି. ସି. ନାଗେଶ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସଙ୍ଗଠନଗୁଡ଼ିକ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ କର୍ଣାଟକ ଶିକ୍ଷା ବିଭାଗରେ ଏସବୁ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେବାକୁ ସ୍କୁଲଗୁଡ଼ିକ ଦାବି କରିଛନ୍ତି।

## ବିଲ୍‌କିସ୍‌ଙ୍କ ଅପରାଧୀଙ୍କୁ ଛାଡ଼ିଦେବା ଗର୍ହିତ ଭୁଲ୍

### ସିଜେଆଇଙ୍କୁ ପତ୍ର ଲେଖିଲେ ୧୩୪ ପୂର୍ବତନ ପ୍ରଶାସନିକ ଅଧିକାରୀ



ନୂଆଦିଲ୍ଲୀ,୨୭।୮

ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ହତ୍ୟା ମାମଲାରେ ୧୧ ଜଣ ଅପରାଧୀଙ୍କୁ ମୁକ୍ତ କରିଦେବା ଗର୍ହିତ ଭୁଲ ନିଷ୍ପତ୍ତି। ୧୩୪ ଜଣ ପୂର୍ବତନ ପ୍ରଶାସନିକ ଅଧିକାରୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ପତ୍ର ଲେଖି ଏହା ଜଣାଇଛନ୍ତି। ସେମାନଙ୍କୁ କ୍ଷମା ଦେବା ପାଇଁ ଗୁଜରାଟ ସରକାର ନେଇଥିବା ନିଷ୍ପତ୍ତିକୁ ରଦ୍ଦ କରାଯିବା ସହ ୧୧ ଅପରାଧୀଙ୍କୁ ଆଜୀବନ ଦଣ୍ଡ ଦେବା ଲାଗି ଜେଲ୍‌କୁ ଫେରାଇ ଆଣିବାକୁ ପୂର୍ବତନ ବ୍ୟୁରୋକ୍ରାଟମାନେ ସିଜେଆଇଙ୍କୁ ନିବେଦନ କରିଛନ୍ତି। ଭାରତ ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ ଅବସରରେ ଅପରାଧୀମାନଙ୍କୁ ମୁକ୍ତ କରିଦେବା ଲାଗି ଗୁଜରାଟ ସରକାରଙ୍କ ନିଷ୍ପତ୍ତି ଦେଶର ସଂଖ୍ୟାଧିକ ଲୋକଙ୍କୁ ଚକିତ କରିଛି। ସିଜେଆଇଙ୍କୁ ପତ୍ର ଲେଖିଥିବା ଅଧିକାରୀଙ୍କ ମଧ୍ୟରେ ଦିଲ୍ଲୀର ପୂର୍ବତନ ଉପରାଜ୍ୟପାଳ ନଜୀବ ଜଙ୍ଗ୍, ପୂର୍ବତନ କ୍ୟାବିନେଟ ସଚିବ କେ.ଏମ୍. ଚନ୍ଦ୍ରଶେଖର, ପୂର୍ବତନ ବହିର୍ବ୍ୟାପାର ସଚିବ ଶିବଶଙ୍କର ମେନନ, ସୁଜାଥା ସିଂ, ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଜି.କେ. ପିଲାଇ ପ୍ରମୁଖ ରହିଛନ୍ତି। ଅପରାଧୀଙ୍କୁ ମୁକ୍ତ କରାଯିବା ବିରୋଧରେ ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଗତ ୨୫ ତାରିଖରେ କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ଜବାବ ମାଗିଥିଲେ।

## ଗୋଆ କ୍ଲବ୍ ମାଲିକ, ଡ୍ରଗ୍ ଡିଲର ଗିରଫ

### ସୋନାଲି ଫୋଗଟ୍ ମୃତ୍ୟୁ ଘଟଣା



ପଣଜୀ,୨୭।୮

ହରିୟାଣାର ଭାଜପା ନେତ୍ରୀ ସୋନାଲି ଫୋଗଟ୍ ମୃତ୍ୟୁ ମାମଲାରେ ଗୋଆ ପୋଲିସ ଶନିବାର ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ସୋନାଲିଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବା ଜଣାପଡିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ତାଙ୍କ ସହ ଯାଇଥିବା ଦୁଇ ସହଯୋଗୀ ସୁଧୀର ସଗ୍ୱାନ ଏବଂ ସୁଖୱିନ୍ଦର ସିଂଙ୍କୁ ଗିରଫ କରିଥିଲା। ସେମାନେ ଅଭିନେତ୍ରୀଙ୍କୁ ପାନୀୟରେ ଡ୍ରଗ୍ସ ଦେଇଥିବା ସ୍ୱୀକାର କରିଥିଲେ। ସୋନାଲିଙ୍କ ମୃତ୍ୟୁର ପୂର୍ବ ରାତିରେ କର୍ଲି ରେଷ୍ଟୁରାଣ୍ଟରେ ସେମାନେ ପାର୍ଟି କରିଥିବା ଦେଖାଯାଇଥିଲା। ଶନିବାର ରେଷ୍ଟୁରାଣ୍ଟ ମାଲିକ ଏଡ୍‌ୱିନ ନୁନ୍‌ସ ଏବଂ ଡ୍ରଗ୍ସ ଡିଲର ଦତ୍ତପ୍ରସାଦ ଗାଓଙ୍କରଙ୍କୁ ଗିରଫ କରାଯାଇଛି। ଶନିବାର ସୁଧୀର ଓ ସୁଖୱିନ୍ଦରଙ୍କୁ ୧୦ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି।

## ଚାଇନା ବହିରେ ଆମେରିକା କାର୍ଟୁନ୍



ବେଜିଂ, ୨୭।୮

ଚାଇନାର ପ୍ରାଥମିକ ସ୍କୁଲଗୁଡ଼ିକରେ ପ୍ରଚଳିତ ପାଠ୍ୟପୁସ୍ତକରୁ କମ୍ୟୁନିଷ୍ଟ ସରକାର କେତେକ ନିର୍ଦ୍ଦିଷ୍ଟ କାର୍ଟୁନ୍‌କୁ ହଟାଇ ଦେଇଛନ୍ତି। ମୂଳ କାର୍ଟୁନ୍‌ଗୁଡ଼ିକ ଅନେକ ବର୍ଷ ଧରି ପଢ଼ାବହିରେ ଛପାଯାଉଥିଲେ ହେଁ ଗତ ମେ’ରେ ଦେଶର ସରକାରୀ ଗଣମାଧ୍ୟମ ଗ୍ଲୋବାଲ୍ ଟାଇମ୍ସ ସେ ସବୁକୁ ହଠାତ୍ ଅସୁନ୍ଦର, ବର୍ଣ୍ଣଭେଦୀ, ଅଜବ ଓ ଅଶ୍ଳୀଳ ବୋଲି ଦର୍ଶାଇଛନ୍ତି। ସେ ସମୟରେ ପ୍ରକାଶକ କ୍ଷମା ମାଗିବା ସହ କାର୍ଟୁନ୍ ପୁନଃ ଅଙ୍କନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନେକ ହଜାର ପୁସ୍ତକର ସମୀକ୍ଷା ପରେ କାର୍ଟୁନ୍ ଆଙ୍କିଥିବା କଳାକାର ଓ ଛାପିଥିବା ପ୍ରକାଶକଙ୍କଠାରୁ ଜରିମାନା ଆଦାୟ ସହ ଚାକିରିରୁ ହଟାଇ ଦିଆଯାଇଛି। ଗ୍ଲୋବାଲ୍ ଟାଇମ୍ସ ମତରେ କେତେକ ଚିତ୍ରରେ ଥିବା ବାଳିକା, ବାଳକମାନେ ଆମେରିକାର ଜାତୀୟ ପତାକା ସଦୃଶ ପୋଷାକ ପରିଧାନ କରି ହାତର ଅଙ୍ଗୁଳି ଉପରକୁ ଟେକିଛନ୍ତି। ଏଭଳି ହାବଭାବ ଚାଇନାବାସୀଙ୍କ ପ୍ରତି ଘୋର ଅପମାନ ବୋଲି ଗ୍ଲୋବାଲ ଟାଇମ୍ସ ସମାଲୋଚନା କରିଛି।

## ହୋଇପାରିଲାନି ସାମୁଦ୍ରିକ ଜୀବନ ରକ୍ଷା ଚୁକ୍ତିନାମା



ଜାତିସଂଘ, ୨୭।୮

ସାମୁଦ୍ରିକ ଜୀବନ ରକ୍ଷା ନିମନ୍ତେ ଜାତିସଂଘ ପକ୍ଷରୁ ପ୍ରସ୍ତୁତ ଏକ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବାରେ ବିଭିନ୍ନ ରାଷ୍ଟ୍ରର କୂଟନୀତିଜ୍ଞମାନେ ବିଫଳ ହୋଇଛନ୍ତି। ୨ ସପ୍ତାହ ଧରି ଏହା ଉପରେ ଆଲୋଚନା ସତ୍ତ୍ୱେ ଶନିବାର ନ୍ୟୁୟର୍କ ସ୍ଥିତ ଜାତିସଂଘ ମୁଖ୍ୟାଳୟରେ ୫ମ ପର୍ଯ୍ୟାୟ ବୁଝାମଣା ବାତିଲ ହୋଇଛି। ପ୍ରସ୍ତାବିତ ଡିଲ୍‌ରେ ସାମୁଦ୍ରିକ ଅଞ୍ଚଳରେ ବାସ କରୁଥିବା ଜୀବଜଗତର ଦୁଇ-ତୃତୀୟାଂଶଙ୍କୁ ସୁରକ୍ଷା ଯୋଗାଇବା ନିମନ୍ତେ ବିଭିନ୍ନ ନିୟମ ରଖାଯାଇଥିଲା। ସେମାନଙ୍କୁ ମନୁଷ୍ୟକୃତ କାର୍ଯ୍ୟକଳାପରୁ ଦୂରେଇ ରଖାଯିବା, ସ୍ୱଳ୍ପ ଆୟକାରୀ ଦେଶକୁ ମହାସାଗର ଅନ୍ୱେଷଣରେ ସହାୟତା ଯୋଗାଯିବା ସହ ଜଳଜୀବଙ୍କ ସୁରକ୍ଷା ଦିଗରେ ତାଲିମ ପ୍ରଦାନ ଆଦି ଏଥିରେ ଅନ୍ତର୍ଭୁକ୍ତ ଥିଲା। କୌଣସି ନିଷ୍କର୍ଷରେ ଏହି ଚୁକ୍ତି ପହଞ୍ଚି ନ ପାରିବାକୁ ନେଇ ପରିବେଶବିତ୍ ଏବଂ ଜଳବାୟୁ ସୁରକ୍ଷା ଅଭିଯାନରେ ସାମିଲ କର୍ମୀମାନେ ନିରାଶ ହୋଇଛନ୍ତି। ଗ୍ରୀନ୍ ପିସ୍‌ର ସମୁଦ୍ର ସୁରକ୍ଷା କ୍ୟାମ୍ପେନ୍ ଚଳାଉଥିବା ଲୌରା ମିଲର ଚୁକ୍ତି ଧିମେଇବା ପାଇଁ ଆମେରିକା ସମେତ ଧନୀ ରାଷ୍ଟ୍ରଗୁଡ଼ିକୁ ଦାୟୀ କରିଛନ୍ତି। ଚୁକ୍ତିନାମା ପ୍ରକ୍ରିୟାରେ ଭାଗ ନେବାକୁ ମନା କରିଦେଇଥିବା ଏବଂ ୟୁରୋପୀୟ ସଂଘ ଓ ରାଷ୍ଟ୍ରଗୁଡ଼ିକ ସହ ଆପୋସ ବୁଝାମଣା କରିବାକୁ ରାଜି ନ ଥିବା ରୁଷିଆ ମଧ୍ୟ ଏହି ପ୍ରଚେଷ୍ଟା ସଫଳ ନ ହେବା ପାଇଁ ଦାୟୀ ବୋଲି ସେ କହିଛନ୍ତି। ୨୦୨୨ ଶେଷ ପୂର୍ବରୁ କୌଣସି ସ୍ୱତନ୍ତ୍ର ଜରୁରିକାଳୀନ ଅଧିବେଶନ ଡକା ନ ଗଲେ ଜାତିସଂଘରେ ଏହି ଆଲୋଚନା ପୁଣି ଆଗେଇବ ବୋଲି ଜଣାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୫୨,୪୨,୩୬୮ | ୬୪,୮୬,୪୩୨ | ୫୮,୦୧,୯୫,୨୩୭ |
| ଭାରତ | ୪,୪୩,୯୮,୬୯୬ | ୫,୨୭,୫୯୭ | ୪,୩୭,୮୩,୬୮୮ |
| ଓଡ଼ିଶା | ୧୩,୨୬,୬୭୨ | ୯୧୭୧(+୫୩) | ୧୩,୧୫,୪୫୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର





ରାଷ୍ଟ୍ରପତି ଭବନରେ ଶନିବାର ୪୯ତମ ପ୍ରଧାନ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଲିତଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଉଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ଶପଥ ନେଲେ ନୂଆ ସିଜେଆଇ

ନୂଆଦିଲ୍ଲୀ,୨୭।୮ (ପି.ଟି.)

ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଲିତ ଶନିବାର ଭାରତର ୪୯ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିଲେ। ଏଥିପାଇଁ ରାଷ୍ଟ୍ରପତି ଭବନରେ ଏକ ନିରାଡ଼ମ୍ବର ଉତ୍ସବର ଆୟୋଜନ ହୋଇଥିଲା। ସିଜେଆଇ ଭାବେ ଜଷ୍ଟିସ ଲଲିତଙ୍କ କାର୍ଯ୍ୟକାଳ ୭୪ ଦିନ ହୋଇଥିବାବେଳେ ସେ ନଭେମ୍ବର ୮ରେ ଅବସର ଗ୍ରହଣ କରିବେ। ବାର୍‌ରୁ ସିଧାସଳଖ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହୋଇ ସିଜେଆଇ ଭାବେ ଅବସ୍ଥାପିତ ହେବାରେ ଜଷ୍ଟିସ ଲଲିତ ଦ୍ୱିତୀୟ ଆଇନଜୀବୀ। ୧୯୭୧ ଜାନୁୟାରୀରେ ଜଷ୍ଟିସ ଏସ୍.ଏମ୍. ସିକ୍ରି ତ୍ରୟୋଦଶ ସିଜେଆଇ ହୋଇଥିଲେ। ସେ ପ୍ରଥମ ଆଇନଜୀବୀ ଭାବେ ୧୯୬୪ ମାର୍ଚ୍ଚରେ ସିଧାସଳଖ ସୁପ୍ରିମକୋର୍ଟ ବିଚାରପତି ହୋଇଥିଲେ।

ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଆଇନ ମନ୍ତ୍ରୀ କିରେନ ରିଜିଜୁଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ବିଦାୟୀ ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ଶପଥ ନେବା ପରେ ଜଷ୍ଟିସ ଲଲିତ ତାଙ୍କର ୯୦ ବର୍ଷୀୟ ବାପା ତଥା ବମ୍ବେ ହାଇକୋର୍ଟର ପୂର୍ବତନ ବିଚାରପତି ଉମେଶ ରଙ୍ଗନାଥ ଲଲିତ ଓ ପରିବାରର ଅନ୍ୟ ବରିଷ୍ଠ ସଦସ୍ୟମାନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ।

୨୦୧୪ ଅଗଷ୍ଟ ୧୩ରେ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହେବା ପୂର୍ବରୁ ଜଷ୍ଟିସ ଲଲିତ ଜଣେ ବରିଷ୍ଠ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ବିଚାରପତି ଭାବେ ସେ ତିନି ତଲାକ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରଦାନ କରିଛନ୍ତି। ମୁସଲମାନ ସମ୍ପ୍ରଦାୟରେ ବିବାହ ବିଚ୍ଛେଦ ଲାଗି ପ୍ରଚଳିତ ଥିବା ତିନି ତଲାକ ପ୍ରଥା ବେଆଇନ ଓ ଅସାମ୍ବିଧାନିକ ବୋଲି ଜଷ୍ଟିସ ଲଲିତ ତାଙ୍କ ରାୟରେ କହିଥିଲେ।

# ସିବିଆଇର ରିମାଣ୍ଡ ଆବେଦନ ଖାରଜ

## ପାରାଦୀପ ପୋର୍ଟ କନ୍‌ଭେୟର ବେଲ୍ଟ ଲାଞ୍ଚ କାରବାର ମାମଲା

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ପାରାଦୀପ ପୋର୍ଟ କନ୍‌ଭେୟର ବେଲ୍ଟ ଲାଞ୍ଚ କାରବାର ମାମଲାରେ ଗିରଫ ହୋଇଥିବା ଚର୍ଚ୍ଚିତ ମିଶ୍ରଙ୍କ ସମେତ ୬ ଅଭିଯୁକ୍ତଙ୍କ ରିମାଣ୍ଡ ଆବେଦନକୁ ଶନିବାର ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟ ଖାରଜ କରିଛନ୍ତି। ଚର୍ଚ୍ଚିତ ଓ ଅନ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ସେମାନଙ୍କ ଭଏସ୍ ଟେଷ୍ଟ କରିବା ଲାଗି ସିବିଆଇ ଚାହୁଁଥିବା ନେଇ କୋର୍ଟରେ ଶୁଣାଣି ସମୟରେ କହିଥିଲା। ହେଲେ ଚର୍ଚ୍ଚିତଙ୍କ ଓକିଲ ଏହାକୁ ବିରୋଧ କରିଥିଲେ। ଭଏସ୍ ଟେଷ୍ଟ ପାଇଁ ଯାହା ସବୁ ଆବଶ୍ୟକ ତାକୁ ସିବିଆଇ କୋର୍ଟରେ ଦାଖଲ କରି ନ ଥିବାରୁ ରିମାଣ୍ଡ ଆବେଦନକୁ ଖାରଜ କରିବାକୁ ଯୁକ୍ତି ବାଢ଼ିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସ୍ୱତନ୍ତ୍ର ଅଦାଲତ ଏଥିପାଇଁ ଅନୁମତି ଦେଇ ନ ଥିଲେ। ଏପରି କି ସିବିଆଇର ୨ ଦିନିଆ ରିମାଣ୍ଡ ଆବେଦନକୁ ମଧ୍ୟ ଖାରଜ କରି ଦେଇଛନ୍ତି। ଫଳରେ ଦ୍ୱିତୀୟ ଥର ପାଇଁ ସିବିଆଇର ଆବେଦନକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ସୂଚନାଯୋଗ୍ୟ କଟକର ଏକ ଘରୋଇ ସଂସ୍ଥା ପୋର୍ଟରେ କାର୍ଗୋ ଅନ୍‌ଲୋଡ ସମୟରେ କନ୍‌ଭେୟର ବେଲ୍ଟ କ୍ଷତିଗ୍ରସ୍ତ ହୋଇଥିଲା। ଏଥିପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହେବାକୁ ଥିବାରୁ ପୋର୍ଟର ଚିଫ୍ ମେକାନିକାଲ ଇଞ୍ଜିନିୟର ସରୋଜ ଦାସ ଲାଞ୍ଚ କାରବାର କରିଥିଲେ। ଲାଞ୍ଚ କାରବାର କଥା ସିବିଆଇ ଜାଣିବା ପରେ ଗତ ୪ତାରିଖ ରାତିରେ ୬ଟି ଟିମ୍ ପାରାଦୀପ ପୋର୍ଟ ସମେତ କଟକ, ଭୁବନେଶ୍ୱର ଆଦି ସ୍ଥାନରେ ଚଢ଼ାଉ କରି ୮୪ ଲକ୍ଷ ଟଙ୍କା ଜବତ କରିବା ସହ ଘଟଣାରେ ୭ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ମହିମା ମିଶ୍ରଙ୍କ ସାନ ପୁଅ ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍ଏଲ୍) ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର, ଏହାର ଡିଜିଏମ୍(ଅପରେଶନ) ସୂର୍ଯ୍ୟନାରାୟଣ ସାହୁ, କେ.ସି.ଟି ଗ୍ରୁପ ମ୍ୟାନେଜର ଶଙ୍ଖ ଶୁଭ୍ର ମିତ୍ର, ଦେବପ୍ରିୟ ମହାନ୍ତି, ବିଲଡର ଶିଶିର ଦାସ, ପାରାଦୀପ ପୋର୍ଟ ସିଏମ୍ଇ ସରୋଜ ଦାସ ଏବଂ ମଧ୍ୟସ୍ଥ ସୁମନ୍ତ ରାଉତ ରହିଛନ୍ତି। ଏହାପରେ ୫ ତାରିଖରେ ଅଭିଯୁକ୍ତଙ୍କୁ ୪ଦିନିଆ ରିମାଣ୍ଡରେ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟକୁ ନେଇଥିଲା। ସେଠାରେ ଜେରା ପରେ ଅଭିଯୁକ୍ତଙ୍କୁ ୧୦ ତାରିଖ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ବିଲ୍ଡର ଶିଶିର ଦାସଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟମାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ। ତେବେ ତଦନ୍ତ ସମୟରେ ଅଭିଯୁକ୍ତଙ୍କ ଏକ ଭଏସ୍ ରେକର୍ଡିଂ ସିବିଆଇ ହାତରେ ଲାଗିଥିବାରୁ ଏନେଇ ସ୍ପଷ୍ଟ ହେବା ଲାଗି ଫୋରେନ୍‌ସିକ ଯାଞ୍ଚ କରିବାକୁ ଅନୁମତି ଦେବାକୁ କୋର୍ଟରେ ଆବେଦନ ହୋଇଥିଲା। ହେଲେ ଆଇନତଃ ଯଦି କାହାର ଭଏସ୍ କଲ୍ ରେକର୍ଡ ଯାଞ୍ଚ କରିବାକୁ ସିବିଆଇ ଚାହିଁବ, ସେଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ। ଏଥିସହ ରିଭ୍ୟୁ କମିଟିର ଅନୁମତି ଆବଶ୍ୟକ। ଏପରି କି ଯେଉଁ ଭଏସ୍‌କୁ ଟ୍ୟାପିଂ କରିବ, ତା'ର ପ୍ରମାଣ ରହିବା ମଧ୍ୟ ଆବଶ୍ୟକ। ହେଲେ ସିବିଆଇ ଏନେଇ କୌଣସି ଦସ୍ତାବିଜ୍ ଦାଖଲ କରିପାରି ନାହିଁ। ତେଣୁ କୋର୍ଟ ସିବିଆଇର ଆବେଦନକୁ ଖାରଜ କରିଦେଇଛି। ପୂର୍ବରୁ ମଧ୍ୟ ସିବିଆଇର ଆବଦେନକୁ କୋର୍ଟ ଖାରଜ କରି ଦେଇଥିଲେ।

# ଇନ୍‌ଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି,୨୭।୮(ସ୍ୱ.ପ୍ର.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ମାଓବାଦୀମାନେ ଶୁକ୍ରବାର ରାତିରେ ହତ୍ୟା କରିଛନ୍ତ। ମୃତକ ହେଉଛନ୍ତି ଫରେଷ୍ଟଗାଓ ଥାନା ଅନ୍ତର୍ଗତ ଖଡ଼କାଗାଓ ଗ୍ରାମର ରାମଲାଲ ପୋଡ଼ାଇ। ରାତିରେ ୧୦ରୁ୧୫ ଜଣ ସଶସ୍ତ୍ର ମାଓବାଦୀ ଖଡ଼କାଗାଓ ଗ୍ରାମକୁ ଆସି ରାମଲାଲଙ୍କୁ ଡାକି ନେଇଥିଲେ। ଗ୍ରାମ ଶେଷମୁଣ୍ଡ ରାସ୍ତାରେ ମାଓବାଦୀମାନେ ତାଙ୍କୁ ଗଳା କାଟି ହତ୍ୟା କରିଥିଲେ। ପରେ ଘଟଣାସ୍ଥଳରେ ସେମାନେ କିଛି ହାତଲେଖା ପୋଷ୍ଟର ଛାଡ଼ି ଯାଇଛନ୍ତି। ଏଥିରେ ରାମଲାଲ ପୋଲିସ ଇନ୍‌ଫର୍ମର ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଏଥିସହ ଫରେଷ୍ଟଗାଓ ଥାନା ଅଧିକାରୀଙ୍କୁ ମଧ୍ୟ ହତ୍ୟା ଧମକ ଦେଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ଘଟଣା ମାଓବାଦୀଙ୍କ ପୂର୍ବ ବସ୍ତର ଡିଭିଜନ କରିଥିବା ଜଣାପଡ଼ିଛି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

## ଲୋହାନୀ ପଞ୍ଚାୟତିରାଜ ପ୍ରମୁଖ ସଚିବ, ଦେଓରଞ୍ଜନଙ୍କୁ ଅବକାରୀ, ସଞ୍ଜୟ ସିଂଙ୍କୁ ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ରାଜ୍ୟ ସରକାର ଶନିବାର ଆଇଏଏସ୍ ଅଫିସର ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା କେନ୍ଦ୍ରୀୟ ଡେପୁଟେଶନରେ ଯିବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବା ୧୯୯୫ ବ୍ୟାଚ୍ ଆଇଏଏସ ଅଫିସର ସୁଶୀଲ କୁମାର ଲୋହାନୀ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ସଚିବ ଦେଓରଞ୍ଜନ ସିଂହଙ୍କୁ ଅବକାରୀ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଏଥିସହିତ ସେ ଓଏମ୍‌ସି ଅଧ୍ୟକ୍ଷ, ଇଡ୍‌କଲ ଅଧ୍ୟକ୍ଷ, ଓଏମ୍‌ସିଏଲ୍ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କୁ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସିଂହ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ, ବିଡିଏ ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟସିଟି ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସୂଚନାଯୋଗ୍ୟ, ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଅଶୋକ କୁମାର ମୀନାଙ୍କୁ ଗତ ମାସରେ କେନ୍ଦ୍ର ସରକାରଙ୍କ ଅଧୀନରେ ନୂଆ ଦାୟିତ୍ୱ ମିଳିଥିଲା। ସେ ଭାରତୀୟ ଖାଦ୍ୟ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। ରାଜ୍ୟ ସରକାର ଶୁକ୍ରବାର ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିଛନ୍ତି। ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ରୂପା ରୋଶନ ସାହୁଙ୍କୁ କେନ୍ଦ୍ରରେ ଯୁଗ୍ମ ସଚିବ ର୍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୫୫ ଜଣ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରରେ ଯୁଗ୍ମ ସଚିବ ର୍ୟାଙ୍କ୍‌କୁ ପଦୋନ୍ନତି ମିଳିଛି।




# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତାହାତୀ ମୃତ



ଅନୁଗୋଳ ଅଫିସ,୨୭।୮

ଜନ୍ତୁ ଶିକାର ପାଇଁ ଜଙ୍ଗଲରେ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ପମ୍ପାସର ରେଞ୍ଜ ଜଗନ୍ନାଥପୁର ନିକଟରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ମୃତ ହାତୀର ବୟସ ୩୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ପମ୍ପାସର ରେଞ୍ଜରେ କିଛି ଦିନ ହେବ ଜନ୍ତୁ ଶିକାର ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ରାତିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଶିକାରୀ ଜଗନ୍ନାଥପୁର ବଡ଼ଝରଣ ଠାରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରୁ ଜିଆଇ ତାର ସାହାଯ୍ୟରେ ହୁକ ପକାଇ ଜନ୍ତୁ ଶିକାର ପାଇଁ ଫାଶ ବସାଇଥିଲେ। ହେଲେ ସେହି ବାଟ ଦେଇ ଯାଉଥିବା ଦନ୍ତା ହାତୀଟି ବିଦ୍ୟୁତ୍ ଫାଶରେ ପଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ହାତୀର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ଶିକାରୀମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ। ରାତ୍ରି ପାଟ୍ରୋଲିଂ କରୁଥିବା ବନ ବିଭାଗର କେତେଜଣ କର୍ମଚାରୀ ହାତୀର ମୃତଦେହ ଦେଖି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଶନିବାର ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା, ଏସିଏଫ୍ ଶୁଭେନ୍ଦୁ ବେହେରା, ସାତକୋଶିଆ ଭିଏସ୍ କିଶୋର ଚନ୍ଦ୍ର ସାହୁ ପହଞ୍ଚି ବ୍ୟବଚ୍ଛେଦ କରିବା ପରେ ହାତୀର ମୃତଦେହକୁ ସେଠାରେ ପୋତି ଦେଇଥିଲେ। ଘଟଣାର ତଦନ୍ତ ଚାଲିଥିବା ସାତକୋଶିଆ ଡିଏଫ୍‌ଓ ପଣ୍ଡା ପ୍ରକାଶ କରିଛନ୍ତି।

**ଆଜିର ମନ୍ତବ୍ୟ**

ଭାରତର ଗଣତନ୍ତ୍ର ସବୁଠୁ ଗତିଶୀଳ ଓ ଜୀବନ୍ତ। ସେଥିପାଇଁ ଦେଶର ସ୍ୱର ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି।
-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱାମୀଙ୍କ ମୃତଦେହକୁ ୧୬ ଘଣ୍ଟା ଜଗିରହିଲେ ସ୍ତ୍ରୀ

**ପଟ୍ଟାମୁଣ୍ଡାଇ ୨୭।୮(ସ୍ୱ.ପ୍ର.)**

■ **ଝିଅପୁଅ ଆସିଲେନି, ସାମାଜିକ କର୍ମୀ ସଂସ୍କାର କଲେ**

ଜଣେ ବୃଦ୍ଧଙ୍କ ମୃତଦେହକୁ ଡାକ୍ତରଖାନାରୁ ନେବାକୁ ଆସିଲେନି ଝିଅ, ପୁଅ। ଫଳରେ ମୃତଦେହକୁ ତାଙ୍କ ସ୍ତ୍ରୀ ୧୬ ଘଣ୍ଟା ଧରି ଜଗି ରହିବା ପରେ ସାମାଜିକ କର୍ମୀମାନେ ଶନିବାର ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ। ମୃତ ବୃଦ୍ଧ ଜଣକ ହେଲେ ରାଜନଗର ଅଞ୍ଚଳର ଭୀମସେନ ବାହାଦୁର(୮୫)। ତାଙ୍କର ଏକମାତ୍ର ପୁଅ ଦୁବାଇରେ ରହୁଥିବାବେଳେ ଦୁଇ ଝିଅ ଭୁବନେଶ୍ୱରରେ ରହୁଛନ୍ତି। ଭୀମସେନ ଚାକିରିରୁ ଅବସର ନେବା ପରେ ଅବହେଳାର ଶିକାର ହୋଇଥିଲେ। ଫଳରେ ଭୀମସେନ ଓ ତାଙ୍କ ସ୍ତ୍ରୀ ଭଗବତୀ ଘର ଛାଡ଼ି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବକ୍ତାରପୁର ଗାଁରେ ରହିଆସୁଥିଲେ। ଶୁକ୍ରବାର ଭୀମସେନଙ୍କ ଶରୀର ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଭଗବତୀ ପଟ୍ଟାମୁଣ୍ଡାଇ ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଗବତୀ ଏନେଇ ପୁଅ, ଦୁଇ ଝିଅଙ୍କ ସହ ସମ୍ପର୍କୀୟଙ୍କୁ ଜଣାଇଥିଲେ। ମାତ୍ର କେହି ଆସିଲେନାହିଁ। ଫଳରେ ଭୀମସେନଙ୍କ ମୃତଦେହ ୧୬ ଘଣ୍ଟା ଡାକ୍ତରଖାନା ଶଯ୍ୟାରେ ପଡ଼ି ରହିଥିଲା। ମୃତଦେହ ପାଖରେ ଭଗବତୀଙ୍କ ଅସହାୟତା ଓ କାନ୍ଦ ଦେଖଣାହାରୀଙ୍କୁ ମିୟମାଣ କରିଥିଲା। ସ୍ଥାନୀୟ ଲୋକ ମଧ୍ୟ ପରିବାରକୁ ଖବର ନିରାଶ ହୋଇଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ଉଦ୍ୟମରେ ଯୁବ ସାମାଜିକ କର୍ମୀ ବାବନ କୁମାର ସାହୁ, ନାରୀନେତ୍ରୀ ସାବିତ୍ରୀ ସାହୁ, ପୂର୍ବତନ କାଉନସିଲର ଲୋକନାଥ ବେହେରା, ଉମ୍ବରୁଧର ରାଉତ ପ୍ରମୁଖ ଭୀମସେନଙ୍କ ମୃତଦେହକୁ ନେଇ ସ୍ଥାନୀୟ ପୋଖରିଆପଡ଼ା ଶ୍ମଶାନରେ ସଂସ୍କାର କରିଥିଲେ। ସାମାଜିକ କର୍ମୀ ଉମ୍ବରୁଧର ରାଉତ ମୁଖାଗ୍ନି ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳରେ ଖୋସିଲି ଦାଆ।**
**ଏତେ ବଡ଼ ଘରେ ଦେଇଛ ବାପା ହେ**
**ଶିଙ୍ଗଟାଳି ମୁହିଁ ଯାଆ।।**

ଝିଅଟି ଯେବେ ଘରଯୋଗ୍ୟା ହୁଏ, ତାକୁ ଭଲ ଘର ଭଲ ବର ଦେଖି ହାତକୁ ଦି' ହାତ କରିଦିଆଯାଏ। ପରନ୍ତୁ ଶାଶୁ ଘରର ସଦସ୍ୟଙ୍କ ସହ ଯଦି ତା'ର ଭଲ ନ ପଡ଼େ ବା ମନୋମାଳିନ୍ୟ ଘଟେ, ତା'ହେଲେ କଥା କଥାକେ ଉଲୁଗୁଣା ଶୁଣିବାକୁ ପଡିଥାଏ। ଫଳସ୍ୱରୂପ ଅନେକ ଦୁଃଖ କଷ୍ଟ ସହିବା ସାର ହୋଇଥିବା ବେଳେ ଯାଆ ର ବଦସ୍ୱଭାବରେ ଅତିଷ୍ଠ ହୋଇପଡିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚେତିଲା ନାରୀ ସୁଖ ପାଏ**
**ନ ଚେତିଲା ନାରୀ ଘରୁ ଯାଏ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲରୁ ଶିକ୍ଷାଲାଭ କରେ ବା ନିଜ ଭୁଲକୁ ସଂଶୋଧନ କରି ନିଜକୁ ସଜାଡିନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବ ପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହୋଇପାରିଥାନ୍ତି। କିନ୍ତୁ ଯିଏ ଏସବୁଠୁ ଦୂରେଇ ରହିଥାଏ ସିଏ ଅଯୋଗ୍ୟ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# କୃମିନାଶକ ଖାଇ ୧୦ ଛାତ୍ରୀଛାତ୍ର ଅସୁସ୍ଥ

**ଦିଗପହଣ୍ଡି,୨୭।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଜିଉରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା କୃମିନାଶକ 'ଆଲବେଣ୍ଡାଜୋଲ' ଔଷଧ ଖାଇ ୧୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ଅଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରେ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଥିଲା। ୩ ଛାତ୍ରୀଛାତ୍ର ଅସୁସ୍ଥ ଅନୁଭବ କରିବାରୁ ଓଆର୍ଏସ୍ ପିଇବାକୁ ଦେଇ ଘରକୁ ଛାଡି ଦିଆଯାଇଥିଲା। ଶନିବାର ସକାଳେ ସ୍କୁଲରେ ୩ ଛାତ୍ରଙ୍କ ସମେତ ଅନ୍ୟ ୧୦ ଛାତ୍ରୀଛାତ୍ର ଅସୁସ୍ଥ ଅନୁଭବ କରୁଥିବା କହିଥିଲେ। ଅଭିଭାବକମାନେ ସ୍କୁଲକୁ ଯାଇଥିଲେ। କୃମିନାଶକ ଔଷଧ ଖାଇଥିବାରୁ ପିଲା ଅସୁସ୍ଥ ହୋଇଥିବା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ପୋଲିସ ଟିମ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଅସୁସ୍ଥ ୬ ଛାତ୍ରୀ ଓ ୪ ଛାତ୍ରଙ୍କୁ ନିକଟସ୍ଥ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେମାନଙ୍କୁ ସାଲାଇନ ଦିଆଯିବା ସହ ଆବଶ୍ୟକ ଔଷଧ ଦିଆଯିବାରେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଅଗଷ୍ଟ ୧୨ରୁ ୧୯ ତାରିଖ ମଧ୍ୟରେ ପିଲାଙ୍କୁ କୃମିନାଶକ ଦେବା ପାଇଁ ବିଭାଗ ପକ୍ଷରୁ ସ୍ଥିର ହୋଇଥିବା ବେଳେ କାହିଁକି ବିଳମ୍ବ କରାଗଲା ବୋଲି ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଉରା ଗ୍ରାମର ଲକ୍ଷ୍ମୀ ଚରଣ ପାତ୍ର ପ୍ରଶ୍ନ କରିଛନ୍ତି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ ବୋଲି ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିବେ। ବିବାଦୀୟ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ଏବଂ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ବୃଷ**
କେତେକ ସନ୍ଦେହଜନକ କାର୍ଯ୍ୟକୁ ଅବଲୋକନ କରି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଦୀର୍ଘ ଦିନରୁ ଅଟକି ରହିଥିବା ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ। ନିଜ ପରିସରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**ମିଥୁନ**
ଅର୍ଥ ଓ ସମ୍ମାନ ପାଇ ଖୁସି ରହିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବିତର୍କ କାରଣରୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପରିଜନ ସହ ଯାତ୍ରା କାଳରେ ଅସାବଧାନତାରୁ ଦ୍ରବ୍ୟ ହରଣ ହୋଇପାରେ।

**କର୍କଟ**
ଆଶା ପୂରଣ ହେବା ସହ ସମସ୍ୟାର ସମାଧାନ ହେତୁ ମାନସିକ ସ୍ଥିରତା ଆସିବ। କିନ୍ତୁ ଅନ୍ୟମାନଙ୍କ କଥାରେ ପଡ଼ି ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମସ୍ୟାକୁ ଡାକି ଆଣିବା ପରି ହେବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପଛ କଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ**
କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସହକର୍ମୀମାନଙ୍କ ଶୁଭକାର୍ଯ୍ୟରେ ଯୋଗ ଦେଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ଦୂରଯାତ୍ରା ଯୋଗ ଜୁଟିପାରେ।

**କନ୍ୟା**
ଅଭାବ ଅନଟନ ଦୂରେଇଯିବ ଏବଂ ବିଭିନ୍ନ ଦିଗରୁ ଅର୍ଥ ପ୍ରାପ୍ତି ଆଶା ଦେଖିପାରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିଙ୍କର ପୁରାତନ ରୋଗ ପୀଡ଼ା ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ସଭା ସମିତିରେ, କୌଣସି ସିଦ୍ଧାନ୍ତ ନେବାରେ, ବନ୍ଧୁଙ୍କ ବିଚାର ଆପଣଙ୍କ ସପକ୍ଷରେ ରହିବ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ସହକର୍ମୀମାନଙ୍କ ନିକଟରୁ ନିର୍ଭର ପ୍ରତିଶ୍ରୁତି ଲାଭ କରି ଦୁଶ୍ଚିନ୍ତାର ମାତ୍ରା କମିଯିବ। ସ୍ୱାତୀ ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ ଏବଂ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ।

**ବିଛା**
କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ଅନୁଭବ କରିବେ। ସାମାନ୍ୟ କଥାରେ ଅତ୍ୟଧିକ ଉତ୍ତେଜିତ ହୋଇ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିପାରନ୍ତି। ପରିବହନ, ଏଜେନ୍ସିପ୍, ହୋଟେଲ, ଷ୍ଟେଶନାରି ଓ ବିଦ୍ୟୁତ୍ ବ୍ୟବସାୟରେ ଉନ୍ନତି କରିବେ। ପ୍ରଶାସନିକ ସ୍ତରରେ ଏବଂ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ଧନୁ**
ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ଆକସ୍ମିକ ଭାବରେ ସ୍ଥାନ ପରିବର୍ତ୍ତନ ଯୋଗ ରହିଛି। କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ବୃଦ୍ଧି ପାଇବ, ମାତ୍ର ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ପରିବାରରେ କାହାର ଅସୁସ୍ଥତା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ମକର**
ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବା ସହିତ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ପରିବାରରେ ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ। ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଆହ୍ଲାଦିତ ହେବେ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ନ ଦେଲେ ପଛରେ ପସ୍ତାଇବାକୁ ପଡ଼ିପାରେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଆସିବା ହେତୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମୀନ**
ସକାଳୁଆ ଯାତ୍ରାରେ କାମ ହାସଲ ହେତୁ ମାନସିକ ଅସ୍ଥିରତା ଦୂର ହେବ। ବନ୍ଧୁମିଳନ ହେତୁକ ଆନନ୍ଦ ଲଭିବେ ଏବଂ ଆର୍ଥିକ ଉନ୍ନତି ପାଇଁ ଧ୍ୟାନ ଦେବେ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।


# classifieds Everyday
**0674-2580101, 2549302**

real estate

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73863

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

**Bhubaneswar Sum Hospital ପାଖ ଘଙ୍ଘାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952.** D-73300

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

NH side ORERA approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.- 61,00,000.00 onwards. Delivery shortly. Contact: 9238315816. D-73961

**NH side commercial plot Niali Road, 6 Km. from Nakhara, Cuttack. 7809525452.** D-73959

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

construction

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297

Do you want to construct buildings on your own plot. Contact: 7008268129, 9439143273. D-71352

**GENERAL**

**SALE**

Duberman 6 Puppy for sale (Jungle Camp) Contact: 9438118029, 9348839474. D-1355

to-let

Tolet for Shop infront of Biju Pattanaik College, Mob.- 9938511622. D-1356

**3 Bed room apartment for rent at Vivekanand Marg, Owner: 7852929225.** D-1352

tours & travels

ନବରାତ୍ର ଉପଲକ୍ଷେ ଶିରିଡ଼ିସାଇ, ଶନିସିଗ୍ନାପୁର ଓ ସପ୍ତସୃଙ୍ଗୀ ଦର୍ଶନ 27 ସେପ୍ଟେମ୍ବର। ଯୋଗାଯୋଗ- ଶ୍ରୀ ସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 9437090931, 7078044197. D-70289

healthcare

Full body massage in homely atmosphere all therapy. Mob: 8114881641. D-73410

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**One hour any therapy by expert therapist @999 only. 9078484455.** D-73637

Fullbody relax massage refresh your body with trend therapist. 7008773793. D-73635

Newly open full body massage, ladies and gents. 7846923244. D-73956

Newly open full body massage ladies and gents. 8327740003, 8093860513. D-73958

Newly open SPA positively health benefit with expert. Contact: 7749976301. D-73859

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open full body massage 1099 free massage one. Mo: 9583808247. D-1164

**ଚାଟାର୍ଡ୍ ଆକାଉଣ୍ଟାଣ୍ଟଙ୍କ ଡକ୍ଟରେଟ୍ ଲାଭ**



ଚାଟାର୍ଡ୍ ଆକାଉଣ୍ଟାଣ୍ଟ ଶ୍ରୀ ଦେବାଶିଷ ମହାନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର COMMERCE AND MANAGEMENT STUDIES ବିଭାଗ ଅଧୀନରେ ଗବେଷଣା କରି ପିଏଚ୍.ଡ଼ି ଉପାଧି ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼କ୍ଟର କିଶୋର କୁମାର ଦାସଙ୍କ ତତ୍ତ୍ୱାବଧାନରେ "IMPACT OF BANK AND BRANCH SPECIFIC FACTOR ON MANAGEMENT OF NON-PERFORMING ASSETS: A STUDY ON PUBLIC AND PRIVATE SECTOR COMMERCIAL BANKS IN ODISHA" ଶୀର୍ଷକ ବିଷୟବସ୍ତୁ ଉପରେ ନିବନ୍ଧ ପ୍ରସ୍ତୁତ କରିଛନ୍ତି। ଉକ୍ତ ନିବନ୍ଧଟି ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼କ୍ଟର ଅଲତାବ ଖାନ୍ ଓ କଲିକତା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼କ୍ଟର ସ୍ୱାଗତ ସେନଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ଼କ୍ଟର ମହାନ୍ତି ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ B.P.U.T. ଦ୍ୱାରା ପରିଚାଳିତ C.I.M.E. ମହାବିଦ୍ୟାଳୟ M.B.A ବିଭାଗ ମୁଖ୍ୟ ଭାବରେ କାର୍ଯ୍ୟରତ। ସେ ପୁରୀ ଦୋଳ ମଣ୍ଡପ ସାହି ନିବାସୀ ଶ୍ରୀମତୀ ବସନ୍ତ କୁମାରୀ ମହାନ୍ତି ଓ ସ୍ୱର୍ଗତ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଏବଂ ସ୍ୱର୍ଗତ ଶ୍ରୀମତୀ ସରୋଜିନୀ ମହାନ୍ତି ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ହରମୋହନ ମହାନ୍ତିଙ୍କ ଜାମାତା ଅଟନ୍ତି। ଏହି କୃତି ପାଇଁ ସେ ତାଙ୍କର ବନ୍ଧୁବର୍ଗ, ପରିବାର ଓ ସହଧର୍ମିଣୀ ଶ୍ରୀମତୀ ବବିତା ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ବେଳେ ସର୍ବୋପରି ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଏହି ସଫଳତାକୁ ଅର୍ପଣ କରିଛନ୍ତି।
ଧ-୧୩୭୨


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୂର୍ବତନ ଜନସୂଚନା ଅଧିକାରୀଙ୍କୁ ଅର୍ଥଦଣ୍ଡ

**ବଲାଙ୍ଗୀର ଅଫିସ, ୨୭।୮**

■ **ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ତଥ୍ୟ ଦେଇପାରିଲେନି**
■ **ରାଜ୍ୟ ସୂଚନା କମିଶନଙ୍କ ଉଲ୍ଲେଖନୀୟ ରାୟ**



ଯୁକ୍ତିଯୁକ୍ତ କାରଣ ନ ଥାଇ ସୂଚନା ଅଧିକାର କର୍ମୀଙ୍କୁ ତଥ୍ୟ ଦେଇ ନ ଥିବାରୁ ରାଜ୍ୟ ସୂଚନା କମିଶନର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ପୂର୍ବତନ ଜନସୂଚନା ଅଧିକାରୀଙ୍କୁ ୨୫ହଜାର ଟଙ୍କାର ଅର୍ଥଦଣ୍ଡାଦେଶ ଦେଇଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ଓ ମନ୍ଦିର ପରିଚାଳନା ସଂକ୍ରାନ୍ତରେ ବଲାଙ୍ଗୀରର ସୂଚନା କର୍ମୀ ହେମନ୍ତ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ତେବେ କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ପୂର୍ବତନ ଜନସୂଚନା ଅଧିକାରୀ ଏସ୍.କେ. ଚାଟାର୍ଜୀ ସୂଚନାକର୍ମୀ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରି ନ ଥିଲେ। ଏହି ପ୍ରସଙ୍ଗରେ ରାଜ୍ୟ ସୂଚନା କମିଶନର ସଞ୍ଜୟ କେଶରୀ ସ୍ୱାଇଁ ଏକ ଉଲ୍ଲେଖନୀୟ ରାୟରେ ପୂର୍ବତନ ଜନସୂଚନା ଅଧିକାରୀ ଚାଟାର୍ଜୀଙ୍କୁ ୨୫ ହଜାର ଟଙ୍କା ଅର୍ଥରାଶି ଦଣ୍ଡବିଧାନ କରିଛନ୍ତି। ସୂଚନା ଅଧିକାର କର୍ମୀ ପଣ୍ଡା ଶନିବାର ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତ ମନ୍ଦିର ପରିଚାଳନା ସମ୍ପର୍କିତ ଦୈନନ୍ଦିନ ଘଟଣା ପ୍ରବାହକୁ ଜାଣିବା ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ତେଣୁ ଜନସ୍ୱାର୍ଥ ଦୃଷ୍ଟିରୁ ଶ୍ରୀମନ୍ଦିର ପରିଚାଳନା ସମ୍ପର୍କିତ ପ୍ରଦାନଯୋଗ୍ୟ ସମସ୍ତ ସୂଚନାକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି। ୨୦୧୮ ଜୁନ୍ ୧୧ରେ ପୁରୀ ରତ୍ନଭଣ୍ଡାର ଚାବି ସମେତ ୧୩ସୂତ୍ରୀ ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଜନସୂଚନା ଅଧିକାରୀଙ୍କୁ ମାଗିଥିଲେ । କିନ୍ତୁ ଶ୍ରୀମନ୍ଦିରର ତତ୍କାଳୀନ ଜନସୂଚନା ଅଧିକାରୀ ଗୋଟିଏ ଆବେଦନ ପତ୍ରରେ ଏତେଗୁଡ଼ିଏ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ଆବେଦନକାରୀ ପଣ୍ଡାଙ୍କୁ ଜଣାଇଥିଲେ। ଏଭଳି ଚଞ୍ଚକତାପୂର୍ଣ୍ଣ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ପଣ୍ଡା ପ୍ରଥମ ଅପିଲ ଅଧିକାରୀଙ୍କୁ ଆବେଦନ କରିଥିଲେ। ପଣ୍ଡାଙ୍କ ଯୁକ୍ତି ଥିଲା ଯେ, ୧୩ ସୂତ୍ରୀ ତଥ୍ୟ ସେ ମାଗିଥିଲେ ମଧ୍ୟ ସବୁଯାକ ଗୋଟିଏ ବିଷୟବସ୍ତୁ ଉପରେ ଆଧାରିତ । ତେଣୁ ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ କରିବାରେ କୌଣସି ବାଧା ନାହିଁ । ଏସବୁକୁ ବିଚାର କରି ସୂଚନା କମିଶନର ସ୍ୱାଇଁ ସୂଚନା ଆଇନର ୨୦(୧) ଧାରା ଅନୁଯାୟୀ ଦଣ୍ଡବିଧାନ କରିବା ସହ ତାଙ୍କ ରାୟରେ କହିଛନ୍ତି ଯେ, ଆବେଦନକାରୀ ପଣ୍ଡାଙ୍କୁ ଗୋଟିଏ ଫର୍ମରେ ଗୋଟିଏ ତଥ୍ୟ ମାଗିବାକୁ କହି ଶ୍ରୀମନ୍ଦିର ପୂର୍ବ ଜନସୂଚନା ଅଧିକାରୀ ତାଙ୍କ କର୍ତ୍ତବ୍ୟ ତୁଲାଇବାରେ ବିଫଳ ହୋଇଛନ୍ତି। ଏହାସହ ଆବେଦନକାରୀ ପଣ୍ଡାଙ୍କୁ ସମସ୍ତ ତଥ୍ୟ ପ୍ରଦାନ ପାଇଁ ବର୍ତ୍ତମାନର ଜନସୂଚନା ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଭିତର ରତ୍ନଭଣ୍ଡାର ଚାବି ମିଳୁ ନ ଥିବା କଥା ୨୦୧୮ ମସିହାରେ ପୁରୀ ଜିଲା ପ୍ରଶାସନ କହିବା ପରେ ଏହାକୁ ନେଇ ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ତଦନ୍ତ କମିଶନ ଜଷ୍ଟିସ୍ ରଘୁବୀର ଦାସଙ୍କ ନେତୃତ୍ୱରେ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ନକଲି ଚାବି ମିଳିଥିବା କୁହାଯାଇଥିଲା। ମାତ୍ର ନକଲି ଚାବି କିଏ, କାହିଁକି ତିଆରି କରିଥିଲେ ସେନେଇ କିଛି ତଥ୍ୟ ମିଳି ନ ଥିଲା।

ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ ଖୋଲିବ ...

ବ୍ରହ୍ମବରଦା ଓ ଦଶରଥପୁର, ଝାରସୁଗୁଡ଼ାର ଏୟାରପୋର୍ଟ ପୋଲିସ ଷ୍ଟେଶନ, କଳାହାଣ୍ଡିର କର୍ଲାପାଟ, କଲାମପୁର, କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, କୁଦାନଗରୀ କୋରୁଆ, କେନ୍ଦୁଝରର ମନୋହରପୁର, ଖୋର୍ଦ୍ଧାର ନାରୁଣୀ, କୋରାପୁଟର ସୁଙ୍କି, ମାଲକାନଗିରିର ସଦର କୋରୁକୋଣ୍ଡା, ମୟୂରଭଞ୍ଜର ଭଞ୍ଜପୁର, ନବରଙ୍ଗପୁରର ମଇଦଲପୁର, ପୁରୀର ଚାରିଛକ, ରାୟଗଡାର ରାମନାଗୁଡା, ସମ୍ବଲପୁରର ବରେଇପାଲି ଏବଂ ସୁବର୍ଣ୍ଣପୁରର ଲଚ୍ଛିପୁରରେ ନୂତନ ଥାନା ଖୋଲିବ। ଏହି ସମସ୍ତ ନୂଆ ଥାନାଗୁଡ଼ିକ ବର୍ତ୍ତମାନ ଥିବା ଥାନାର ବିଭକ୍ତୀକରଣ ତଥା ଫାଣ୍ଡିଗୁଡ଼ିକର ଅପ୍‌ଗ୍ରେଡେଶନ କରାଯାଇ ସୃଷ୍ଟି କରାଯାଇଛି । ଏହି ନୂତନ ଥାନାଗୁଡ଼ିକ ନିମନ୍ତେ ଇନ୍ସପେକ୍ଟର ପଦବୀଠାରୁ ଆରମ୍ଭ କରି କନ୍‌ଷ୍ଟେବଲ ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାରେ ୫୬୩ ନୂଆ ପଦବୀ ସୃଷ୍ଟି କରାଯାଇଛି। ଏହି ନୂଆ ୩୬ଟି ଥାନା ପ୍ରତିଷ୍ଠା ହେବା ଦ୍ୱାରା ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ଯୋଗାଇ ଦେବା ଦିଗରେ ଓଡ଼ିଶା ପୋଲିସର ଉଦ୍ୟମ ଆହୁରି ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ଚାପରେ ମହିଳା ...

ଆସି ନ ଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ୱାଗତିକା ପୋଲିସ ଚାକିରି କରୁଥିଲେ ମଧ୍ୟ ଜଣେ ଶାନ୍ତ ଓ ସରଳ ଝିଅ ଥିଲେ। ମାର୍ଚ୍ଚ ୩୧ ତାରିଖରେ ଜି.ଉଦୟଗିରି ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିରରେ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ତାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ଉପରେ କହିଥିଲେ। ୮ ବର୍ଷ ତଳେ ତାଙ୍କ ବାପାଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି। ମା', ଦୁଇ ଭାଇ ଓ ୨ ଭଉଣୀଙ୍କୁ ନେଇ ତାଙ୍କ ପରିବାର ବହୁ ଝଡ଼ଝଞ୍ଜା ସହିଛନ୍ତି ବୋଲି ସ୍ୱାଗତିକା ଜଣାଇଥିଲେ।



ଶାସକ ମେଣ୍ଟର ବିଧାୟକମାନଙ୍କ ସହ ଲଟ୍ରାଟୁ ଡ୍ୟାମ୍ ନିକଟ ହ୍ରଦରେ ନୌକା ବିହାର କରୁଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ।

# ଝାଡ଼ଖଣ୍ଡରେ ଘୋଡ଼ାବେପାର ଆଶଙ୍କା

## ରାଜ୍ୟପାଳଙ୍କ ନିଷ୍ପତ୍ତି ଉପରେ ନଜର

ରାଞ୍ଚି,୨୭।୮ (ପି.ଟି.)

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ହେବା ନେଇ ଅନିଶ୍ଚିତତା ଲାଗିରହିଥିବାବେଳେ ରାଜ୍ୟରେ ରାଜନୈତିକ ସଙ୍କଟ ଘନେଇଛି। ଘୋଡ଼ାବେପାର ଆଶଙ୍କାରେ ସୋରେନଙ୍କ ସମେତ ଶାସକ ଜେଏମ୍ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟର ବିଧାୟକମାନେ ୩ଟି ବସ୍‌ରେ ଏକ ଅଜ୍ଞାତ ସ୍ଥାନକୁ ଚାଲିଯାଇଥିଲେ। ସେମାନେ ରାଜଧାନୀ ରାଞ୍ଚିଠାରୁ ୬୦ କିଲୋମିଟର ଦୂର ଖୁଣ୍ଟି ଜିଲାର ଲଟ୍ରାଟୁସ୍ଥିତ ଗେଷ୍ଟ ହାଉସ୍‌ରେ ରହିଥିବା ଜଣାପଡ଼ିଥିଲା। ଲଟ୍ରାଟୁ ଡ୍ୟାମ୍ ନିକଟ ହ୍ରଦରେ ସୋରେନ୍ ଓ କେତେଜଣ ବିଧାୟକ ବୋଟ୍‌ରେ ଭ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ପରେ ସେମାନେ ଲଟ୍ରାଟୁ ଡ୍ରାମ୍‌ରୁ ବସ୍ ଯୋଗେ ରାଞ୍ଚି ଫେରିଛନ୍ତି। ମୋରାବଦିସ୍ଥିତ ରାଜ୍ୟ ଗେଷ୍ଟହାଉସ୍‌ରେ ଝାଡ଼ଖଣ୍ଡ କଂଗ୍ରେସ ବ୍ୟାପାର ପ୍ରଭାରୀ ଅବିନାଶ ପାଣ୍ଡେ ବିଧାୟକମାନଙ୍କ ବୈଠକ ନେବେ ବୋଲି ଜଣାପଡ଼ିଛି।

ରାଞ୍ଚି ଛାଡ଼ିବା ପୂର୍ବରୁ ରାଜ୍ୟର ରାଜନୈତିକ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ସୋରେନ ଶାସକ ଦଳ ବିଧାୟକମାନଙ୍କ ସହ ୩ ପର୍ଯ୍ୟାୟ ବୈଠକରେ ଏକାଠି ହୋଇଥିଲେ। ୪୩ ଜଣ ବିଧାୟକ ଲଗେଜ୍ ସହ ରାଞ୍ଚି ଛାଡ଼ିଥିବାରୁ ସେମାନେ ରାଜଧାନୀ ବାହାରେ ଅଧିକ ଦିନ ରହିପାରନ୍ତି ବୋଲି କୁହାଯାଉଥିଲା। ରାଜ୍ୟପାଳ ରମେଶ ବୈଶ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ନିର୍ଦ୍ଦେଶନାମା ଖୁବ୍‌ଶୀଘ୍ର ନିର୍ବାଚନ କମିଶନ (ଇସି)ଙ୍କ ପାଖକୁ ପଠାଇପାରନ୍ତି ବୋଲି ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ନିଜ ନାମରେ ଖଣି ଲିଜ୍ ନେଇ ସୋରେନ୍ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଥିବାରୁ ତାଙ୍କ ବିଧାୟକ ପଦ ରଦ୍ଦ ଲାଗି ଇସି ଗୁରୁବାର ରାଜ୍ୟପାଳଙ୍କୁ ସୁପାରିସ କରିଥିଲେ। ସୋରେନ୍‌ଙ୍କ ସଭ୍ୟପଦ ରଦ୍ଦ ଲାଗି ଭାଜପା ଇସିଙ୍କ ନିକଟରେ ଆବେଦନ କରିଥିଲା। ଏବେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

# ଆଜାଦଙ୍କ ଘରେ ଜି-୨୩ ମନ୍ତ୍ରଣା

ନୂଆଦିଲ୍ଲୀ,୨୭।୮

କଂଗ୍ରେସ ଦଳର ନୂଆ ଅଧ୍ୟକ୍ଷ ନିର୍ବାଚନ ଲାଗି ତାରିଖ ଧାର୍ଯ୍ୟ ନିମନ୍ତେ ରବିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକ ବସୁଛି। ଶୁକ୍ରବାର ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ଦଳରୁ ଇସ୍ତଫା ଦେବା ସହ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଥିଲେ। ମିଳିଥିବା ଖବର ଅନୁଯାୟୀ ଶନିବାର ଆଜାଦଙ୍କ ଦିଲ୍ଲୀ ବାସଭବନରେ ଅସନ୍ତୁଷ୍ଟ ଜି-୨୩ର କେତେଜଣ ନେତା ଏକାଠି ହୋଇଥିଲେ। ଦଳର ସାଙ୍ଗଠନିକ ସ୍ତରରେ ସଂସ୍କାର ଆଣିବା ଲାଗି ଏହି ନେତାମାନେ ୨୦୨୦ ଅଗଷ୍ଟରେ ସୋନିଆଙ୍କୁ ପତ୍ର ଲେଖିଥିଲେ।

ଆଜାଦ ଇସ୍ତଫା ଦେବା ସହ ରାହୁଲ ଗାନ୍ଧୀ ଦଳର ସମ୍ପୂର୍ଣ୍ଣ ପରାମର୍ଶ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଥିବା ଅଭିଯୋଗ କରିଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସର ପରାଜୟ ପାଇଁ ସେ ରାହୁଲଙ୍କୁ ଦାୟୀ କରିବା ସହ ତାଙ୍କ ପିଏ ଏବଂ ସୁରକ୍ଷା କର୍ମୀ ଦଳୀୟ ନିଷ୍ପତ୍ତି ନେଉଥିବା କହିଥିଲେ। ତେଣୁ କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷ ନିର୍ବାଚନ ତାରିଖ ସମ୍ପର୍କରେ ରବିବାର ସିଡବ୍ଲୁସି ବୈଠକରେ ନିଷ୍ପତ୍ତି ନ ହୋଇ ନେତାମାନେ ସୋନିଆ ଗାନ୍ଧୀ ଏବଂ ରାହୁଲଙ୍କ ନେତୃତ୍ୱ ଉପରେ ପୁନଃ ଆସ୍ଥା ପ୍ରକଟ କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅଧ୍ୟକ୍ଷ ନିର୍ବାଚନ ଆଉ କିଛି ସପ୍ତାହ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି।

### କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ନେଇ ଆଜି ସିଡବ୍ଲ୍ୟୁସି ବୈଠକ



ଗୁଲାମ ନବୀ ଆଜାଦ

### ୧୪ ଦିନରେ ନୂଆ ଦଳ

**ଜମ୍ମୁ,୨୭।୮:** ପୂର୍ବତନ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଆଗାମୀ ୧୪ ଦିନ ମଧ୍ୟରେ ନିଜସ୍ୱ ରାଜନୈତିକ ଦଳ ଗଠନ କରିବାକୁ ଯାଉଛନ୍ତି। ଦଳର ପ୍ରଥମ ଶାଖା ଜମ୍ମୁ-କଶ୍ମୀରରେ ହେବ ବୋଲି ତାଙ୍କ ଘନିଷ୍ଠ ସହଯୋଗୀ ଜି.ଏମ୍. ସରୁରୀ ଶନିବାର ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀରକୁ ୨୦୧୯ ଅଗଷ୍ଟ ୫ ପୂର୍ବ ସ୍ଥିତିକୁ ଫେରାଇଆଣିବା ଆଜାଦଙ୍କ ଦଳର ଇସ୍ତାହାର ହେବ ବୋଲି ସରୁରୀ କହିଛନ୍ତି। କଂଗ୍ରେସରୁ ଆଜାଦଙ୍କ ଇସ୍ତଫା ପରେ ସରୁରୀଙ୍କ ସମେତ ଜମ୍ମୁ-କଶ୍ମୀରର ଶତାଧିକ ପ୍ରମୁଖ କଂଗ୍ରେସ ନେତା ଦଳ ଛାଡ଼ିଥିଲେ। ଧର୍ମନିରପେକ୍ଷତା ହେଉଛି ଆଜାଦଙ୍କ ଆଦର୍ଶ। ସେ ଭାଜପା ପାଇଁ କାର୍ଯ୍ୟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ତାଙ୍କ ସହଯୋଗୀ କହିଛନ୍ତି। ସେପ୍ଟେମ୍ବର ୪ରେ ଆଜାଦ ଜମ୍ମୁ ଫେରିବା ପରେ ନୂଆ ଦଳ ଗଢ଼ିବା ପୂର୍ବରୁ ଶୁଭେଚ୍ଛୁମାନଙ୍କ ସହ ପରାମର୍ଶ କରିବେ ବୋଲି କଂଗ୍ରେସର ପୂର୍ବତନ ଉପସଭାପତି ସରୁରୀ କହିଛନ୍ତି।

# କଂଗ୍ରେସ ଉପରେ ବର୍ଷିଲେ ମନୀଷ ତିୱାରୀ

ନୂଆଦିଲ୍ଲୀ,୨୭।୮

ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଦଳ ଛାଡ଼ିବା ସହ ଇସ୍ତଫାପତ୍ରରେ ବର୍ତ୍ତମାନର ଦଳୀୟ ସ୍ଥିତି ପାଇଁ ରାହୁଲ ଗାନ୍ଧୀଙ୍କୁ ଦାୟୀ କରିବାର ଦିନକ ପରେ ଅନ୍ୟତମ ନେତା ମନୀଷ ତିୱାରୀ କଂଗ୍ରେସ ଉପରେ ବର୍ଷିଛନ୍ତି। ୱାର୍ଡ ନିର୍ବାଚନ ଲଢ଼ିବାକୁ ସମର୍ଥ ନ ଥିବା ବ୍ୟକ୍ତି ସାଧାରଣ ନିର୍ବାଚନ ଜିତିବା ନେଇ ଆଲୋଚନା କରିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତକାଲି ପର୍ଯ୍ୟନ୍ତ ଯେଉଁମାନେ କଂଗ୍ରେସ ନେତାଙ୍କ ଚପରାଶି ଥିଲେ, ସେମାନେ ଆଜି ଦଳକୁ ଜ୍ଞାନ ଦେବା ହାସ୍ୟାସ୍ପଦ ବୋଲି କଂଗ୍ରେସ ଏମ୍‌ପି କହିଛନ୍ତି। ଦଳରେ ଆତ୍ମସମୀକ୍ଷା ଜରୁରୀ ହୋଇପଡ଼ିଛି। ଦେଶ ଓ କଂଗ୍ରେସ ମଧ୍ୟରେ ଫାଟ ସୃଷ୍ଟି ହେବା ଭଳି ଦେଖାଯାଉଥିବା ମନୀଷ କହିଛନ୍ତି। ୪୨ ବର୍ଷ ହେଲା ଦଳ ପାଇଁ କାମ କରୁଥିବାରୁ ତାଙ୍କୁ ସାର୍ଟିଫିକେଟର ଦରକାର ନାହିଁ। ସେ ଦଳରେ ଭଡ଼ାଟିଆ ନୁହନ୍ତି, ସଦସ୍ୟ ବୋଲି ମନୀଷ କହିଛନ୍ତି।



ତେଲଙ୍ଗାନାର ୱାରାଙ୍ଗଲରେ ତୃତୀୟ ପର୍ଯ୍ୟାୟ କୁମାର ପ୍ରଜା ସଂଗ୍ରାମ ଯାତ୍ରା ଉଦ୍‌ଯାପନ ଅବସରରେ ଶନିବାର ଏକ କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ତୀରଚାଳନା କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଦଳର ଅନ୍ୟ ନେତାମାନେ।

# ବିରୋଧୀ ଦଳରେ ଛାତ୍ର ନେତା ସୃଷ୍ଟି ନ କରିବାକୁ ଷଡ଼ଯନ୍ତ୍ର

## ଛାତ୍ର କଂଗ୍ରେସ ସଭାପତିଙ୍କ ଅଭିଯୋଗ

### ଛାତ୍ର ବିଜେଡି କ୍ୟାମ୍ପସ କମିଟି ଗଢ଼ିବା ପ୍ରସଙ୍ଗ

ଭୁବନେଶ୍ୱର,୨୭।୮ (ବ୍ୟୁରୋ)

ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିର୍ବାଚିତ ପ୍ରତିନିଧିଙ୍କ ଭଳି ବିଜୁ ଜନତା ଦଳ ଏକ ମନୋନୀତ କ୍ୟାମ୍ପସ କମିଟି ଗଠନ କରୁଛି। ଏହାଦ୍ୱାରା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ କାହିଁକି କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିର୍ବାଚନ କରାଇ ଦେଉନାହାନ୍ତି ତାହା ଲୋକଲୋଚନକୁ ଆସିଯାଇଛି। ବିରୋଧୀ ଦଳରେ ଛାତ୍ର ନେତା ସୃଷ୍ଟି ନ କରାଇ ଦେବା ପାଇଁ ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ସେ କହିଛନ୍ତି ଯେ ନବୀନବାବୁଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ଜନବିରୋଧୀ ନୀତିକୁ କିପରି ବିରୋଧୀ ଦଳର ଛାତ୍ର ସଂଗଠନମାନେ ବିରୋଧ କରି ନ ପାରିବେ, କଲେଜ ଓ ବିଶ୍ୱବିଦ୍ୟାଳୟରୁ କିପରି ପ୍ରତିବାଦର ସ୍ୱର ନ ଆସିବ ସେଥିପାଇଁ ୪ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଛି। ରାଜ୍ୟର ଅଧିକାଂଶ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ଅସୁରକ୍ଷିତ। ରାଗିଂ ଚାପରେ ଛାତ୍ରୀଛାତ୍ରମାନେ ଆତ୍ମହତ୍ୟା କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇଛନ୍ତି। ବିଜେବି କଲେଜର ଛାତ୍ରୀ ରୁଚିକା ମହାନ୍ତି ଘଟଣା ପରେ ବି ବିଜେବି କଲେଜରେ ରାଗିଂ ହୋଇଛି। ବିଜେଡି ସମର୍ଥିତ ଛାତ୍ରୀଛାତ୍ରମାନେ ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନରେ ଏକ ସରକାରୀ ନୀତି ଭାବରେ ରାଗିଂକୁ ଆଗେଇ ନେଇଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାଲ ଦିବ୍ୟାଙ୍ଗ ଏବଂ ସ୍ପୋର୍ଟ୍ସ ସାର୍ଟିଫିକେଟ ଦାଖଲ କରାଯାଇ ଆଡ୍‌ମିଶନ କରାଯାଉଛି। ଏହାଦ୍ୱାରା ମେଧାବୀ ଏବଂ ଦିବ୍ୟାଙ୍ଗ ଛାତ୍ରୀଛାତ୍ରୀଙ୍କ ସ୍ୱାର୍ଥ ବାଧାପ୍ରାପ୍ତ ହେଉଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଓଡ଼ିଶାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏଭଳି ଘଟଣା ପଦାକୁ ଆସିଛି। ଏହି କେଲେଙ୍କାରିରେ ବିଜୁ ଜନତା ଦଳର ଯୁବ ଓ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ସମ୍ପୃକ୍ତ ରହିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ, ଅଧ୍ୟକ୍ଷ ଓ ଅଣଶିକ୍ଷକ ଷ୍ଟାଫ୍ ପଦବୀ ବହୁ ପରିମାଣରେ ଖାଲିପଡ଼ିଛି। ଓଡ଼ିଶାର ଶିକ୍ଷା ବିଭାଗର ଅବସ୍ଥା ଅତି ଶୋଚନୀୟ। ଓଡ଼ିଶାର ଗରିବ ଓ ମଧ୍ୟବିତ୍ ପରିବାରର ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟ ସରକାର ସାବତପୁଅ ଦୃଷ୍ଟିରେ ଦେଖୁଛନ୍ତି। ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେଲ୍ଫ ଫାଇନାନ୍ସିଂ କୋର୍ସର ସିଟ୍ ସଂଖ୍ୟାକୁ ହ୍ରାସ କରାଯାଉଛି। ନୱାଜ ଅଭିଯୋଗ କରିଛନ୍ତି, ବିଜୁ ଜନତା ଦଳର ଛାତ୍ର ସଂଗଠନ ଓଡ଼ିଶାର ଛାତ୍ର ସମାଜର ସ୍ୱାର୍ଥ, ଶିକ୍ଷାନୁଷ୍ଠାନମାନଙ୍କର ସୁରକ୍ଷା ଓ ବିକାଶ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପ୍ରସଙ୍ଗରେ କେବେହେଲେ ରାଜରାସ୍ତାକୁ ଆସିନାହାନ୍ତି। ୨୨ ବର୍ଷଧରି ଓଡ଼ିଶାର ଛାତ୍ର ସମାଜକୁ ଉପେକ୍ଷିତ କରାଯାଇଛି। ଛାତ୍ର ବିଜେଡି ରୁପ୍ ବସିଛି। ଏ ପର୍ଯ୍ୟନ୍ତ କ୍ୟାମ୍ପସକୁ ରାଗିଂମୁକ୍ତ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ବିଧିବଦ୍ଧ ଭାବରେ ସରକାରୀ ସ୍ତରରେ ହେଲ୍ପଡେସ୍କ ଗଠନ ହେଲା ନାହିଁ। ରୁଚିକା ମହାନ୍ତି ପ୍ରସଙ୍ଗକୁ ଚକ୍ରାନ୍ତ କରି ଚପାଇ ଦିଆଗଲା। ଛାତ୍ର ବିଜେଡି ପ୍ରଥମେ ରୁଚିକା ମହାନ୍ତି ପ୍ରସଙ୍ଗରେ ନବୀନ ସରକାରକୁ ଘେରାଉ କରୁ। ଛାତ୍ର ବିଜେଡି ଯେଉଁ କମିଟି ଗଠନ କରିବ ତାହା ଶିକ୍ଷାନୁଷ୍ଠାନମାନଙ୍କୁ ସମ୍ପୂର୍ଣ୍ଣ ନିୟନ୍ତ୍ରିତ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏବେ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଜୁ ଜନତା ଦଳରେ ପରିଣତ ହେବ। ନବୀନବାବୁ ଓଡ଼ିଶାର ଗଣତନ୍ତ୍ରକୁ ହତ୍ୟାକରି ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଜେଡି ଦ୍ୱାରା ପ୍ରଭାବିତ କରିବାକୁ ଚକ୍ରାନ୍ତ କରିଛନ୍ତି ବୋଲି ନୱାଜ ଅଭିଯୋଗ କରିଛନ୍ତି।

# ଅନ୍ୟ ଦଳ ସରକାର ଭାଙ୍ଗିବା ଲାଗି ୬,୩୦୦ କୋଟି ଖର୍ଚ୍ଚ କରିଛି ଭାଜପା: କେଜ୍‌ରିୱାଲ

ନୂଆଦିଲ୍ଲୀ,୨୭।୮

ଅନ୍ୟ ଦଳ ଶାସିତ ରାଜ୍ୟରେ ସରକାର ଭାଙ୍ଗିବା ଲାଗି ଭାଜପା ୬,୩୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଶନିବାର ଅଭିଯୋଗ କରିଛନ୍ତି। ଅନ୍ୟ ରାଜ୍ୟର ସରକାର ଭାଙ୍ଗାବାରେ ଭାଜପା ଏତେ ପରିମାଣରେ ଅର୍ଥ ବ୍ୟୟ କରି ନ ଥିଲେ ଖାଦ୍ୟ ସାମଗ୍ରୀ ଉପରେ କେନ୍ଦ୍ର ସରକାର ଜିଏସ୍‌ଟି ଲଗାଇ ନ ଥାନ୍ତେ କି ଦରଦାମ୍ ଏତେ ବଢ଼ି ନ ଥାନ୍ତା ବୋଲି ସେ କହିଛନ୍ତି। ଅନେକ ରାଜ୍ୟରେ ସରକାର ଭାଙ୍ଗିଥିବା ଭାଜପାକୁ ଶୁକ୍ରବାର କେଜ୍‌ରିୱାଲ 'ସିରିଏଲ୍ କିଲର' କହିଥିଲେ। ଜିଏସ୍‌ଟି ଏବଂ ପେଟ୍ରୋଲ, ଡିଜେଲ୍ ଦର ବୃଦ୍ଧିରୁ ସଂଗୃହୀତ ଅର୍ଥକୁ ଗୈରିକ ଦଳ ବିଧାୟକ କିଣିବାରେ ବିନିଯୋଗ କରୁଥିବା ସେ ଦିଲ୍ଲୀ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ କହିଥିଲେ।

# ବିଜେଡିରେ ମିଶିଲେ ଭାଜପା ସଂଖ୍ୟାଲଘୁ ନେତା



ବିଜେଡିରେ ସାମିଲ ହୋଇଥିବା ଭାଜପା ନେତା। ନିକଟରେ ଅଛନ୍ତି ବିଧାୟକ ଓ ଅନ୍ୟ ଦଳୀୟ ନେତୃବୃନ୍ଦ।

ଢେଙ୍କାନାଳ ଅଫିସ, ୨୭।୮

ଢେଙ୍କାନାଳ ଜିଲା ଭାଜପାର ସଂଖ୍ୟାଲଘୁ ନେତା ତଥା ପୂର୍ବତନ ସଂଖ୍ୟାଲଘୁ ମଣ୍ଡଳ ସଭାପତି ଶେଖ୍ ଅବଦୁଲ ଅଖମଲ ଶନିବାର ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଶାସନ ଏବଂ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଯୁବନେତା ଶ୍ରୀକାନ୍ତ କୁମାର ଧଳଙ୍କ ପ୍ରେରଣାରେ ଶେଖ ଅବ୍‌ଦୁଲ, ୧୩ନଂ. ୱାର୍ଡ କାଞ୍ଚନବଜାର ଅଞ୍ଚଳର ଶେଖ ସାହିଦ ଅଲ୍ଲୀ, ଶେଖ ୟୁସୁଫ୍, ପ୍ରଶାନ୍ତ ନାୟକ, ମହମ୍ମଦ ନୁରୁ, ମହମ୍ମଦ ପପୁ, ମହମ୍ମଦ ସଲିଲ, ବୁଢ଼ା ସେଠୀ, ପ୍ରତାପ ସେଠୀ, ବାପୁ ସ୍ୱାଇଁ, ହିମାଂଶୁ ସ୍ୱାଇଁ, ହେମନ୍ତ ସ୍ୱାଇଁ ପ୍ରମୁଖ ୧୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଧାୟକଙ୍କ ବାସଭବନରେ ବିଜେଡିରେ ଯୋଗ ଦେଇଥିଲେ। ବିଧାୟକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

କାର୍ଯ୍ୟକ୍ରମରେ ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ପୌରସଂସ୍ଥା ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ବିଧାୟକଙ୍କ ଗଁଦିଆ ପ୍ରତିନିଧି ନିରାକାର ରାଉତ, ବିଧାୟକଙ୍କ ପୌର ପ୍ରତିନିଧି ଅଜୟ କୁମାର ଭଞ୍ଜ, ନବକିଶୋର ସାମଲ, ଗଁଦିଆ ଯୁବ ବିଜେଡି ସଭାପତି ପ୍ରଦୀପ କୁମାର ରାଉତ, କାଉନ୍‌ସିଲର ଶୁଭଲକ୍ଷ୍ମୀ ସାହୁ, ଦୀପ୍ତିରଞ୍ଜନ ସେଠୀ, ସନ୍ଦୀପ ଷଡ଼ଙ୍ଗୀ, ଯୁବନେତା ଗଙ୍ଗାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିମିଟେଡ଼
(ଏକ ଟାଟା ପାୱାର ଏବଂ ଓଡ଼ିଶା ସରକାର ଯୁଗ୍ମ ଉଦ୍ୟୋଗ)
ବିଦ୍ୟୁତ୍ ଚୋରୀ ହେଉଛି ଏକ ସାମାଜିକ ବିପତ୍ତି
(ଇଲେକ୍ଟ୍ରିକ୍ ମିଟରକୁ ଟ୍ୟାମ୍ପରିଂ କରିବା / ହୁକ ପକାଇବା / ବାଇପାସ୍ କରିବା ହେଉଛି ଭାରତୀୟ ବିଦ୍ୟୁତ୍ ଆଇନ୍ ୨୦୦୩ର ଧାରା ୧୩୫ ଅଧିନରେ ଏକ ଧର୍ତ୍ତବ୍ୟ ଅପରାଧ)
ହୁକ୍ ପକାଇ ବିଦ୍ୟୁତ୍ ବ୍ୟବହାର କରିବା ହେଉଛି ଅପରାଧ ଓ ଏଥିପାଇଁ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ
ନୂତନ ସଂଯୋଗ ପାଇଁ : Apply @ Mo-Vidyut App
ବିବରଣୀ ପାଇବା ପାଇଁ : @1912 / ନିକଟସ୍ଥ ଟିପିସିଓଡ଼ିଏଲ୍ ଅଫିସ୍ / ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରନ୍ତୁ।
ବିଦ୍ୟୁତ୍ ଚୋରୀ ସମ୍ବନ୍ଧରେ ସୂଚନା ଦେଇ ପୁରସ୍କାର ପାଆନ୍ତୁ
ବିଦ୍ୟୁତ୍ ଚୋରୀ ସମ୍ପର୍କରେ ରିପୋର୍ଟ କରନ୍ତୁ @1912 / 9437158670
ହ୍ୱାଟସ୍‌ଆପ୍ ଜରିଆରେ ବିଦ୍ୟୁତ୍ ଚୋରୀ ରିପୋର୍ଟ କରନ୍ତୁ / SMS@9437158670
ବିଦ୍ୟୁତ୍ ଚୋରୀ ରିପୋର୍ଟକୁ www.tpcentralodisha.com/TPCODL Mitra App ରେ ପଠାନ୍ତୁ
ଆମକୁ ଇମେଲ କରନ୍ତୁ : enforcement@tpcentralodisha.com
ଘରୋଇ / କୃଷି ତାରିଫ ଉପରେ ବାଣିଜ୍ୟିକ / ଔଦ୍ୟୋଗିକ ଲୋଡ଼ ବ୍ୟବହାର କରିବା ହେଉଛି ବିଦ୍ୟୁତର ଅପବ୍ୟବହାର
ବିଦ୍ୟୁତ୍‌ର ଅପବ୍ୟବହାର ପାଇଁ ଜୋରିମାନା ଦେବାକୁ ପଡ଼ିପାରେ !!!
ବିବରଣୀ ପାଆନ୍ତୁ : @1912
ନିକଟସ୍ଥ ଟିପିସିଓଡ଼ିଏଲ କାର୍ଯ୍ୟାଳୟ / ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରନ୍ତୁ
ନୂତନ ସଂଯୋଗ ଏବଂ କଣ୍ଟ୍ରାକ୍ଟ ଡ଼ିମାଣ୍ଡ (ଲୋଡ଼)ର ବୃଦ୍ଧି ପାଇଁ :
ବିବରଣୀ ପାଆନ୍ତୁ : @1912
ନିକଟସ୍ଥ ଟିପିସିଓଡ଼ିଏଲ କାର୍ଯ୍ୟାଳୟ / ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରନ୍ତୁ

ଯାଦୁ କାଛୁ କୁଣ୍ଡିଆ ଫଟା ଗୋଇଠି
ସମସ୍ୟା ଅନେକ ସମାଧାନ ଏକ
ସେଲିକଲ୍
Available in:
5g, 10g, 15g Pot
25g Tube &
15ml Lotion
SALICAL STRONG RINGWORM OINTMENT
Trade Enquries: 9804688185
Available on: Flipkart | amazon

IndianOil
ଇଣ୍ଡିଆନଅଏଲ
ମାର୍କେଟିଂଗ୍ ବିଭାଗ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ
ଶୁଦ୍ଧିପତ୍ର - ଇଣ୍ଡିଆନଅଏଲ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପାଇଁ ସମ୍ବଲପୁରଠାରେ ଅଫିସ ଆବଶ୍ୟକତା ପାଇଁ ବିଜ୍ଞପ୍ତି
ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପାଇଁ ସମ୍ବଲପୁର ଠାରେ ଭଡ଼ା ସୂତ୍ରରେ ଡିଭିଜନାଲ ଅଫିସ ସ୍ଥାନ ଆବଶ୍ୟକତା ସଂପର୍କରେ ତା14.08.2022ରିଖ ରେ ପ୍ରକାଶ ପାଇଥିବା ବିଜ୍ଞାପନ ସମ୍ପର୍କରେ ଅଟେ ।
ଦୟାକରି ଧ୍ୟାନ ଦିଅନ୍ତୁ ଯେ ବିସ୍ତୃତ ବିଜ୍ଞାପନ ନିୟମାବଳୀ, ସର୍ତ୍ତ ଓ ବ୍ୟବସ୍ଥାବଳୀକୁ ସମ୍ବଲପୁର ଡିଭିଜନାଲ ଅଫିସ, କାଇଁଶିର ରୋଡ, ଅଇଁଠାପଲ୍ଲୀ, ସମ୍ବଲପୁର, ଓଡ଼ିଶା-768004ରୁ ଯେକୌଣସି କାର୍ଯ୍ୟ ଦିବସର 10.00ଘ. ଠାରୁ 5.30 ଘ. ମଧ୍ୟରେ ବ୍ୟକ୍ତିଗତ ଭାବେ ସଂଗ୍ରହ କରାଯାଇ ପାରିବ । ଏହି ବିବରଣୀ ତା 14.08.2022ରିଖ ର ବିଜ୍ଞାପନରେ ଉଲ୍ଲେଖ କରାଯାଇଥିବା ପ୍ରକାରେ www.iocletenders.nic.in ରେ ଏହା ଉପଲବ୍ଧ ହେବ ନାହିଁ । ଅଫର ଦାଖଲ କରିବା ତାରିଖକୁ ତା11.09.2022ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
ତା 14.08.2022ରିଖ ର ବିଜ୍ଞାପନର ଅନ୍ୟାନ୍ୟ ସମସ୍ତ ସର୍ତ୍ତ ଓ ବ୍ୟବସ୍ଥାବଳୀ ଅପରିବର୍ତ୍ତିତ ରହିଛି ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା,
ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଇ-ମେଲ ଆଇଡି: sbi.05174@sbi.co.in
ଗାଡି ନିଲାମ ବିକ୍ରୟ

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ବକେୟା ରାଶି | ଗାଡିର ପ୍ରକାର / ମଡେଲ | ପଞ୍ଜିକୃତ ନଂ | ଚେସିସ୍ ନଂ. | ଇଞ୍ଜିନ୍ ନଂ. | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ଟ.) | ଅମାନତ ଜମା ରାଶି (ଟ.) | ଗାଡିର ପାର୍କିଂ ସ୍ଥାନ |
|---|---|---|---|---|---|---|---|---|
| ଶ୍ରୀ କୃଷ୍ଣ ବିଶ୍ୱାଳ, ପିତା: ଶଙ୍କର ବିଶ୍ୱାଳ, ପ୍ଲଟ୍ ନଂ.: ୫୮, ଗଙ୍ଗୋତ୍ରି ନଗର, ରୋଡ଼ ନଂ.: ୩, ଶିଶୁପାଳଗଡ଼, ଭୁବନେଶ୍ୱର /ତା.୧୧.୧୨.୨୦୧୭ ସୁଦ୍ଧା ଟ. ୩୫,୯୦,୫୨୮.୧୩ | BULL SMART FRONT END LOADER | OD-33F-8058 | BSLAF000519 | T42405 1520038 | ୨୦୧୬ | ଟ.୭,୨୦,୦୦୦/- | ଟ.୭୨,୦୦୦/- | ମଙ୍ଗରାଜ ଷ୍ଟକୟାର୍ଡ଼, ଡ଼ାଳଖାଇ ମନ୍ଦିର ଛକ ନିକଟ, ଝାରପଡ଼ା, ଭୁବନେଶ୍ୱର |

ନିଲାମ ତାରିଖ ଏବଂ ସମୟ: ୧୪.୦୯.୨୦୨୨, ଅପରାହ୍ନ ୦୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା, ତନଖି ତାରିଖ ଏବଂ ସମୟ: ୦୯.୦୯.୨୦୨୨, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା
ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଗାଡ଼ିର କ୍ରେତାଙ୍କ ଠାରୁ ଆଦାୟ କରାଯିବ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in, ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp
ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫
ସ୍ଥାନ: ଭୁବନେଶ୍ୱର, ତାରିଖ: ୨୬.୦୮.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

ଦେବତାମାନଙ୍କ ଅପେକ୍ଷା ଅସୁରମାନେ ବେଶି ବଳବାନ। କାରଣ ଭଗବାନଙ୍କ ସଙ୍ଗେ ସେମାନଙ୍କର ସର୍ତ୍ତ ହୋଇଛି ଯେ, ସେହିମାନେ ହିଁ ଭଗବାନଙ୍କ କ୍ରୋଧ ଆଉ ଶତ୍ରୁତା ସମ୍ମୁଖରେ ଠିଆହେବେ। ସହ୍ୟ ମଧ୍ୟ କରିବେ ତାଙ୍କର ଭାର। ଦେବତାମାନେ କେବଳ ଭଗବାନଙ୍କ ପ୍ରେମ ଗ୍ରହଣ କରିପାରିଲେ– ତାଙ୍କର ସୁନ୍ଦରତର ଆନନ୍ଦର ସୁଖକର ଭାର। –ଶ୍ରୀଅରବିନ୍ଦ

# କେବଳ ହତାଶ



**ଆକାର ପଟେଲ**

ଜାତିସଂଘ ସୁରକ୍ଷା ପରିଷଦରେ ଭିଟୋ ପ୍ରୟୋଗ କରିପାରିବା ଭଳି ଏକ ସ୍ଥାୟୀ ଆସନ ପାଇବା ଅଧିକାର ବୋଲି ଭାରତ କହୁଛି। ତେବେ ଏହି ଅଧିକାର ନ ମିଳିବା ଯୋଗୁ କେବେ କେବେ କ୍ରୋଧ, ଉତ୍ତେଜନା ଏବଂ ହତାଶ ଦେଖାଯାଏ ; ଯାହା ଚଳିତ ସପ୍ତାହରେ ନ୍ୟୁୟର୍କରେ ଲକ୍ଷ୍ୟ କରାଯାଇଛି। ଅଗଷ୍ଟ ୨୨ରେ ଆମ ପ୍ରତିନିଧିଙ୍କ ବକ୍ତବ୍ୟରେ ଏଭଳି ହତାଶାଭାବ ଦେଖାଯାଇଛି। ପୂର୍ବରୁ ମଧ୍ୟ ଆମର ହତାଶ ସମ୍ପର୍କିତ ଖବର ପ୍ରକାଶ ପାଇଆସିଛି। ଏଭଳି ଖବରରୁ ବହୁ ସମୟରେ ସ୍ପଷ୍ଟ ହୁଏ ଯେ, ସୁରକ୍ଷା ପରିଷଦର ପୁନର୍ଗଠନରେ କାହିଁକି ଅଗ୍ରଗତି ହେଉନାହିଁ। କଥା ହେଉଛି, ଆମେ ସୁରକ୍ଷା ପରିଷଦରେ ଏକ ଉଚ୍ଚ ପଦବୀ ପାଇଁ ଏକାକୀ ଦାବିଦାର ନୋହୁଁ। ଅନ୍ୟମାନେ ବି ରହିଛନ୍ତି ଓ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଉଛି ବୋଲି ସେମାନେ ଅନୁଭବ କରୁଛନ୍ତି। ସୁରକ୍ଷା ପରିଷଦର ପୁନର୍ଗଠନ ପାଇଁ ବ୍ୟାପକ ସହମତି ରହିଥିବାବେଳେ 'କଫି କ୍ଲବ୍' ଭାବେ ପରିଚିତ କେତେକ ଦେଶ ଏହାକୁ ବିରୋଧ କରୁଛନ୍ତି। ପାକିସ୍ତାନ ଏହି କ୍ଲବ୍‌ର ଏକ ସଦସ୍ୟ। ବ୍ରାଜିଲର ଦାବିକୁ ଆର୍ଜେଣ୍ଟିନା ବିରୋଧ କରୁଛି। ଇଟାଲୀ ଓ ସ୍ପେନ୍ ବିରୋଧ କରୁଛନ୍ତି ଜର୍ମାନୀକୁ ଏବଂ ଅଷ୍ଟ୍ରେଲିଆ ବିରୋଧ କରୁଛି ଜାପାନକୁ। ଚାଇନା ଯେମିତି ଭାରତକୁ ବିରୋଧ କରେ ସେମିତି ଜାପାନକୁ ମଧ୍ୟ ବିରୋଧ କରିବା ସ୍ୱାଭାବିକ। ବିନା ସର୍ବ ସମ୍ମତିରେ ସୁରକ୍ଷା ପରିଷଦର ପୁନର୍ଗଠନ ହୋଇପାରିବ ନାହିଁ। ବିଶେଷ କରି ଚାଇନାର ଆମ ପ୍ରବେଶ ଉପରେ ଭିଟୋ ପ୍ରୟୋଗର କ୍ଷମତା ରହିଛି। ତାହାର କ୍ଷମତା ଆମ ସହ ଶେୟାର କରିବାକୁ ଚାହିଁବ ବୋଲି ଭାବିବା ଏକ ଭ୍ରମ। ଇଂଲଣ୍ଡ ଓ ଫ୍ରାନ୍ସର ଯାହା କିଛି କ୍ଷମତା ରହିଛି ତାହାକୁ ସେମାନେ ଅନ୍ୟ ଦେଶ ସହ ଶେୟାର କରିବାକୁ କେବେ ବି ଚାହିଁବେ ନାହିଁ। ତେବେ ଭାରତ କ'ଣ ବା କରିପାରିବ। କେବଳ ହତାଶ ହେବା ବ୍ୟତୀତ ଆଉ କିଛି କରିପାରିବ ନାହିଁ। ଭାରତକୁ ଏହି ପଦବୀ ଦିଆ ନ ଯିବା ଉଚିତ ବୋଲି ପାକିସ୍ତାନ ସବୁବେଳେ ସବୁଆଡ଼େ କହୁଥିବାରୁ ହତାଶାଭାବ ଆହୁରି ବଢ଼ିବାରେ ଲାଗିଛି। ଆମ ପ୍ରାପ୍ୟ ଆମକୁ ଦିଆଯିବା ସହ ବୈଶ୍ୱିକ ସ୍ତରରେ ଶକ୍ତିଶାଳୀ ଦେଶଗୁଡ଼ିକ ସହ କାର୍ଯ୍ୟ କରିବାକୁ ଅନୁମତି ଦେବା ପାଇଁ ଆମେ ଦାବି କରିବା ଆବଶ୍ୟକ। କିନ୍ତୁ ଆମେ ପାକିସ୍ତାନ ଏବଂ ସୀମାପାର ସନ୍ତ୍ରାସବାଦ ଏବଂ ଆଉ କିଛି ଘଟଣା ଉପରେ ଧ୍ୟାନ ଦେଉଛୁ। ଆମ ଦୂରଦୃଷ୍ଟି ବାସ୍ତବରେ ସଂକୀର୍ଣ୍ଣ। ଜାତିସଂଘ ସାଧାରଣ ପରିଷଦରେ ବାର୍ଷିକ ସଭାରେ ଆମ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ବକ୍ତବ୍ୟରୁ ଯଦି ଆମେ ପାକିସ୍ତାନ ସମ୍ପର୍କିତ ସମାଲୋଚନାକୁ ବାଦ୍ ଦେବା ତେବେ ଆମ ଦାବିର କିଛି ଅର୍ଥ ରହିବ। ବିଶ୍ୱକୁ ଦେବା ଲାଗି ଆମ ପାଖରେ ଅନେକ କିଛି ରହିଛି। ପ୍ରଶ୍ନ ହେଉଛି ଭାରତ କାହିଁକି ସୁରକ୍ଷା ପରିଷଦରେ ଏକ ସ୍ଥାନ ଚାହୁଁଛି। ତେବେ ଦୁଇଟି କାରଣରୁ ଆମେ ସମ୍ମାନ ଚାହୁଁଛୁ ବୋଲି ଜଣାପଡୁଛି। ସେଥିମଧ୍ୟରୁ ଗୋଟିଏ ହେଲା ଆତ୍ମସୁରକ୍ଷା।

କଶ୍ମୀରରେ ଜନମତ ସଂଗ୍ରହ କରିବା ପ୍ରତିଶ୍ରୁତିକୁ ଭାରତ ରଦ୍ଦ କରିବା ପରେ ଆମେ ଅନେକ ଦଶନ୍ଧି ଧରି ନିଶ୍ଚିତ କରିବାକୁ ଚେଷ୍ଟା କଲୁ ଯେ, କଶ୍ମୀରରେ ଜନମତ ସଂଗ୍ରହକୁ ନେଇ ଜାତିସଂଘ ପ୍ରସ୍ତାବଗୁଡ଼ିକ ଶେଷ କିମ୍ବା ନିଷ୍କ୍ରିୟ ହୋଇଯାଇଛି। ଅନେକ ଭାରତୀୟ ଜାଣିନାହାନ୍ତି ଯେ ଜାତିସଂଘ ମିଲିଟାରି ପର୍ଯ୍ୟବେକ୍ଷକ ଗ୍ରୁପ ରହିଛି ଓ ପାକିସ୍ତାନ ସହ ଆମର ବିବାଦ ଉପରେ ନଜର ରଖିବାକୁ ଏହା ଭାରତରେ ରହିଛି। କଶ୍ମୀରରେ ଦମନକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଭାରତ ସବୁବେଳେ ଚାପର ସମ୍ମୁଖୀନ ହୋଇଛି ଏବଂ ଏକ ଭିଟୋ ହାସଲ କରି ଏହାକୁ ଟାଳିବାକୁ ଚେଷ୍ଟାରେ ରହିଛି। ଏହାକୁ ଛାଡ଼ିଲେ ଆମେ ପଦବୀ ଚାହିଁବାର ଆଉ କୌଣସି କାରଣ ନ ଥିବା ମନେହେଉଛି। ସୁରକ୍ଷା ପରିଷଦ ବାହାରେ ଆମେ କିଛି କରିପାରି ନ ଥିବାବେଳେ ସେଠାରେ ରହି ଆମେ କ'ଣ କରିପାରିବା ? ସୁରକ୍ଷା ପରିଷଦରେ ସ୍ଥାନ କିମ୍ବା ଆବଶ୍ୟକ ସେନା ନ ଥାଇ ବିଶ୍ୱରେ ଫ୍ରାନ୍ସ ଅପେକ୍ଷା ଜାପାନ ଓ ଜର୍ମାନୀ ଅତ୍ୟଧିକ ପ୍ରଭାବ ପକାନ୍ତି। ଅନ୍ୟପଟେ ସୁରକ୍ଷା ପରିଷଦର ୫ ସ୍ଥାୟୀ ସଦସ୍ୟ ଭିତରେ ରହି ଚାଇନା ବିକାଶ କରିନାହିଁ। ଏହା କେବଳ ସମ୍ଭବ ହୋଇଛି ତା'ର ଆର୍ଥିକ ଅଭିବୃଦ୍ଧି ଓ ବାଣିଜ୍ୟିକ କ୍ଷମତା ଏବଂ ବୃହତ୍ ଭିତ୍ତିଭୂମି ପ୍ରୋଜେକ୍ଟ ପାଇଁ। ଏହି ଶକ୍ତି ତା' ଭିଟୋ କ୍ଷମତା ଠାରୁ ଅଧିକ। କିନ୍ତୁ ଭାରତର ସମସ୍ୟା ହେଉଛି, ଏହାର ଆର୍ଥିକ ଶକ୍ତି ଚାଇନା ତୁଳନାରେ ଏକ ପଞ୍ଚମାଂଶ ; ଯେଉଁଥିପାଇଁ ଶୀର୍ଷ ପଦବୀରେ ବସିପାରୁନାହିଁ। ଯଦି ଆମ ପାଖରେ ଚାଇନା ଭଳି ଆର୍ଥିକ ଶକ୍ତି ରହିଥାଆନ୍ତା, ତେବେ ଆମେ ସୁରକ୍ଷା ପରିଷଦରେ ରହି ନ ଥିଲେ ମଧ୍ୟ ଆମର କିଛି ଅସୁବିଧା ହୋଇ ନ ଥାନ୍ତା। ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ଭାବେ ରହିବାକୁ ଆମେ ଆଶା କରିବାର ଦ୍ୱିତୀୟ କାରଣ ରହିଛି। ଜନସଂଖ୍ୟା ଏବଂ ସ୍ୱତନ୍ତ୍ର ଅସ୍ତିତ୍ୱସମ୍ପନ୍ନ ସମାଜକୁ ଆଧାର କରି ଏଥିପାଇଁ ଆମେ ହକଦାର ବୋଲି କହୁଛୁ। କିନ୍ତୁ ପ୍ରଥମଟିରେ ସଫଳ ହେବାର ସମ୍ଭାବନା ନାହିଁ। ଦ୍ୱିତୀୟଟିରେ ଅଧିକ କିଛି କହିବାର ନାହିଁ, କାରଣ ବିଗତ କିଛି ବର୍ଷ ହେବ ଭାରତର ବ୍ୟବହାର ଆମ ଦାବିକୁ ବ୍ୟର୍ଥ କରିଦେଇଛି।

ଆର୍ଥିକ ଦିଗରୁ ଆମ ଅଞ୍ଚଳକୁ ଆମେ ସଂଗଠିତ କରିପାରିନାହୁଁ। ଅନ୍ୟପକ୍ଷରେ ପଡ଼ୋଶୀମାନଙ୍କ ସହ ଶତ୍ରୁତାପୂର୍ଣ୍ଣ ସମ୍ପର୍କ ରହିଛି। ଜାତିସଂଘକୁ ଅର୍ଥ ଦେବାରେ ଆମେ ପୃଥିବୀର ସବୁଠୁ ଗରିବ ଦେଶ। ବର୍ଷକୁ ଆମେ ଜାତିସଂଘକୁ ୨୩ ମିଲିୟନ ଡଲାର ଦେଉଛୁ। ଏହା ଅଷ୍ଟ୍ରେଲିଆ, କାନାଡା, କୋରିଆ, ସ୍ପେନ, ନେଦରଲାଣ୍ଡ, ଇଟାଲୀ, ସୁଇଜରଲାଣ୍ଡ, ସୁଇଡେନ ଏବଂ ତୁର୍କୀଠାରୁ ମଧ୍ୟ କମ୍। ଇଂଲଣ୍ଡ ଏବଂ ଫ୍ରାନ୍ସ ଆମଠାରୁ ୫ଗୁଣ, ଜର୍ମାନୀ ୭ଗୁଣ, ଜାପାନ ୧୦ଗୁଣ, ଚାଇନା ୧୫ ଗୁଣ ଅଧିକ ଦେଉଛି। ୨୦୧୮ରେ ଆମେରିକା ୧୦ ବିଲିୟନ ଡଲାର ଦେଇଥିଲା ; ଯାହା ଆମଠାରୁ ୪୦୦ଗୁଣ ବେଶି। ଏହି କାରଣରୁ ସେମାନଙ୍କର କ୍ଷମତା ରହିଛି। ଭାରତ ସୁରକ୍ଷା ପରିଷଦରେ ରହିବାକୁ ଚାହୁଁଛି ସତ, କିନ୍ତୁ ଏହାର କାରଣ ସମ୍ପର୍କରେ ଆମ ଭିତରେ ଉଚିତ ଆଲୋଚନା ହେଉନାହିଁ। ଥରେ ଆମେ ଏହି ପଦବୀ ପାଇଲେ ତାହାକୁ ନେଇ କ'ଣ କରିବୁ ଏବଂ ତା'ର ମୂଲ୍ୟ, ଦାୟିତ୍ୱ କ'ଣ ରହିବ ସେ ବିଷୟରେ ବି ଆଲୋଚନା କରୁନାହୁଁ। କେବଳ ଏହା ଦରକାର ବୋଲି ଆମେ ଜାଣୁ ଓ ଆମକୁ ଏହା ଦିଆଯାଉ ବୋଲି ଦାବି କରୁ।

Email:aakar.patel@gmail.com

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 1 | | 2 | 3 | | 9 | |
| | | | 4 | | | | 5 | |
| | | | 5 | | 9 | | | 2 |
| | | 8 | | | | | | 6 |
| | | | 8 | | | | 7 | |
| 1 | | | | 4 | | | | |
| 6 | | | 3 | | | | | 5 |
| | 2 | | | | | | | |
| | | | 6 | | 8 | 1 | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 2 | 7 | 8 | 1 | 6 | 9 |
| 9 | 8 | 2 | 1 | 3 | 6 | 5 | 7 | 4 |
| 7 | 6 | 1 | 5 | 9 | 4 | 2 | 8 | 3 |
| 2 | 9 | 8 | 4 | 1 | 7 | 6 | 3 | 5 |
| 1 | 7 | 6 | 3 | 5 | 9 | 8 | 4 | 2 |
| 3 | 5 | 4 | 6 | 8 | 2 | 7 | 9 | 1 |
| 8 | 4 | 9 | 7 | 2 | 1 | 3 | 5 | 6 |
| 5 | 1 | 7 | 9 | 6 | 3 | 4 | 2 | 8 |
| 6 | 2 | 3 | 8 | 4 | 5 | 9 | 1 | 7 |

ଗତ କାଲିର ଉତ୍ତର

# ସଂକଟରେ ବନ୍ୟପ୍ରାଣୀ



**ଡ. ସିଦ୍ଧାର୍ଥ କାନୁନ୍‌ଗୋ**

ସମ୍ପ୍ରତି ହାତୀମୃତ୍ୟୁ ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଛି। ପ୍ରାୟ ପ୍ରତ୍ୟେକ ଦିନ କୌଣସି ନା କୌଣସି ସ୍ଥାନରେ ହାତୀମୃତ୍ୟୁ ଶିକାରଜନିତ ହେଉ ବା ଦୁର୍ଘଟଣାଜନିତ ହେଉ ଘଟୁଛି। କେବଳ ହାତୀମୃତ୍ୟୁ ନୁହେଁ, ବାଘ ଓ ହରିଣ ଶିଙ୍ଗ ତଥା ବଜ୍ରକାପ୍ତା ଚୋରାଚାଲାଣ ଖବର ମଧ୍ୟ ପ୍ରକାଶ ପାଉଛି। ଏହିସବୁ ବନ୍ୟ ସମ୍ପଦକୁ ସବୁଦିନ ଲୋପ କରିବାକୁ ଅହରହ ଚେଷ୍ଟା ଚଳାଇଛନ୍ତି କିଛି ଅପରିଣାମଦର୍ଶୀ ଲୋକ। କେବଳ ତାଙ୍କୁ ଯେ ଜଙ୍ଗଲ ବିଭାଗ କର୍ମଚାରୀ ଏବଂ ପୁଲିସର ପ୍ରୋତ୍ସାହନ ମିଳୁନାହିଁ ତାହା କହିହେବ ନାହିଁ। ଆମେ କେବଳ ଏତିକି କହିପାରୁ, ବାଡ଼ ଯେବେ ଫସଲ ଖାଏ, ତେବେ ଆମେ ଆଉ କ'ଣ କରିପାରିବା ?

ଗତ ଅଗଷ୍ଟ ୨୦୨୨ରେ ଶେଷ ହୋଇଥିବା ବିଧାନସଭା ଅଧିବେଶନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ହାତୀମୃତ୍ୟୁକୁ ନେଇ ଯେଉଁ ବିଶଦ ତଥ୍ୟ ରଖିଛନ୍ତି, ତାହା ନିଶ୍ଚିତ ଭାବେ ଉଦ୍‌ବେଗଜନକ। ମନ୍ତ୍ରୀଙ୍କ କହିବାନୁସାରେ ୨୦୧୯–୨୦ ଆର୍ଥିକ ବର୍ଷକୁ ମିଶାଇ ଗତ ୩ବର୍ଷରେ ହାତୀମୃତ୍ୟୁ ସଂଖ୍ୟା ୮୨। ୨୦୨୦–୨୧ରେ ଯଥାକ୍ରମେ ୭୭ ଏବଂ ୨୦୨୧–୨୨ରେ ସର୍ବାଧିକ ୮୬ଟି ହାତୀ ଏହିପରି ମୋଟ ୨୪୫ ହାତୀ ବିଗତ ପାଞ୍ଚ ବର୍ଷ ମଧ୍ୟରେ ମୃତ୍ୟୁମୁଖରେ ପଡ଼ିଛନ୍ତି। ଏଥିରୁ ଏକଦଶମାଂଶ ମନୁଷ୍ୟକୃତ। ତାଙ୍କ କହିବାନୁସାରେ ହାତୀମୃତ୍ୟୁର କାରଣ ହେଉଛି– (୧) ଟ୍ରେନ୍ ଧକ୍କା, (୨) ବିଦ୍ୟୁତ ଆଘାତ, (୩) ବିଷକ୍ରିୟା, (୪) ଶିକାରଏବଂ (୫) ପ୍ରାକୃତିକ ମୃତ୍ୟୁ।

ଜଙ୍ଗଲ ମାଫିଆଙ୍କ ଦ୍ୱାରା ଜଙ୍ଗଲ କାଟି ସଫା କରାଯାଉଥିବାରୁ ହାତୀମାନେ ଜନବସତି ଆଡ଼କୁ ମୁହାଁଉଛନ୍ତି। ସୁତରାଂ ବାଟରେ ଆସିଲା ବେଳେ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରୁଛନ୍ତି। ଏତଦ୍‌ବ୍ୟତୀତ ଶିକାରୀମାନେ ହାତୀଦାନ୍ତ ଲୋଭ ପାଇଁ ବିଦ୍ୟୁତ ତାର ଘେରେଇଥା'ନ୍ତି ବା ଶିକାର କରିଥା'ନ୍ତି। ଯେତେ ସତର୍କ ଏବଂ ତାଗିଦା କଲେ ମଧ୍ୟ ପ୍ରତିବର୍ଷ ଟ୍ରେନ୍ ଧକ୍କାଜନିତ ହାତୀମୃତ୍ୟୁ ବଢୁଛି ସିନା କମୁନାହିଁ ଏବଂ ଶିକାର ତ ଅବାଧ ଗତିରେ ଚାଲିଛି। ହାତୀମୃତ୍ୟୁର ଶିକାର ପାଇଁ ବନ କର୍ମଚାରୀ ଗିରଫ ମଧ୍ୟ ହୋଇଛନ୍ତି। କେତେଜଣଙ୍କୁ ନିଲମ୍ବିତ ମଧ୍ୟ କରାଯାଇଛି। କିଛିଦିନ ଏହି ବାବୁମାନେ ଘରେ ବସିବେ ଏବଂ ଅଧା ଦରମା ପାଇବେ। ପରିଶେଷରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେବେ ଏବଂ ସରକାରଙ୍କଠାରୁ ସମସ୍ତ ପ୍ରାପ୍ୟ ପାଇବେ। ଦଣ୍ଡହାର କ୍ୱଚିତ ହେଉଥିବାରୁ ଏ ଦିଗରେ ହାତୀମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି ସିନା କମିବାର ନାଁ ଗନ୍ଧ ନେଉନାହିଁ।

ପୁନଶ୍ଚ ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗକୁ ଯେତେ ସତର୍କ କରାଗଲେ ମଧ୍ୟ ଉଭୟେ ପରସ୍ପର ବିରୋଧରେ ଆରୋପ ଆଣି ନିଜକୁ ଦୋଷମୁକ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଯାହା ଜଣାପଡୁଛି, ଏ ଦିଗରେ ଆମମାନଙ୍କର ସମ୍ବେଦନଶୀଳତା ଯଥେଷ୍ଟ କମ୍। ବିଷକ୍ରିୟା ଓ ବନ୍ଧୁକ ଗୁଳିଜନିତ ହାତୀମୃତ୍ୟୁ ଲୋଭୀ ଅମଣିଷ ଦ୍ୱାରା ହେଉଛି। ସବୁଠାରୁ ଉଦ୍‌ବେଗଜନକ କଥା ହେଲା, ଅମାନବୀୟ ଭାବେ ହାତୀକୁ ଶିକାର କରାଯାଉଥିଲେ ମଧ୍ୟ ଜଙ୍ଗଲ କର୍ମଚାରୀଙ୍କ ପରବର୍ତ୍ତୀ ପଦକ୍ଷେପ ଅତ୍ୟନ୍ତ ଜଟିଳ ଏବଂ କଠିନ ହୋଇଥିବାରୁ ଓ ସର୍ବୋପରି ଉଚ୍ଚ କର୍ମକର୍ତ୍ତାମାନେ ଏଥିରେ ନୀରବ ରହି ତଳ କର୍ମଚାରୀଙ୍କୁ ପ୍ରୋତ୍ସାହନ ଦେଉଥିବାର ସନ୍ଦେହ କରାଯାଏ। ନିକଟ ଅତୀତରେ ଆଠଗଡ଼ ଡିଭିଜନରେ ଏକ ଗୁଳିବିଦ୍ଧ ଦନ୍ତାର ମୃତ୍ୟୁ ଏବଂ ମୃତ ହାତୀର କଙ୍କାଳ ଉଦ୍ଧାର ଘଟଣାରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ ୬ ଜଣଙ୍କୁ ଗିରଫ କରିଛି ଓ ଦୁଇଜଣ ଫରେଷ୍ଟର ଏ ଘଟଣା ପରେ ଗାଏବ ହୋଇ ଯାଇଥିଲେ। ତନ୍ମଧ୍ୟରୁ ଜଣକୁ ପୋଲିସ ଗିରଫ କରିଛି ଏବଂ ଅନ୍ୟ ଜଣେ ଫରେଷ୍ଟରଙ୍କୁ ବିଭାଗ ନିଲମ୍ବନ କରିଛି। ଏଠି ପ୍ରଶ୍ନ ଉଠୁଛି, ରକ୍ଷକ ଯଦି ଭକ୍ଷକ ହୁଏ, ସେ କ୍ଷେତ୍ରରେ ଆମେ କାହାକୁ କହିବା।



ଆମ କଥାଟି ଏତିକିରେ ସରିନାହିଁ। ସମ୍ବଲପୁର ଜିଲା ପଡ଼ିଆବାହାଲ ଜଙ୍ଗଲ ଡିଭିଜନ ବଡ଼ସାହି ରେଞ୍ଜର, ଜୁଜୁମରା ବ୍ଲକ୍ ସାପଲାହାର ଗ୍ରାମରେ ପୋଖରୀକୁ ପାଣି ପିଇବାକୁ ଆସିଥିବା ଏକ ବାର ବର୍ଷୀୟ ଦନ୍ତାହାତୀ ୨୨ ଜୁନ୍ ୨୦୨୨ରେ ମୃତ୍ୟୁବରଣ କଲା। ହାତୀର ଶରୀରରେ ଏତେବଡ଼ କ୍ଷତ ହୋଇଥିଲା ଯେ ତାହା ସଂକ୍ରମିତ ହେଲା ପରେ ବିକଳରେ ହାତୀଟି ପାଣିରେ ପଶି ଯାଇଥିଲା ଏବଂ ଦୁର୍ଘଟଣାବଶତଃ ଆଉ ବାହାରି ପାରିନଥିଲା। କିଛିଦିନ ମୃତ୍ୟୁ ସହ ସଂଗ୍ରାମ କରି ମୃତ୍ୟୁବରଣ କଲା। କେବଳ ହାତୀ ନୁହେଁ, କେଉଁଠି ନା କେଉଁଠି ଚିତ୍ତା ବାଘ, ମହାବଳ ବାଘ ଚମଡ଼ା ଓ ଦାନ୍ତ, ଜୀବନ୍ତ ବଜ୍ରକାପ୍ତା ଓ ତା'ର କାତି, ହରିଣ ଛାଲ ଓ ଶିଙ୍ଗ ଏବଂ ଜିଅନ୍ତା କଇଁଛ ଆଦି ରାଜ୍ୟ ବାହାରକୁ ତଥା ବିଦେଶକୁ ଚାଲାଣ ହେଉଥିବା ଖବର ପ୍ରକାଶ ପାଉଛି। ସମୟେ ସମୟେ ଧରପଗଡ଼ ହେତୁ ଶିକାରୀ ଏବଂ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ଗିରଫ ହୋଇ କୋର୍ଟ ଚାଲାଣ ହେଉଛନ୍ତି, ମାତ୍ର ଫଳ ହେଉଛି ଶୂନ। ଆମ ରାଜ୍ୟରେ ଜଙ୍ଗଲଜାତ ଦ୍ରବ୍ୟ, ଜଙ୍ଗଲୀ ଜୀବଜନ୍ତୁ ଚାଲାଣ ଏବଂ ଚୋରାକାଠ ଚାଲାଣ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ମଝିରେ ମଝିରେ ଆମ ବିଚାରରେ ଲୋକଦେଖାଣିଆ ଧରପଗଡ଼ ହେଉଛି। ଜାଣିଶୁଣି ଜଙ୍ଗଲ ବିଭାଗ ଓ ପୋଲିସ ବିଭାଗ ଦୁର୍ବଳ ଦଫା ଲଗାଇବା ଦ୍ୱାରା କିମ୍ବା କିଛି ଲାଞ୍ଚୁଆ କର୍ମଚାରୀଙ୍କ ଯୋଗୁ ଏତେସବୁ ବ୍ୟବସ୍ଥା ଥାଇ ମଧ୍ୟ ଏକଥା ଏପରି ଅବାଧ ଗତିରେ ଚାଲୁଛି। ଦିନକୁଦିନ କାଠମାଫିଆ ଏତେ ପ୍ରବଳ ହେଲେଣି ଯେ, କର୍ମଚାରୀଙ୍କୁ ଧମକାଇବା, ବାଡ଼େଇବା ଏବଂ ଗୁଳିମାରିବା ଇତ୍ୟାଦି ଖବର ପ୍ରକାଶ ପାଉଛି। ଏହା ସହିତ ତାଳଦେଇ ବନ୍ୟଜନ୍ତୁ ଚୋରାଚାଲାଣ ବଢ଼ିଚାଲିଛି ; ଯାହା ଆମେ ପୂର୍ବରୁ କହିସାରିଛୁ। କେଉଁଠି କେଉଁ ଜନ୍ତୁ ଓ ଶିକାର ରହିଛନ୍ତି, ତାହା କେବଳ ଏ ଶିକାରୀମାନଙ୍କୁ ହିଁ ଜଣା। ସେମାନେ ଖବର ପାଉଛନ୍ତି କିପରି? ଏଥିରେ କ'ଣ ଜଙ୍ଗଲ କର୍ମଚାରୀଙ୍କର କିଛି ହାତ ନାହିଁ? ଏମାନେ କ'ଣ ସନ୍ଦେହରୁ ଊର୍ଦ୍ଧ୍ୱରେ ? ଏସବୁ ଅନେକ ପ୍ରଶ୍ନ ଆମମାନଙ୍କ ମନରେ ଉଙ୍କି ମାରୁଛି।

ଏଠାରେ ପ୍ରଶ୍ନ ଉଠେ ଯେ, ଓଡ଼ିଶାରେ ତିନୋଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଶିମିଳିପାଳ, ସାତକୋଶିଆ ଓ ସୁନାବେଡ଼ାରେ ଅଛି। କେବଳ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ବର୍ଷକୁ ଏ ଦିଗରେ ୪ ରୁ ୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ୨୦୧୫ର ପରିସଂଖ୍ୟାନ କହୁଛି ଓଡ଼ିଶାରେ ମହାବଳ ବାଘଙ୍କ ସଂଖ୍ୟା ୨୮। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ସବୁ ରାଜ୍ୟକୁ ଯଥେଷ୍ଟ ଅର୍ଥ ଓ ଜ୍ଞାନ କୌଶଳ ଯୋଗାଇ ଦେଉଥିବା ବେଳେ କିଛି ରାଜ୍ୟ ଯଥା– ମହାରାଷ୍ଟ୍ର, କର୍ନାଟକ, ମଧ୍ୟପ୍ରଦେଶ ଓ କେରଳରେ ବାଘସଂଖ୍ୟା ବଢୁଥିବାବେଳେ ଓଡ଼ିଶାରେ କାହିଁକି ଏମାନଙ୍କ ସଂଖ୍ୟା ସେହି ୨୮ରେ ସୀମିତ ରହିଛି। ଏସବୁ କଥା କ'ଣ ବନ ବିଭାଗର ଅପାରଗତାକୁ ଦର୍ଶାଉନାହିଁ କି ?

ଏବେ ଆସନ୍ତୁ ଗୋଟିଏ ହରିଣ ବିଷୟରେ ଆଲୋଚନା କରିବା। ଶିକାରୀମାନେ ଯଥେଷ୍ଟ ଲାଭ ପ୍ରତ୍ୟାଶାରେ ମାଂସ ପାଇଁ ହରିଣ ଶିକାର କରୁଥିବା ବେଳେ ତା'ର ଚମଡ଼ାକୁ ଆନ୍ତର୍ଜାତିକ ବଜାରକୁ ଚୋରା ଚାଲାଣ କରୁଛନ୍ତି। ସେଠି ଏହାର ମୂଲ୍ୟ କାହିଁରେ କ'ଣ। ସେହିପରି ବଜ୍ରକାପ୍ତା କାତିରୁ ଓ ଅନ୍ୟାନ୍ୟ ଅଂଶରୁ ଔଷଧ ପ୍ରସ୍ତୁତ ହେଉଛି ଚାଇନା ଓ ଅନ୍ୟ କିଛି ଦେଶରେ। ଶିକାରୀ ଓ ଚୋରା ଚାଲାଣକାରୀମାନେ ବଜ୍ରକାପ୍ତାକୁ ଯେପରି ଧରି ଚୋରାଚାଲାଣ କରୁଛନ୍ତି, ସେଥିରୁ ଜଣାପଡୁଛି ଏମାନେ ଅଳ୍ପ କିଛିଦିନ ଭିତରେ ବଜ୍ରକାପ୍ତାର ବଂଶ ସମ୍ପୂର୍ଣ୍ଣ ଭାବେ ବୁଡ଼ାଇଦେବେ।

ପରିଶେଷରେ ଆମେ ଯଦି ସଚେତନ ନ ହେବା, ତା'ହେଲେ ଆଉ କାହାକୁ କହିବା? ଏଠାରେ ଗୋଟିଏ ଆପ୍ତବାକ୍ୟ ମନେପଡୁଛି– ଚେଇଁ ଶୋଇଥିବ ଯିଏ ; ତାକୁ ଉଠାଇବ କିଏ ?

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଚୈତନ୍ୟ ଧାମ, ଶବରସାହି, ଭୁବନେଶ୍ୱର
ମୋ: ୯୪୩୮୦୭୨୮୫୦

# ଚିତ୍ରଣ ସାମ୍ବାଦିକା

## ବ୍ୟକ୍ତିତ୍ୱ



ଫାହମିଦା ଅଜିମ୍

ଖବରକାଗଜ, ପତ୍ରିକା, ଗୀତ ସଂଯୋଜନା, ଅନ୍‌ଲାଇନ ସାମ୍ବାଦିକତା ଓ ସାହିତ୍ୟ ଆଦି କ୍ଷେତ୍ରର ୨୧ଟି ବର୍ଗରେ ଉତ୍କର୍ଷଲାଭ କରିଥିବା ବ୍ୟକ୍ତିଙ୍କୁ ପ୍ରତିବର୍ଷ ପୁଲିଜର ସମ୍ମାନ ପ୍ରଦାନ କରାଯାଇଥାଏ। ହଙ୍ଗେରୀୟ–ଆମେରିକୀୟ ରାଜନୀତିଜ୍ଞ ତଥା ଖବରକାଗଜ ପ୍ରକାଶକ ଯୋଶେଫ୍ ପୁଲିଜର ତାଙ୍କ ଉଇଲ୍‌ରେ ଉଲ୍ଲେଖ କରିଥିବା ବିଷୟ ଅନୁଯାୟୀ ୧୯୧୭ରେ ପ୍ରତିଷ୍ଠିତ ଏହି ପୁରସ୍କାର ପ୍ରତିବର୍ଷ ଦିଆଯାଇଆସୁଛି। ୨୦ଟି ବର୍ଗର ପ୍ରତ୍ୟେକ ବିଜେତାଙ୍କୁ ୧୫,୦୦୦ ଆମେରିକୀୟ ଡଲାର ଓ ଏକ ପ୍ରମାଣପତ୍ର ଦିଆଯାଉଥିବା ବେଳେ ସମାଜସେବା କ୍ଷେତ୍ରରେ ମନୋନୀତ ବ୍ୟକ୍ତିଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଥାଏ। ଆମେରିକାର ଅନ୍‌ଲାଇନ ପତ୍ରିକା 'ଇନ୍‌ସାଇଡର' ପାଇଁ କାର୍ଯ୍ୟ କରୁଥିବା ବାଂଲାଦେଶ ଜନ୍ମିତ ଫାହମିଦା ଅଜିମ୍‌ଙ୍କୁ 'ଇଲଷ୍ଟ୍ରେଟେଡ୍ ରିପୋର୍ଟିଂ ଆଣ୍ଡ କମେଣ୍ଟ୍ରି' ବର୍ଗରେ ୨୦୨୨ ପୁଲିଜର ପୁରସ୍କାର ଲାଗି ଚୟନ କରାଯାଇଛି। ନ୍ୟୁୟର୍କରୁ ପ୍ରକାଶ ପାଉଥିବା 'ଇନ୍‌ସାଇଡର'ରେ କାର୍ଯ୍ୟରତ ସାମ୍ବାଦିକ ଆନ୍ଥୋନୀ ଡେଲ୍ କୋଲ୍, ଜୋସ୍ ଆଡାମ୍ସ ଏବଂ ୱାଲ୍ଟ ହିକ୍କି ମଧ୍ୟ ପୁଲିଜର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଚାରିଜଣ ଚାଇନାର ଉଇଗୁରରେ ଥିବା ମୁସଲମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ବନ୍ଧୀୟ ବହୁ ବିଷୟ ଲୋକଲୋଚନକୁ ଆଣିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଛନ୍ତି। ତେବେ ଫାହମିଦା 'ହାଓ ଆଇ ଏସ୍କେପ୍‌ଡ ଏ ଚାଇନିଜ୍ ଇଣ୍ଟର୍ନମେଣ୍ଟ କ୍ୟାମ୍ପ' ଶୀର୍ଷକ କରିଥିବା ଇଲଷ୍ଟ୍ରେଶନ ବା ରେଖା/ଚିତ୍ରାଙ୍କନ ସମ୍ବନ୍ଧୀୟ ରିପୋର୍ଟିଂ ବିଚାରକମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଥିବାରୁ ତାଙ୍କ କାର୍ଯ୍ୟ ଅଧିକ ଆଲୋଚିତ ହେଉଛି।

ବାଂଲାଦେଶରେ ଜନ୍ମିତ ଫାହମିଦା ଆମେରିକାରେ ରହୁଛନ୍ତି। ତାଙ୍କୁ ଯେତେବେଳେ ୬ ବର୍ଷ ବୟସ ହୋଇଥିଲା ପରିବାର ଆମେରିକାର ଭର୍ଜିନିଆକୁ ଚାଲିଯାଇଥିଲେ। ସାମ୍ବାଦିକତା ବୃତ୍ତିରେ ପରିଚିତି ହାସଲ କରିପାରିଥିଲେ ହେଁ ଜଣେ ଚିତ୍ରକର ଓ ଗାଳ୍ପିକା ଭାବେ ସୃଜନ ପରିମଣ୍ଡଳରେ ସେ ଜଣାଶୁଣା। ପରିଚୟ, ସଂସ୍କୃତି ଓ ସ୍ୱାୟତ୍ତତା ସମ୍ବନ୍ଧୀୟ ବିଷୟବସ୍ତୁ ତାଙ୍କ କାର୍ଯ୍ୟର କେନ୍ଦ୍ରସ୍ଥଳୀ ପାଲଟିଯାଇଛି। 'ଏନ୍‌ପିଆର୍', 'ଗ୍ଲାମର', 'ସାଇଣ୍ଟିଫିକ୍ ଆମେରିକାନ୍', 'ଇଣ୍ଟରସେପ୍ଟ', 'ଭାଇସ୍' ଓ 'ଦି ନ୍ୟୁୟର୍କ ଟାଇମ୍ସ' ଆଦି ବହୁ ଅନ୍ତର୍ଜାତୀୟ ପତ୍ରିକା ଓ ଖବରକାଗଜରେ ତାଙ୍କ କଳାକୃତି ଦେଖିବାକୁ ମିଳିଥାଏ। ନିଜ ପୁସ୍ତକ 'ମୁସ୍‌ଲିମ ଓମେନ୍ ଆର୍ ଏଭ୍ରିଥିଙ୍ଗ୍' ସହ ଅନେକ ପୁସ୍ତକରେ ସେ ଚିତ୍ର ଅଙ୍କନ କରିଛନ୍ତି। ଅନ୍ୟ ପ୍ରତିଯୋଗୀ ଗଣମାଧ୍ୟମ କ'ଣ ପ୍ରକାଶ କରୁଛନ୍ତି ଓ କିଭଳି ଟିଆର୍‌ପି ପଛରେ ଧାଉଁଛନ୍ତି, ସେଥିରେ ବିଚଳିତ ନ ହୋଇ ସକାରାତ୍ମକ ସାମ୍ବାଦିକତା ଦିଗରେ ଫାହମିଦା ଓ ତାଙ୍କ ଟିମ୍ କାର୍ଯ୍ୟ କରିଥାଏ ବୋଲି ସେ କହିଥାଆନ୍ତି। ବରଂ ନିଷ୍ପେଷିତଙ୍କ କାହାଣୀକୁ ଲୋକଲୋଚନକୁ ଆଣିବାରେ ଆନନ୍ଦ ପାଇଥାଆନ୍ତି। ଏଥିସହିତ ଯେଉଁମାନେ କଠିନ ପରିଶ୍ରମ କରି ଜୀବନରେ ସଫଳତା ହାସଲ କରିଥାଆନ୍ତି, ସେହିଭଳି ବ୍ୟକ୍ତିତ୍ୱଙ୍କ ବିଷୟରେ ବର୍ଣ୍ଣନା କରିବା ଦ୍ୱାରା ସେଥିରୁ ଅନେକେ ଅନୁପ୍ରାଣିତ ହୋଇଥାଆନ୍ତି ବୋଲି ସେ କହିଛନ୍ତି। ବୃହତ୍ ଗଣମାଧ୍ୟମର ଲେନ୍ସ ବାହାରକୁ ସାଧାରଣତଃ ଏହି ବିଷୟ ଚାଲିଯାଉଥିବାରୁ ସେଗୁଡ଼ିକୁ ନିଜ ରିପୋର୍ଟିଂ, ଲେଖା ଓ ରେଖାଚିତ୍ରରେ ସ୍ଥାନିତ କରିପାରିଥିବାରୁ କ୍ୟାରିୟର ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇଥାଏ ଏବଂ ସେଥିରୁ ପ୍ରଚୁର ଆନନ୍ଦ ମିଳିଥାଏ ବୋଲି ଫାହମିଦା କହିଛନ୍ତି। ସେଥିପାଇଁ ସାମ୍ବାଦିକତା ତାଙ୍କ ପାଇଁ ବୃତ୍ତି ନୁହେଁ, ଏକ ଆବେଗ ପାଲଟିଯାଇଛି ବୋଲି କହିଥାଆନ୍ତି।

ବାଂଲାଦେଶରେ ଜନ୍ମିତ ଓ ପୁଲିଜର ପୁରସ୍କାର ପାଇବାରେ ଫାହମିଦା ହେଉଛନ୍ତି ତାଙ୍କ ଦେଶର ଦ୍ୱିତୀୟ ବ୍ୟକ୍ତି। ୨୦୧୮ରେ ମହମ୍ମଦ ପୋନିର ହୋସେନ୍ ରଏଟର ଫଟୋଗ୍ରାଫି ଷ୍ଟାଫ୍ ଭାବେ 'ଫିଚର ଫଟୋଗ୍ରାଫି' ବର୍ଗରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇଥିଲେ। ତେବେ 'ହାଓ ଆଇ ଏସ୍କେପ୍‌ଡ ଏ ଚାଇନିଜ୍ ଇଣ୍ଟର୍ନମେଣ୍ଟ କ୍ୟାମ୍ପ'ର ରେଖାଙ୍କିତ ରିପୋର୍ଟିଂ ଗତବର୍ଷ ଡିସେମ୍ବର ୨୮ରେ ପ୍ରକାଶ ପାଇବା ପରେ ବିଶ୍ୱବ୍ୟାପୀ ଚହଳ ପକାଇଥିଲା। ପୁଲିଜର ୱେବ୍‌ସାଇଟ୍ ଏହା ଉପରେ ଟିପ୍ପଣୀ ଦେବାକୁ ଯାଇ ଉଲ୍ଲେଖ କରିଛି ଯେ, ଉଇଗୁରରେ ଚାଇନା ସରକାର ଯେଭଳି ଭାବେ ମୁସଲମାନଙ୍କ ଉପରେ ଅତ୍ୟାଚାର ଜାରି ରଖିଛନ୍ତି, ତାହାକୁ ଗ୍ରାଫିକ୍ ରିପୋଟେଜ୍ ଓ କମିକ୍ସ ମିଡିୟମ୍‌ରେ ପ୍ରକାଶ କରାଯିବା ଦ୍ୱାରା ତାହାର ପହୁଞ୍ଚ ଦିଗବିଦିଗ ହୋଇପାରିଛି। କଳାକାର ତଥା ସାମ୍ବାଦିକ ଭାବେ ସେ ଏକ ବିଷୟକୁ ଯେଭଳି ଚିତ୍ରିତ କରି ଚାରିଆଡୁ ପ୍ରଶଂସା ସାଉଁଟି ପାରିଛନ୍ତି, ସେହି ଶୈଳୀ ନିଶ୍ଚିତ ଭାବେ ଏକ ନୂଆ ଧାରା ସୃଷ୍ଟି କରିଛି।

ଅତୀତକୁ ମନେପକାଇ ଫାହମିଦା କହିଛନ୍ତି, ସେ ପିଲାଦିନୁ କଳା ଅନୁରାଗୀ ଥିଲେ। ତାଙ୍କ କ୍ୟାରିୟରକୁ ସହଜରେ ସ୍ୱୀକୃତି ମିଳି ନ ଥିଲା। ହେଲେ ସେ ନିଜ ସଉକରେ ଜଡ଼ି ରହିଥିଲେ। ଏବେ କମ୍ପ୍ୟୁଟରରେ ଗ୍ରାଫିକ୍ସ କରି ସୁନାମ ଅର୍ଜନ କରିଥିଲେ ମଧ୍ୟ ପୁରୁଣା ଦିନର ହାତଅଙ୍କା ଚିତ୍ର ପ୍ରତି ରହିଛି ଅନେକ ଦୁର୍ବଳତା। 'ସିକ୍ସ ୱାର୍ଲ୍ଡ ଷ୍ଟୋରିଜ୍' ଓ '୧୦୦୧ ନାଇଟ୍ସ' ଭଳି ବଡ଼ ପ୍ରକଳ୍ପରେ କାମ କରିଥିଲେ ହେଁ ସମୟ ମିଳିଲେ ହାତରେ ଚିତ୍ର ଆଙ୍କି ସେ ଅନେକଙ୍କୁ ମୁଗ୍ଧ କରିଦେଇଥାଆନ୍ତି। 'ସମିରା ସର୍ଫ' ପୁସ୍ତକରେ ଇଲଷ୍ଟ୍ରେଶନ କରି ଚର୍ଚ୍ଚିତ ହେବା ପରେ ଚଳିତବର୍ଷ ପ୍ରାରମ୍ଭରେ 'ଗୋଲ୍‌ଡେନ୍ କାଇଟ୍' ପୁରସ୍କାର ପାଇପାରିଛନ୍ତି। ଏବେ ସେ ନିଜର ପ୍ରଥମ ସୋଲୋ ଗ୍ରାଫିକ୍ ନଭେଲ 'ମେଗା ମେଘା' କାର୍ଯ୍ୟରେ ବ୍ୟସ୍ତ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବିହାର ପୋଲିସର ମହିଳା କନ୍‌ଷ୍ଟେବଳ ବବ୍‌ଲି କୁମାରୀଙ୍କ କାହାଣୀ ପ୍ରତ୍ୟେକଙ୍କ ପାଇଁ ଏକ ପ୍ରେରଣା। ଦୁଇ ଶିଶୁକନ୍ୟାଙ୍କ ଦାୟିତ୍ୱ ତୁଲାଇ ସେ ବିହାର ଜନସେବା ଆୟୋଗର ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଏସ୍‌ପି ହୋଇପାରିଛନ୍ତି। ବିହାର ଗୟା ଜିଲାର ବବ୍‌ଲି ଏହି ସ୍ତରରେ ପହଞ୍ଚିବା ପାଇଁ ଦୀର୍ଘ ସମୟ ଧରି ସଂଘର୍ଷ କରିଥିଲେ। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ପିତାଙ୍କ ପାଞ୍ଚ ପିଲାଙ୍କ ମଧ୍ୟରୁ ସେ ବଡ଼ ହୋଇଥିବାରୁ ଘରର ଆବଶ୍ୟକତା ପୂରଣ ପାଇଁ ତାଙ୍କୁ ଶୀଘ୍ର ଚାକିରି ଦରକାର ଥିଲା । ଉଚ୍ଚ ସ୍ୱପ୍ନ ଦେଖିବା ସତ୍ତ୍ୱେ ୨୦୧୫ରେ ସେ ବିହାର ପୋଲିସର ଜଣେ କନଷ୍ଟେବଳ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବବ୍‌ଲି କୁମାରୀ ବିବାହ କରିଥିଲେ। କନ୍‌ଷ୍ଟେବଳ ଓ ଘରର ଦାୟିତ୍ୱକୁ ବହନ କରି ସେ ବିହାର ଜନସେବା ଆୟୋଗର ସିଭିଲ ସର୍ଭିସ ପରୀକ୍ଷା ପାଇଁ ନିଜର ପ୍ରସ୍ତୁତି ଜାରି ରଖିଥିଲେ ଏବଂ ତୃତୀୟ ପ୍ରୟାସରେ ସଫଳ ହୋଇଥିଲେ। ଏହି ଅବସ୍ଥାରେ ପହଞ୍ଚିବା ପାଇଁ ପରିବାର ଏବଂ ସ୍ୱାମୀଙ୍କଠାରୁ ବହୁ ସମର୍ଥନ ପାଇଥିଲେ। ବିପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବେଗୁସରାଇ ଏସ୍‌ପି ଯୋଗେନ୍ଦ୍ର କୁମାର କାର୍ଯ୍ୟାଳୟକୁ ଡାକି ବବ୍‌ଲିଙ୍କୁ ସମ୍ମାନିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୮ ଅଗଷ୍ଟ ୧୯୯୭**

- ପାକିସ୍ତାନର ଅଧିକାଂଶ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ୪୦୦ ଗ୍ରାମ ଜଳମଗ୍ନ ହେବା ସହ ୩୨ ଜଣଙ୍କ ମୃତ୍ୟୁ।
- ଉତ୍ତର ଶ୍ରୀଲଙ୍କାରେ ନିରାପତ୍ତା ବାହିନୀ ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୧୦ ଉଗ୍ରବାଦୀଙ୍କ ସମେତ ୩୫ ନିହତ।
- ଜନତା ଦଳରେ ପ୍ରଥମକରି ଉପସଭାପତି ପଦ ସୃଷ୍ଟି କରାଯାଇ ଏହି ପଦରେ ଅବଦୁଲା ଖାଁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

# ପାଠକ ଶ୍ରେଷ୍ଠ ବିଚାରକ

## ଦରଦାମ୍ ବୃଦ୍ଧି ବାଧୁଛି

ମହାଶୟ,

ପ୍ରକୃତରେ ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଖୁବ୍ ବଢ଼ିଲାଣି ।ଏହା ଜଣେ କୁନିଝିଅ କ୍ରିତିକୁ ଏପରି ବାଧିଛି ଯେ, ସେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଏ ବିଷୟରେ ଗଭୀର ଦୁଃଖର ସହ ଚିଠି ଲେଖିଛି। ଦରବୃଦ୍ଧିକୁ ନେଇ କୁନି ଛାତ୍ରୀ ଜଣକ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଚିଠି ଲେଖିବା ସର୍ବପ୍ରଥମ ଘଟଣା। ଏହା ଏକ ଇତିହାସ ହୋଇ ରହିଗଲା। ପେନ୍‌ସିଲ ଓ ମାଗି ଦର ବଢ଼ିଯାଇଥିବାରୁ କୁନିଝିଅ ଅତିଷ୍ଠ ହୋଇ ଚିଠି ଲେଖିଛି। ପେନସିଲ୍ ଦର ଆଗ ଅପେକ୍ଷା ବହୁତ ବଢ଼ିଯାଇଛି। ଝିଅଟି ଯେତେଥର ପେନସିଲ କିଣୁଛି ସାଙ୍ଗମାନେ ଚୋରି କରି ନେଇଯାଉଛନ୍ତି। ଦ୍ୱିତୀୟ କଥା ହେଲା ଫାଷ୍ଟଫୁଡ୍ ମାଗିର ଦର ଆଗ ଅପେକ୍ଷା ବଢ଼ିଯାଇଥିବାରୁ ମାଗି କିଣି ଖାଇବା ସମ୍ଭବ ହେଉନି ବୋଲି ମଧ୍ୟ ଝିଅଟି ଚିଠିରେ ଲେଖିଛି। ପ୍ରଧାନମନ୍ତ୍ରୀ ଚିଠି ପାଇ କ'ଣ ଉତ୍ତର ଦେବେ ପରେ ଜଣାପଡ଼ିବ। କିନ୍ତୁ ଦେଖିବାକୁଗଲେ ଦେଶରେ ଦରଦାମ୍ ସାଙ୍ଘାତିକ ଭାବେ ବଢ଼ିଯାଇଥିବାରୁ ଖାଉଟିମାନେ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଏଥିପ୍ରତି ପ୍ରଧାନମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ବରଷା ତବ ସ୍ରୋତେ
ଅଶ୍ରୁ–ସଲିଳେ ନିର୍ମଳ କର ମୋତେ।
ଅନ୍ତରେ କେତେ ଜମିଲାଣି ପାପ
ବଳିଛି ଶୁଷ୍କ ନିଦାଘର ତାପ
ପୁଣ୍ୟ ନିଶାଣ ଉଡ଼ାଇ ଗଗନେ
ବଜ୍ର–ଚପଳା–ରଥେ
ଅଶ୍ରୁ–ସଲିଳେ ନିର୍ମଳ କର ମୋତେ।

(ବର୍ଷା–ଅଶ୍ରୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଏଏସ୍‌ଓ ପରୀକ୍ଷା ଦେଲେ ୫୯,୮୭୯

ଖୋର୍ଦ୍ଧା ଅଫିସ,୨୭।୮: ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାରେ ଖୋର୍ଦ୍ଧା ଓ ଭୁବନେଶ୍ୱରରେ ମୋଟ୍ ୧୩୯ଟି କେନ୍ଦ୍ରରେ ୫୯ହଜାର ୮୭୯ ଜଣ ପରୀକ୍ଷା ଦେଇଛନ୍ତି। ସେଥିରୁ ଭୁବନେଶ୍ୱରର ୧୨୯ଟି କେନ୍ଦ୍ରରେ ୫୬ ହଜାର ୫୭୪ ଏବଂ ଖୋର୍ଦ୍ଧା ସବ୍‌ଡିଭିଜନ ଅଧୀନ ୧୦ କେନ୍ଦ୍ରରେ ୩୩୦୫ ଜଣ ପରୀକ୍ଷା ଦେଇଥିଲେ। ୩ଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ପ୍ରଥମ ସିଫ୍ଟ ସକାଳ ୯ରୁ ୧୦ଟା ୩୦ ପର୍ଯ୍ୟନ୍ତ ସାଧାରଣ ଜ୍ଞାନ ବିଷୟରେ ପରୀକ୍ଷା ହୋଇଥିବା ବେଳେ ଦ୍ୱିତୀୟ ସିଫ୍ଟ ପୂର୍ବାହ୍ନ ସାଢ଼େ ୧୧ଟାରୁ ୧ଟା ପର୍ଯ୍ୟନ୍ତ ରିଜନିଂ ଓ ଗଣିତ ଏବଂ ଅପରାହ୍ନ ସାଢ଼େ ୨ରୁ ସାଢ଼େ ୪ ପର୍ଯ୍ୟନ୍ତ ଇଂଲିଶ ଏବଂ ଓଡ଼ିଆ ଭାଷାର ପରୀକ୍ଷା ଦେଇଥିଲେ ପରୀକ୍ଷାର୍ଥୀ। ପୂର୍ବରୁ ଏହି ୧୩୯ଟି କେନ୍ଦ୍ର ଲାଗି ସେହି ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା।

### ଲୁଟେରା ଗିରଫ, ଖଣ୍ଡା ଜବତ

ଭୁବନେଶ୍ୱର, ୨୭।୮(ବ୍ୟୁରୋ) : ଚନ୍ଦ୍ରଶେଖରପୁର ଥାନା ପୋଲିସ ଶନିବାର ଜଣେ ଅଭ୍ୟାସଗତ ଚେନ୍ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ୟୁନିଟ୍-୩ ଶାନ୍ତିନଗର ବସ୍ତିରେ ରହୁଥିବା ବାଲେଶ୍ୱର ଜିଲାର ରଘୁ ବିଶ୍ୱାଳ (୨୨)। ତାଙ୍କଠାରୁ ଏକ ସୁନା ଚେନ୍ ଓ ଖଣ୍ଡା ମଧ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଶନିବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ରଘୁଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।ସୂଚନାନୁସାରେ, ଅଭିଯୁକ୍ତ ରଘୁ ଶୁକ୍ରବାର ଭୋର୍ ସମୟରେ ନିଳାଦ୍ରୀବିହାର ଅଞ୍ଚଳର ବୁଦ୍ଧପାର୍କରେ ପ୍ରାତଃଭ୍ରମଣ କରୁଥିବା ଜଣେ ଦମ୍ପତିଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଉଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଅଭିଯୁକ୍ତ ରଘୁକୁ କାବୁ କରିବା ସହ ମାଡ଼ମାରି ପୋଲିସର ଜିମା ଦେଇଥିଲେ। ପୂର୍ବରୁ ରଘୁଙ୍କ ନାମରେ ଚନ୍ଦ୍ରଶେଖରପୁର ଥାନାରେ ୮ଟି, ଶହୀଦନଗର, ନନ୍ଦନକାନନ ଏବଂ ପିପିଲି ଥାନାରେ ଗୋଟାଏ ଲେଖାଏ ମାମଲା ରହିଛି।

### କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ଏମ୍‌ପି

ଜଟଣୀ,୨୭।୮ (ଡି.ଏନ୍.ଏ.) ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇଜର) କ୍ୟାମ୍ପସ୍ ପରିସରରେ ହେବାକୁ ଥିବା ଟାଟା ମେମୋରିଆଲ କ୍ୟାନ୍‌ସର ମେଡିକାଲ ନିର୍ମାଣ ବିଷୟରେ ଶନିବାର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ନିର୍ମାଣକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନାଇଜର ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁମୋଦନରେ ନିର୍ମାଣ ହେବାକୁ ଥିବା ଏହି ହସ୍ପିଟାଲ ପାଇଁ ପ୍ରାୟ ୮୦ ଏକର ଜମିର ଆବଶ୍ୟକତା ରହିଛି। ତେବେ ନାଇଜର କ୍ୟାମ୍ପସ୍‌ରୁ ୧୭ ଏକର, ମିନିଷ୍ଟ୍ରି ଅଫ୍ ସ୍କିଲ୍ କ୍ଷେତ୍ରରୁ ୧୩ ଏକର ଜମି ମିଳିଥିବା ବେଳେ ଆବଶ୍ୟକ ୫୦ ଏକର ଜମି ରାଜ୍ୟ ସରକାର ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି। ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି ୪ଶହ କୋଟି ଏବଂ ଟାଟା ମେମୋରିଆଲ ଟ୍ରଷ୍ଟ ୨୫୦ କୋଟି ମୋଟ୍ ୬୫୦ କୋଟି ଟଙ୍କା ବିନିଯୋଗରେ ଉକ୍ତ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ହେବ, ଯେଉଁଥିରେ ହସ୍ପିଟାଲ ବିଲ୍ଡିଂ, ଧର୍ମଶାଳା, ଗେଷ୍ଟହାଉସ, ଷ୍ଟାଫ୍ କ୍ୱାର୍ଟର୍ସ ଏବଂ ବିଦ୍ୟାଳୟ ନିର୍ମାଣ କରାଯିବ। ଆସନ୍ତା ୩ ମାସ ମଧ୍ୟରେ ହସ୍ପିଟାଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ପରବର୍ତ୍ତୀ ୧୮ ମାସ ମଧ୍ୟରେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ସାରିବା ନେଇ ଏମ୍‌ପି ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ହସ୍ପିଟାଲରେ କେବଳ ରୋଗର ଚିକିତ୍ସା ହେବ ନାହିଁ କ୍ୟାନ୍‌ସର ରୋଗ ଭଲ କରିବା ପାଇଁ ବିଭିନ୍ନ ରିସର୍ଚ୍ଚ ସହିତ ଉନ୍ନତମାନର ଔଷଧ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଛନ୍ତି। ଆବଶ୍ୟକ ୫୦ ଏକର ଜମି, ପାଣି, ମେଣ୍ଢାଶାଳ ଗ୍ରୀଡ୍‌ରୁ ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ ଏବଂ ରାଜ୍ୟ ଓ ରାଜ୍ୟ ବାହାର ରୋଗୀଙ୍କୁ ବିମାନବନ୍ଦର ଏବଂ ରେଳଷ୍ଟେଶନରୁ ଆସିବା ପାଇଁ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିବେ ବୋଲି ଷଡ଼ଙ୍ଗୀ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନାଇଜର ନିର୍ଦ୍ଦେଶକ ଡ. ପ୍ରଫେସର ସୁଧାକର ପଣ୍ଡା, କୁଳସଚିବ ଡ. ଅଭୟ ନାୟକଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।



ଶନିବାର ଭୁବନେଶ୍ୱରରେ ପ୍ରବଳ ବର୍ଷା ହେବାପରେ ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ପାଣି ।



ଏସ୍‌ପ୍ଲାନେଡ ମଲ୍ ସମ୍ମୁଖରୁ ରସୁଲଗଡ଼ ଛକ ପର୍ଯ୍ୟନ୍ତ ରାସ୍ତାରେ ନଦୀର ଭ୍ରମ।

# ପ୍ରବଳ ବର୍ଷା, ଟ୍ରାଫିକ ଜାମ୍

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ସକାଳେ ପାଗ ସ୍ୱାଭାବିକ ଥିଲା। ମଧ୍ୟାହ୍ନରୁ ଆକାଶରେ ବାଦଲ ଘୋଟି ଆସିବା ସହ କିଛି ସମୟ ବର୍ଷିଥିଲା। ଅପରାହ୍ନରେ ଘଡ଼ଘଡ଼ି, ବଜ୍ରପାତ ସହ ପ୍ରବଳ ବର୍ଷିଥିଲା। ଫଳରେ ଅଧା ରାଜଧାନୀ ବର୍ଷା ପାଣିରେ ଉବୁଟୁବୁ ହୋଇପଡ଼ିଥିବାବେଳେ ଅନ୍ୟ କେତେକ ସ୍ଥାନରେ ଝିପିଝିପି ବର୍ଷା ଯାତାୟାତକୁ ପ୍ରଭାବିତ କରିଥିଲା। ସ୍କୁଲ୍ ଓ ଅଫିସ୍ ଛୁଟି ସମୟ ହୋଇଥିବାରୁ ରାସ୍ତା

### ନାକେଦମ୍ ହେଲେ ଟ୍ରାଫିକ୍ ପୋଲିସ

ଗହଳି ଥିଲା। ବର୍ଷା ଯୋଗୁ ଛାତ୍ରୀଛାତ୍ର, କର୍ମଜୀବୀ ଓ ସାଧାରଣ ଲୋକେ ଓଭରବ୍ରିଜ୍ ତଳ, ଦୋକାନ ପାର୍ଶ୍ୱ ଆଦି ସ୍ଥାନରେ ମୁଣ୍ଡ ଗୁଞ୍ଜିଥିଲେ। ବର୍ଷା ଛାଡ଼ିବା ପରେ ଲୋକେ ହଠାତ୍ ରାସ୍ତାକୁ ଚାଲିଆସିବାରୁ ଟ୍ରାଫିକ୍ ଜାମ୍ ସମସ୍ୟା ଉପୁଜିଥିଲା। କଳ୍ପନା ଛକଠାରୁ ଆରମ୍ଭ କରି ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ରସୁଲଗଡ଼ ଛକ ଭଳି ବିଭିନ୍ନ ଅଞ୍ଚଳରେ ପ୍ରବଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଗାଡ଼ିଗୁଡ଼ିକ ଦୀର୍ଘ ସମୟ ଧରି ଫସି ରହିଥିଲା। ବିଶେଷକରି ବମିଖାଲ, ଇସ୍କନ ମନ୍ଦିର ସମ୍ମୁଖ ଭଳି ଜଳବନ୍ଦୀ ସ୍ଥାନର ସମସ୍ୟା ଅତିଷ୍ଠ କରିଥିଲା। ଯେଉଁ ସ୍ଥାନକୁ ଅତିକ୍ରମ କରିବା ପାଇଁ ୫ମିନିଟ୍ ସମୟ ଲାଗିଥାଏ ସେଠାରେ ପ୍ରାୟ ଅଧଘଣ୍ଟା ଲାଗିଥିଲା। ଗାଡ଼ି ମୋଟର ସ୍ୱାଭାବିକ କରିବା ପାଇଁ ଟ୍ରାଫିକ୍ କର୍ମଚାରୀଙ୍କୁ ରାତି ପର୍ଯ୍ୟନ୍ତ ନାକେଦମ୍ ହେବାକୁ ପଡ଼ିଥିଲା।



ଟ୍ରାଫିକ୍ ଜାମ୍‌ରେ ଫସି ରହିଥିବା ଗାଡ଼ି ମୋଟର।

## ବିବିଧାବର୍ଣ୍ଣାରେ ନାରୀ ଜୀବନର ପୃଷ୍ଠା

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ରାଗ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସୂଚନା ଭବନଠାରେ ନାରୀଙ୍କୁ ନେଇ 'ବିବିଧବର୍ଣ୍ଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୀତ ମାଧ୍ୟମରେ ଜଣେ ନାରୀର ଜୀବନ ଯାତ୍ରା କାହାଣୀର ପ୍ରତିଟି ପୃଷ୍ଠାକୁ କଣ୍ଠଶିଳ୍ପୀମାନେ ସଙ୍ଗୀତମାଧ୍ୟମରେ ପରିବେଷଣ କରିଥିଲେ। ଅଦିମେ ମଲ୍ଲି ମହକ, ଫୁରକିନା ଉଡ଼ିଗଲା ବଣି, ଏଇ ପ୍ରୀତି ଫୁଲ ଭରା, ଜୋଛନା ଲୁଚନା, ନେଇଯାରେ ମେଘ ମୋତେ, ଚାନ୍ଦନା ତୁମେ ତାରା, ଆସିବ ବର ତୋର ହୋଇବ ବାହାଘର, ମା' ତୁମେ ମମତାର ସୀମା ହୀନ ସାଗର ପ୍ରମୁଖ ଗୀତକୁ କଣ୍ଠଶିଳ୍ପୀ ଅରୁପା, ସେଫାଳି, ମୀରା, ନେହା ନିହାରିକା ଓ ଶରନ୍ୟା, ଇପ୍‌ସିତା ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମେୟର ସୁଲୋଚନା ଦାସ, କଣ୍ଠଶିଳ୍ପୀ ତୃପ୍ତିଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା କ୍ଷେତ୍ର ପାଇଁ ପଲ୍ଲୀ ପଟ୍ଟନାୟକ, ସାହିତ୍ୟ ସଂସ୍କୃତି ପାଇଁ ଇତିରାଣୀ ସାମନ୍ତ, ସମାଜସେବା କ୍ଷେତ୍ରରେ ରୀନା ରାଉତରାୟ, ଓଡ଼ିଶୀ ନୃତ୍ୟ ପାଇଁ ମୀରା ଦାସ, ଚଳଚ୍ଚିତ୍ରରେ ଅନୁଚୌଧୁରୀ, କ୍ରୀଡ଼ାରେ ଶ୍ରାବଣୀ ନନ୍ଦ, ଟେଲିଭିଜନ କ୍ଷେତ୍ରରେ ସୋଫିଆ ଆଲାମ, ଭାଷା ସାହିତ୍ୟ ପାଇଁ ଦୀପିକା ଦାସ, ବୈଦ୍ୟୁତିକ ଗଣମାଧ୍ୟମ ପାଇଁ ଶ୍ରୀୟା ଶାହୀନ ସିଦ୍ଧାର୍ଥ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସୀମା ପାତ୍ର, ସଂଗୀତ ପାଇଁ ଦୀପ୍ତିରେଖା ପାଢ଼ୀଙ୍କୁ ସମ୍ମାନିତ କରାଯାଇଛି। ଅଭିନେତା ସୁକାନ୍ତ ରଥଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# 'ବିଚାରପତି ଭଲ ମଣିଷ ହେବା ଉଚିତ'

କଟକ ଅଫିସ,୨୭।୮



ହାଇକୋର୍ଟ ପରିଦର୍ଶନରେ ଆସିଥିବା ସିଡିଏ ଡିଏଭି ପବ୍ଲିକ ସ୍କୁଲର ବିଦ୍ୟାର୍ଥୀମାନେ।

ସିଡିଏ ଡିଏଭି ପବ୍ଲିକ ସ୍କୁଲର ୨୫ ଜଣ ବିଦ୍ୟାର୍ଥୀ ସେମାନଙ୍କ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଶନିବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଆଇନଜୀବୀ କାଜଲ ସାହୁ ଓ ବେଣୁଗୋପାଳ ମହାପାତ୍ର ଉପସ୍ଥିତ ରହି ନ୍ୟାୟିକ ବ୍ୟବସ୍ଥା ଉପରେ ବିଦ୍ୟାର୍ଥୀମାନଙ୍କୁ ବୁଝାଇଥିଲେ। ହାଇକୋର୍ଟ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଏବଂ ଚାମ୍ବର ସହ ହାଇକୋର୍ଟର ନୂଆ ଭବନ, ବିଚାରପତିଙ୍କ ପାଠାଗାର ଓ ସମ୍ମିଳନୀ କକ୍ଷକୁ ଛାତ୍ରୀଛାତ୍ରମାନେ ବୁଲି ଦେଖିଥିଲେ। ସେମାନଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସେମାନେ ପଚାରି ବୁଝିଥିଲେ। ବିଚାରପତିମାନଙ୍କ ଶପଥ ଗ୍ରହଣ ସମାରୋହର ଭିଡିଓ କ୍ଲିପ୍ ଓ ମୁଖ୍ୟ ବିଚାରପତିଙ୍କ କୋର୍ଟ ରୁମ୍‌ରେ ଏକ ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ସେମାନେ ଦେଖିଥିଲେ। ଏହାପରେ ଆଇନ ସେବା ଭବନ, ମେଡିଟେଶନ କେନ୍ଦ୍ର ପରିଦର୍ଶନ କରିବା ସହ ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ରହିଥିବା ଆଇନ ସହାୟତା ବିଷୟରେ ସଚେତନ ହୋଇଥିଲେ। ସେହିପରି

### ହାଇକୋର୍ଟ ବୁଲିଲେ ଡିଏଭି ସ୍କୁଲ ବିଦ୍ୟାର୍ଥୀ

ଓଡ଼ିଶା ଜୁଡିସିଆଲ ଏକାଡେମୀରେ ବିଚାରପତି ଓ ଆଇନଜୀବୀମାନଙ୍କ ପାଇଁ ହେଉଥିବା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ସେମାନେ ବିଚାରପତି ଗୌରୀଶଙ୍କର ଶତପଥୀ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ସହ ଭାବ ବିନିମୟ କରିଥିଲେ। ବିଚାରପତି ଦ୍ୱୟ ଆଇନଜୀବୀ ଭାବରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସହ ନ୍ୟାୟିକ ବ୍ୟବସ୍ଥାରେ ସିଭିଲ ଓ କ୍ରିମିନାଲ କୋର୍ଟର କାର୍ଯ୍ୟକାରିତା ବିଷୟରେ କହିଥିଲେ। ବିଚାରପତି ଜଣେ ଭଲ ମଣିଷ ହେବା ଉଚିତ, ନ ହେଲେ ସେ ପ୍ରକୃତ ନ୍ୟାୟ ଦେଇପାରିବେ ନାହିଁ ବୋଲି ବିଚାରପତି ଦାଶ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପିଲାମାନେ ଭଲ ଆଇନଜୀବୀ ଓ ବିଚାରପତି ହେବା ପାଇଁ କଠିନ ପରିଶ୍ରମ କରିବାକୁ ବିଚାରପତି ଦ୍ୱୟ ପ୍ରେରଣା ଦେଇଥିଲେ। ସୂଚନାଯୋଗ୍ୟ, ୨୦୨୧ ଶିଶୁ ଦିବସ ଅବସରରେ ପ୍ରଥମଥର ପାଇଁ ହାଇକୋର୍ଟ ପରିସରକୁ ଛାତ୍ରୀଛାତ୍ରଙ୍କ ପରିଦର୍ଶନ ଲାଗି ଖୋଲା ଯାଇଥିଲା। ସେବେଠାରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ସଂସ୍ଥାର ଛାତ୍ରୀଛାତ୍ରମାନେ ହାଇକୋର୍ଟ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିଦର୍ଶନ କରିଛନ୍ତି। ସମାଜରେ ପ୍ରଚଳିତ ଲୋକକଥା ଓ ବାସ୍ତବ ବିଚାର ବ୍ୟବସ୍ଥା ମଧ୍ୟରେ ଏକ ସ୍ୱଷ୍ଟଚିତ୍ର ପ୍ରଦାନ କରିବା ପାଇଁ ବିଦ୍ୟାଳୟ ପିଲାମାନଙ୍କର ଏଭଳି ପରିଦର୍ଶନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ହାଇକୋର୍ଟ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

### ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ କର୍ମକର୍ତ୍ତା

ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଞ୍ଚଳ ତଥା ଗ୍ରାମାଞ୍ଚଳର ୮ହଜାରରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଉଛି। ପ୍ରତ୍ୟେକ ହିତାଧିକାରୀ ଓ ତାଙ୍କ ପରିବାରବର୍ଗଙ୍କୁ ବାର୍ଷିକ ୨ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଉପଲବ୍ଧ ହେଉଛି। ତେବେ ଏହି ବୀମାରାଶିର ପରିମାଣ ୨ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। କଲ୍ୟାଣ ବୋର୍ଡର ଏକ ପ୍ରତିନିଧି ଦଳ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ଏନେଇ ଆଲୋଚନା କରିଥିଲେ। ପ୍ରତିନିଧି ଦଳରେ ବୋର୍ଡ ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ। ରାଜ୍ୟର ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟବୀମା ସହାୟତା ରାଶିର ପରିମାଣ ବୃଦ୍ଧି ଏବଂ ଅବସରପ୍ରାପ୍ତ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ସୁବିଧା ପ୍ରଦାନ ପ୍ରସଙ୍ଗରେ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଦାବି ସମ୍ପର୍କରେ ଖୁବ୍‌ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଆଲୋଚନା କରାଯିବ ଏବଂ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ୬ମାସ ବୃଦ୍ଧି କରିଥିବାରୁ କଲ୍ୟାଣ ବୋର୍ଡ ପ୍ରତିନିଧି ଦଳ ତାଙ୍କୁ ସ୍ୱାଗତ ଜଣାଇଥିଲେ।



ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ପ୍ରତିନିଧିମଣ୍ଡଳୀ ସାକ୍ଷାତ କରୁଛନ୍ତି।

## ଅବିଶ୍ୱସନୀୟ ବାସ୍ତବ କାହାଣୀ ହିଁ ଭଲ ଗପ ହୋଇଯାଏ

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ଲୋକଜୀବନ, ଲୋକକଥା, ଲୋକଭାଷା, ଅଜଣା ତଥ୍ୟ, ଲୋକସଂସ୍କୃତି, ରାଜନୀତି, ପ୍ରେମ ଓ ସଂଘର୍ଷର ବିଷୟ ବର୍ତ୍ତମାନ ଓଡ଼ିଆ ଗପର ସାରାଂଶ। ଅବିଶ୍ୱସନୀୟ ବାସ୍ତବ କାହାଣୀ ହିଁ ଭଲ ଗପ ହୋଇଯାଏ। ସମକାଳ ଓଡ଼ିଆ ଗଳ୍ପ ଭାରତୀୟ ସାହିତ୍ୟରେ ବେଶ୍ ପ୍ରଶଂସା ସାଉଣ୍ଟିଛି ବୋଲି ଅତିଥିମାନେ କହିଛନ୍ତି। ଶନିବାର ସୂଚନା ଭବନଠାରେ ଭୁବନେଶ୍ୱରୀ ସାହିତ୍ୟ ସମାଜର ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସମୟର ଗଳ୍ପକାରିତା, ଲେଖକୀୟ ଅଭିଜ୍ଞତା ଓ କଥାଦର୍ଶ ଉପରେ ଆଲୋଚନା କରି କଥାକାର ଭୀମ ପୃଷ୍ଟି ଓ ତପନ ମହାପାତ୍ର ଏହା କହିଥିଲେ। ଏହି ଅବସରରେ ଅଧ୍ୟାପକ ନନ୍ଦକିଶୋର ବିଶ୍ୱାଳ, ସରୋଜ ବଳ, ପବିତ୍ର ମୋହନ କର, ବାଦଲ ମହାନ୍ତି, ଦେବାଶିଷ ଆଚାର୍ଯ୍ୟ ଓ ସ୍ନେହଦାସ ଲେଙ୍କା ପ୍ରମୁଖ କଥାକାରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅନୁଷ୍ଠାନ ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ଆରତୀ ପଟ୍ଟଯୋଶୀ ' ଏ ମାସର କଥାକାର ' ଭାବରେ ଯୋଗଦେଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଉପସଭାପତି ରକ୍ଷକ ନାୟକ ସ୍ୱାଗତ ଭାଷଣରେ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଦୀନବନ୍ଧୁ ପଣ୍ଡାଙ୍କ କବିତା ପୁସ୍ତକ ' ଚରିତ୍ର : ଚରିତ ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପରେ ଡ . ଅଭୟ ନାରାୟଣ ନାୟକ ଓ ନିବେଦିତା ଭଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଦେବେନ୍ଦ୍ର ବାଉରୀ, ନୃସିଂହ ତରାଇ, ଭିକାରୀ ଧଳ, ଶାକ୍ୟସିଂହ ମହାପାତ୍ର, ସୁଷମା ଦାସ, ମିହିରକାନ୍ତି ଦାସ, ଡ . ପ୍ରଦୀପ୍ତ ବାରିକ, ସୁବ୍ରତ ସେନାପତି, ଲଡ୍ଡୁ କିଶୋର ଶତପଥୀ ଓ ଶୈଳେନ୍ଦ୍ର ଜେନା ପ୍ରମୁଖ କବିତା ପାଠ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ କବିତା ପୁସ୍ତକ 'ଚରିତ୍ର : ଚରିତ'କୁ ଉନ୍ମୋଚନ କରୁଛନ୍ତି।

## ଆଇନଜୀବୀଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ଜଣେ ଆଇନଜୀବୀ ଏବଂ ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ପାଇଲୋ ଗ୍ରାମର ପ୍ରଦୀପ ଶୁକ୍ଳା ଓରଫ ଦିପୁ। ସୂଚନାନୁସାରେ ଆଇନଜୀବୀ ଅଭିଜିତ ମିଶ୍ର ଶୁକ୍ରବାର ଅପରାହ୍ନରେ କୋର୍ଟରେ କାର୍ଯ୍ୟରତ ଥିବାବେଳେ ତାଙ୍କୁ ତାଙ୍କ ସାନ ଭାଇ ଫୋନ୍ କରି ପ୍ରଦୀପ ନାମକ ଜଣେ ଯୁବକ ତାଙ୍କୁ ମାଡ଼ ମାରୁଥିବା ଜଣାଇଥିଲେ। ଆଇନଜୀବୀ ଜଣଙ୍କ ଏନେଇ ଖବରପାଇ ତୁରନ୍ତ ଗୌରୀ ନଗର ଛକକୁ ଯାଇ ପହଞ୍ଚିଥିଲେ। ସେଠାରେ ଅଭିଯୁକ୍ତ ପ୍ରଦୀପ ଆଇନଜୀବୀଙ୍କ ସାନଭାଇଙ୍କୁ କାଚ ବୋତଲରେ ମରଣାନ୍ତକ ଆକ୍ରମଣ କରୁଥିବା ଦେଖି ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ପ୍ରଦୀପ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏ ନେଇ ଅଭିଜିତ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଆଇନ ମହାବିଦ୍ୟାଳୟ ସମ୍ମୁଖ ପାଲଟିଲା ରଣକ୍ଷେତ୍ର

ଭୁବନେଶ୍ୱର,୨୭।୮(ବ୍ୟୁରୋ)

### ସୁରକ୍ଷା କର୍ମୀ, ଆଇନ ଛାତ୍ରଙ୍କ ମଧ୍ୟରେ ମାରପିଟ୍

ଭରତପୁର ଥାନା ଅନ୍ତର୍ଗତ ଏକ ଘରୋଇ ଜାତୀୟ ଆଇନ ମହାବିଦ୍ୟାଳୟରେ ଶୁକ୍ରବାର ରାତିରେ ସୁରକ୍ଷା କର୍ମୀ ଓ କେତେଜଣ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉକ୍ତ ସଂଘର୍ଷରେ ଉଭୟ ପକ୍ଷରୁ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାର ପ୍ରତିବାଦରେ ଆଇନ ଛାତ୍ରମାନେ ନ୍ୟାୟ ଦାବି କରି ଶନିବାର କଲେଜର ମୁଖ୍ୟ ଫାଟକ ଆଗରେ ଧାରଣା ଦେବା ସହ ସୁରକ୍ଷା କର୍ମୀଙ୍କ ଗିରଫ ଦାବି କରିଥିଲେ। କିଛି ସମୟ ପାଇଁ କଲେଜ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଘଟଣା ସ୍ଥଳରେ ଭରତପୁର ଥାନା ପୋଲିସ ଓ କଲେଜର ଡିନ୍ ଓ ଅତିରିକ୍ତ ଡିନ୍ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରମାନଙ୍କୁ ବୁଝାଶୁଝା ପରେ ଧାରଣା ହଟିଥିଲା। ସୂଚନା ଅନୁସାରେ ଶୁକ୍ରବାର ରାତିରେ ଉକ୍ତ ଘରୋଇ ଆଇନ ମହାବିଦ୍ୟାଳୟର ୪ର୍ଥ ବର୍ଷର ୪ ରୁ ୫ ଆଇନ ଛାତ୍ର କଲେଜ କ୍ୟାମ୍ପସର ବାହାରକୁ ଯାଇଥିଲେ। କାମ ସାରି ଫେରିବା ବେଳକୁ ବିଳମ୍ବ ହୋଇଥିଲା। ଏହି ସମୟରେ କଲେଜ ଗେଟ ଖୋଲି କ୍ୟାମ୍ପସ ଭିତରକୁ ଯିବାବେଳେ ସୁରକ୍ଷା କର୍ମୀ (ବାଉଁସର) ସେମାନଙ୍କୁ ଅଟକାଇବା ସହ ଭିତରକୁ ଛାଡ଼ିଦେଇ ନ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ବଚସାରୁ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଜଣେ ଆଇନ୍ ଛାତ୍ର ଗୁରୁତର ହୋଇଥିବାବେଳେ ଜଣେ ସୁରକ୍ଷା କର୍ମୀ ମଧ ଆହତ ହୋଇଥିଲେ। କଲେଜର କିଛି ପିଲା ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। କିନ୍ତୁ ସୁରକ୍ଷା କର୍ମୀ ଜଣକ ସ୍ଥାନୀୟ ଯୁବକ ହୋଇଥିବାରୁ କିଛି ଲୋକ ଡାକ୍ତରଖାନାରେ ପହଞ୍ଚି ପୁଣି ପାଟିତୁଣ୍ଡ କରିଥିଲେ। ସେଠାରେ କେତେଜଣ ପିଲାଙ୍କ ହସ୍ତକ୍ଷେପ ପରେ କଥା ପ୍ରାୟ ସମାଧାନ ହୋଇଯାଇଥିଲା। କିନ୍ତୁ ଶନିବାର ସକାଳୁ ସକାଳୁ ପୁଣି କିଛି ସ୍ଥାନୀୟ ଯୁବକ ଏକାଠି ହୋଇ ଆକ୍ରମଣ କରିଥିବା ଆଇନ ଛାତ୍ରଙ୍କୁ ଉଠାଇ ନେବାକୁ ଧମକ୍ ଦେଇଥିଲେ। ଏହି କଥା କଲେଜରେ ପ୍ରଚାରିତ ହେବା ପରେ ପୁଣି ଛାତ୍ରମାନେ ଏକାଠି ହୋଇ ସୁରକ୍ଷା ଦାବିରେ କଲେଜର ମୁଖ୍ୟ ଫାଟକ ଆଗରେ ଧାରଣା ଦେବା ସହ ସମ୍ପୃକ୍ତ ସୁରକ୍ଷାକର୍ମୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏନେଇ ଜଣେ ଆଇନ ଛାତ୍ର ଭରତପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶ୍ୱ ପାକଶାଳା ଉଦ୍ୟାନ ଦିବସ, ରାଜ୍ୟ କ୍ୱାଲିଟି କଣ୍ଟ୍ରୋଲ ଲାବୋରେଟୋରି, ଶହୀଦ ନଗର, ପୂର୍ବାହ୍ନ ୯ଟା ୩୦।
- ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ 'ଜଳ ବଞ୍ଚାଅ, ପ୍ରତ୍ୟେକ ଜଳବିନ୍ଦୁ ମହତ୍ତ୍ୱପୂର୍ଣ୍ଣ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଏବଂ ପରିବେଶ ରତ୍ନ ସମ୍ମାନ-୨୦୨୨ ପ୍ରଦାନ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ପୁସ୍ତକ 'ପ୍ରେରଣା'ର ପାଠକାର୍ପଣ ସମାରୋହ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- 'ଆମ ନେତା'ର ଉଦ୍‌ଘାଟନ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ୧୧ତମ ଗୁରୁଶ୍ରୀ ସମ୍ମାନ ଉତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ପୁରୀ ମୁଖ୍ୟ କେନାଲରେ ଭାସୁଛି ମୃତଦେହ

**ବାରଙ୍ଗ,୨୭।୮(ଡି.ଏନ୍.ଏ.):** ନନ୍ଦନକାନନ ଥାନା ଅଧୀନ ମରଚିଆ ସାଇଫନ ପାଖ କେନାଲରେ ଜଣେ ମହିଳାଙ୍କ ଗଳିତ ମୃତଦେହ ଶନିବାର ସକାଳେ ଲାଗିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନନ୍ଦନକାନନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲା। ଅଗ୍ନିଶମ ବାହିନୀ ଆସିବା ପୂର୍ବରୁ ମୃତଦେହଟି ସେଠାରୁ ଭାସି ପ୍ରତାପନଗରୀ ଆଡେ ଚାଲିଯାଇଥିଲା। ତେବେ ମୃତଦେହଟି ପଚିଯାଇଥିବା ଜଣାପଡିଛି।

## ପ୍ରଯୋଜକ ରାଧାନାଥ ଭଞ୍ଜଙ୍କ ପରଲୋକ

**ଭୁବନେଶ୍ୱର,୨୭।୮(ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ରାଧାନାଥ ଭଞ୍ଜଙ୍କ ଶନିବାର ଅପରାହ୍ନ ୨ଟାରେ କଟକସ୍ଥିତ



ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ନିମୋନିଆ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଲୋକପ୍ରିୟ ଚଳଚ୍ଚିତ୍ର ବଳିଦାନ, ଡୋରା, ସ୍ୱପ୍ନ ସାଗର ଆଦିରେ ସେ ପ୍ରଯୋଜନା ଦେଇଥିଲେ। ସିନେ ଜଗତରେ ସେ ବାବୁଲା ଭାଇନା ଭାବେ ପରିଚିତ ଥିଲେ।

## ନଦୀବନ୍ଧରୁ ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର, ୨୭।୮ (ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ବାସୁଆଘାଇ ନଦୀ ବନ୍ଧରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୬୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହା ଆତ୍ମହତ୍ୟା ନା ତାଙ୍କୁ ହତ୍ୟା କରି କେହି ଏଠାରେ ଝୁଲାଇ ଦେଇଛନ୍ତି, ତାହା ଖୋଳତାଡ଼ କରୁଛି। ଏଥିସହ ମୃତ ଯୁବକଙ୍କ ପରିଚୟ ଜାଣିବା ପାଇଁ ପୋଲିସ ରାଜଧାନୀ ତଥା ଉପକଣ୍ଠରେ ଥିବା ବିଭିନ୍ନ ଥାନାକୁ ତାଙ୍କ ଫଟୋ ପଠାଯାଇଛି। ସୂଚନା ମୁତାବକ, ଶନିବାର ସକାଳ ୭ଟାରେ ବାସୁଆଘାଇ ଅଞ୍ଚଳର କେତେଜଣ ଲୋକ ନଦୀ ବନ୍ଧରେ ଯିବାବେଳେ ଜଣେ ଯୁବକଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ଭିଡ ଜମିବା ସହ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଗଛରୁ ଯୁବକଙ୍କୁ ତଳକୁ ଓହ୍ଲାଇ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତଦେହଟି ଜଣେ ବଙ୍ଗାଳି ମିସ୍ତ୍ରୀଙ୍କର ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

# ରାଜଧାନୀରୁ ଯୁକ୍ତ ୨ ଛାତ୍ର ନିଖୋଜ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ରାଜଧାନୀରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦିନକୁ ଦିନ ରାଗିଂ ଘଟଣା ବଢ଼ିବାରେ ଲାଗିଥିବାବେଳେ ଏବେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆର ଏକ ଘରୋଇ କଲେଜରେ ଯୁକ୍ତ ୨ରେ ପଢୁଥିବା ଜଣେ ଛାତ୍ର ନିଖୋଜ ହୋଇଛନ୍ତି। ନିଖୋଜ ଛାତ୍ରଜଣଙ୍କ ହେଲେ ବାଲେଶ୍ୱର ଜିଲାର ହୃଦୟେଶ ପଣ୍ଡା (୧୬)। ଛାତ୍ରଙ୍କ ନିଖୋଜ ହେବା ନେଇ ପରିବାର ଲୋକଙ୍କ ପକ୍ଷରୁ ଚନ୍ଦ୍ରଶେଖପୁର ଥାନାରେ ଅଭିଯୋଗ ହୋଇଛି। ବକେୟା ଅର୍ଥ ଦେଇ ନ ଥିବାରୁ କଲେଜର ଚେୟାରମ୍ୟାନ ବିଭିନ୍ନ ପ୍ରକାର ମାନସିକ ନିର୍ଯାତନା ଦେବା ସହ ଗାଳିଗୁଲଜ ଓ ମାଡ଼ ମାରିଥିବା ଯୋଗୁଁ ହୃଦୟେଶ ନିଖୋଜ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏନେଇ କଲେଜ




ଅଧ୍ୟକ୍ଷଙ୍କ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରାଯାଇଛି। ଶନିବାର ସକାଳୁ ହୃଦୟେଶଙ୍କ କୌଣସି ପତ୍ତା ମିଳୁ ନ ଥିବା ବାପା ରାମକୃଷ୍ଣ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା

### ବକେୟା ଫି' ନ ଦେବାରୁ ନିର୍ଯାତନା ଅଭିଯୋଗ

(ନଂ. ୨୯୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ହୃଦୟେଶ ଯେଉଁ ନମ୍ବରରୁ ଫୋନ କରିଥିଲେ ସେ ନମ୍ବର କାହାର ତାକୁ ଯାଞ୍ଚ କରିବା ସହ ଖୋଜା ଚାଲିଛି। ସେହିପରି ଅଭିଯୋଗ ପରେ ପୋଲିସ ଉକ୍ତ କଲେଜକୁ ଯାଇ ଅଧ୍ୟକ୍ଷଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି ।

ସୂଚନାମୁତାବକ ରାମକୃଷ୍ଣଙ୍କ ପୁଅ ହୃଦୟେଶ ପଟିଆସ୍ଥିତ ଏକ ଘରୋଇ କଲେଜ ହଷ୍ଟେଲରେ ରହି ଯୁକ୍ତ ୨ ବିଜ୍ଞାନରେ ପାଠ ପଢ଼ନ୍ତି। ତାଙ୍କର ଏହା ଦ୍ୱିତୀୟ ବର୍ଷ ଥିଲା। ଶୁକ୍ରବାର ସନ୍ଧ୍ୟାରେ ହୃଦୟେଶ ଏଠାରେ ଭଲ ଲାଗୁନି କହି ତାଙ୍କୁ ଘରକୁ ନେଇଯିବାକୁ ବାପାଙ୍କୁ ଫୋନ କରି କହିଥିଲେ। ଏପରିକି ତାଙ୍କୁ ହଷ୍ଟେଲରେ ମାଡ଼ ମରାଯିବା ସହ ରାଗିଂ କରାଯାଇଥିବା ବାପାଙ୍କୁ କହିଥିଲେ। ପୁଅ କଥା ଶୁଣି ରାମକୃଷ୍ଣ ଶନିବାର ସକାଳେ କଲେଜ ହଷ୍ଟେଲରେ ପହଞ୍ଚିଥିଲେ। ହେଲେ ହଷ୍ଟେଲରେ ପୁଅକୁ ନ ପାଇ କୁଆଡ଼େ ଗଲା ବୋଲି ହଷ୍ଟେଲ କର୍ମଚାରୀ ଏବଂ ଅନ୍ତେବାସୀଙ୍କୁ ପଚାରିଥିଲେ। ହେଲେ କେହି କିଛି ନ କହିପାରିବାରୁ ରାମକୃଷ୍ଣ ଏନେଇ ପୋଲିସରେ କହିବେ ବୋଲି କଲେଜ କର୍ମଚାରୀଙ୍କୁ କହିବାରୁ ସେମାନେ ଓଲଟା ବକେୟା ଫି' ଆଗ ଦିଅ ତା'ପରେ ଯେଉଁଠି ଅଭିଯୋଗ କରିବ କର ବୋଲି କହିଥିଲେ। ଏହାଶୁଣିବା ପରେ କିଛି ସମୟ ହୃଦୟେଶଙ୍କ ପରିବାର ଲୋକ ଏବଂ କଲେଜ ଅଧ୍ୟକ୍ଷଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।



ସପ୍ତପୁରୀ ଅମାବାସ୍ୟା ଅବସରରେ ଶନିବାର ଅମାବାସ୍ୟ ନାରାୟଣଙ୍କୁ ସାଗର ବିଜେ ନିମନ୍ତେ ଶ୍ରୀମନ୍ଦିରରୁ ବେଳାଭୂମି ଅଭିମୁଖେ ନିଆଯାଉଛି।

## ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି

**ପୁରୀ ଅଫିସ,୨୭।୮**

ଭାଦ୍ରବ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟା ତିଥିରେ ଶନିବାର ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ରୀତିନୀତି ଅନୁସାରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ସକାଳଧୂପ ସମ୍ପନ୍ନ ହୋଇ ପାଣିପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ପାଲିଙ୍କିରେ ବିଜେ କରାଇଥିଲେ। ପରେ ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳଭୂମିକୁ ବିଜେ କରିଥିଲେ। ସେଠାରେ ପାଳିଆ ଗଡାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହୀ କରାଯାଇଥିଲା। ପରେ ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ହରିଦାସ ମଠ ଗୋହରୀ ରାସ୍ତା ଦେଇ ଜମ୍ବେଶ୍ୱର ମନ୍ଦିର ଓ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ମହାନଦୀକୁ ଡେଇଁ ଯୁବକ ନିଖୋଜ

**ବାରଙ୍ଗ/ଆଠଗଡ଼, ୨୭।୮(ଡି.ଏନ୍.ଏ./ସ୍ୱ.ପ୍ର.)**

କଟକ ମୁଣ୍ଡଳୀ ବ୍ୟାରେଜ ଉପରେ ସ୍କୁଟି ରଖି ଶନିବାର ଜଣେ ବ୍ୟକ୍ତି ମହାନଦୀକୁ ଡେଇଁ ପଡିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ତୁରିଙ୍ଗତିରା ଗ୍ରାମର ବଳରାମ ଦାସଙ୍କ ପୁଅ ବିଶ୍ୱଦେବ ଦାସ (୪୪)। ବିଶ୍ୱଦେବ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାର ଅନ୍ତର୍ଗତ ଏକ ଘରେ ରହି ବ୍ୟବସାୟ କରୁଥିବା ଜଣାପଡିଛି। ତେବେ ଘରୋଇ କଳିକୁ ନେଇ ସେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ମୁତାବକ, ବିଶ୍ୱଦେବ ବ୍ୟାରେଜ ଉପରୁ ଡେଇଁ ପଡିବା ସ୍ଥାନୀୟ ଲୋକେ ଦେଖି ବାରଙ୍ଗ ଓ ଆଠଗଡ଼ ଥାନାକୁ ଖବର ଦେଇଥିଲେ। ଖବରପାଇ ଉଭୟ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ବାରଙ୍ଗ ଓ ଆଠଗଡ଼ରୁ ଦୁଇଟି ଅଗ୍ନିଶମ ବାହିନୀ ଆସି ମହାନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ଯୁବକଙ୍କ ସନ୍ଧାନ ପାଇ ନ ଥିଲେ। ଆଠଗଡ ପୋଲିସ ତାଙ୍କ ସ୍କୁଟି ଉପରୁ ମନିପର୍ସ ଓ ମୋବାଇଲ ଜବତ କରିଥିଲା। ପର୍ସରେ ଥିବା ଆଧାରକାର୍ଡରୁ ନିଖୋଜ ଯୁବକଙ୍କ ପରିଚୟ ପାଇଥିବା ପୋଲିସ ସୂଚନା ଦେଇଛି।

# ଟ୍ରେନ୍‌ରୁ ଖସିପଡୁଥିବା ଯୁବକଙ୍କୁ ବଞ୍ଚାଇଲେ ଆର୍‌ପିଏଫ୍

**କଟକ ଅଫିସ,୨୭।୮**

କଟକ ରେଳଷ୍ଟେଶନରେ ଶନିବାର ଅପରାହ୍ନ ୫ଟାରେ ଚଳନ୍ତା ଟ୍ରେନ୍‌ରେ ଖସିପଡୁଥିବାବେଳେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ଅରୂପ କୁଣ୍ଡୁ। ମିଳିଥିବା ସୂଚନା ଅନୁସାରେ, ପୁରୀରୁ ପାଟନା ଯାଉଥିବା ଟ୍ରେନ୍ ନଂ. ୦୮୪୩୯ ଅପରାହ୍ନ ୪.୫୫ ମିନିଟ୍‌ରେ କଟକ ଷ୍ଟେଶନର ୧ ନଂ. ପ୍ଲାଟଫର୍ମରେ ଲାଗିଥିଲା। ୫ଟାରେ ଟ୍ରେନ୍ ଷ୍ଟେଶନ ଛାଡୁଥିଲା। ଏହି ସମୟରେ ହଠାତ୍ ଅରୂପ ଉକ୍ତ ଟ୍ରେନ୍‌ର ଏବି-୧ କୋଚ୍‌ରେ ଚଢ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଗାଡ଼ିର ଗତି ସହ ସେ ଭାରସାମ୍ୟ ରକ୍ଷା କରି ନ ପାରି ଟ୍ରେନ୍ ଓ ପ୍ଲାଟ୍‌ଫର୍ମ ମଝିରେ ଥିବା ଫାଙ୍କ ଦେଇ ତଳକୁ ଖସିପଡୁଥିଲେ। ଏହି ସମୟରେ ସେଠାରେ ମୁତୟନ ଥିବା ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) କର୍ମଚାରୀ ପି. କେ. ଦାସ ଓ ଏସ୍. ଆର୍. ସାମନ୍ତ ଉପସ୍ଥିତି ବୁଦ୍ଧି ଖଟାଇ ଅନ୍ୟ ଯାତ୍ରୀମାନଙ୍କ ସହାୟତାରେ ଅରୂପଙ୍କୁ ଟାଣି ଆଣିଥିଲେ। ଫଳରେ ତାଙ୍କର ଜୀବନ ରକ୍ଷା ପାଇଯାଇଥିଲା। ଏହି ଘଟଣା ପରେ ଟ୍ରେନ୍‌ଟି ଅଟକିବା ସହ ଅରୂପ ଉକ୍ତ ଟ୍ରେନ୍‌ରେ ନିଜ ଗନ୍ତବ୍ୟସ୍ଥାନକୁ ଯାତ୍ରା କରିଥିଲେ।




କଟକ ରେଳଷ୍ଟେଶନରେ ଟ୍ରେନ୍‌ରୁ ଖସିପଡୁଥିବା ଅରୂପଙ୍କୁ ଉଦ୍ଧାର କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ଲଭଲି



@ ରାଜ୍



@ କାର୍ତ୍ତିକ



@ ସନ୍ତୋଷ

# ଆରମ୍ଭ ହେଲା 'ଇଚିଂ ଟ୍ରାଙ୍କୁଇଲିଟି'

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

### ରାଜ୍ୟ ସଂଗ୍ରହାଳୟରେ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ

ଗ୍ୟାଲେରୀ ଆର୍ଟିଷ୍ଟ ମାଇଣ୍ଡଜ୍ ପକ୍ଷରୁ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ଇଚିଂ ଟ୍ରାଙ୍କୁଇଲିଟି' ଶନିବାର ରାଜ୍ୟ ସଂଗ୍ରହାଳୟଠାରେ ଆରମ୍ଭ ହୋଇଛି। ପ୍ରଥମଥର ପାଇଁ ସଂଗ୍ରହାଳୟ ପକ୍ଷରୁ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉନ୍ନୟନ କମିଶନର ପ୍ରଦୀପ ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା, ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ସ୍ଥାନ ପାଇଥିବା ସ୍ଥାପତ୍ୟ ଓ ଚିତ୍ରକଳାଗୁଡ଼ିକୁ ବୁଲି ଦେଖିବା ସହ ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ। ଶିଳ୍ପୀ ବିମଳ କୁଣ୍ଡୁଙ୍କ ଦ୍ୱାରା ପ୍ରସ୍ତୁତ ୨୩ଟି ସ୍ଥାପତ୍ୟ ଓ ୨୭ଟି ଚିତ୍ରକଳା ପ୍ରଦର୍ଶିତ ହୋଇଛି। କାଠ, ପିତ୍ତଳ, ପଥର, ଫାଇବର୍, ଗ୍ଲାସ୍ ଆଦି ସାମଗ୍ରୀ ବ୍ୟବହାର କରି ବିଭିନ୍ନ ସ୍ଥାପତ୍ୟ ତିଆରି କରନ୍ତି। ଏହି ପ୍ରଦର୍ଶନୀରେ ତାଙ୍କର ୨୩ଟି ବ୍ରୋଞ୍ଜ ସ୍ଥାପତ୍ୟ ପ୍ରଦର୍ଶିତ ହେବା ସହ କଳା ଓ ଧଳା ୨୭ଟି ଚିତ୍ରକଳା ମଧ୍ୟ ସ୍ଥାନ ପାଇଛି। ଏହି ପ୍ରଦର୍ଶନୀ ସେପ୍ଟେମ୍ବର ୧୧ ଯାଏ ପ୍ରତିଦିନ ପୂର୍ବାହ୍ନ ୧୧ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପରିଚାଳନା କରିଥିଲେ।




ଭୁବନେଶ୍ୱରସ୍ଥିତ ଟ୍ରାଫିକ୍ ପୋଲିସ ମୁଖ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ କନ୍‌ଷ୍ଟେବଲ ଓ ହୋମଗାର୍ଡଙ୍କ ପାଇଁ ଶନିବାର ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସଡ଼କ ସୁରକ୍ଷା ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



ରାଜ୍ୟ ସଂସ୍କୃତି ବିଭାଗ ଓ ବିକେ କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ପକ୍ଷରୁ ଭୁବନେଶ୍ୱର ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରିରେ ଶନିବାର ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।



ରାଜ୍ୟ ସଂଗ୍ରହାଳୟଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ଇଚିଂ ଟ୍ରାଙ୍କୁଇଲିଟି'ରେ ଏକ ସ୍ଥାପତ୍ୟ ସହ ଅତିଥିମାନେ।

**ହ୍ରାସ ପାଉଛି ବିଦେଶୀ ମୁଦ୍ରାଭଣ୍ଡାର**

**ନୂଆଦିଲ୍ଲୀ:** ଗତ ୨ ବର୍ଷ ମଧ୍ୟରେ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏପରିକି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ଜାରି କରାଯାଇଥିବା ପରିସଂଖ୍ୟାନ ଡାଟା ଅନୁସାରେ ଅଗଷ୍ଟ ୧୯ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ୬.୬୮୭ ବିଲିୟନ ଡଲାର ହ୍ରାସ ହୋଇ ୫୬୪.୦୫୩ ବିଲିୟନ ଡଲାରରେ ପହଞ୍ଚିଛି। ଏହା ପୂର୍ବରୁ ଅଗଷ୍ଟ ୧୨ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରାଭଣ୍ଡାରରେ ୨.୨୩୮ କୋଟି ଡଲାର ହ୍ରାସ ସହ ୫୭୦.୭୪ ବିଲିୟନ ଡଲାରରେ ପହଞ୍ଚିଥିଲା।

# ୧୩୦୦ ଷ୍ଟାର୍ଟଅପ୍‌ରୁ ମହିଳାଙ୍କର ୫୦୦

## ଆଜି ସରିବ ପ୍ରୋପ୍ୟାକ୍ ଓଡ଼ିଶା-୨୨

ଭୁବନେଶ୍ୱର,୨୭।୮

ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ସାମ୍ନାକୁ ଆଣିବା ଲାଗି ଓଡ଼ିଶା ସରକାର ଏକ ମହତ୍ୱପୂର୍ଣ୍ଣ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ରାଜ୍ୟରେ ସ୍ଥାପନ ହେଉଥିବା ଅତିକମ୍‌ରେ ୩୩% ଷ୍ଟାର୍ଟଅପ୍ ସଂସ୍ଥାକୁ ମହିଳାମାନେ ପ୍ରତିଷ୍ଠାତା କିମ୍ବା ସହ ପ୍ରତିଷ୍ଠାତା ଭାବେ ଗଠନ କରନ୍ତୁ ବୋଲି ସରକାର ଚାହୁଁଛନ୍ତି। ଓଡ଼ିଶା ଆସୋସିଏସନ ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍(ଓସ୍‌ମି)ର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ ଏବଂ ଏମ୍‌ଏସ୍‌ଏମ୍‌ଇ ଭିତ୍ତିକ କର୍ମଶାଳା ପରିପ୍ରେକ୍ଷୀରେ 'ମହିଳା ଉଦ୍ୟୋଗୀମାନଙ୍କ ବିକାଶ ଓ ଓଡ଼ିଶାର ସାମାଜିକ-ଅର୍ଥନୈତିକ ଦୃଶ୍ୟପଟ ପ୍ରତି ସେମାନଙ୍କ ଯୋଗଦାନ' ଶୀର୍ଷକ କର୍ମଶାଳାରେ ଯୋଗଦେଇ ଷ୍ଟାର୍ଟଅପ୍ ଓଡ଼ିଶାର ପ୍ରଚାରକ ସଂଯୁକ୍ତା ବଡ଼ାଇ ଏଭଳି ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଏହି ଲକ୍ଷ୍ୟ ସରକାର ହାସଲ କରିସାରିଛନ୍ତି। ରାଜ୍ୟରେ ପଞ୍ଜୀକୃତ



ହୋଇଥିବା ୧୩୦୦ରୁ ଅଧିକ ଷ୍ଟାର୍ଟଅପ୍ ମଧ୍ୟରୁ ପ୍ରାୟ ୫୦୦ଟି ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହାର ହାର ନିର୍ଦ୍ଧାରିତ ୩୩% ଲକ୍ଷ୍ୟଠାରୁ ଅଧିକ ଅର୍ଥାତ୍ ୪୦% କିନ୍ତୁ ଦୀର୍ଘମିଆଦୀ ଭିତ୍ତିରେ ଏହି ଧାରା ବଜାୟ ରଖିବାକୁ ଚାହୁଁଛୁ ବୋଲି ବଡ଼ାଇ କହିଛନ୍ତି। ଷ୍ଟାର୍ଟଅପ୍ ଓଡ଼ିଶା ଅଧୀନରେ ମହିଳା ଉଦ୍ୟୋଗୀମାନଙ୍କ ଲାଗି ଗ୍ରହଣ କରାଯାଇଥିବା ବିଭିନ୍ନ ଅଭିଯାନ ସମ୍ପର୍କରେ ଆଲୋଚନାକରି ସେ କହିଛନ୍ତି, ମହିଳାମାନେ ଯେଉଁ ଚିନ୍ତାଧାରା ନେଇ କାମ କରିବାକୁ ଚାହୁଁଛନ୍ତି, ତାହାକୁ ସମୃଦ୍ଧ କରିବା ଲାଗି ସେମାନଙ୍କ ପାଇଁ ସ୍ୱତନ୍ତ୍ର ପାଣ୍ଠି ଓ ଦକ୍ଷତା ଗଠନ କାର୍ଯ୍ୟକ୍ରମ ରହିଛି। ସେହିଭଳି ମହିଳା ଉଦ୍ୟମିତାର ପ୍ରସାର ଲାଗି ମାସିକ ୨୨ ହଜାର ଟଙ୍କାର ଅନୁଦାନ ଦେବାର ବ୍ୟବସ୍ଥା ମଧ୍ୟ ଅଛି। ଏହା ବ୍ୟତୀତ ଉତ୍ପାଦ ତିଆରି କରି ତାହାକୁ ବଜାରକୁ ନେବା ପର୍ଯ୍ୟନ୍ତ ସହାୟତା ଦେବା ଲାଗି ୧୬ ଲକ୍ଷ ଟଙ୍କାର ଉତ୍ପାଦ ବିକାଶ ଓ ମାର୍କେଟିଂ ସହାୟତା ଅନୁଦାନ ମଧ୍ୟ ରହିଛି। ଦେଶ ବିଦେଶରେ ଆୟୋଜନ ହେଉଥିବା ବଡ଼ କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣକରି ସେଠାରେ ନିଜର ଉତ୍ପାଦ ଓ ସେବାକୁ ଅଧିକ ଲୋକଙ୍କ ପାଇଁ ପ୍ରଦର୍ଶିତ କରିବା ନିମନ୍ତେ ମହିଳା ଉଦ୍ୟୋଗୀମାନଙ୍କୁ ଯାତାୟାତ ଖର୍ଚ୍ଚ ପ୍ରଦାନ କରାଯିବା ମଧ୍ୟ ବ୍ୟବସ୍ଥା ରହିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିବା ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦ ବିଷୟରେ ବର୍ଣ୍ଣନାକରି ସେ କହିଛନ୍ତି, ଏହି ଅଭିଯାନ ଆସନ୍ତା ୬୦ ଦିନରେ ୧୦୦ରୁ ଅଧିକ ଶିକ୍ଷାନୁଷ୍ଠାନର ୧୦,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚିବ। ଏ ନେଇ ସଚେତନତା ସୃଷ୍ଟି କରିବା ଲାଗି ଏକ ଭ୍ୟାନ୍ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନ ଭ୍ରମଣ କରିବ। ଷ୍ଟାର୍ଟଅପ୍‌ଗୁଡ଼ିକ ବଡ଼ ଧରଣର ପୁଞ୍ଜି ଆବଶ୍ୟକତା ପୂରଣ କରିବା ଲାଗି ରାଜ୍ୟ ସରକାର ୧୦୦କୋଟି ଟଙ୍କାର ଫଣ୍ଡ୍ ଅଫ୍ ଫଣ୍ଡସ ଗଠନ କରିଛନ୍ତି। ଓଡ଼ିଶାଭିତ୍ତିକ ଷ୍ଟାର୍ଟଅପ୍‌ରେ ନିବେଶ କରିବା ଲାଗି ସେ ବିକଳ୍ପ ନିବେଶ ପାଣ୍ଠି ଓ ଅଣ ପଞ୍ଜୀକୃତ ନିବେଶକଙ୍କୁ ମଧ୍ୟ ଆହ୍ୱାନ ଦେଇଛନ୍ତି। ଏପରିକି ଓ-ହବ୍‌ରେ ରହିଥିବା ସୁବିଧା ସୁଯୋଗ ବିଷୟରେ ମଧ୍ୟ ସେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଓର୍‌ମାସର ସିଇଓ ପୁନମ ତାପସ ଗୁହା ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ରହିଥିବା ସମ୍ଭାବନା ଓ ସରକାର ପ୍ରଦାନ କରୁଥିବା ସହାୟତାଗୁଡ଼ିକ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ପ୍ରତିଦ୍ୱନ୍ଦ୍ୱୀ ପ୍ରଡ୍ୟୁସର୍ସ ଗ୍ରୁପ୍ ପରିଦର୍ଶନ କରି ସେମାନଙ୍କ କାର୍ଯ୍ୟଶୈଳୀକୁ ଜାଣିବା ଓ ଚିନ୍ତାଧାରା ଆଦିର ଆଦାନପ୍ରଦାନ କରିବା ଲାଗି ମହିଳା ଉଦ୍ୟୋଗୀମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ଥିବାରୁ ସେମାନଙ୍କ ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକୁ ବଜାର ପର୍ଯ୍ୟନ୍ତ ଆଣିବା ଲାଗି ମଧ୍ୟ ବହୁ ସୁଯୋଗ ରହିଛି। କୃଷିଜାତ ସାମଗ୍ରୀରେ ରହିଥିବା ସୁଯୋଗ ବିଷୟରେ ମଧ୍ୟ ସେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ଉପସ୍ଥିତ ମହିଳା ଉଦ୍ୟୋଗୀମାନଙ୍କୁ ଓର୍‌ମାସ ପ୍ରତିବର୍ଷ ଆୟୋଜନ କରୁଥିବା ପଲ୍ଲିଶ୍ରୀ ମେଳାରେ ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥି ସହିତ ସରକାରୀ ସ୍କିମ୍‌ଗୁଡ଼ିକର ଲାଭ ହାସଲ କରିବା ଲାଗି ଉଦ୍ୟମ କରିବାକୁ ସେମାନଙ୍କୁ ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓର ସହକାରୀ ନିର୍ଦ୍ଦେଶକ ନୀତୀଶା ମାନ୍, ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର ଯୁଗ୍ମ ସଚିବ ମାନସୀ ମାନ୍ଧାତା, ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନୀଲ ନରୱଣେ, ଓସ୍‌ମି ମହିଳା ଶାଖାର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି, ସଚିବ ଶ୍ୱେତା ପାଣି, ପ୍ରତିଶ୍ରୁତି ଜେନା, ଅମ୍ରିତା ସାବତ, ଚନ୍ଦନା ଦାସ, ସଂଯୁକ୍ତା ପଣ୍ଡା, ବିଜୟଲକ୍ଷ୍ମୀ ପ୍ରଧାନ ଓ ବେନୋରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଟିପିସିକୁ ଏସିଆର ଶ୍ରେଷ୍ଠ ନିଯୁକ୍ତିଦାତା ବ୍ରାଣ୍ଡ୍ ପୁରସ୍କାର

ଭୁବନେଶ୍ୱର,୨୭।୮



ଭାରତର ସର୍ବବୃହତ୍ ସମନ୍ୱିତ ଶକ୍ତି ଉତ୍ପାଦନକାରୀ ଏନ୍‌ଟିପିସି ଲିମିଟେଡ୍‌କୁ ସୁଦୂର ସିଙ୍ଗାପୁରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏସିଆର ଶ୍ରେଷ୍ଠ ନିଯୁକ୍ତିଦାତା ବ୍ରାଣ୍ଡ ପୁରସ୍କାର ୨୦୨୨'ର ୧୩ତମ ସଂସ୍କରଣରେ ଏସିଆର ଶ୍ରେଷ୍ଠ ନିଯୁକ୍ତିଦାତା ବ୍ରାଣ୍ଡ୍ ଆୱାର୍ଡ-୨୦୨୨ ପ୍ରଦାନ କରାଯାଇଛି। ଉନ୍ନତି ପାଇଁ ନିୟମିତ ପ୍ରକ୍ରିୟା, କର୍ମଚାରୀ ସମ୍ପୃକ୍ତିରେ ଉନ୍ନତି, ଶିକ୍ଷା ଓ ବିକାଶ ଉପରେ ଗୁରୁତ୍ୱ, କ୍ୟାରିୟର ଓ ଅଭିବୃଦ୍ଧି ସୁଯୋଗ ଓ କର୍ମଚାରୀ କଲ୍ୟାଣ ଜରିଆରେ ମାନବ ସମ୍ବଳର ବିକାଶ ଓ ପରିଚାଳନାରେ ଉତ୍କର୍ଷ ହାସଲ କରିବା ଲାଗି ଏନ୍‌ଟିପିସିର ପ୍ରତିବଦ୍ଧତାକୁ ଏହି ପୁରସ୍କାର ପ୍ରତିଫଳିତ କରୁଛି। ପିଏଲ୍‌ଏଫ୍ ପୂର୍ବରୁ ଲୋକକୁ ନେଇ ଏନ୍‌ଟିପିସିର ରହିଥିବା ଦର୍ଶନ ଅନୁସାରେ କମ୍ପାନୀର ଏଚ୍‌ଆର୍ ନୀତି ପ୍ରସ୍ତୁତ ହୋଇଛି, ଯଦ୍ଦ୍ୱାରା ଏକ ସମ୍ପୃକ୍ତିଭିତ୍ତିକ ପ୍ରଗତିଶୀଳ କର୍ମସଂସ୍କୃତି ସୃଷ୍ଟି ହୋଇପାରିଛି। ବିଶ୍ୱର ଶ୍ରେଷ୍ଠ ନିଯୁକ୍ତିଦାତାଙ୍କ ଫୋର୍ବସ୍ ତାଲିକାରେ ଭାରତୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ମଧ୍ୟରେ ଏନ୍‌ଟିପିସି ଲିମିଟେଡ୍ ୨୦୨୦ରେ ପ୍ରଥମ ସ୍ଥାନ ହାସଲ କରିଥିଲା। ୨୦୨୧ ମାର୍ଚ୍ଚରେ ଏହାକୁ 'ରୋଲ୍ ମଡେଲ' ବର୍ଗରେ ସମ୍ମାନଜନକ ସିଆଇଆଇ ଜାତୀୟ ଏଚ୍‌ଆର୍ ଉତ୍କର୍ଷ ପୁରସ୍କାର ଦିଆଯାଇଥିଲା। ଏସ୍‌ଏଚ୍‌ଆର୍‌ଏମ୍ ଇଣ୍ଡିଆ ପିଏସ୍‌ଇ କନ୍‌କ୍ଲେଭ୍ ୨୦୨୧ରେ କମ୍ପାନୀକୁ ସମ୍ମାନଜନକ ଏସ୍‌ଏଚ୍‌ଆର୍‌ଏମ୍ ସ୍ୱତନ୍ତ୍ର ମାନ୍ୟତା ୨୦୨୧ ବର୍ଷ ପାଇଁ ଦିଆଯାଇଥିଲା।

## କଲ୍ୟାଣ ଜୁଏଲର୍ସର ୨ୟ ଶୋ'ରୁମ୍ ଖୁବ୍‌ଶୀଘ୍ର

### ସେପ୍ଟେମ୍ବର ୩ରେ ଶୁଭାରମ୍ଭ ହେବ ବ୍ରହ୍ମପୁର ଷ୍ଟୋର

ଭୁବନେଶ୍ୱର,୨୭।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଓଡ଼ିଶାର ୨ୟ ଶୋ'ରୁମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରହ୍ମପୁର ସହରର ସିଟି ହାଇସ୍କୁଲ ରୋଡ୍‌ରେ ଏହି ନୂତନ ଶୋ'ରୁମ୍ ଚଳିତ ବର୍ଷ ସେପ୍ଟେମ୍ବର ୩ ତାରିଖ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ଉକ୍ତ ଶୋ'ରୁମ୍‌କୁ ସ୍ୱତନ୍ତ୍ର ଢଙ୍ଗରେ ଶୁଭାରମ୍ଭ କରିବା ଲାଗି ପ୍ରତି ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି କମ୍ପାନୀ ପକ୍ଷରୁ ପ୍ରତି ଗ୍ରାମ୍‌ର ଗଢ଼ା ମୂଲ୍ୟ ଉପରେ ୩୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଓ ପୁରୁଣା ସୁନା ଏକ୍ସଚେଞ୍ଜ ଉପରେ ପ୍ରତି ଗ୍ରାମ୍‌ରେ ଅଧିକ ୫୦ଟଙ୍କା ପ୍ରଦାନ କରାଯିବ। ସାରା ଭାରତରେ ଥିବା ସମସ୍ତ କଲ୍ୟାଣ ଜୁଏଲର୍ସ ଶୋ'ରୁମ୍‌ରେ ଏକ ପ୍ରକାର ସୁନା ମୂଲ୍ୟ ପ୍ରଚଳନ କରିବା ଲାଗି କମ୍ପାନୀ 'ସ୍ୱତନ୍ତ୍ର କଲ୍ୟାଣ ସୁନା ଦର'ର ମଧ୍ୟ ଶୁଭାରମ୍ଭ କରିଛି, ଯାହା ବଜାରରେ ସର୍ବନିମ୍ନ। ଗ୍ରାହକମାନେ ସାରା ଭାରତରେ ଥିବା କଲ୍ୟାଣ ଜୁଏଲର୍ସର ଶୋ'ରୁମ୍‌ରୁ ଆକର୍ଷଣୀୟ ଅଫରଗୁଡ଼ିକୁ ହାସଲ କରିପାରିବେ। ଏହି ଆକର୍ଷଣୀୟ ଅଫର ଚଳିତ ବର୍ଷ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୈଧ ରହିବ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣନ କହିଛନ୍ତି, ଓଡ଼ିଶାରେ ଆମେ ଆମର ୭ ବର୍ଷର ଯାତ୍ରା ପୂରଣ କରିଥିବା ବେଳେ ରାଜ୍ୟର ୩ୟ ସର୍ବବୃହତ୍ ବଜାରରେ ପ୍ରବେଶ କରିବାକୁ ଯାଉଥିବାରୁ ଅତ୍ୟନ୍ତ ଉଲ୍ଲସିତ ମନେକରୁଛୁ। ଓଡ଼ିଶା ଆମ ପାଇଁ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇରହିଛି ଓ ଏହି ଅଞ୍ଚଳରେ ନୂତନ ନିବେଶ ଦକ୍ଷିଣ-ପୂର୍ବ ଭାରତରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଲାଗି ରହିଥିବା ପ୍ରତିବଦ୍ଧତାକୁ ତାହା ପ୍ରତିଫଳିତ କରୁଛି। ଆମର ବିଶ୍ୱାସ ଯେ ବ୍ରହ୍ମପୁର ବଜାରରେ ବିପୁଳ ସମ୍ଭାବନା ରହିଛି ଏବଂ ଓଡ଼ିଶା ବଜାରରେ ଦୃଢ଼ ମୂଳଦୁଆ ସ୍ଥାପନ ହୋଇସାରିଥିବାରୁ ତାହା ଆମ ଅଭିବୃଦ୍ଧି ଧାରାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

## 'ଓମେନ୍ ଲିଡ୍ ଇଣ୍ଡିଆ ଫେଲୋଶିପ୍'ର ଶୁଭାରମ୍ଭ

ମୁମ୍ବାଇ,୨୭।୮

ସାମାଜିକ କ୍ଷେତ୍ରରେ ମହିଳା ନେତୃତ୍ୱକୁ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ରିଲାଏନ୍ସ ଫାଉଣ୍ଡେଶନ ଓ ଭାଇଟାଲ ଭଏସେସ୍ ପକ୍ଷରୁ 'ଓମେନ୍ ଲିଡ୍ ଇଣ୍ଡିଆ ଫେଲୋଶିପ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ନିକଟରେ ଆରମ୍ଭ ହୋଇଥିବା ଏହି ୧୦ ମାସିଆ ଫେଲୋଶିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ପରିବର୍ତ୍ତନର ବାର୍ତ୍ତାବହ ସାଜିଥିବା ମହିଳାମାନଙ୍କ ନେତୃତ୍ୱ ଦକ୍ଷତାକୁ ସୁଦୃଢ଼ କରିବ। ବିଶେଷକରି ଗ୍ରାମୀଣ ରୂପାନ୍ତରଣ, ଶିକ୍ଷା, କ୍ରୀଡ଼ାର ବିକାଶ, କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ଏହି ଫେଲୋଶିପ୍ ପ୍ରଦାନ କରାଯିବ। ଏଥିପାଇଁ ସର୍ବଭାରତୀୟ ସ୍ତରରେ ଆବେଦନ ଆହ୍ୱାନ କରାଯାଇଛି। ଆବେଦନର ଶେଷ ତାରିଖ ୨୦୨୨ ଅକ୍ଟୋବର ୩ ତାରିଖ ରହିଛି। ପରିବର୍ତ୍ତନ ଆଣିବା ଲାଗି ଏକ କିମ୍ବା ଏକାଧିକ ସାମାଜିକ କ୍ଷେତ୍ରରେ ଅତିକମ୍‌ରେ ୩ବର୍ଷର କାର୍ଯ୍ୟ କରିଥିବାର ଅଭିଜ୍ଞତା ଥିବା ମହିଳାମାନେ ଏହି ଫେଲୋଶିପ୍ ପାଇଁ ଆବେଦନ କରିପାରିବେ।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି, 'କେବଳ ନିଜକୁ ନୁହେଁ ବରଂ ନିଜ ପରିବାର ଓ ସମାଜକୁ ସଶକ୍ତ କରିବା ଲାଗି ମହିଳାଙ୍କ ପାଖରେ ଥିବା ସାମଗ୍ରିକ ଓ ଅଭିନବ ଶକ୍ତି ଉପରେ ଆମର ବିଶ୍ୱାସ ରହିଛି। ଯେତେବେଳେ ମହିଳାମାନେ ପରସ୍ପର ସହ ମିଶି ଆଗକୁ ବଢ଼ିଥାନ୍ତି ସେମାନେ ଏକ ନେଟ୍‌ୱର୍କ ଓ ବ୍ୟବସ୍ଥା ଗଠନ କରନ୍ତି, ଯାହା ସେମାନଙ୍କ ଚାରିପାଖରେ ଥିବା ଦୁନିଆର ରୂପାନ୍ତରଣରେ ସହାୟକ ହୋଇଥାଏ।

## ଆଜି ଷ୍ଟାର୍ କିରଣରେ 'ବିଶ୍ୱନାଥ'

ଭୁବନେଶ୍ୱର,୨୭।୮

ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲ 'ଷ୍ଟାର୍ କିରଣ'ରେ ରବିବାର ସନ୍ଧ୍ୟା ୬ ଘଟିକାରେ ଓଡ଼ିଆ ସିନେମା 'ବିଶ୍ୱନାଥ'ର ୱାର୍ଲଡ ଟେଲିଭିଜନ ପ୍ରିମିୟର (ଡବ୍ଲ୍ୟୁଟିପି) ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ବିଶେଷକରି ଏହି ନୂତନ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ କମ୍ ଦିନ ମଧ୍ୟରେ ଦର୍ଶକଙ୍କୁ ବାନ୍ଧି ରଖିପାରିଛି। ସେହିଭଳି ପ୍ରତି ସପ୍ତାହ ଶେଷରେ ଏକ ବ୍ଲକ୍ ବଷ୍ଟର ଓଡ଼ିଆ ସିନେମା ମାଧ୍ୟମରେ ସାରା ପରିବାରକୁ ମଧ୍ୟ ସନ୍ଧ୍ୟାରେ ଏକତ୍ରିତ କରିପାରୁଛି। ଅପରପକ୍ଷରେ ଉକ୍ତ ଚଳଚ୍ଚିତ୍ରରେ ନାୟକ ସମ୍ବିତ ଆଚାର୍ଯ୍ୟ ଏବଂ ନାୟିକା




ଭୂମିକାରେ ସମ୍ଭାବନା ମହାନ୍ତି ଅଭିନୟ କରିଛନ୍ତି। ଏହା ଏକ ପାରିବାରିକ ମନୋରଞ୍ଜନ ଚଳଚ୍ଚିତ୍ର । ଏପରିକି ସବୁବର୍ଗର ଦର୍ଶକଙ୍କୁ ପରିବାର ସହ ଟିଭି ପରଦା ଆଗରେ ବାନ୍ଧିରଖିବା ପାଇଁ ବିଶ୍ୱନାଥ ଏକ ରୋମାଣ୍ଟିକ କାହାଣୀ। ଏହାର କାହାଣୀ ଗାୟତ୍ରୀ ଚରିତ୍ରରେ ସମ୍ଭାବନା ଏବଂ ବିଶ୍ୱନାଥ ଚରିତ୍ରରେ ସମ୍ବିତଙ୍କ ମଧ୍ୟରେ ଥିବା ରୋମାଣ୍ଟିକ ସମ୍ପର୍କ ଉପରେ ଆଧାରିତ । ଗାୟତ୍ରୀଙ୍କ ପରିବାର ସଦସ୍ୟଙ୍କ ହୃଦୟ ଜିତିବାକୁ ଚେଷ୍ଟା କରିବାରେ କେତେଦୂର ସଫଳ ହେଉଛି ଏହା ଉପରେ ବିଶ୍ୱନାଥ ଚଳଚ୍ଚିତ୍ରର କାହାଣୀ ପରିବେଷିତ।

**ଫୁରସତ୍**

# ୧୩ ସେକେଣ୍ଡରେ ମାଟିରେ ମିଶିବ 'ଟ୍ୱିନ୍ ଟାୱାର'



ନୋଏଡା

ବେଆଇନ ଭାବେ ତିଆରି ନୋଏଡାର ଟ୍ୱିନ୍ ଟାୱାର ମାଟିରେ ମିଶିବାକୁ ଯାଉଛି। ୯ ବର୍ଷର ଆଇନଗତ ଲଢ଼େଇ ପରେ ସୁପରଟେକ୍ କମ୍ପାନୀ ତିଆରି କରିଥିବା ୧୦୦ ମିଟର ଉଚ୍ଚତା ବିଶିଷ୍ଟ ସିୟାନ ଓ ଆପେକ୍ସ (ଟ୍ୱିନ୍ ଟାୱାର)କୁ ଭଙ୍ଗା ଯିବାର ନିଷ୍ପତ୍ତି ନିଆଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନୋଏଡା-ଗ୍ରେଟର ନୋଏଡା ଏକ୍ସପ୍ରେସ୍ ୱେ'ର ସେକ୍ଟର ୯୩ରେ ୮୫୦ ଫ୍ଲାଟ ବିଶିଷ୍ଟ ଟ୍ୱିନ୍ ଟାୱାର ରହିଛି। ରବିବାର ଅପରାହ୍ନ ସାଢ଼େ ୨ଟାବେଳେ ଟ୍ୱିନ୍ ଟାୱାର ଭଙ୍ଗାଯିବା ଲାଗି କାଉଣ୍ଟ ଡାଉନ୍ ଆରମ୍ଭ ହେବ। ଗୋଟିଏ ବଟନ୍ ଦବାଇବା ମାତ୍ରକେ ୧୩ ସେକେଣ୍ଡର ବିସ୍ଫୋରଣରେ ସମ୍ପୂର୍ଣ୍ଣ ଟାୱାର ମାଟିରେ ମିଶିଯିବ। ବିସ୍ଫୋରଣର ତୀବ୍ରତା ୧ ମ୍ୟାଗ୍ନିଚ୍ୟୁଡ୍ ରହିବ। ସେକ୍ଟର ୯୩ରେ ନୋ ଫ୍ଲାଇଙ୍ଗ୍ ଜୋନ୍ ଲାଗୁ କରାଯାଇଛି। ସ୍ଥାନୀୟ ଅଞ୍ଚଳକୁ ସଫା କରିବା ପାଇଁ ୩ ମାସ ଲାଗିବ। ଆଖପାଖ ୧୩୯୬ ଫ୍ଲାଟରେ ରହୁଥିବା ଲୋକଙ୍କୁ ଘର ଖାଲି କରିବାକୁ କୁହାଯାଇଛି।

୨୦୦୫ରେ ସୁପରଟେକ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀକୁ ନ୍ୟୁ ଓଖଲା ଇଣ୍ଡଷ୍ଟ୍ରିଆଲ୍ ଡେଭ୍‌ଲପ୍‌ମେଣ୍ଟ ଅଥରିଟି (ନୋଏଡା) ୯ ମହଲା ବିଶିଷ୍ଟ ୧୪ଟି ଟାୱାର ନିର୍ମାଣ ପାଇଁ ଅନୁମତି ଦେଇଥିଲେ, ଯେଉଁଥିରେ ଶପିଂ କମ୍ପ୍ଲେକ୍ସ ଓ ଗାର୍ଡେନ୍ ଏରିଆ ସଂଲଗ୍ନ ରଖାଯିବାର ଥିଲା। ୨୦୦୯ରେ ବିଲ୍ଡିଂର ସମୀକ୍ଷା ସମୟରେ ସୁପରଟେକ୍ କମ୍ପାନୀ ଟାୱାରରେ ୯ରୁ ଅଧିକ ମହଲା ନିର୍ମାଣ କରୁଥିବା ଦେଖାଯାଇଥିଲା। ପରିବର୍ତ୍ତିତ ଯୋଜନାକୁ ନୋଏଡା ଅଥରିଟି ପୁଣି ଅନୁମତି ଦେଇଥିଲେ । ବେଆଇନ ନିର୍ମାଣ ନେଇ ରେସିଡେଣ୍ଟ ୱେଲ୍ ଫେୟାର୍ ଆସୋସିଏଶନ୍ (ଆର୍‌ଡବ୍ଲ୍ୟୁଏ)୨୦୧୨ରେ ଆଲ୍ଲାହାବାଦ ହାଇକୋର୍ଟରେ କମ୍ପାନୀ ବିରୋଧରେ ଅଭିଯୋଗ କରିଥିଲେ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବାପରେ ଟ୍ୱିନ୍ ଟାୱାରକୁ ଭଙ୍ଗାଯିବା ନେଇ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

### ଇମ୍ପ୍ଲୋଜନ୍ ଟେକ୍‌ନିକ୍

ଟ୍ୱିନ୍ ଟାୱାରକୁ ଇମ୍ପ୍ଲୋଜନ୍ ଟେକ୍‌ନିକ୍ ଦ୍ୱାରା ଭଙ୍ଗାଯିବ। ମୁମ୍ବାଇର ଇଡିଫିସ୍ ଇଞ୍ଜିନିୟରିଂ ଏବଂ ସାଉଥ୍ ଆଫ୍ରିକାର ଜେଟ୍ ଡିମୋଲିଶନ୍ କମ୍ପାନୀ ମିଳିତ ଭାବେ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ଏ ନେଇ ୬ ମାସର ପ୍ରସ୍ତୁତି କରିବାକୁ ପଡ଼ିଥିବା ଇଡିଫିସ୍ ସିଇଓ ଉତ୍କର୍ଷ ମେହେଟ୍ଟା କହିଛନ୍ତି। ପାଖାପାଖି ୩,୭୦୦ କିଲୋଗ୍ରାମର ବିସ୍ଫୋରକ ଟ୍ୱିନ୍ ଟାୱାରରେ ଖଞ୍ଜାଯାଇଛି। ବିଲ୍ଡିଂର ସ୍ତମ୍ଭ ମଧ୍ୟରେ ଛିଦ୍ର କରି ସେଥିରେ ବିସ୍ଫୋରକ ରଖାଯାଇଛି। ଇମ୍ପୋଜନ୍ ଟେକ୍‌ନିକ୍ ଦ୍ୱାରା ଟାୱାରର ଭଗ୍ନାବଶେଷ ସବୁ ବାହାରେ ବିଛାଡ଼ି ହୋଇ ନ ପଡ଼ି ଭୂଇଁ ତଳକୁ ପୋତିହୋଇଯିବ। ୮୦ ହଜାର ଟନ୍ ପରିମାଣର ବର୍ଜ୍ୟ ଜମାହେବାକୁ ଥିବାବେଳେ ୫୦ରୁ ୫୫ ହଜାର ଟନ୍ ବର୍ଜ୍ୟ କନଷ୍ଟ୍ରକ୍ସନ ସାଇଟ୍ ପୋତିବାରେ ବ୍ୟବହାର କରାଯିବ। ଧୂଳି ଏବଂ ଭଗ୍ନାବଶେଷ ବାହାରେ ନ ପଡ଼ିବା ପାଇଁ ଟାୱାରକୁ ଜିଓ ଟେକ୍ସଟାଇଲ୍ କପଡ଼ା ଦ୍ୱାରା ଢ଼ଙ୍କା ଯାଇଛି।

## ସୋଲୋ ଟ୍ରିପ୍‌ରେ ପରିଣୀତି

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବେ ବିଦେଶ ଭ୍ରମଣରେ ବ୍ୟସ୍ତ। ତା' ପୁଣି ପରିବାର କି ସାଙ୍ଗଙ୍କ ସହ ନୁହେଁ। ପରିଣୀତି ଏକୁଟିଆ ବିଦେଶ ବୁଲୁଛନ୍ତି ଏବଂ ଅଜଣା ଲୋକଙ୍କ ଦ୍ୱାରା ଫଟୋ ଉଠାଉଛନ୍ତି। ଶନିବାର ଅଭିନେତ୍ରୀ ଜଣକ କିଛି ଫଟୋ ନିଜ ଇନଷ୍ଟାଗ୍ରାମରେ ଅପ୍‌ଲୋଡ୍ କରିଛନ୍ତି, ଯେଉଁଥିରେ ସେ ଏକୁଟିଆ ବୁଲୁଥିବାର ଦେଖିବାକୁ ମିଳିଛି। କେଉଁଠାରେ ସେ ହଲିଡେ ପାଳୁଛନ୍ତି ତାହା ମଧ୍ୟ କାହାରିକୁ ଜଣା ନାହିଁ। କିଛିଦିନ ହେବ ପରଣୀତିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳୁନାହିଁ। କିନ୍ତୁ ଆଗାମୀ ଦିନରେ ତାଙ୍କର ଏକାଧିକ ପ୍ରୋଜେକ୍ଟ ରିଲିଜ୍ ଅପେକ୍ଷାରେ ରହିଛି। ପରିଣୀତି ଇମ୍‌ତିଆଜ୍ ଅଲ୍ଲିଙ୍କ ଫିଲ୍ମ 'ଚମ୍‌କିଲା'ରେ କାମ କରିବା ପାଇଁ ରଣବୀରଙ୍କ ସହ କରିବାକୁ ଯାଉଥିବା ଫିଲ୍ମ 'ଆନିମଲ'କୁ ଛାଡ଼ିଦେଇଥିଲେ। ଆଗକୁ ଖିଲାଡ଼ି କୁମାର ଅକ୍ଷୟଙ୍କ ସହ ସେ ଏକ ଫିଲ୍ମ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି।



## ବ୍ୟଙ୍ଗକରି ପପ୍ ଷ୍ଟାର୍ ଦଣ୍ଡିତ

**ଆଙ୍କାରା:** ରକ୍ଷଣଶୀଳ ଦେଶ ତୁର୍କୀରେ ଧର୍ମୀୟ ସ୍କୁଲଗୁଡ଼ିକ ଉପରେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦେଇ ପପ୍ ଷ୍ଟାର୍ ଗୁଲ୍‌ସେନ୍ ଗିରଫ ହୋଇଛନ୍ତି। ଗତ ଏପ୍ରିଲରେ ଏକ ଷ୍ଟେଜ୍‌ରେ ଗୁଲ୍‌ସେନ୍ ପରଫର୍ମ କରୁଥିବାବେଳେ ତାଙ୍କ ବ୍ୟାଣ୍ଡର ଜଣେ ମ୍ୟୁଜିସିଆନ୍‌ଙ୍କ ଉଦ୍ଦେଶ୍ୟରେ କହିଥିଲେ, ସେ ପୂର୍ବରୁ ଏକ ଇମାମ୍ ହତିପ୍ (ସ୍କୁଲ)ରେ ପାଠ ପଢୁଥିଲେ। ସେଥିଯୋଗୁ ତାଙ୍କର ଏଭଳି ବିକୃତି ଦେଖିବାକୁ ମିଳୁଛି। ରାଷ୍ଟ୍ରପତି ତୟିପ୍ ଏର୍ଡୋଗାନ୍ ମଧ୍ୟ ଦେଶର ପ୍ରଥମ ଇମାମ୍ ହତିପ୍ ସ୍କୁଲରେ ପାଠ ପଢ଼ିଥିଲେ। ଯୁବପିଢ଼ିଙ୍କୁ ଇମାମ୍ ଶିକ୍ଷା ଓ ତାଲିମ୍ ଦେବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ ସ୍କୁଲକୁ ନେଇ ଗୁଲସେନ୍‌ଙ୍କ ମନ୍ତବ୍ୟକୁ ଦେଶରେ ନିନ୍ଦା କରାଯାଇଛି। ଗୁଲ୍‌ସେନ୍ ଏହାପୂର୍ବରୁ ମଧ୍ୟ ଅତି ଛୋଟ ବସ୍ତ୍ର ପରିଧାନ ସହ ହାତରେ ଏଲ୍‌ଜିବିଟି ପତାକା ଧରି ବିବାଦୀୟ ହୋଇଥିଲେ। ଗୁରୁବାର ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇ ଦେଇଥିବାବେଳେ ଅଧିକାରକର୍ମୀ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ଏର୍ଡୋଗାନ୍‌ଙ୍କ ନେତୃତ୍ୱାଧୀନ ଏ.କେ. ପାର୍ଟି କହିଛି, ଗୁଲ୍‌ସେନ୍‌ଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି। ଏଥିରେ ସରକାରଙ୍କ ହାତ ନାହିଁ।



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିରରେ ସାତପୁରୀ ଅମାବାସ୍ୟା

ପୁରୁଣା ଭୁବନେଶ୍ୱର,୨୭।୮(ଡି.ଏନ୍.ଏ.): ଶନିବାର ଶ୍ରୀଲିଙ୍ଗରାଜ ମନ୍ଦିରରେ ସାତପୁରୀ ଅମାବାସ୍ୟା ପାଳିତ ହୋଇଯାଇଛି। ପ୍ରାତଃରୁ ଆଳତି, ଅବକାଶ, ରୋଷହୋମ ସହ ଅନ୍ୟାନ୍ୟ ନୀତି କରାଯାଇଥିଲା। ସକାଳ ଧୂପରୁ ସନ୍ଧ୍ୟା ଧୂପ ଯାଏ ପ୍ରତ୍ୟେକ ଧୂପରେ ସାତପୁରୀ ଭୋଗ କରାଯାଇଥିଲା। ଟେରାଫିଟା ନୀତି ସରିବା ପରେ ମନ୍ଦିର ବେଢ଼ାରେ ଥିବା ସମସ୍ତ ଦେବଦେବୀଙ୍କୁ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ସାତପୁରୀ ପିଠା ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ଉକ୍ତ ପିଠାକୁ ସେବାୟତଙ୍କ ମଧରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବଣ୍ଟନ କରାଯାଇଥିଲା। ଏହାପରେ ବଡ଼ସିଂହାର କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା।

### ମହିଳା କର୍ମନିଯୋଜନ କର୍ମଶାଳା

ବାଲିପାଟଣା,୨୭।୮(ଡି.ଏନ୍.ଏ.): କୃଷିଜୀବୀ ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର ଓମେନ ଇନ୍ ଏଗ୍ରିକଲ୍ଚର (ସିଆଇଡବ୍ଲ୍ୟୁଏ) ଭୁବନେଶ୍ୱର ଏବଂ ରେଡ଼ିଓ କିଶାନ ଅଠାନ୍ତରର ମିଳିତ ସହଯୋଗରେ ଶନିବାର ଗୁଆପୁରର ସାତବିଶ୍ୱାଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମର ମହିଳା ମାନେ ମସଲା ଗୁଣ୍ଡ ଉତ୍ପାଦନ କରିବା ସହିତ ଏହାକୁ ବଜାରରେ ବିକ୍ରୀ କରିବା ପାଇଁ ସେମାନଙ୍କୁ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା। ରେଡିଓ କିଶାନ ପକ୍ଷରୁ କଥାହାଟ ନାମରେ ଏକ ସାପ୍ତାହିକ କାର୍ଯ୍ୟକ୍ରମ ମଧ ଶୁଭାରମ୍ଭ ହୋଇଛି। ମହିଳାମାନେ କାର୍ଯ୍ୟ କରିବା ସମୟରେ ଗୀତ ଓ କଥା ମାଧମରେ ମନୋରଞ୍ଜନ କରି ଏହାର ପ୍ରକୃତ ମୂଲ୍ୟାୟନ ପାଇଁ ସୁଯୋଗ ପାଇବେ। ସିଆଇଡବ୍ଲ୍ୟୁଏ ପକ୍ଷରୁ ମହିଳାମାନଙ୍କୁ ମସଲା ତିଆରି ମେଶିନ ସହିତ ବିଭିନ୍ନ କୃଷି ସାମଗ୍ରୀ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ସିଆଇଡବ୍ଲ୍ୟୁଏର ନିର୍ଦ୍ଦେଶକ ଡ.ଅନିଲ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବୈଜ୍ଞାନିକ ଡ. ସବିତା ମିଶ୍ର, ଅନନ୍ତ ସରକାର, ଭିକାରୀ ଚରଣ ବେହେରା, ଦେବେନ୍ଦ୍ରନାଥ ଷଡ଼ଙ୍ଗୀ, ସରପଞ୍ଚ କୁନି ସେନାପତି, ପୂର୍ବତନ ସରପଞ୍ଚ ଅର୍ଜୁନ ସ୍ୱାଇଁ, ରେଡିଓ କିଶାନ ନିର୍ଦ୍ଦେଶକ ପ୍ରଦୀପ୍ତ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ସୈନିକ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡ (ଟିଟିଏସ୍)ରେ ଅଳିଆ ପକାଇବାକୁ ଧାଡିରେ ଅଟକି ରହିଥିବା ଗାଡ଼ି ।

# ଭୁଆସୁଣୀ ଡମ୍ପିଂୟାର୍ଡ ବିବାଦ: ଦ୍ୱିପାକ୍ଷିକ ଆଲୋଚନା ବିଫଳ

- ୨ଦିନ ସମୟ ମାଗିଲେ ଦାରୁଠେଙ୍ଗ ଗ୍ରାମବାସୀ
- ଗ୍ରାମସଭା ନିଷ୍ପତ୍ତି ଚୂଡ଼ାନ୍ତ ହେବ
- ଖୁବ୍‌ଶୀଘ୍ର ସମାଧାନ : ମେୟର

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)



ଭୁବନେଶ୍ୱରରୁ ଅଳିଆ କେବେ ଉଠିବ, କେବେ ସହର ସଫାସୁତରା ହେବ ସେ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ। ଏବେ କୁଢ କୁଢ ଅଳିଆ ଭିତରେ ପେଷି ହେଉଛନ୍ତି ସହରବାସୀ। ଶନିବାର ବିଏମ୍‌ସି ଓ ଦାରୁଠେଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ବିଏମ୍‌ସି କାର୍ଯ୍ୟାଳୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହା ଉପରେ ସମସ୍ତଙ୍କ ନଜର ରହିଥିଲା। ମାତ୍ର ଦୀର୍ଘ ସମୟର ଆଲୋଚନା ଓ ବହୁ ଚେଷ୍ଟା ପରେ ବି ଭୁଆସୁଣି ଡମ୍ପିଂୟାର୍ଡ ବିବାଦର ସମାଧାନ ହୋଇପାରି ନାହିଁ। ନିଜ ଜିଦ୍‌ରେ ଅଟଳ ରହିଛନ୍ତି ଗ୍ରାମବାସୀ। ତେବେ ନିଷ୍ପତ୍ତି ଜଣାଇବା ପାଇଁ ସେମାନେ ୨ଦିନ ସମୟ ନେଇଛନ୍ତି। ଏହା ମଧ୍ୟରେ ଗ୍ରାମସଭା ଡକାଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବ। ଗ୍ରାମସଭାରେ ନିଆଯିବାକୁ ଥିବା ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି ଦାରୁଠେଙ୍ଗ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ କହିଛନ୍ତି। ଏଥିସହ ବିଏମ୍‌ସି ନିକଟରେ କିଛିଟା ଦାବି ଉପସ୍ଥାପନ କରାଯାଇଛି। ବିଏମ୍‌ସି ୯ ମାସ ସମୟ ମାଗିଛି। ତେବେ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ଡମ୍ପିଂୟାର୍ଡକୁ ଅଳିଆ ଗାଡ଼ି ଯିବନାହିଁ। ସେହିପରି ଅଳିଆ ପକା ବନ୍ଦ ନ ହେବା ପର୍ଯ୍ୟନ୍ତ ବାୟୋମାଇନିଂ କାମ ଆରମ୍ଭ ହେବ ନାହିଁ ବୋଲି ସରପଞ୍ଚ ଦାବି ରଖିଛନ୍ତି। ହେଲେ ଗ୍ରାମବାସୀଙ୍କ ସହ ସକାରାତ୍ମକ ଆଲୋଚନା ହୋଇଥିବା ମେୟର ସୁଲୋଚନା ଦାସ କହିଛନ୍ତି। ୨ଦିନ ପରେ ସମାଧାନ ବାଟ ଫିଟିବ ବୋଲି ସେ କହିଛନ୍ତି।

ମେୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଏମ୍‌ସିର ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଡିସିପି ପ୍ରତୀକ୍ ସିଂ, ଦାରୁଠେଙ୍ଗ ସରପଞ୍ଚ ଓ କେତେଜଣ ଗ୍ରାମବାସୀ ଉପସ୍ଥିତ ଥିଲେ। କମିଶନର ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ। ଆଲୋଚନା ପରେ ଖୁବ୍‌ଶୀଘ୍ର ଭୁବନେଶ୍ୱର ପରିମଳ ସମସ୍ୟାର ସମାଧାନ ବାଟ ଫିଟିବ ବୋଲି ଆଶା କରାଯାଉଛି। ଭୁଆସୁଣି ଡମ୍ପିୟାର୍ଡ ବିବାଦ ଯୋଗୁ ଏବେ ରାଜଧାନୀର ଚାରିଆଡେ ପୂତିଗନ୍ଧମୟ ପରିବେଶ ଦେଖିବାକୁ ମିଳୁଛି। ଯୁଆଡେ ଚାହିଁଲେ ସିଆଡେ ଅଳିଆ। ପରିମଳ ବ୍ୟବସ୍ଥା ବିଗିଡିବା ଦ୍ୱାରା ସ୍ମାର୍ଟସିଟିର ଛବି ମଳିନ ହେଉଛି। ତେଣୁ ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଦାରୁଠେଙ୍ଗବାସୀଙ୍କ ସହ ବୈଠକ ହୋଇଥିଲେ ମଧ ବିଫଳ ହୋଇଥିଲା।

### ଟିଟିଏସ୍‌ରେ ଆବର୍ଜନାର ପାହାଡ଼

ଭୁଆସୁଣି ଡମ୍ପିଂୟାର୍ଡକୁ ସହରର ଅଳିଆ ଆବର୍ଜନା ସ୍ଥାନାନ୍ତର ହୋଇପାରୁ ନ ଥିବାରୁ ଏବେ ସେସବୁ ସୈନିକ ସ୍କୁଲ୍ ନିକଟ ଟେମ୍ପରାରି ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍)ରେ ଜମା ହୋଇ ରହୁଛି। ହେଲେ ଏଠାରେ ସ୍ଥାନ ଅଭାବ ହେଉଥିବାରୁ ଅଳିଆକୁ ଜେସିବି ଦ୍ୱାରା ଉପରକୁ ଉପର ଗଦା କରାଯାଉଛି। ଫଳରେ ଅଳିଆ ପକାଇବା ପାଇଁ ଗାଡିଗୁଡିକ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି। ସହରର ସମସ୍ତ ଅଳିଆ ଏଠାରେ ପଡୁଥିବାରୁ ଆବର୍ଜନାର ପାହାଡ଼ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି।

### ରହସ୍ୟମୟ ହେଉଛି ଆତ୍ମହତ୍ୟା ଘଟଣା

## ମୃତ୍ୟୁ ପୂର୍ବରୁ ୨.୩ ଲକ୍ଷ ଋଣ କରିଥିଲେ ଶ୍ୱେତା

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ଆତ୍ମହତ୍ୟା ପଛର କାରଣ ଖୋଜୁଛି ପୋଲିସ। ପ୍ରମାଣ ଯୋଗାଡ ଲାଗି ବିଭିନ୍ନ ଦିଗକୁ ନେଇ ଖୋଳତାଡ ଚଳାଇଛି। ହେଲେ ଘଟଣାକୁ ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ମଧ ଘଟଣା ଉପରୁ ପରଦା କେବେ ହଟିବ ତାହାକୁ ନେଇ ବଢୁଛି ରହସ୍ୟ। କିନ୍ତୁ ଏହା ଭିତରେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ପୁରୁଷବନ୍ଧୁ ସୌମ୍ୟଜିତ୍ ମହାପାତ୍ରଙ୍କୁ ଶ୍ୱେତା ଟଙ୍କା ଦେଇଥିବା ଚାଟ୍ ସାମ୍ନାକୁ ଆସିବା ପରେ ଏବେ ମୃତ୍ୟୁ ପୂର୍ବରୁ ସେ ୨ଲକ୍ଷ ୩୦ ହଜାର ଟଙ୍କା ଋଣ କରିଥିବା ମଧ ଜଣାପଡିଛି। ଶ୍ୱେତାଙ୍କ ଟଙ୍କା ନେଣଦେଣକୁ ନେଇ ଖୋଳତାଡ଼ କରିବା ସମୟରେ ଏହା ଜଣାପଡିଥିଲେ ମଧ ତଦନ୍ତ ଚାଲିଥିବାରୁ ପୋଲିସ ଏନେଇ ସୂଚନା ଦେଇନାହିଁ। ସେହିପରି ଋଣ ଆଣିବା ସମୟରେ ସୌମ୍ୟଜିତ୍ ଚାକିରୀ ଛାଡି ଶ୍ୱେତାଙ୍କ ସହ ରହୁଥିଲେ ବୋଲି କୁହାଯାଉଛି। ସୌମ୍ୟଜିତ୍‌ଙ୍କ ଚାପରେ ଏହି ଋଣ କରିଥିବା ସନ୍ଦେହ କରାଯାଉଛି। ତେବେ ସବୁ ପରେ ସୌମ୍ୟଜିତ୍ ପ୍ରତାରଣା କରିଥିବାରୁ ଶ୍ୱେତା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥାଇପାରେ ବୋଲି ପୋଲିସ ଅନୁମାନ କରି ସେହିଦିଗକୁ ତଦନ୍ତ ଅଗ୍ରସର କରୁଛି। ଅପରପକ୍ଷରେ ପୋଲିସ ୪ଜଣ ବନ୍ଧୁଙ୍କ ଜେରା କଲାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି। ଏପଟେ ୨ ଦିନ ଭିତରେ ଥାନାରେ ହାଜର ହୋଇ ପକ୍ଷ ରଖିବାକୁ ସୌମ୍ୟଜିତଙ୍କୁ ନୋଟିସ କରାଯାଇଥିବା ଜଣାପଡିଛି। ସୌମ୍ୟଜିତଙ୍କ ବିରୋଧରେ ଲାଗିଥିବା ଦଫାରେ ପ୍ରମାଣ ଯୋଗାଡ ପରେ ପୋଲିସ ତାଙ୍କୁ ଗିରଫ କରିପାରେ ବୋଲି ଆଶଙ୍କା କରାଯାଉଛି। ସୂଚନାନୁସାରେ, ଅଗଷ୍ଟ ୨୦ରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରେ ଶ୍ୱେତା ଫ୍ୟାନରେ ଓଢ଼ଣୀ ଦ୍ୱାରା ଆତ୍ମହତ୍ୟା କରିଥିଲେ।

## 'ଶିକ୍ଷା ଓ ସାହିତ୍ୟ ମୂଲ୍ୟବୋଧ ଭିତ୍ତିକ ହେଉ'

ଭୁବନେଶ୍ୱର,୨୭।୮(ବ୍ୟୁରୋ)

**ସପ୍ତକ ଶିଶୁ ସାହିତ୍ୟ ସଂସଦର ବାର୍ଷିକୋତ୍ସବ**

ସପ୍ତକ ଶିଶୁ ସାହିତ୍ୟ ସଂସଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଶିକ୍ଷା ଓ ସାହିତ୍ୟ ମୂଲ୍ୟବୋଧ ଭିତ୍ତିକ ହେବା ଆବଶ୍ୟକ ବୋଲି କହିଥିଲେ। ସାହିତ୍ୟିକ ନୃସିଂହ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭା ଚୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଜଣେ ଭଲମଣିଷ ହେବାକୁ କବି ହରପ୍ରସନ୍ନ ଦାସ ପରାମର୍ଶ ଦେଇଥିଲେ। ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟ ଶିକ୍ଷାର ମହତ୍ତ୍ୱ ସହ ଶିଶୁର ସର୍ବାଙ୍ଗୀନ ଉନ୍ନତି ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ନୀଳମଣି ଚାନ୍ଦ, ତନୟା ଦାସଗୋସ୍ୱାମୀ, ଡ. କୃତିବାସ ନାୟକ ଓ ଜୟକୃଷ୍ଣ ସାହୁଙ୍କୁ ଚଳିତ ବର୍ଷର 'ସପ୍ତକ ଶିଶୁସାହିତ୍ୟ ସମ୍ମାନ', ଭାସ୍କରଚନ୍ଦ୍ର ସୁବୁଦ୍ଧିଙ୍କୁ ସପ୍ତକ ଶିକ୍ଷା ଓ ଶିକ୍ଷକ ସମ୍ମାନ ଏବଂ ଗାରି ଦାସଙ୍କୁ ମହାଦେବ ରଥଙ୍କ ସ୍ମୃତିରେ 'ସପ୍ତକ ସିଦ୍ଧି' ସମ୍ମାନ ଦିଆଯାଇଥିଲା। ଦେବରାଜ ସାମନ୍ତରାୟଙ୍କ ରଚିତ 'ପିଲାଙ୍କ ତିରିଶା ' ଓ ଜ୍ୟୋତିର୍ମୟୀ ସାମନ୍ତରାୟଙ୍କ ରଚିତ 'ମିତ , ପଢ଼ ଗୀତ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସୁରେଶ ମହାପାତ୍ର ସ୍ୱାଗତ ଭାଷଣ ଓ କାରୁବାକୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ୱେତଲିନା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ଦେବାକୁ ଦାବିକଲା ପ୍ରେରଣା

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ସଂସ୍କୃତି ଓ କଳାର ରାଜ୍ୟ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ପୂଜା ପାଇଁ ମୂର୍ତ୍ତି ଗଢାଯାଉଥିବାବେଳେ ସେଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ରାସାୟନିକ ରଙ୍ଗର ପ୍ରୟୋଗ କରାଯାଉଛି। ପରେ ସେହି ମୂର୍ତ୍ତିକୁ ପାଣିରେ ବିସର୍ଜନ କରିବା ଫଳରେ ରାସାୟନିକ ରଙ୍ଗ ପ୍ରଭାବରେ ପାଣି ପ୍ରଦୂଷିତ ଓ ବିଷାକ୍ତ ହେଉଛି। ତେଣୁ କୌଣସି ମୂର୍ତ୍ତିରେ ରାସାୟନିକ ରଙ୍ଗ ନ ଦେଇ ପ୍ରାକୃତିକ ରଙ୍ଗ ଦେବା ପାଇଁ ସାମାଜିକ ଅନୁଷ୍ଠାନ 'ପ୍ରେରଣା' ପକ୍ଷରୁ ଦାବି କରାଯାଇଛି।

ମୂର୍ତ୍ତିରେ ପ୍ରୟୋଗ ହେଉଥିବା ରାସାୟନିକ ରଙ୍ଗ ମଧ୍ୟରେ ଆର୍ସେନିକ, ପାରଦ, କ୍ରୋମିୟମ, କାଡ଼ମିୟମ ଓ ସୀସା ଆଦି ଅନେକ ପ୍ରକାର ବିଷାକ୍ତ ଭାରିଧାତୁ ରହିଥାଏ। ଏହା ବ୍ୟତୀତ ମୂର୍ତ୍ତିଗୁଡ଼ିକୁ ଚିକ୍କଣ କରିବା ପାଇଁ ପ୍ଲାଷ୍ଟର ପ୍ୟାରିସ ଆଦି ପରିବେଶ ପ୍ରଦୂଷଣଜନିତ ଦ୍ରବ୍ୟ ବ୍ୟବହାର ହୁଏ। ଏଗୁଡ଼ିକ ସାମୟିକ ଭାବେ ମୂର୍ତ୍ତିଗୁଡ଼ିକୁ ଆକର୍ଷଣୀୟ କରୁଥିଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ମନୁଷ୍ୟ ଓ ପଶୁପକ୍ଷୀଙ୍କୁ ବିଭିନ୍ନ ରୋଗର ଶିକାର କରିବା ସହିତ ମୃତ୍ୟୁମୁଖକୁ ଟାଣି ନେଉଛି। ମୂର୍ତ୍ତିଗୁଡ଼ିକ ବିସର୍ଜନ ହେଲାବେଳେ ନଦୀର ପାଣି ଏହି ରାସାୟନିକ ରଙ୍ଗ ଦ୍ୱାରା ବିଷାକ୍ତ ହୋଇଥାଏ। ଏହି ପାଣି ପିଇଲେ କିମ୍ବା ସେଥିରେ ଗାଧୋଇଲେ ନାନାଦି ପେଟ ଓ ଚର୍ମରୋଗ ସୃଷ୍ଟି ହୋଇଥାଏ। ସେହିପରି ବହୁ ଉଚ୍ଚଶବ୍ଦର ଡିଜେ ବଜାଇବା ସହ ଶବ୍ଦଯୁକ୍ତ ବାଣ ଫୁଟାଇ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରିବାକୁ ନେଲାବେଳେ ଉଭୟ ବାୟୁ ଓ ଶବ୍ଦ ପ୍ରଦୂଷିତ ହୋଇଥାଏ। ତେଣୁ ସଂସ୍କୃତିର ସୁରକ୍ଷା ସହିତ ପରିବେଶର ସୁରକ୍ଷା ପାଇଁ ରାସାୟନିକ ରଙ୍ଗ ଏବଂ ଉଚ୍ଚଶବ୍ଦଯୁକ୍ତ ଡିଜେ ଓ ବାଣକୁ ବାରଣ କରିଛନ୍ତି ଅନୁଷ୍ଠାନ ଅଧକ୍ଷ ଡ. ଦିଲ୍ଲୀପ ଶ୍ରୀଚନ୍ଦନ। ଏଥିସହ ବିଏମ୍‌ସି ତରଫରୁ ନଦୀକୂଳ ଓ ପୋଖରୀକୂଳରେ ଅସ୍ଥାୟୀ ପୁଷ୍କରିଣୀ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପାଖରେ ପ୍ରେରଣା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ନେଇ ଡ. ଶ୍ରୀଚନ୍ଦନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

# ମହାରାଷ୍ଟ୍ର ଲାଲବାଗ ଆକୃତିର ଗଣେଶ



ପୁରୁଣା ଭୁବନେଶ୍ୱର,୨୭।୮(ଡି.ଏନ୍.ଏ.)

- ବଡ଼ଗଡ଼ରେ ପୂଜା ପାଇବେ ୫୧ ଫୁଟ୍‌ର ମୂର୍ତ୍ତି
- ଆକର୍ଷଣ ସାଜିବ ଜର୍ମାନ ହେଙ୍ଗର ଶେଡ୍



ଭାଦ୍ରବ ମାସରୁ ଆରମ୍ଭ ହୋଇଯାଇଛି ପାର୍ବଣର ଋତୁ। କରୋନା ପାଇଁ ଗତ ଦୁଇବର୍ଷ ନିରାଡ଼ମ୍ବର ପୂଜାର୍ଚ୍ଚନା ହୋଇଆସୁଥିଲା। ହେଲେ ଚଳିତବର୍ଷ କଟକଣା ଉଠିଥିବାରୁ ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କ ପୂଜାକୁ ବେଶ୍ ଧୁମ୍‌ଧାମରେ ପାଳିବା ପାଇଁ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଜୋରସୋରରେ ପ୍ରସ୍ତୁତି ଆଗେଇ ଚାଲିଛି। ଏହି ଅବସରରେ ଭୁବନେଶ୍ୱରର ବଡ଼ଗଡ଼ ଗ୍ରାମରେ ଚଳିତଥର ମହାରାଷ୍ଟ୍ର ଲାଲବାଗର ଗଣେଶଙ୍କ ଆକୃତିର ମେଢ଼ ନିର୍ମାଣ କରାଯିବ। ଏଥିସହ ୫୧ଫୁଟ୍‌ର ଗଣେଶଙ୍କ ମୂର୍ତ୍ତି ପୂଜା ପାଇବ ବୋଲି ଆୟୋଜକ ବ୍ରାଇଟ ଷ୍ଟାର କ୍ଲବ ପକ୍ଷରୁ କୁହାଯାଇଛି। ଏଥିପାଇଁ କ୍ଲବ ସଦସ୍ୟଙ୍କ ସହ ଗ୍ରାମବାସୀ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଏଥିସହ ଦର୍ଶକଙ୍କୁ ଆକର୍ଷଣ କରିବା ପାଇଁ ଚଳିତବର୍ଷ ଆଧୁନିକୀକରଣର ଜର୍ମାନ ହେଙ୍ଗର ଶେଡ୍ ନିର୍ମାଣ କରାଯିବ। ଯାହାକି ଅନ୍ୟ ଟେଣ୍ଟଠାରୁ ସ୍ୱତନ୍ତ୍ର। ସାଧାରଣରେ ଟେଣ୍ଟ ସବୁ ବାଉଁଶ, କାଠରେ ନିର୍ମିତ ହେଉଥିବା ବେଳେ ଏହି ଜର୍ମାନ ହେଙ୍ଗର ଶେଡ୍‌ଟି ଲୁହା, କଣ୍ଟା, ଷ୍ଟିଲ୍ ଦ୍ୱାରା ନିର୍ମାଣ ହେବ। ଏଭଳି ଶେଡ୍ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ, ଏମ୍‌ପିଙ୍କ ବଡ଼ ବଡ଼ କାର୍ଯ୍ୟକ୍ରମରେ ଲଗାଯାଇଥାଏ। ତେବେ ଏଥର ପୂଜା ପାଇଁ ପ୍ରାୟ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କ୍ଲବ ପକ୍ଷରୁ ସ୍ଥିର କରାଯାଇଛି। ଯୁବକମାନଙ୍କର ଉତ୍ସାହ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ଗଣେଶ ମହୋତ୍ସବ ୫ଦିନ ଧରି ପାଳନ ହେବ ବୋଲି କ୍ଲବ ସମ୍ପାଦକ ସଂଗ୍ରାମ ମାର୍ଥା କହିଛନ୍ତି।



ଆଦିତ୍ୟ ଗଜେନ୍ଦ୍ର
କ୍ଲବ୍ ସଦସ୍ୟ



ଲକ୍ଷ୍ମୀଧର ମହାନ୍ତି
ବରିଷ୍ଠ ସଦସ୍ୟ



ସଂଗ୍ରାମ ମାର୍ଥା
କ୍ଲବ ସମ୍ପାଦକ

### ବଡ଼ଗଡ଼ ଗାଁର ନାଁ ଅନୁସାରେ ବଡ଼ ଗଣେଶ

ବଡ଼ଗଡ଼ ଗ୍ରାମର ପୋଡ଼ା ସାହି, ନୂଆ ସାହି, ସାମନ୍ତରା ସାହି, ଉପର ସାହି, ଝରଣା ସାହି, ସେଠୀ ସାହି ଆଦି ସମସ୍ତ ସାହିର ଯୁବକମାନଙ୍କ ଚେଷ୍ଟାରେ ୧୯୮୫ରୁ ବଡ଼ଗଡ଼ ଗ୍ରାମ ହାଇସ୍କୁଲ ସମ୍ମୁଖରେ ଅସ୍ଥାୟୀ ମଣ୍ଡପରେ ୫ଫୁଟ ଉଚ୍ଚତାର ଗଣେଶ ପୂଜା ପାଇଆସୁଥିଲେ। ଦୀର୍ଘବର୍ଷ ଧରି ବିଭିନ୍ନ ଉଚ୍ଚତାର ମୂର୍ତ୍ତିଗୁଡ଼ିକ ବଜାରରୁ କିଣାଯାଇ ପୂଜା କରାଯାଉଥିଲା। ୨୦୧୪-୧୫ ମସିହାରୁ ନିଜ ନିଜ ମଧ୍ୟରେ ଗ୍ରାମବାସୀ ଏହି ପୂଜାକୁ ଏକ ସ୍ୱତନ୍ତ୍ର ପୂଜା କରିବା ନେଇ ଆଲୋଚନା କରିଥିଲେ। ଏପରିକି ଗାଁ ନାଁ ବଡ଼ଗଡ଼ ହେତୁ ବଡ଼ଗଡ଼ ଗାଁରେ ବଡ଼ ଗଣେଶ ପୂଜା କରିବାନେଇ ସମସ୍ତ ଗ୍ରାମବାସୀ ଓ କ୍ଲବ ସଦସ୍ୟ ମନସ୍ଥ କରିଥିଲେ। ତେଣୁ ୨୦୧୭ରେ ୪୦ଫୁଟ ଉଚ୍ଚତାର ମୂର୍ତ୍ତି ପୂଜାକରି ଫଳପ୍ରଦ ହୋଇଥିଲେ ଆୟୋଜକ। ପରେ ୧୦ଫୁଟ ବୃଦ୍ଧିପାଇ ୫୦ଫୁଟର ମୂର୍ତ୍ତି ପୂଜା ହୋଇଥିଲା। ହେଲେ ଗତ ଦୁଇବର୍ଷ କରୋନା ମହାମାରୀ ପାଇଁ କେବଳ ବିଧି ଅନୁଯାୟୀ ବିଏମ୍‌ସି ଗାଇଡ୍ ଅନୁସାରେ ୩ଫୁଟର ଗଣେଶ ମୂର୍ତ୍ତି ନିରାଡ଼ମ୍ବର ପୂଜା କରାଯାଇଥିଲା।

### ମୂର୍ତ୍ତି ନିର୍ମାଣ ପାଇଁ କଟକରୁ ମାଟି ଆସୁଛି

ପୂର୍ବରୁ ମୂର୍ତ୍ତି କିଣାଯାଇ ପୂଜା କରାଯାଉଥିଲା। ହେଲେ ମୂର୍ତ୍ତି ଉଚ୍ଚତା ବୃଦ୍ଧି ପାଇବା ପରେ ତାହା ନିର୍ମାଣ କରାଯାଉଛି। ହେଲେ ରାଜଧାନୀରେ ହୁ ହୁ ହୋଇ ବଢୁଥିବା ଜନବସତି ପାଇଁ ଚାଷଜମି ଗୋଚର, ଉଭାନ୍ ହେବାକୁ ବସିଲାଣି। ଫଳତଃ ଗାଁରେ ଆଉ ମିଳୁନି ମାଟି। ସମ୍ପ୍ରତି ଏହି ମୂର୍ତ୍ତି ନିର୍ମାଣ ପାଇଁ କଟକର ତ୍ରିଶୂଳିଆରୁ ମାଟି କିଣାଯାଉଛି। ଅନୁରୂପ ବାଉଁଶ ଓ ଛଣ ସେଠାରୁ ଟ୍ରାକ୍ଟର ଯୋଗେ କିଣାହୋଇ ଆସୁଛି ବୋଲି ଗାଁର ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ମହାନ୍ତି କହିଛନ୍ତି।

### ଟ୍ୟାଙ୍କର ପାଣିରେ ହେବ ମୂର୍ତ୍ତି ବିସର୍ଜନ

୫୧ଫୁଟ ଉଚ୍ଚତା ସହ ମାତ୍ରାଧିକ ଓଜନ ଏବଂ ବୃହତକାୟ ପ୍ରତିମୂର୍ତ୍ତି କୌଣସି ଗାଡ଼ିରେ ନଦୀକୁ ନେଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ଅସମ୍ଭବ। ତେଣୁ ଟ୍ୟାଙ୍କର ପାଣିରେ ଶ୍ରୀଗଣେଶ ମୂର୍ତ୍ତିକୁ ପାଣି ସିଞ୍ଚନ ପୂର୍ବକ ବିସର୍ଜନ କରାଯିବ। ମଣ୍ଡପରେ ବଡ଼ ଗଣେଶଙ୍କ ପାଖରେ ପୂଜା ପାଉଥିବା ଛୋଟ ଗଣେଶଙ୍କୁ ଚଳନ୍ତି ପ୍ରତିମା ରୂପେ ବିସର୍ଜନ କରାଯିବ ବୋଲି କ୍ଲବ୍ ସଦସ୍ୟ ଆଦିତ୍ୟ ଗଜେନ୍ଦ୍ର କହିଛନ୍ତି।

### ବ୍ୟବହାର ହେବ ହରବାଲ ରଙ୍ଗ

ଜଟଣୀର କାରିଗର ଏବଂ କୋଲକାତାର କେତେଜଣ ସହଯୋଗୀ କାରିଗର ମଣ୍ଡପରେ ଏହି ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି। ମୂର୍ତ୍ତିରେ କୌଣସି ରାସାୟନିକ ରଙ୍ଗ ଲଗାଯିବ ନାହିଁ। ପ୍ଲାଷ୍ଟର ପ୍ୟାରିସ, ସିମେଣ୍ଟ ପୁଟି ସହ ହରବାଲ ରଙ୍ଗ ମୂର୍ତ୍ତିରେ ପ୍ରଲେପ ଦିଆଯିବ।

# ପ୍ଲେ ଅଫ୍‌ରେ ଓଡ଼ିଶା ଜଗରନଟ୍ସ

## ଅଲ୍‌ଟିମେଟ ଖୋ ଖୋ ଲିଗ୍

ପୁଣେ,୨୭।୮ (ପି.ଟି.)

ଅଲଟିମେଟ୍ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣ ପ୍ଲେ ଅଫ୍‌ରେ ପ୍ରବେଶ କରିଛି ଓଡ଼ିଶା ଜଗରନଟ୍ସ। କ୍ରମାଗତ ପଞ୍ଚମ ବିଜୟ ସହିତ ଏହି କୃତିତ୍ୱ ହାସଲ କରିଛି ଓଡ଼ିଶା। ଶନିବାର ମୁମ୍ବାଇ ଖିଲାଡିକୁ ୬୦-୩୭ରେ ପରାସ୍ତ କରିଛି। ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଓଡ଼ିଶା ପ୍ରଭାବ ବିସ୍ତାର କରି ଖେଳିବା ସହିତ ଏକପାଖିଆ ବିଜୟ ହାସଲ କରିଥିଲା। ୭ଟି ମ୍ୟାଚରୁ ଷଷ୍ଠ ବିଜୟ ସହ ୧୮ ପଏଣ୍ଟ ହାସଲ କରିଛି ଦଳ।

ଅଧିନାୟକ ମିଲିନ୍ଦ ଚଭାରେକର ୫ ପଏଣ୍ଟ ସ୍କୋର କରିବା ସହିତ ୩.୧୩ ମିନିଟର ଡିଫେଣ୍ଡ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସୂରଜ ଲାଣ୍ଡେ ୧୨ ପଏଣ୍ଟ ସ୍କୋର କରିଥିଲେ। ପ୍ରଥମ ୭ ମିନିଟରେ ମୁମ୍ବାଇ ଖିଲାଡି ଆଟାକ୍ କରିଥିବା ବେଳେ ଦଳ ୧୬-୮ରେ ଅଗ୍ରଣୀ ରହିଥିଲା। ଓଡ଼ିଶା ଦଳ ଆଟାକର ମାତ୍ର ଦୁଇ ମିନିଟ ମଧ୍ୟରେ ସ୍କୋର ବରାବର କରିବା ସହିତ ୨୯-୨୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ ଇନିଂସରେ ଚଭାରେକର ଓ ଦୀନେଶ ନାୟକ ଚମତ୍କାର ଡିଫେଣ୍ଡ କରିଥିଲେ। ଚଭାରେକର ୩.୧୩ ମିନିଟର ଡିଫେଣ୍ଡ କରିଥିବା ବେଳେ ଦୀନେଶ ନାୟକ ୨.୩୪ ମିନିଟର ଡିଫେଣ୍ଡ କରିଥିଲେ। ଏହି ରାଉଣ୍ଡରେ ମୁମ୍ବାଇ ମାତ୍ର ୨ ପଏଣ୍ଟର ଅଗ୍ରଣୀ ହାସଲ କରିଥିଲା। ଅନ୍ତିମ କ୍ୱାର୍ଟରରେ ଓଡ଼ିଶା ଆହୁରି ୧୮ ପଏଣ୍ଟର ଅଗ୍ରଣୀ ହାସଲ କରିଥିବା ବେଳେ ଦଳ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ମୁମ୍ବାଇ ଖିଲାଡିର ଏସ୍. ଶ୍ରୀଜେସ୍ ସର୍ବାଧିକ ୭ ପଏଣ୍ଟ ସ୍କୋର କରିଥିଲେ। ଓଡ଼ିଶା ଜଗରନଟ୍ସ ୧୮ ପଏଣ୍ଟ ସହିତ ଟେବଲ୍ ଟପରେ ପହଞ୍ଚିଥିବା ବେଳେ ୧୭ ପଏଣ୍ଟ ସହିତ ଗୁଜରାଟ ଜାୟାଣ୍ଟ୍ସ ମଧ୍ୟ ପ୍ଲେ ଅଫ୍‌କୁ ଯୋଗ୍ୟତା ହାସଲ କରିଛି। ଶନିବାର ଅନ୍ୟ ଏକ ମ୍ୟାଚରେ ଚେନ୍ନାଇ କ୍ୱିକ୍ ଗନ୍ସ ୫୭-୩୬ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସଙ୍କୁ ପରାସ୍ତ କରିଛି।


ଓଡ଼ିଶା ଜଗରନଟ୍ସ ଓ ମୁମ୍ବାଇ ଖିଲାଡ଼ି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍।

# ଦେବାଶିଷ ଆଇଟିଏଫ୍ ଡବଲ୍ସ ରନର୍ସ ଅପ୍

ଭୁବନେଶ୍ୱର,୨୭।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଟେନିସ୍ ଖେଳାଳି ଦେବାଶିଷ ସାହୁ ୧୮ବର୍ଷରୁ କମ୍ ଆଇଟିଏଫ୍-ଜେ୫ ଡବଲ୍ସ ବର୍ଗରେ ରନର୍ସ ଅପ୍ ହୋଇଥିବା ବେଳେ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଜୟ ସହିତ ଦେବାଶିଷଙ୍କ ର୍‍ୟାଙ୍କିଙ୍ଗ ୧୯୭୫ରୁ ୧୦୯୨ରେ ପହଞ୍ଚିଛି। ଏକମାତ୍ର ୧୬ ବର୍ଷରୁ କମ ବର୍ଗର ଖେଳାଳି ଭାବରେ ସେ ୧୮ବର୍ଷରୁ କମ୍ ଆଇଟିଏଫ୍-ଜେ୫ରେ ଅଂଶଗ୍ରହଣ କରିଥିଲେ। ଡବଲ୍ସରେ ଗଗନ ରାକେଶ ବିମଲଙ୍କୁ ସାଥିକରି ଖେଳିଥିବା ବେଳେ ଫାଇନାଲରେ ୪ର୍ଥ ସିଡ୍ ଧନଞ୍ଜୟ ଆତ୍ରେୟ ଓ ଦୀପ୍ ମୁନିମଙ୍କ ଠାରୁ ୪-୬, ୭-୫ ଓ ସୁପର ଟାଇବ୍ରେକରରେ ୫-୧୦ରେ ପରାସ୍ତ ହୋଇଥିଲେ। ଏହାପୂର୍ବରୁ ଟୁର୍ଣ୍ଣାମେଣ୍ଟର ପ୍ରଥମ ସିଡ ଅମନ ଦାହିୟା ଓ ଦକ୍ଷ ପ୍ରସାଦଙ୍କୁ ୬-୪, ୬-୭ ଓ ୧୦-୪ରେ ପରାସ୍ତ କରିଥିଲେ। ସେମି ଫାଇନାଲରେ ତୃତୀୟ ସିଡ୍ ଭୂଷଣ ହାଓବାମ ଏବଂ ଆର୍ଯ୍ୟନଜିତ୍ ସିଂଙ୍କୁ ୭-୫, ୬-୦ରେ ପରାସ୍ତ କରିଥିଲେ ଦେବାଶିଷ-ଗଗନ। ସିଙ୍ଗଲ୍ସ ବର୍ଗରେ ଅଣସିଡେଡ ରହିଥିବା ଦେବାଶିଷ ପ୍ରଥମ ରାଉଣ୍ଡରେ ରୋମାନିଆର ଦେବ କାନବର୍ଗମାଥ୍ ଓ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୪୦୩ରେ ଥିବା ଦକ୍ଷ ପ୍ରସାଦଙ୍କୁ ୬-୪, ୬-୦ରେ ପରାସ୍ତ କରିଥିଲେ। ଜୁନିୟର ଗ୍ରାଣ୍ଡ ସ୍ଲାମ ଲକ୍ଷ୍ୟ ରଖିଥିବା ଦେବାଶିଷ ଅହମ୍ମଦାବାଦର ଆଲେକଜାଣ୍ଡର ୱାସ୍କେ ଟେନିସ ଏକାଡେମୀରେ କୋଚ୍ ଶ୍ରୀମଲ ଭଟ୍ଟଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ନେଉଛନ୍ତି।



# ନୀରଜଙ୍କ ଐତିହାସିକ ସଫଳତା

ଲାଉସାନେ,୨୭।୮ (ପି.ଟି)

ଡାଇମଣ୍ଡ ଲିଗ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା। ଲାଉସାନେ ପର୍ଯ୍ୟାୟକୁ ଜିତିବା ସହିତ ପ୍ରଥମ ଭାରତୀୟ ଭାବରେ ଡାଇମଣ୍ଡ ଲିଗ୍ ମିଟିଂ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଗ୍ରୋଇନ୍ ଇଞ୍ଜୁରୀ କାରଣରୁ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ରୁ ବାଦ୍ ପଡିଥିବା ଏହି ଅଲିମ୍ପିକ୍ ଚାମ୍ପିୟନ ଜଣକ ପ୍ରଥମ ପ୍ରୟାସରେ ୮୯.୦୮ ମିଟର ଥ୍ରୋ କରିଥିଲେ। ପରବର୍ତ୍ତୀ ଥ୍ରୋରେ ୮୫.୦୮ ମିଟର ଦୂରତା ହାସଲ କରିଥିବା ବେଳେ ତୃତୀୟ ପ୍ରୟାସରେ ଥ୍ରୋ କରି ନ ଥିଲେ। ପରବର୍ତ୍ତୀ ଥ୍ରୋ ଫାଉଲ ରହିଥିବା ବେଳେ ଅନ୍ତିମ ପ୍ରୟାସରେ ୮୦.୦୪ ମିଟର ଦୂରତା ହାସଲ କରିଥିଲେ। ଚୋପ୍ରାଙ୍କ ପୂର୍ବରୁ ଡିସ୍‌କସ ଥ୍ରୋୟର ବିକାଶ ଗୌଡା ଏକମାତ୍ର ଭାରତୀୟ ଭାବରେ ପୋଡିୟମ୍ ଫିନିଶ କରିଥିଲେ।

# ୨୦ ବର୍ଷରୁ କମ୍ ଏସିଆନ୍ ଭଲିବଲ୍: ସେମିରେ ଭାରତ

ଭୁବନେଶ୍ୱର,୨୭।୮ (ସ୍ପୋର୍ଟ୍ସ ବ୍ୟୁରୋ)

ବାହାରିନ୍‌ରେ ୨୦ ବର୍ଷରୁ କମ ଭାରତୀୟ ଭଲିବଲ ଦଳ ୨୧ ତମ ଏସିଆନ୍ ଚାମ୍ପିୟନଶିପ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଶୁକ୍ରବାର ବାହାରିନ୍‌କୁ ୨୫-୨୨, ୨୫-୧୯, ୨୬-୨୮ ଓ ୨୬-୨୪ରେ ପରାସ୍ତ କରିଛି। ଏହା ସହିତ ଭାରତ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ ୨୦୨୩ ପାଇଁ ଯୋଗ୍ୟତା ଅର୍ଜନ କରିଛି। ବିଶ୍ୱ ଚାମ୍ପିୟନଶିପର କାର୍ଯ୍ୟସୂଚୀ ସ୍ଥିର ହୋଇନଥିବା ବେଳେ ଏସିଆର ଶ୍ରେଷ୍ଠ ୪ ଦଳଙ୍କ ସହିତ ବିଶ୍ୱର ଶ୍ରେଷ୍ଠ ୨୦ ଦଳ ଏଥିରେ ଅଂଶଗ୍ରହଣ କରିଥା'ନ୍ତି। ଭାରତୀୟ ଦଳର ଏହି ସଫଳତା ପାଇଁ ଭାରତୀୟ ଭଲିବଲ ସଂଘ (ଭିଏଫ୍‌ଆଇ)ର ସଭାପତି ତଥା ସାଂସଦ ଅଚ୍ୟୁତ ସାମନ୍ତ, କାର୍ଯ୍ୟକାରୀ ଉପସଭାପତି ରାମବତାର ସିଂ ଜାଖର ଓ ସାଧାରଣ ସମ୍ପାଦକ ଅନିଲ ଚୌଧୁରୀ ଶୁଭେଚ୍ଛା ଜଣାଇଛନ୍ତି।


ଭାରତ ଓ ବାହାରିନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଇଂଲଣ୍ଡର ଇନିଂସ ବିଜୟ

ମାଞ୍ଚେଷ୍ଟର,୨୭।୮

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଇନିଂସ ଓ ୮୫ ରନରେ ଜିତିନେଇଛି ଇଂଲଣ୍ଡ। ଏହା ସହିତ ସିରିଜଟି ବର୍ତ୍ତମାନ ୧-୧ରେ ବରାବର ରହିଛି। ପ୍ରଥମ ଇନିଂସରେ ୨୬୪ ରନ୍‌ରେ ପଛୁଆ ରହିଥିବା ଦକ୍ଷିଣ ଆଫ୍ରିକା ୧୭୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। କିଗାନ୍ ପିଟରସନ୍ ସର୍ବାଧିକ ୪୨ ରନ୍ କରିଥିବା ବେଳେ ରାଶି ଭାନ ଡେର ଡୁସେନ ୪୧ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଓଲି ରବିନସନ୍ ୪ଟି ଓ ଜେମ୍‌ସ ଆଣ୍ଡରସନ୍ ୩ଟି ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୧ ରନରେ ଅଲଆଉଟ ହେବା ପରେ ଇଂଲଣ୍ଡ ୯/୪୧୫ରେ ଇନିଂସ ଘୋଷଣା କରିଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ୧୦୩ ରନ୍ କରିଥିବା ବେଳେ ବେନ୍ ଫୋକ୍ସ ଅପରାଜିତ ୧୧୩ ରନ୍ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଷ୍ଟୋକ୍ସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।

# ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ପ୍ରଦାନ

ଭୁବନେଶ୍ୱର ୨୭।୮ (ସ୍ପୋର୍ଟ୍ସ ବ୍ୟୁରୋ)

ମାସିକ ସାମ୍ବାଦଭିତ୍ତିକ ପତ୍ରିକା ଦୂରଦର୍ଶୀର ଦଶମ କ୍ରୀଡ଼ା ସମ୍ମାନ ଉତ୍ସବ ଓ "ଅନ୍ତର୍ଜାତୀୟ କ୍ରୀଡ଼ା ଓ ଓଡ଼ିଶା" ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଓଡ଼ିଶାର କ୍ରୀଡ଼ାକ୍ଷେତ୍ରକୁ ଅବଦାନ ଥିବା ବରିଷ୍ଠ କ୍ରୀଡ଼ାବିତ, କ୍ରୀଡ଼ା ପ୍ରଶିକ୍ଷକ, କ୍ରୀଡ଼ା ସାମ୍ବାଦିକ, କ୍ରୀଡ଼ା ପୃଷ୍ଠପୋଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଦୂରଦର୍ଶୀ ପତ୍ରିକାର ସମ୍ପାଦକ ଦୁର୍ଗା ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ରୋହିତ ପୂଜାରୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଦୂରଦର୍ଶନର ବ୍ୟୁରୋଚିଫ୍ ପ୍ରସନ୍ନ ବିଷୋୟୀ, ବରିଷ୍ଠ ସାମ୍ବାଦିକ ସୁବ୍ରତ ପତି ଯୋଗଦେଇ ୧୬ ଜଣ କ୍ରୀଡ଼ାବିତ୍, କୋଚ୍, କ୍ରୀଡ଼ା ଖବରଦାତା, ପୃଷ୍ଠପୋଷକ ଓ କ୍ରୀଡ଼ାନୁଷ୍ଠାନକୁ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରିଥିଲେ। ବରିଷ୍ଠ ହକି ପ୍ରଶିକ୍ଷକ ସୀଲବେଷ୍ଟର ଟପ୍ପୋ, ବରିଷ୍ଠ କ୍ରୀଡ଼ା ଖବରଦାତା ସୁରେଶ କୁମାର ସ୍ୱାଇଁ, ଅନ୍ତର୍ଜାତୀୟ ଆଥଲେଟ ପାର୍ବତୀ ସେଠି, କ୍ରୀଡ଼ାର ପ୍ରୋତ୍ସାହନ ପାଇଁ କିଟ୍ ଓ କିସ୍, ଓଡ଼ିଶା ରଗ୍‌ବୀ ଫୁଟବଲ ସମ୍ପାଦକ ଉପେନ୍ଦ୍ର ମହାନ୍ତି, କ୍ରୀଡ଼ା ଖବରଦାତା ବେଣୁଧର ଦାସ, ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ, କ୍ରୀଡ଼ା ସମ୍ବାଦପତ୍ର ସ୍ପୋର୍ଟ୍ସ ଲଗୁନ, କ୍ରୀଡ଼ା ପ୍ରଶିକ୍ଷକ ମନୋଜ ମହାପାତ୍ର, ଅନ୍ତର୍ଜାତୀୟ କ୍ୟାରମ ଖେଳାଳି ଭି. ଆକାଶ, ଅନ୍ତର୍ଜାତୀୟ କରାଟେକା ମଧୁପ୍ରିୟା ବାଇ, ଜାତୀୟ କରାଟେ ଚାମ୍ପିୟନ ରୀତେଶ ମହାନ୍ତି, ଅନ୍ତର୍ଜାତୀୟ ସିପକଟ୍ରାକ୍ ଖେଳାଳି ମଧୁସ୍ମିତା ବେହେରା, କ୍ରିକେଟର ବସନ୍ତ ମହାନ୍ତି, ଉଷୁ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ପାୱାର ଲିଫ୍ଟର ଶ୍ରାବଣୀ ଜେନା, ୟୁନାଇଟେଡ୍ ୟୁଥ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର ଭୁବନେଶ୍ୱର ଆଦିଙ୍କୁ ଦଶମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା।


ଅତିଥି ଓ କର୍ମକର୍ତ୍ତାଙ୍କ ସହ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ।

## ରାଜ୍ୟ ଖବର

# ସନତ ମହାନ୍ତି, ସରିତା ସୁପକାର ଓପିଏସ୍‌ସି ସଦସ୍ୟ ନିଯୁକ୍ତ



ଭୁବନେଶ୍ୱର, ୨୭।୮ (ବ୍ୟୁରୋ): ପୂର୍ବତନ ପ୍ରଶାସନିକ ଅଧିକାରୀ ସନତ କୁମାର ମହାନ୍ତି ଓ ଶିକ୍ଷାବିତ୍ ଡ. ସରିତା ସୁପକାରଙ୍କୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଖୋର୍ଦ୍ଧାର ପୂର୍ବତନ ଜିଲାପାଳ ଥିବା ସନତ ମହାନ୍ତି ଓଡ଼ିଶା ପ୍ରଶାସନିକ ସେବାରୁ ଅବସର ନେବା ପୂର୍ବରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ। ସେହିପରି ଡ. ସୁପକାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଅଛନ୍ତି। ଏହି ଦୁଇଜଣ ଓପିଏସ୍‌ସିର ସଦସ୍ୟ ଭାବେ ୬୨ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ବିହାର ବିଧାନସଭାରୁ ଆସିଲା ୧୦୦ ବର୍ଷର ନଥି

## ଗବେଷକ ଓ ଭବିଷ୍ୟତ ପିଢ଼ି ପାଇଁ ମିଳିବ ଦିଗ୍‌ଦର୍ଶନ

ଭୁବନେଶ୍ୱର,୨୭।୮ (ବ୍ୟୁରୋ)

୧୯୨୨ ମସିହାରେ ତତ୍କାଳୀନ ବିହାର- ଓଡ଼ିଶା ବ୍ୟବସ୍ଥାପକ ସଭାରେ ଉତ୍କଳଗୌରବ ମଧୁସୂଦନ ଦାସ ଓ ପରବର୍ତ୍ତୀ ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ନେତୃବୃନ୍ଦଙ୍କ ଦ୍ୱାରା ଉପସ୍ଥାପିତ ତର୍କ-ବିବରଣୀ ଓଡ଼ିଶା ବିଧାନସଭାର ଉପଲବ୍ଧ ହୋଇଛି। ଦୀର୍ଘ ୧୦୦ ବର୍ଷ ପରେ ବିହାର ବିଧାନସଭାରୁ ଏସବୁ ପୁରୁଣା ନଥି ଅଣାଯାଇପାରିଛି। ଏପରି ଗୁରୁତ୍ୱପୂର୍ଣ୍ଣ ସଂଗ୍ରହଣରୁ ଅନେକ ଅନାଲୋଚିତ ପ୍ରସଙ୍ଗ ମିଳିବ। ସେସବୁ ଗବେଷକ ତଥା ଭବିଷ୍ୟତ ପିଢ଼ିକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାରେ କେବଳ ୧୯୩୭ ମସିହାଠାରୁ ବିଧାୟକମାନଙ୍କ ବିବରଣୀ ରହିଛି। ତତ୍କାଳୀନ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଶାର ନେତୃବୃନ୍ଦଙ୍କ ବକ୍ତବ୍ୟର ବିବରଣୀ ଓଡ଼ିଶାରେ ଉପଲବ୍ଧ ନ ଥିଲା। ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଶ୍ରୀରାମ ଦାଶ ୧୯୭୯ ମସିହାରେ ବିଧାନସଭା ଗ୍ରନ୍ଥାଗାରକୁ ଆସି ଏହି ତଥ୍ୟ ଖୋଜି ନ ପାଇବା ପରେ ନଥିପତ୍ର ସଂଗ୍ରହ କରିବାକୁ ବିଧାନସଭା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସେହିଦିନଠାରୁ ଏହି ନଥି ସଂଗ୍ରହଣ ଉଦ୍ୟମ ଜାରିରହିଥିଲା। ୨୦୦୧ରେ ଶ୍ରୀରାମ ଦାଶ ତତ୍କାଳୀନ ବିଧାନସଭା ବାଚସ୍ପତି ଶରତ କରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍କାଳୀନ ସଚିବ ଜଗଦୀଶ ପ୍ରସାଦ ଦାଶ ଜନୈକ କର୍ମଚାରୀ ରବି ନାରାୟଣ ମିଶ୍ରଙ୍କୁ ଏଥିପାଇଁ ପାଟନା ପଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଲୋକ ସଭାର ତତ୍କାଳୀନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ସହିତ ସାମ୍ବାଦିକ ଦାଶ ଯୋଗାଯୋଗ କରିଥିଲେ ମଧ୍ୟ ବିହାରରୁ କୌଣସି କାଗଜପତ୍ର ଆସିପାରି ନ ଥିଲା। ୨୦୨୧ରେ ପୁନଶ୍ଚ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ବିଧାନସଭା ସଚିବ ଦାଶରଥି ଶତପଥୀ ଓ ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ପଟ୍ଟନାୟକ ଏ ସମ୍ପର୍କରେ ବିହାର ବିଧାନସଭା ସହ ଯୋଗାଯୋଗ କରିଥିଲେ। ସଚିବ ଶତପଥୀ ନଥିପତ୍ର ସମ୍ପର୍କରେ ବିହାର ବିଧାନସଭା ସଚିବଙ୍କୁ ଚିଠି ଲେଖିଥିଲେ। ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଏଥିନିମନ୍ତେ ବିହାରର ରାଜଧାନୀ ପାଟନା ପଠାଯାଇଥିଲା। ପ୍ରଧାନ ଓ ସ୍ୱାଇଁ ପାଟନାରେ ରହି ବିହାର ବିଧାନ ପରିଷଦରେ ଉପଲବ୍ଧ ବିବରଣୀ ସହ ବିଭିନ୍ନ ତଥ୍ୟ ସଂଗ୍ରହ କରି ଓଡ଼ିଶା ଫେରିଛନ୍ତି। ଫଳରେ ଓଡ଼ିଶା ବିଧାନସଭାକୁ ୧୦୦ ବର୍ଷ ତଳର ପୁରୁଣା ନଥି ପହଞ୍ଚିପାରିଛି।

ପ୍ରକାଶଯୋଗ୍ୟ ଯେ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍‌ସୀରେ ସ୍ୱର୍ଗତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ଦ୍ୱାରା ଉପସ୍ଥାପିତ ଓଡ଼ିଶା ସମ୍ପର୍କିତ ତଥ୍ୟ ସଂଗ୍ରହଣ ପାଇଁ ତାମିଲନାଡୁ ବିଧାନସଭା ସହ ମଧ୍ୟ ଓଡ଼ିଶା ବିଧାନସଭା ପକ୍ଷରୁ ଯୋଗାଯୋଗ କରାଯାଇଛି। ବିଭିନ୍ନ ତଥ୍ୟ ଓଡ଼ିଶା ବିଧାନସଭାକୁ ତାମିଲନାଡୁରୁ ଆସିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

# ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ସ୍କୁଲରେ ପିଲାଙ୍କୁ ବନ୍ଦୀ କରିବା ଘଟଣା

ଭୁବନେଶ୍ୱର,୨୭।୮ (ବ୍ୟୁରୋ)

ଭରତପୁରସ୍ଥିତ ଏପିଜେ ଇଂଲିଶ ମିଡିୟମ ସ୍କୁଲରେ ୩୪ଜଣ ଛାତ୍ରୀଛାତ୍ରଙ୍କୁ ବନ୍ଦୀ କରିବା ଘଟଣାରେ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି। ଖୋର୍ଦ୍ଧା ଜିଲାପାଳ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଭୁବନେଶ୍ୱର ପୋଲିସ କମିଶନରଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ କୁହାଯାଇଛି।

ଫି ବାକି ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଗତ ସୋମବାର ସକାଳ ସାଢ଼େ ୯ଟାରୁ ପ୍ରାୟ ୫ ଘଣ୍ଟା ଧରି ୩୪ଜଣ ଛାତ୍ରୀଛାତ୍ରଙ୍କୁ ଲାଇବ୍ରେରୀ ରୁମ୍‌ରେ ବନ୍ଦୀ କରି ରଖିଥିଲେ। ଅଭିଭାବକମାନେ ଜାଣିବା ପରେ ମଙ୍ଗଳବାର ସ୍କୁଲ ସମ୍ମୁଖରେ ବିକ୍ଷୋଭ କରିବା ସହ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସ୍କୁଲର ୩ଜଣଙ୍କୁ ଅଟକ ରଖି ଜେରା କରିଥିଲା। ଗଣଶିକ୍ଷା ବିଭାଗ ତଦନ୍ତ ରିପୋର୍ଟ ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ସ୍କୁଲ ଯାଇ ତନାଘନା କରିଥିଲେ। ତେବେ ଏ ପର୍ଯ୍ୟନ୍ତ ସ୍କୁଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଜାତୀୟ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ସ୍କୁଲରେ ପିଲାଙ୍କୁ ବନ୍ଦୀ କରି ରଖିବା ମାନବାଧିକାର ଉଲ୍ଲଂଘନ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲେ। ଏନ୍‌ଏଚ୍‌ଆର୍‌ସି ଅଭିଯୋଗର ଶୁଣାଣି କରି ଏହାର ଏକ ନକଲ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦେବାକୁ କହିଛନ୍ତି। ରାଜ୍ୟ ମାନବାଧିକାର ଆୟୋଗ ଏ ଦିଗରେ କୌଣସି ନିର୍ଦ୍ଦେଶ କିମ୍ବା ବିଜ୍ଞପ୍ତି ପ୍ରକାଶ କରିଥିଲେ, ତାହାର ନକଲ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଏଚ୍‌ଆର୍‌ସି ସଚିବଙ୍କୁ ମଧ୍ୟ ଶୁଣାଣିର ଏକ ନକଲ ପଠାଇଛନ୍ତି ଏନ୍‌ଏଚ୍‌ଆର୍‌ସି।

# ୧୧ ଦିନ ହେଲା ଆଶ୍ରମ ଛାତ୍ର ନିଖୋଜ

ରାୟଗଡ଼ା ଅଫିସ,୨୭।୮

ରାୟଗଡ଼ା ଜିଲାରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ସୁରକ୍ଷା ଦିଗରେ ଦାୟିତ୍ୱହୀନତା ନେଇ ବାରମ୍ବାର ଅଭିଭାବକଙ୍କ ନିକଟରୁ ଅଭିଯୋଗ ଆସୁଛି। ଏବେ ଜଣେ ୧୦ମ ଶ୍ରେଣୀ ଛାତ୍ର ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ସଦର ବ୍ଲକ ଡାଙ୍ଗଲୋଡି ପଞ୍ଚାୟତର ପେନିକଣା ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ନିଖୋଜ ଛାତ୍ର ହେଲେ କାଶୀପୁର ବ୍ଲକ ମୁନୁଷଗାଁ ପଞ୍ଚାୟତ ଅନ୍ତର୍ଗତ ବେନ୍ଦାଲପାସ ଗ୍ରାମର ଚିତ୍ର ନାଏକଙ୍କ ପୁଅ ଲିଙ୍ଗରାଜ।

ଲିଙ୍ଗରାଜ ୧୭ ତାରିଖରୁ ସ୍କୁଲରୁ ନିଖୋଜ ଅଛନ୍ତି। ହେଲେ ସ୍କୁଲ କର୍ତ୍ତୃପକ୍ଷ ୨୧ ତାରିଖ ପର୍ଯ୍ୟନ୍ତ ପରିବାର ଲୋକ ଏବଂ ଥାନାକୁ ନ ଜଣାଇ ଚୁପ୍ ବସିଥିଲେ। ଉକ୍ତ ସ୍କୁଲରେ ପଢୁଥିବା ଭଉଣୀ ଧର୍ମେନ୍ଦ୍ରୀ ଭାଇର ନିଖୋଜ ନେଇ ଜାଣିବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ବାପା ଓ ଭିଣୋଇ ଆନନ୍ଦ ପେନିକଣା ସ୍ଥିତ ବିଦ୍ୟାଳୟକୁ ଆସି ଲିଙ୍ଗରାଜଙ୍କ ବିଷୟରେ ପଚାରି ବୁଝିଥିଲେ। ପରିବାର ଲୋକେ ସ୍କୁଲ ତଥା ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ପରେ ଶୁକ୍ରବାର ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କ ନିଖୋଜ ନେଇ ଶେଷଖାଲ ଥାନାରେ ଏତଲା ଦେଇଥିଲେ। ଶନିବାର ପୋଲିସ ସ୍କୁଲରେ ପହଞ୍ଚିବା ପରେ ଘଟଣା ପଦାକୁ ଆସିଥିଲା। ଲିଙ୍ଗରାଜଙ୍କ ସନ୍ଧାନ ମିଳି ନ ଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

ୱାର୍ଡେନ ଦାୟିତ୍ୱରେ ରହିଥିବା ବିଜ୍ଞାନ ଶିକ୍ଷକ ରମେଶ କୁମାର ନାଏକଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡମ୍ବରୁଧର କନ୍ଦପାଣିଙ୍କୁ ପଚାରିବାରୁ ସେ ମଧ୍ୟ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ହଷ୍ଟେଲ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଘଟଣାର ତଦନ୍ତ ଚାଲିଥିବା ଶେଷଖାଲ ଥାନା ଅଧିକାରୀ ଦୟାନିଧି ପାତ୍ର କହିଛନ୍ତି।

# ୨୦ ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ୧୨ ଗୁଣ ବୃଦ୍ଧି

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

ରାଜ୍ୟରେ ମତ୍ସ୍ୟଚାଷର ବିପୁଳ ସମ୍ଭାବନାକୁ ଉପଯୋଗ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯାଇଛି। ଦୁଇ ଦଶନ୍ଧିରେ ମାଛ ଉତ୍ପାଦନ ୨.୬୦ ଲକ୍ଷ ମେଟ୍ରିକ ଟନ୍‌ରୁ ବୃଦ୍ଧି ପାଇ ୨୦୨୧-୨୨ରେ ୯.୯୧ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଥିବା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଆସୋଚାମ ପକ୍ଷରୁ ଆୟୋଜିତ 'ଭାରତରେ ମାଛଚାଷ ଏବଂ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣର ସୁଦୃଢ଼ୀକରଣ' ଶୀର୍ଷକ ଏକ ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ୨୦୦୦-୦୧ରେ ରାଜ୍ୟରେ ୧,୦୪୬ କୋଟି ଟଙ୍କା ମୂଲ୍ୟର ମାଛ ଉତ୍ପାଦନ ହୋଇଥିବାବେଳେ ୨୦୨୦-୨୧ରେ ଏହା ପ୍ରାୟ ଦଶଗୁଣ ବୃଦ୍ଧି ପାଇ ୧୦,୮୧୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ରାଜ୍ୟରେ ୪୮୦ କି.ମି. ଦୀର୍ଘ ସାମୁଦ୍ରିକ ଉପକୂଳର ସୁବିନିଯୋଗ ଯୋଗୁ ଗତ ୨୦ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ୧୨ଗୁଣ ବୃଦ୍ଧି ପାଇ ୩୭୯ କୋଟି ଟଙ୍କାରୁ ୪,୫୨୬ କୋଟି ଟଙ୍କାରେ ପହଞ୍ଚିଛି। ରାଜ୍ୟର ମୋଟ ରପ୍ତାନି ଆୟର ୫.୯୦ ପ୍ରତିଶତ ସାମୁଦ୍ରିକ ଖାଦ୍ୟ ରପ୍ତାନି ରୁ ଆସିଥାଏ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ୱାର୍ଲଡ ଫିଶ୍‌ର ବୈଷୟିକ ସହାୟତାରେ ରାଜ୍ୟ ମତ୍ସ୍ୟ ବିଭାଗ ମତ୍ସ୍ୟଚାଷ ମାଷ୍ଟର ପ୍ଲାନ-୨୦୩୦ ପ୍ରସ୍ତୁତ କରିଛି। ୨୦୩୦ ସୁଦ୍ଧା ରାଜ୍ୟରେ ମୋଟ ୨୨ଲକ୍ଷ ମେଟ୍ରିକ ଟନ୍ ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ୨୦ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଶିଳ୍ପାୟନର ଅନୁକୂଳ ବାତାବରଣ ଓ ପୁଞ୍ଜିନିବେଶକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ଅଧିକରୁ ଅଧିକ ଉଦ୍ୟୋଗୀ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗେଇ ଆସିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ୱେବିନାରରେ ଆସୋଚାମ୍‌ର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦରଜିତ କୌର୍ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭାରତ ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ଜେ. ବାଲାଜୀ, ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବର୍ଣ୍ଣା ଚନ୍ଦ୍ରାପ୍ପାଗାରି, ଗୋଆର ମତ୍ସ୍ୟ ନିର୍ଦ୍ଦେଶକ ଶର୍ମିଳା ମଣ୍ଟେରିଓ, ଓଡ଼ିଶା ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ସଂଘର ସଭାପତି କମଳେଶ ମିଶ୍ର ପ୍ରମୁଖ ଭାଗନେଇ ଭାରତ ତଥା ରାଜ୍ୟର ମତ୍ସ୍ୟ ଚାଷ ଓ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।




CLASSIFIED DISPLAY
MORE SPACE • SAME PRICE
TARIFF
GST 5%

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ବି ପଜିଟିଭ୍

**ମନ ଖୁବ୍ ଚଞ୍ଚଳ। ସାମାନ୍ୟ ସଫଳତାରେ ଏହା କେବେକେବେ ଖୁସିରେ ବିଭୋର ହୋଇ ଉଠେ ତ ପୁଣି କେବେ ବିଫଳତାରେ ହୋଇଯାଏ ଅବସାଦଗ୍ରସ୍ତ। ଆଉ କେତେକଙ୍କଠାରେ ଏହି ବିଫଳତା ହିଁ ଭାଙ୍ଗିଦିଏ ଆଗକୁ ବଢ଼ିବାର ମନୋବଳ। ହେଲେ ସକାରାତ୍ମକ ଚିନ୍ତାର ଶକ୍ତି ଖୁବ୍ ଅଧିକ। ଏହା ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ ଏବଂ ସଫଳତା ମାର୍ଗରେ ଆଗେଇ ଯିବାକୁ ବାଟ କଢ଼ାଏ...**



ଅନେକଙ୍କଠାରେ ଶାରୀରିକ କ୍ଷମତା ଥିଲେ ସୁଦ୍ଧା ସଫଳତା ହାସଲ କରିବା କଷ୍ଟ ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି ନକାରାତ୍ମକ ମାନସିକତା। କାରଣ ଜୀବନରେ ସଫଳତା ପାଇବାକୁ ହେଲେ ସର୍ବପ୍ରଥମେ ମଣିଷକୁ ମାନସିକ ସ୍ତରରେ ସୁଦୃଢ଼ ହେବା ଆବଶ୍ୟକ, ଯେଉଁଥିପାଇଁ ଲୋଡ଼ା ସକାରାତ୍ମକ ଭାବନା। ଯଦି ଲକ୍ଷ୍ୟ ହାସଲକୁ ନେଇ ମନରେ ନକାରାତ୍ମକ ଭାବନା ଆସୁଛି, ତେବେ ଜାଣିରଖନ୍ତୁ ...

**ଆଗକୁ ବଢ଼ିବାର ବାଟ କଢ଼ାଏ:** ବେଳେବେଳେ ସାମାନ୍ୟ ବିଫଳତାରେ ମଣିଷ ଭାଙ୍ଗିପଡ଼େ। ଆଉ ଆଗକୁ କିପରି ବଢ଼ିବି, ଯଦି ପୁନର୍ବାର ବିଫଳ ହୁଏ ଲୋକେ କ'ଣ କହିବେ, ମୋ ଦ୍ୱାରା ଏହି କାର୍ଯ୍ୟ ଅସମ୍ଭବ ଭଳି ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ଫଳରେ କ୍ୟାରିୟରକୁ ମଜଭୁତ କରିବା କଷ୍ଟସାଧ୍ୟ ହୋଇପଡ଼େ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ, ଅର୍ଥାତ୍ ମୁଁ ନିଶ୍ଚେ ପାରିବି, ମୋ ଦ୍ୱାରା କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ଇତ୍ୟାଦି ଭାବନା ଆତ୍ମବଳ ବଢ଼ାଏ, ଯାହାକି ମଣିଷକୁ ଆଶାବାଦୀ କରିଥାଏ ଏବଂ କଳେବଳେ କୌଶଳେ ସଫଳତା ଦିଗରେ ଆଗେଇ ଯିବାକୁ ବାଟ ଖୋଜିବାରେ ସାହାଯ୍ୟ କରିଥାଏ।

**ସଫଳତାର ମୂଳମନ୍ତ୍ର ସକାରାତ୍ମକ ଚିନ୍ତା:** ସକାରାତ୍ମକ ଚିନ୍ତାର ଶକ୍ତି ଖୁବ୍ ଅଧିକ। ଏହା ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ। ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ମନୋବିଜ୍ଞାନ ଗବେଷକ ବାର୍ବାରା ଫେଡ୍ରିକ୍ସନ୍‌ଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ସକାରାତ୍ମକ ଚିନ୍ତାଧାରା ଏକ ସଫଳ କ୍ୟାରିୟର ଗଢ଼ିବାର ମୂଳମନ୍ତ୍ର।

**ଦୂର କରେ ମାନସିକ ଚାପ:** କୌଣସି କାର୍ଯ୍ୟକୁ ନେଇ ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ରହିଲେ ବାରମ୍ବାର ମନ ଭାରାକ୍ରାନ୍ତ ହୋଇପଡ଼େ ଏବଂ ସେଇଠୁ ନକାରାତ୍ମକ ଭାବନା ଆସେ। ହେଲେ ଏହି ସମୟରେ ମନକୁ ଦୃଢ଼ ରଖି ସକାରାତ୍ମକ ଚିନ୍ତା କଲେ ଏଭଳି ସମସ୍ୟାକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ, ଯାହାକି ପରବର୍ତ୍ତୀ ସମୟରେ ଆପଣଙ୍କୁ ନା କେବଳ ସଫଳତା ଆଣିଦିଏ ବରଂ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଅର୍ଥାତ୍ ଆପଣଙ୍କ ବ୍ୟବହାର ଏବଂ ଚିନ୍ତାଧାରାରେ ଅନ୍ୟମାନେ ମଧ୍ୟ ଉପକୃତ ହେଉଥିବାରୁ ଆପଣଙ୍କୁ ସେମାନେ ନିଜର ଆଦର୍ଶ ବା ରୋଲମଡେଲ୍ ଭାବେ ମଧ୍ୟ ଗ୍ରହଣ କରିଥାଆନ୍ତି।

**ବଢ଼ାଏ ଆତ୍ମବିଶ୍ୱାସ:** ପାଠପଢ଼ା ହେଉ ଅବା ଚାକିରି, ପ୍ରତ୍ୟେକ କ୍ଷେତ୍ରରେ ଜଣେ ଭଲ ପ୍ରଦର୍ଶନ କରିବାକୁ ଚାହେଁ। ହେଲେ କେବେକେବେ ବିଫଳତାର ସାମ୍ନା କରିବାକୁ ପଡ଼ିଥାଏ। ଏମିତି ହେଲେ ହାର୍ ମାନି ଭାଗ୍ୟର ଦୋଷ ଦେଇ ବସିଯିବା ବଦଳରେ ବାରମ୍ବାର ଚେଷ୍ଟା କରନ୍ତୁ। ମନେରଖନ୍ତୁ, ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢ଼ିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ଯୋଗ, ପ୍ରାଣାୟାମ ଆଦି କରିପାରିବେ। ବିଫଳତାରୁ ସଫଳ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନୀ ପଢ଼ିପାରିବେ। ଏହା ମଧ୍ୟ ଆପଣଙ୍କ ମନୋବଳ ବଢ଼ାଇବ ଏବଂ ସଫଳ ହେବା ଲାଗି ଉତ୍ସାହ ଓ ସକାରାତ୍ମକ ଭାବନା ସଞ୍ଚାର କରିବ।





ସମ୍ବିତ



ଜ୍ୟୋତିପ୍ରକାଶ



## କ'ଣ କୁହନ୍ତି ଏମାନେ...

**ଜ୍ୟୋତିପ୍ରକାଶ ବେହେରା** (କର୍ମଜୀବୀ, ମହୀଶୂର)- ଜଣେ ବ୍ୟାଙ୍କର ହେବାକୁ ଇଚ୍ଛା ଥିଲା। ତେଣୁ ବି.ଟେକ୍. ପରେ ବ୍ୟାଙ୍କିଙ୍ଗ୍ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲି। ପ୍ରଥମ ଥର ପରୀକ୍ଷାରେ ଅଳ୍ପ ନମ୍ବର ଯୋଗୁ ଜବ୍ ପାଇବାରୁ ବଞ୍ଚିତ ହେଲି। ମନ କଷ୍ଟ ହେଲା, ତଥାପି ପୁନର୍ବାର ଚେଷ୍ଟା କଲି। ହେଲେ ଦ୍ୱିତୀୟ ଥର ବିଫଳ ହେବା ପରେ କେତେ ଜଣ ସାଙ୍ଗ ବ୍ୟାଙ୍କିଙ୍ଗ୍ ତୋ ପାଇଁ ଉପଯୁକ୍ତ ନୁହେଁ, ସେ ନିଶା ଛାଡ଼ି ଇଂଜିନିୟରିଂ ଉପରେ ଧ୍ୟାନ ଦେ ବୋଲି ପରାମର୍ଶ ଦେଇଥିଲେ। କିଛିଦିନ ପର୍ଯ୍ୟନ୍ତ ମୁଁ ଭାବିନେଇଥିଲି ବୋଧହୁଏ ଏହା ହିଁ ଠିକ୍। ହେଲେ ନିଜ ଇଚ୍ଛାକୁ ସମ୍ମାନ ଦେଇ ଏକ ସକାରାତ୍ମକ ଭାବନା ରଖି ପୁଣିଥରେ ଚେଷ୍ଟା କଲି ଏବଂ ତୃତୀୟ ଥର ସଫଳ ହେଲି। ପ୍ରଥମେ କ୍ଲରିକାଲ୍‌ରେ ପାଇ ଜବ୍ ଆରମ୍ଭ କଲି। ଏହାର ପରବର୍ଷ ପିଓ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇ ପିଓ ଭାବେ ଯୋଗ ଦେଲି ଏବଂ ବାରମ୍ବାର ଚେଷ୍ଟା ବଳରେ ଏବେ ବ୍ୟାଙ୍କ ଅଫ୍ ବରୋଦାରେ ଜଏଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଛି। ମୋ ମତରେ ପଜିଟିଭ୍ ବା ସକାରାତ୍ମକ ଚିନ୍ତା ମଣିଷକୁ ଆଗକୁ ବଢ଼ିବାକୁ ଶକ୍ତି ଯୋଗାଏ।

**ସମ୍ବିତ ରୟ** (ଆଡ୍‌ଭୋକେଟ୍, ଭୁବନେଶ୍ୱର କୋର୍ଟ, ଭୁବନେଶ୍ୱର)

ଲ' ପରୀକ୍ଷା ପରେ ଓଜେଏସ୍ (Odisha Judicial Service) ଲାଗି ଦୁଇ ବର୍ଷ ଚେଷ୍ଟା କଲି। ହେଲାନି। ତା'ପରେ ମୁଁ ଓକିଲାତି କରିବି ବୋଲି ସ୍ଥିର କଲି। ପ୍ରଥମେ ଯେଉଁ ଲ' ଅଫିସରଙ୍କ ପାଖରେ ପ୍ରାକ୍ଟିସ୍ ଆରମ୍ଭ କଲି, ତାଙ୍କର ୭୦ରୁ ୧୦୦ ପାଖାପାଖି ବ୍ରିଫ୍ ସବୁକୁ ହ୍ୟାଣ୍ଡେଲ କରୁଥିଲି। ପ୍ରାକ୍ଟିସ୍ ଆରମ୍ଭରୁ କୋର୍ଟ ଆସୁଥିଲି। ଏହାପରେ ମୋ ଲୋକାଲ ଏରିଆର କିଛି ବ୍ରିଫ୍ ହ୍ୟାଣ୍ଡେଲ କଲି। ଏମିତି ଧୀରେ ଧୀରେ ମୋର ଲୋକସମ୍ପର୍କ ବଢ଼ିଲା। ମନରେ ଏହାକୁ ନେଇ ଉତ୍ସାହ ଜାଗ୍ରତ ହେଲା। ଓଜେଏସ୍ ଅଫିସ୍‌ର ହୋଇ ପାରିଲିନି ବୋଲି କୌଣସି ଦୁଃଖ ରହିଲାନି। ପାଠ ସମସ୍ତଙ୍କ ପାଇଁ ସମାନ। ତେଣୁ ଜଣେ ଓକିଲ ଭାବେ କାର୍ଯ୍ୟ କରି ବେଶ୍ ଖୁସି ଅଛି।

## ଏ ସପ୍ତାହର ପ୍ରଶ୍ନ

୧- ........ ର ଡରକୁ ପାଇରୋଫୋବିଆ କୁହାଯାଏ ?
୨- ଜିରାଫ୍ ଛୁଆକୁ ........ କୁହାଯାଏ ?
୩- କୋପାକାବାନା ବିଚ୍ ............... ସହରରେ ଅବସ୍ଥିତ ?
୪- ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ପ୍ରତିଷ୍ଠାତା ................ ?
୫- ଗେମ୍ସ ଅଫ୍ ଥ୍ରୋନ୍ ଟିଭି ସିରିଜ୍ ଜର୍ଜ ଆର୍.ଆର୍. ମାର୍ଟିନଙ୍କ ........... ଉପନ୍ୟାସ ଉପରେ ଆଧାରିତ ?

## ଗତ ଥରର ଉତ୍ତର

୧ ଲଜିଷ୍ଟିକ୍ସ ଡାଟା ବ୍ୟାଙ୍କ୍
୨ ୨୦୧୭
୩ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ
୪ ହଣ୍ଟରାସ୍
୫ ଆସାମ

## ଉତ୍ତରଦାତା



ନରେଶ କୁମାର କର, ତେଲଙ୍ଗାନା



ଓମ୍ ପ୍ରକାଶ ଦାସ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଦାମୀ ଆକ୍ୱାରିଅମ୍ ମାଛ



୧- ପ୍ଲାଟିନମ୍ ଆରୋୱାନା.................................... ୪୦୦.୦୦୦ ଡଲାର
୨- ଫ୍ରେଶ୍ ୱାଟର ପୋଲ୍‌କାଡଟ୍ ଷ୍ଟିଙ୍ଗ୍‌ରେ .................... ୧୦୦, ୦୦୦ ଡଲାର
୩- ପିପରମିଣ୍ଟ ଆଞ୍ଜେଲ୍‌ଫିସ୍ ................................. ୩୦,୦୦୦ ଡଲାର
୪- ମାକ୍ସଡ୍ ଆଞ୍ଜେଲ୍‌ଫିଶ୍.................................... ୨୦,୦୦୦ ଡଲାର
୫- ବ୍ଲେଡ୍‌ଫିନ୍ ବାସ୍‌ଲେଟ୍ .................................... ୧୦,୦୦୦ ଡଲାର
୬- ଗୋଲ୍ଡେନ୍ ବାସ୍‌ଲେଟ୍ ....................................... ୮,୦୦୦ ଡଲାର
୭- ନେପ୍‌ଚ୍ୟୁନ୍ ଗ୍ରୁପର୍.......................................... ୬,୦୦୦ ଡଲାର
୮- ଅଷ୍ଟ୍ରେଲିଆନ୍ ଫ୍ଲାଟ୍‌ହେଡ୍ ପର୍ଚ.................................. ୫,୦୦୦ ଡଲାର
୯- ରଟ୍ ଆଇରନ୍ ବଟରଫ୍ଲାଏ ଫିଶ୍ ............................. ୨,୭୦୦ ଡଲାର
୧୦- କ୍ଲାରିଅନ୍ ଆଞ୍ଜେଲ୍‌ଫିଶ୍ .................................. ୨,୫୦୦ ଡଲାର

## ଜାଣନ୍ତୁ ଦୁନିଆ

# ଲାଲ୍‌କିଲ୍ଲା

**ନୂଆଦିଲ୍ଲୀର ମଧ୍ୟଭାଗରେ ରହିଛି ପ୍ରସିଦ୍ଧ ଐତିହାସିକ ସ୍ଥାପତ୍ୟ ଲାଲ୍‌କିଲ୍ଲା, ଯାହାକି ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ଏହା ଭାରତର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଲାଭ କରିଛି। ତେବେ ଜାଣିବା ଏହା ସମ୍ପର୍କରେ କେତେକ ରୋଚକ ତଥ୍ୟ...**



➔ଲାଲ୍‌କିଲ୍ଲାର ନାମ ଏପରି ରଖାଯିବାର କାରଣ ଏହାର ରଙ୍ଗ। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ବାସ୍ତବରେ ଏହା ଧଳାରଙ୍ଗର ପଥର ବା ଚୂନ ପଥରରେ ନିର୍ମାଣ କରାଯାଇଥିଲା। କେବଳ ଏହାର ଚତୁଃପାର୍ଶ୍ୱରେ ଥିବା ସୁଉଚ୍ଚ ପାଚେରୀ ଲାଲ୍ ପଥର ଏବଂ ଇଟାରେ ନିର୍ମାଣ କରାଯାଇଥିବାରୁ ବ୍ରିଟିଶରମାନେ ଏହାକୁ ରେଡ୍ ଫୋର୍ଟ ବୋଲି ନାମକରଣ କରିଥିଲେ। ପ୍ରଥମେ ଏହାକୁ କିଲ୍ଲା-ଏ-ମୁବାରକ୍ କୁହାଯାଉଥିଲା। କ୍ରମଶଃ ସେଠାକାର ବାସିନ୍ଦା ଏହାକୁ ଲାଲ୍‌କିଲ୍ଲା କହିଲେ, ଯାହାକି ତାହାର ପରିଚୟ ପାଲଟିଗଲା।

➔ଶାହାଜାହାନ ନିଜ ସାମ୍ରାଜ୍ୟର ରାଜଧାନୀ ଆଗ୍ରାଠାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ କରିବା ଲାଗି ଲାଲ୍‌କିଲ୍ଲା ନିର୍ମାଣ କରାଇଥିଲେ। ତେବେ ଏହା ସମ୍ପୂର୍ଣ୍ଣ ହେବା ଲାଗି ପାଖାପାଖି ୧୦ ବର୍ଷ ସମୟ ଲାଗିଥିଲା। ଏହାକୁ ଉସ୍ତାଦ ହମିଦ୍ ଏବଂ ଉସ୍ତାଦ ଅହମଦ୍ ଡିଜାଇନ୍ କରିଥିଲେ।

➔ଏହାର ମୁଖ୍ୟଦ୍ୱାରକୁ ଲାହୋର ଗେଟ୍ ମଧ୍ୟ କୁହାଯାଏ।

➔ଏହା ମଧ୍ୟରେ ଥିବା ଖାସ୍ ମହଲରେ ସମ୍ରାଟ୍‌ଙ୍କ ରାଣୀମାନେ ଏବଂ ସେମାନଙ୍କ ଦାସୀ ରୁହନ୍ତି। ଉକ୍ତ ସ୍ଥାନକୁ କେବଳ ସମ୍ରାଟ୍ ଯାଇ ପାରୁଥିବା ବେଳେ ଅନ୍ୟମାନଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନିଷିଦ୍ଧ।

➔ଦେଶର ପ୍ରଥମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲାଲ୍‌କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସେହିଠାରେ ହିଁ ପତାକା ଉତ୍ତୋଳନ ହୋଇ ଆସୁଅଛି।

➔ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ମୋଗଲ ଶାସକମାନେ ଏଠାରେ ରହିବା ପରେ ୧୮୫୭ କ୍ରାନ୍ତି ପରେ ବ୍ରିଟିଶ୍‌ମାନେ ଏହାକୁ ଅଧିକାର କରିବା ସହ ଏହାକୁ ଅନେକ କ୍ଷତି ମଧ୍ୟ ପହଞ୍ଚାଇଥିଲେ।

➔କୋହିନୂର ହୀରା ପ୍ରଥମେ ଲାଲ୍‌କିଲ୍ଲାର ଦିୱାନେ ଖାସ୍‌ରେ ଥିବା ଶାହାଜାହାନଙ୍କ ସିଂହାସନରେ ସଜ୍ଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନାଦିର ଶାହାଙ୍କ ଦ୍ୱାରା ଚୋରି ହୋଇଯାଇଥିଲା।

➔୨୦୦୭ ମସିହାରେ ୟୁନେସ୍କୋ ଦ୍ୱାରା ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ଏହା ସ୍ଥାନ ପାଇଛି।

## ୟୁଥ୍ ଆଲର୍ଟ

# ସ୍ମାର୍ଟ ଜିମ୍ ଗ୍ୟାଜେଟ୍ସ

**ବର୍ତ୍ତମାନ ଜିମ୍‌ରେ ଏକ୍ସରସାଇଜ୍ କରିବା ଅଧିକାଂଶ ଯୁବତୀ ଯୁବକଙ୍କ ଫିଟ୍‌ନେସ୍ ମନ୍ତ୍ର ପାଲଟିଛି। ହେଲେ ଘର ପାଖରେ ଜିମ୍ ନ ଥିବାରୁ ହେଉ ଅବା ଅଧିକ ଟଙ୍କା ଖର୍ଚ୍ଚ ଭଳି ବିଭିନ୍ନ କାରଣରୁ ଅନେକେ ଏଥିରୁ ବଞ୍ଚିତ ହେଉଛନ୍ତି। ଯଦି ଆପଣ ବି ଏଥିପାଇଁ ଦୁଃଖିତ, ତେବେ କିଛି ସ୍ମାର୍ଟ ଜିମ୍ ଗ୍ୟାଜେଟ୍ ରଖି ନିଜେ ମଧ୍ୟ ଘରେ ଏକ୍ସରସାଇଜ୍ କରି ନିଜକୁ ଫିଟ୍ ରଖିପାରିବେ...**






**ଫିଟ୍‌ନେସ୍ ଟ୍ରାକର ବ୍ୟାଣ୍ଡ କିମ୍ବା ସ୍ମାର୍ଟ ୱାଚ୍:** ଏହା ବର୍ତ୍ତମାନ ଏକ୍ସରସାଇଜ୍ କରୁଥିବା ପ୍ରାୟ ଅଧିକାଂଶଙ୍କ ଲାଗି ଏକ ଅତ୍ୟାବଶ୍ୟକ ଗ୍ୟାଜେଟ୍ ପାଲଟି ଗଲାଣି। ଏହାଦ୍ୱାରା ଦିନକୁ କେତେ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟବିଟ୍ ଇତ୍ୟାଦି ସୂଚନା ପାଇପାରିବେ। ଏଥିରେ ୩୦୦ରୁ ଅଧିକ ଗୀତ ଷ୍ଟୋର କରି ରଖିପାରିବେ। ଏହାକୁ ଜିପିଏସ୍ ସହ କନେକ୍ଟ କରି ନିଜର ଲୋକେଶନ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ଜାଣିପାରିବେ।

**ଯୋଗ ମ୍ୟାଟ୍:** ବର୍ତ୍ତମାନ ମାର୍କେଟ୍‌ରେ ସଫ୍ଟ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ଯୋଗ ମ୍ୟାଟ୍ ମିଳୁଛି। ଯାହା ଉପରେ ବସି କିମ୍ବା ଶୋଇ ଯୋଗ କଲେ କହୁଣି, ଆଣ୍ଠୁ ଆଦିରେ ଆଦୌ ଚାପ ପଡୁନାହିଁ। ଏହା ଲଙ୍ଗ୍ ଲାଷ୍ଟିଙ୍ଗ୍ ଏବଂ ରୋଲ୍ କରି କ୍ୟାରି କରିବା ବି ଖୁବ୍ ସହଜ ହେଉଥିବାରୁ ଅନେକେ ଏହା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ମିଳୁଥିବା ସ୍ମାର୍ଟ ଯୋଗ ମ୍ୟାଟ୍‌ରେ ମୋବାଇଲ୍ ଫୋନ୍ ସହ ବ୍ଲୁଟୁଥ୍ କନେକ୍ଟ ହେବାର ସ୍ୱେଶାଲ୍ ଫିଚର ଫିଟ୍‌ନେସ୍ ମନିଟର କରିବାରେ ବେଶ୍ ସାହାଯ୍ୟ କରୁଛି।

**ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍:** ଏକ୍ସରସାଇଜ୍ ସମୟରେ ଶରୀରର ଜଳୀୟାଂଶ ଠିକ୍ ରହୁଛି ନା ନାହିଁ ଜାଣିବା ଲାଗି ବର୍ତ୍ତମାନ ଅନେକେ ବ୍ୟବହାର କରୁଛନ୍ତି ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍। ଏହା ଶରୀରକୁ କେବେ ଏବଂ କେତେ ମାତ୍ରାରେ ପାଣି ଆବଶ୍ୟକ ସୂଚାଇ ଦେବାରେ ସାହାଯ୍ୟ କରିଥାଏ।

**ବୋଫ୍ଲେକ୍ସ ଡମ୍‌ବେଲ୍:** ଏହି ଡମ୍‌ବେଲ୍ ମଧ୍ୟ ଫୋନ୍ ସହ ବ୍ଲୁଟୁଥ୍‌ରେ କନେକ୍ଟ ହୋଇପାରୁଛି, ଯାହାକି ଫିଟ୍‌ନେସ୍ ଟ୍ରାକ୍ କରି ମୋବାଇଲ୍‌କୁ ଡାଟା ପଠାଇଥାଏ। ଏଥିରେ ୫ ପାଉଣ୍ଡରୁ ୬୦ ପାଉଣ୍ଡ ପର୍ଯ୍ୟନ୍ତ ଓଜନର ରିଙ୍ଗ୍ ଲାଗିଛି, ଯାହାକୁ ନିଜର ଆବଶ୍ୟକତା ଅନୁଯାୟୀ ଆଡ୍‌ଜଷ୍ଟ କରାଯାଇପାରୁଛି। ତେଣୁ ଏହି ସ୍ମାର୍ଟ ଡମ୍‌ବେଲ୍ ବ୍ୟବହାର କରିବା ଦ୍ୱାରା ଓଜନ ଅନୁଯାୟୀ ପୂର୍ବଭଳି ଆଉ ଅଧିକ ଡମ୍‌ବେଲ୍ ରଖିବା ଆବଶ୍ୟକ ହେଉନାହିଁ।



ଏସିଆ କପ୍

# ଭାରତ-ପାକିସ୍ତାନ ଲଢ଼େଇ ଆଜି

ଦୁବାଇ,୨୭।୮ (ପି.ଟି.)

ଫ୍ୟାନମାନଙ୍କ ପାଇଁ ପ୍ରତୀକ୍ଷାର ଅନ୍ତ ଘଟିଛି। ଏସିଆ କପ୍‌ରେ ଭାରତ-ପାକିସ୍ତାନ ମହାମୁକାବିଲାରେ ବିରାଟ କୋହଲିଙ୍କ ଉପରେ ରହିବ ସମସ୍ତଙ୍କ ନଜର। ଦୀର୍ଘ ଦୁଇ ମାସର ଅବ୍ୟାହତି ପରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ମ୍ୟାଚ୍ ରହିଥିବା ବେଳେ କୋହଲି ଓ ରୋହିତଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ବିଗତ ଦଶନ୍ଧି ଧରି ଉଭୟ ଖେଳାଳି ଭାରତୀୟ ବ୍ୟାଟିଂର ମୂଳଦୁଆ ରହି ଆସିଛନ୍ତି। କୋହଲି ନିଜର ଶତକୀୟ ଟି୨୦ ମ୍ୟାଚ ଖେଳିବେ। ବିଗତ ୩ ବର୍ଷ ଧରି ରହିଥିବା ଶତକ ମରୁଡ଼ି ଏହି ମ୍ୟାଚରେ ଶେଷ ହେବା ନେଇ ଆଶା କରିବ ଭାରତୀୟ ମ୍ୟାନେଜମେଣ୍ଟ। ତେବେ ସମାନ ଭେନ୍ୟୁରେ ୧୦ ମାସ ପୂର୍ବର ଟି୨୦ ବିଶ୍ୱକପ୍ ପରାଜୟକୁ ଭୁଲି ଭାରତ ଏକ ନୂତନ ଆରମ୍ଭର ପ୍ରୟାସ କରିବ। ବିଗତ କିଛି ଶୃଙ୍ଖଳାରେ ରୋହିତ ଶର୍ମା ଅତ୍ୟନ୍ତ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ବେଳେ ପାକିସ୍ତାନ ବିପକ୍ଷରେ କେଉଁ ପ୍ରକାର ରଣନୀତି ସହିତ ଓହ୍ଲାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଭୟ ଦଳ ପରସ୍ପର ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ ଖେଳୁ ନ ଥିବାରୁ ପରସ୍ପରର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅନଭିଜ୍ଞ। ଶେଷ ମୁକାବିଲାରେ ଭାରତ ୧୦ ଉଇକେଟରେ ପରାସ୍ତ ହୋଇଥିବା ବେଳେ ଦଳ ଏହାର ପ୍ରତିଶୋଧ ନେବାକୁ ପ୍ରୟାସ କରିବ।

ଭାରତୀୟ ଟପ୍ ଅର୍ଡର ବ୍ୟାଟିଂକୁ

## କୋହଲିଙ୍କ ଶତକୀୟ ମ୍ୟାଚ୍ ଉପରେ ନଜର



ନେଇ ଏବେ ବି ଅନେକ ଆଶଙ୍କା ଲାଗି ରହିଛି। ପ୍ରଥମ ତିନି ବ୍ୟାଟର ଡାହାଣହାତୀ ହୋଇଥିବା ବେଳେ ବାମହାତୀ ପେସ ବୋଲରଙ୍କ ଆଗରେ ଏହା ଏକ୍ସପୋଜ ହେବାର ସମ୍ଭାବନା ଅଧିକ ଥାଏ। ବିଗତ ୧୦ ମାସ ମଧ୍ୟରେ ଟପ୍ ଅର୍ଡରକୁ ନେଇ ରାହୁଲ ଦ୍ରାବିଡ ଅନେକ ପରୀକ୍ଷା ନିରୀକ୍ଷା କରିଥିଲେ ହେଁ ବଡ ମୁକାବିଲା କାରଣରୁ ପୁଣି ଥରେ ରାହୁଲ୍-ରୋହିତ-କୋହଲିଙ୍କ କମ୍ବିନେଶନ ଜାରି ରହିବ। ଲୋକେଶ ରାହୁଲ ୨୦୨୨ରେ ଗୋଟିଏ ବି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି। ତେବେ ଅଭିଜ୍ଞତା ଆଧାରରେ ଭାରତ ଇନ୍‌ଫର୍ମ ଦୀପକ ହୁଡାଙ୍କୁ ବାହରେ ବସାଇବ। ରାହୁଲ ଓ କୋହଲିଙ୍କ ଫର୍ମ ଭାରତ ପାଇଁ ବଡ ଚିନ୍ତା ରହିଥିବା ବେଳେ ରୋହିତଙ୍କ ନିକଟରୁ ଏକ ବଡ ଇନିଂସ ଆଶା କରିବ ଭାରତ। ସେହିପରି ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମରେ ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଅନ୍ୟପକ୍ଷରେ ପାକିସ୍ତାନ ବ୍ୟାଟିଂ କ୍ରମ ଉପରେ ନଜର ପକାଇଲେ ଇନ୍‌ଫର୍ମ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ଯୋଡି ଉପରେ ସ୍ପଟ୍‌ଲାଇଟ ରହିବ। ତେବେ ଉଭୟ ଖେଳାଳିଙ୍କ ଷ୍ଟ୍ରାଇକରେଟ୍ ୧୩୦ରୁ କମ୍ ରହୁଥିବାରୁ ଏହା ସମସ୍ୟା ସୃଷ୍ଟି କରିଥାଏ। ଭାରତୀୟ ବୋଲର ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ୩ ନମ୍ବରରେ ଫଖର ଜମାନଙ୍କ ଉପସ୍ଥିତି ଦଳକୁ ଆହୁରି ଶକ୍ତିଶାଳୀ କରୁଛି।

**ଦଳ ସହ ଯୋଗ ଦେବେ ଦ୍ରାବିଡ୍**

କରୋନାରୁ ସୁସ୍ଥ ହୋଇଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ ରାହୁଲ ଦ୍ରାବିଡ୍। ଏସିଆ କପ୍ ପୂର୍ବରୁ ଦ୍ରାବିଡ୍ ସୁସ୍ଥ ହେବା ସହିତ ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ଦଳ ସହିତ ଯୋଗ ଦେବା ସ୍ପଷ୍ଟ ହୋଇଛି। ବେଙ୍ଗାଲୁରୁରେ ସେ ଆଇସୋଲେସନ୍‌ରେ ରହିଥିବା ବେଳେ ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ ଅନ୍ତରୀଣ ମୁଖ୍ୟ କୋଚ୍ ଘୋଷଣା କରାଯାଇଥିଲା। ଶନିବାର ଦ୍ରାବିଡଙ୍କ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ ତାଙ୍କ ଠାରେ ସାମାନ୍ୟ ଲକ୍ଷଣ ରହିଛି ତେବେ ସେ ଭାରତୀୟ ଦଳ ସହିତ ଯୋଗ ଦେବା ନେଇ ସ୍ପଷ୍ଟ କରିଛନ୍ତି ବିସିସିଆଇ ସମ୍ପାଦକ ଜୟ ଶାହ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ଦୀପକ ହୁଡା, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଆର. ଅଶ୍ୱିନ, ଯୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ଆଭେଶ ଖାନ୍।

**ପାକିସ୍ତାନ ଦଳ:** ବାବର ଆଜମ (ଅଧିନାୟକ), ଶଦାବ ଖାନ୍, ଆସିଫ ଅଲୀ, ଫଖର ଜମାନ, ହାଇଦର ଅଲୀ, ହରିଶ ରୌଫ୍, ଇଫତିଖାର ଅହମଦ୍, ଖୁଶଦିଲ ଶାହ, ମହମ୍ମଦ ନୱାଜ, ମହମ୍ମଦ ରିଜୱାନ, ଶାହନୱାଜ ଦହାନି, ଉସମାନ୍ କାଦିର୍, ମହମ୍ମଦ ହସନେନ୍, ହସନ ଅଲୀ।

**ସ୍ଥାନ : ଦୁବାଇ**
**ପ୍ରସାରଣ ସମୟ: ସନ୍ଧ୍ୟା ୭.୩୦**

## ନଭଜିତ୍ ଡୋପ୍ ଟେଷ୍ଟରେ ବିଫଳ



**ନୂଆଦିଲ୍ଲୀ, ୨୭।୮ (ପି.ଟି.):** ଭାରତର ଟପ୍ ଡିସ୍‌କସ୍ ଥ୍ରୋୟର ନଭଜିତ୍ କୌର ଧିଲୋଁ ପ୍ରତିଯୋଗିତା ବାହାରେ ହୋଇଥିବା ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଗତ ମାସରେ ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଆଥଲେଟିକ୍ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ଡୋପ୍ ଟେଷ୍ଟ କରାଯାଇଥିଲା। ଧିଲୋଁ ୨୦୧୮ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କିନ୍ତୁ ଗତ ଅଗଷ୍ଟ ୮ରେ ଶେଷ ହୋଇଥିବା ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୮ମ ହୋଇଥିଲେ। ୨୭ ବର୍ଷୀୟ ଧିଲୋଁ ଜୁନ୍ ମଧ୍ୟଭାଗରେ ଚେନ୍ନାଇରେ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍ (୫୫.୬୭ ମିଟର) ଏବଂ ଜୁନ୍ ୨୫ରେ କାଜାଖସ୍ତାନର ଅଲ୍‌ମାଟିଠାରେ ଅନୁଷ୍ଠିତ କୋସାନୋଭ ମେମୋରିଆଲ ମିଟ୍ (୫୬.୨୪ ମିଟର)ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିନ୍ତୁ ବର୍ମିଂହାମ୍‌ରେ ତାଙ୍କର ଶ୍ରେଷ୍ଠ ଥ୍ରୋ ମାତ୍ର ୫୩.୫୧ ମିଟର ରହିଥିଲା। ତାଙ୍କର ସିଜନ ଶ୍ରେଷ୍ଠ ପ୍ରଦର୍ଶନ ୫୮.୦୩ ମିଟର ରହିଥିବା ବେଳେ ବ୍ୟକ୍ତିଗତ ଶ୍ରେଷ୍ଠ ସେ ୨୦୧୮ରେ ୫୯.୧୮ମିଟର ସହ ହାସଲ କରିଥିଲେ। ଏଆଇୟୁ ତରଫରୁ ତାଙ୍କର କେଉଁ ସ୍ଥାନରେ ଡୋପ୍ ଟେଷ୍ଟ କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଧିଲୋଁଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଷ୍ଟେରଏଡ୍‌ର ମାତ୍ରା ଦେଖିବାକୁ ମିଳିଥିଲା। ଏଆଇୟୁ ହେଉଛି ବିଶ୍ୱ ଆଥଲେଟିକ୍ସ ଦ୍ୱାରା ଗଠିତ ଏକ ସ୍ୱାଧୀନ ସଂସ୍ଥା, ଯିଏକି ଡୋପିଂ ମାମଲା ସମେତ ସମସ୍ତ ଅଖଣ୍ଡତା ପ୍ରସଙ୍ଗ ପରିଚାଳନା କରିଥାଏ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନଭଜିତଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇପାରେ।




# ଫୁଟବଲପ୍ରେମୀଙ୍କ ବିଜୟ: ଅନୁରାଗ

ଜୁରିକ୍/ନୂଆଦିଲ୍ଲୀ,୨୭।୮ (ପି.ଟି)

ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ) ଉପରୁ ଫିଫାର ବାସନ୍ଦାଦେଶ ଉଠିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର। ଏହା ଫୁଟବଲ ଫ୍ୟାନ୍‌ମାନଙ୍କର ବିଜୟ ବୋଲି ଠାକୁର ଅଭିହିତ କରିଛନ୍ତି। ତୃତୀୟ



ଅନୁରାଗ ଠାକୁର

ପକ୍ଷ ହସ୍ତକ୍ଷେପ ଅଭିଯୋଗ କରି ଫିଫା ପକ୍ଷରୁ ଅଗଷ୍ଟ ୧୫ ତାରିଖରେ ଭାରତକୁ ନିଲମ୍ବନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫିଫା ସହିତ ଆଲୋଚନା କରାଯାଇଥିବା ବେଳେ ସୁପ୍ରିମକୋର୍ଟ କମିଟି ଅଫ୍ ଆଡମିନିଷ୍ଟ୍ରେଶନ୍(ସିଓଏ)ର ଉଚ୍ଛେଦ କରିଥିଲେ। ଫିଫା ବାସନ୍ଦାଦେଶ ହଟିବା ପରେ ଭାରତରେ ୧୭ ବର୍ଷ କମ ମହିଳା ବିଶ୍ୱକପ ଆୟୋଜନ ହେବାର ପଥ ପରିଷ୍କାର ହୋଇଛି। ଆସନ୍ତା ଅକ୍ଟୋବର ୧୧-୩୦ ମଧ୍ୟରେ ଭାରତରେ ଫୁଟବଲ ବିଶ୍ୱକପ ଆୟୋଜନ ହେବ। ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଏଆଇଏଫ୍‌ଏଫ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ବାଇଚୁଙ୍ଗ ଭୂଟିଆ ଓ କଲ୍ୟାଣ ଚୌବେ ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଫିଫାର ବାସନ୍ଦାଦେଶ ପରେ ଭାରତରେ ବିଶ୍ୱକପ ଆୟୋଜନ ଉପରେ ସଙ୍କଟର

## ଫିଫା ବାସନ୍ଦ ଉଠିଲା

କଳାବାଦଲ ଛାଇ ଯାଇଥିଲା। ମାତ୍ର ସିଓଏ ଏବଂ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫିଫା ସହିତ ଆଲୋଚନା ପରେ ବିଶ୍ୱକପ ଆୟୋଜନ ସ୍ପଷ୍ଟ ହୋଇଯାଇଛି। ସିଓଏ ଉଚ୍ଛେଦ ହୋଇଥିବା ନେଇ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫିଫାକୁ ସ୍ପଷ୍ଟୀକରଣ ଦିଆଯିବା ପରେ ଭାରତକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଛି। ଏସିଆନ ଫୁଟବଲ ସଂଘ(ଏଏଫ୍‌ସି) ପକ୍ଷରୁ ଏଆଇଏଫ୍‌ଏଫ୍ ନିର୍ବାଚନକୁ ମନିଟର କରାଯିବା ସହିତ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପ୍ରଦାନ କରାଯିବା ନେଇ ଫିଫା ସ୍ପଷ୍ଟ କରିଛି। ଏହା ସହିତ ଏଆଇଏଫ୍‌ଏଫ୍‌ର ଦୈନନ୍ଦିନ କାର୍ଯ୍ୟକୁ ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ସୁନନ୍ଦୋ ଧର ପରିଚାଳନା କରିବେ। ଫିଫାର ଏହି ନିଷ୍ପତ୍ତିକୁ ପୂର୍ବତନ ଫୁଟବଲ ଦଳ ଅଧିନାୟକ ବାଇଚୁଙ୍ଗ ଭୂଟିଆ ସ୍ୱାଗତ କରିଛନ୍ତି। ଏହାବ୍ୟତୀତ ପୂର୍ବତନ ମିଡ୍‌ଫିଲ୍ଡର ରେନେଡି ସିଂ ଓ ପୂର୍ବତନ କ୍ରୀଡାମନ୍ତ୍ରୀ କିରେନ ରିଜିଜୁ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଫିଫା ବାସନ୍ଦାଦେଶକୁ ନେଇ ଗୋକୁଲମ କେରଳ କ୍ଷତି ସହିଛି ବୋଲି କହିଛନ୍ତି ପୂର୍ବତନ ଭାରତୀୟ ଷ୍ଟ୍ରାଇକର ସବିର ଅଲୀ। ଭାରତୀୟ ଫୁଟବଲ ଇତିହାସରେ ଏହି ୧୧ ଦିନ ବ୍ୟାପୀ କଳାଦିବସର ଅବସାନ ଘଟିଥିବା ବେଳେ ଫିଫାର ଦାବିକୁ ଭାରତ ମାନି ନେଇଛି। ଏଆଇଏଫ୍‌ଏଫ୍ ନିର୍ବାଚନ ଆଗୁଆ କରିଥିଲେ ଏଭଳି ପରସ୍ଥିତିର ସାମ୍ନା କରିବାକୁ ପଡିନଥାନ୍ତା। ଗୋକୁଲମ୍ କେରଳର ଖେଳାଳିମାନେ ତାସକେଣ୍ଟରେ ଦୀର୍ଘ ଏକ ସପ୍ତାହ ଧରି ଅଟକି ରହିଥିଲେ। ଏଭଳି ପରିସ୍ଥିତିର ସାମ୍ନା କରିଥିବା ଦଳକୁ ଏଆଇଏଫ୍‌ଏଫ୍ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବା ଆବଶ୍ୟକ ବୋଲି ସବିର ମତ ଦେଇଛନ୍ତି।

## ଡିଜ୍‌ନୀ ଷ୍ଟାରକୁ ଆଇସିସି ମିଡିଆ ରାଇଟ୍

**ଦୁବାଇ, ୨୭।୮(ପି.ଟି.):** ଭାରତୀୟ ବଜାର ପାଇଁ ୨୦୨୪ରୁ ୨୦୨୭ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ସମସ୍ତ ଇଭେଣ୍ଟଗୁଡ଼ିକର ପ୍ରସାରଣ ଅଧିକାର ହାସଲ କରିଛି ଡିଜ୍‌ନୀ ଇଣ୍ଡିଆ। ଖବର ଅନୁସାରେ ମିଡିଆ ରାଇଟ୍ ହାସଲ କରିବା ଲାଗି ଡିଜ୍‌ନୀ ଷ୍ଟାରକୁ ୩ ବିଲିୟନ ଆମେରିକୀୟ ଡଲାର ବ୍ୟୟ କରିବାକୁ ହୋଇଛି। ଡିଜ୍‌ନୀ ଷ୍ଟାର ୨୦୨୭ ପର୍ଯ୍ୟନ୍ତ ଭାରତରେ ହେବାକୁଥିବା ଉଭୟ ପୁରୁଷ ଓ ମହିଳା ଗ୍ଲୋବାଲ ଇଭେଣ୍ଟଗୁଡ଼ିକ ଲାଗି ଟିଭି ଓ ଡିଜିଟାଲ ରାଇଟ୍ ହାସଲ କରିଥିବା ଆଇସିସି କହିଛି।

## ଶ୍ରୀଲଙ୍କାକୁ ୮ ଉଇକେଟରେ ହରାଇଲା ଆଫଗାନିସ୍ତାନ

**ଦୁବାଇ, ୨୭।୮ (ପି.ଟି.):** ଏସିଆ କପ୍ ଉଦ୍‌ଘାଟନୀ ମ୍ୟାଚରେ ଆଫଗାନିସ୍ତାନ ପ୍ରଭାବୀ ଅଲରାଉଣ୍ଡ ପ୍ରଦର୍ଶନ ସହ ୮ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଆଫଗାନିସ୍ତାନ ୧୦.୧ ଓଭରରେ ୧୦୬ରନର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳର ଟପ୍ ସ୍କୋରର ରହମାନୁଲ୍ଲା ଗୁର୍‌ବାଜ ୪୦ରନ କରିଥିଲେ। ହଜରାତୁଲ୍ଲା ଜାଜାଇ ୩୭ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ଶ୍ରୀଲଙ୍କା ୧୯.୪ ଓଭରରେ ୧୦୫ ରନ କରି ଅଲଆଉଟ ହୋଇଯାଇଥିଲା। ଭାନୁକା ରାଜପାକ୍‌ସେ ୨୯ ବଲ୍‌ରୁ ୩୮ ରନ କରିଥିଲେ। ଚାମିକା କୁରୁଣାରତ୍ନେ ୩୧ ରନ କରିପାରିଥିଲେ। ଆଫଗାନିସ୍ତାନ ତରଫରୁ ଫଜଲହକ୍ ଫାରୁକି (୩/୧୧), ମହମ୍ମଦ ନବି (୨/୧୪) ଓ ମୁଜିବୁର୍ ରହମନ (୨/୨୪) ୭ ଉଇକେଟ ବାଣ୍ଟି ନେଇଥିଲେ। ଏହି ବିଜୟ ଦ୍ୱାରା ଆଫଗାନିସ୍ତାନ ନେଟ ରନରେଟ୍ ୫.୧୭୬ରେ ପହଞ୍ଚିଛି। ଦଳ ଗ୍ରୁପ୍ ବି'ରେ ଶୀର୍ଷ ସ୍ଥାନ ଅଧିକାର କରିବା ସହ ଦଳର ସୁପର୪ ପର୍ଯ୍ୟାୟକୁ ଉନ୍ନୀତ ହେବା ସମ୍ଭବନାକୁ ଉଜ୍ଜ୍ୱଳ କରିଛି। ଏହି ଗ୍ରୁପ୍‌ରେ ରହିଥିବା ବାଂଲାଦେଶ ମଙ୍ଗଳବାର ଶାରଜାରେ ଆଫଗାନିସ୍ତାନକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା:** ୧୯.୪ ଓଭରରେ ୧୦୫/ଅଲଆଉଟ (ଭାନୁକା ରାଜପାକ୍‌ସେ-୩୮ ; ଫଜଲହକ୍ ଫାରୁକି-୩/୧୧)। **ଆଫଗାନିସ୍ତାନ:** ୧୦.୧ ଓଭରରେ ୧୦୬/୨ (ରହମାନଉଲ୍ଲା ଗୁର୍‌ବାଜ୍-୪୦, ହଜ୍ରାତୁଲ୍ଲା ଜାଜାଇ-୩୭* ; ୱାନିନ୍ଦୁ ହସରଙ୍ଗା-୧/୨୯)।




# ବିଶ୍ୱ ଚାମ୍ପିୟନଶିପ୍: ସାତ୍ତ୍ୱିକ-ଚିରାଗଙ୍କୁ ବ୍ରୋଞ୍ଜ ପଦକ

ଟୋକିଓ, ୨୭।୮ (ପି.ଟି.)

ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଐତିହାସିକ ବ୍ରୋଞ୍ଜ ପଦକ ସଫଳତା ହାସଲ କରିଛନ୍ତି। ଶନିବାର ସେମାନେ ପୁରୁଷ ଡବଲ୍ସ ସେମିଫାଇନାଲରେ ମାଲେସିଆର ଆରନ ଚିଆ ଓ ସୋ ଉଇ ଇକ୍‌ଙ୍କଠାରୁ ୨୨-୨୦, ୧୮-୨୧, ୧୬-୨୧ରେ ହାରିଯାଇଛନ୍ତି। ପରାଜୟ ସତ୍ତ୍ୱେ ଏହି ଇଭେଣ୍ଟରେ ପ୍ରଥମ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ଭାବେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଚଳିତମାସ ପ୍ରଥମ ଭାଗରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଡବଲ୍ସ ସ୍ୱର୍ଣ୍ଣ ଜିତିଥିବା ବିଶ୍ୱର ୭ ନମ୍ବର ମାନ୍ୟତା ପ୍ରାପ୍ତ ସାତ୍ତ୍ୱିକ-ଚିରାଗ ଯୋଡ଼ି ଏହି ୭୭ ମିନିଟ ମୁକାବିଲାରେ ପ୍ରତିପକ୍ଷ ଯୋଡ଼ିଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ସେମାନଙ୍କ ପରାଜୟ ଦ୍ୱାରା ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତୀୟ ଚ୍ୟାଲେଞ୍ଜର ଅନ୍ତ ଘଟିଛି। ବିଶ୍ୱର ୬ ନମ୍ବର ଯୋଡ଼ିଙ୍କ ବିପକ୍ଷରେ ସାତ୍ତ୍ୱିକ-ଚିରାଗଙ୍କ ଏହା ହେଉଛି କ୍ରମାଗତ ୬ଷ୍ଠ ପରାଜୟ। ନିକଟରେ ସେମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମିକ୍ସଡ ଟିମ୍ ଫାଇନାଲରେ ଏହି ଯୋଡ଼ିଙ୍କଠାରୁ ପରାଜୟ ବରଣ କରିଥିଲେ। ୨୦୧୧ରୁ ଭାରତ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତି ଆସୁଛି। ସେହିବର୍ଷ ମହିଳା ଯୋଡ଼ି ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପା ବ୍ରୋଞ୍ଜ ସହ ଦେଶ ପାଇଁ ଡବଲ୍ସରେ ପ୍ରଥମ ପଦକ ଜିତିଥିଲେ।




ସେମିଫାଇନାଲ ଖେଳିବା ଅବସରରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସହରବାସୀଙ୍କୁ ବିପଦ କେବୁଲ ତାର

## ରାସ୍ତାରେ ପଡ଼ିଛି, ଖୁଣ୍ଟରୁ ଝୁଲିଛି

କଟକ ଅଫିସ,୨୭।୮: କଟକ ସହରର ବିଭିନ୍ନ ସ୍ଥାନରେ ଥିବା ଖୁଣ୍ଟରେ କେବୁଲ ତାର ଝୁଲି ରହିଛି। ଏପରି କି ରାସ୍ତାରେ କେବୁଲ ତାର ପଡି ରହିବାରୁ ଯାତାୟାତରେ ସମସ୍ୟା ହେଉଛି। ଏ ଦିଗରେ ସରକାରୀ କିମ୍ବା ବେସରକାରୀ ସଂସ୍ଥା ଦୃଷ୍ଟି ଦେଉ ନ ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାରା ସହରରେ ଏଭଳି ସମସ୍ୟା ଦେଖାଦେଇଛି। ଅରୁଣୋଦୟ ମାର୍କେଟ ନିକଟରୁ ଶଙ୍କରପୁର ବାରିକସାହି ସରସ୍ୱତୀ ଶିଶୁମନ୍ଦିର ଦେଇ ଯାଇଥିବା ରାସ୍ତାରେ କିଛିଦିନ ହେବ ଜାଇକା କାମ ଚାଲିଛି। ରାସ୍ତା ଖୋଳା ଯାଇଥିବାରୁ ଏହାର ଓସାର ସଂକୀର୍ଣ୍ଣ ହୋଇପଡ଼ିଛି। ଯାତାୟାତବେଳେ ସତର୍କତା ଅବଲମ୍ବନ ନ କଲେ ଦୁର୍ଘଟଣା ଘଟିବା ନିଶ୍ଚିତ। ତେବେ ଏହା ସାଙ୍ଗକୁ ରାସ୍ତା ଉପରେ ପଡ଼ିରହିଛି କେବୁଲ ତାର। ପୁଣି ରାସ୍ତା ପାର୍ଶ୍ୱ ଖୁଣ୍ଟରେ ଝୁଲିରହିଛି ଗୋଛା ଗୋଛା କେବୁଲ ତାର। ଲୋକେ ବାଇକ୍‌ରେ ଯିବାବେଳେ ମୁଣ୍ଡରେ ବାଜୁଛି ଏହି ତାର। ଦୀର୍ଘଦିନ ଧରି କେବୁଲ ତାର ରାସ୍ତା ଉପରେ ପଡ଼ିରହିଛି। ରାସ୍ତାର ବାଙ୍କ ଜାଗାରେ ଏଗୁଡ଼ିକ ପଡ଼ି ରହିଥିବାରୁ ଅନେକ ସମୟରେ ଗାଡି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ବିଦ୍ୟୁତଖୁଣ୍ଟ ନିକଟ ରାସ୍ତାରେ ପଡ଼ିଥିବା କେବୁଲ ତାର।

### ଏମାନେ କୁହନ୍ତି...



ରାସ୍ତାରେ ଯିବାବେଳେ ଖାଲଖମା ସାଙ୍ଗକୁ ରାସ୍ତାରେ ପଡ଼ି ରହିଥିବା କେବୁଲ ତାର ବିପଦକୁ ଆମନ୍ତ୍ରଣ କରୁଛି। ଗୁଡ଼ି ମାଞ୍ଜାସୂତାରେ ଶରୀର କାଟି ହେବା ପରି କେବୁଲ ତାର ଗୁଡ଼େଇ ହୋଇ କେତେବେଳେ ଯେ କ'ଣ ଘଟିବ ତାହା କଳନା କରିହେବ ନାହିଁ।

**–ହିମାଂଶୁ ଶେଖର ସାମଲ, ସ୍ଥାନୀୟ ବାସିନ୍ଦା**



ସ୍ଥାନୀୟ ଅଞ୍ଚଳରୁ ଲୋକମାନେ ଏସ୍‌ସିବି ମେଡିକାଲ, ଛାତ୍ରୀଛାତ୍ରମାନେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମେତ ରାଣୀହାଟ, କଲେଜ ଛକ, ଯୋବ୍ରା, ଜଗତ୍‌ପୁରକୁ ଯିବା ପାଇଁ ଏହି ରାସ୍ତାରେ ସହଜ ହୋଇଥାଏ। ହେଲେ ରାସ୍ତାରେ କେବୁଲ ତାର ପଡିଥିବାରୁ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛୁ।

**–ସ୍ମିତା ପଟ୍ଟନାୟକ, ସ୍ଥାନୀୟ ବାସିନ୍ଦା**



ଏ ଭଳି ଅବ୍ୟବସ୍ଥା ମୋ ଦୃଷ୍ଟିକୁ ଆସିନାହିଁ। ସ୍ଥାନୀୟ ଲୋକମାନଙ୍କୁ ବୁଝିବା ପରେ ଯାହା କିଛି କହିପାରିବି। ଏଭଳି ହୋଇଥିଲେ ଲୋକମାନଙ୍କୁ ଅସୁବିଧାରେ ପଡ଼ିବାକୁ କେବେ ଦିଆଯିବ ନାହିଁ।

**–ଦମୟନ୍ତୀ ମାଝି, ଡେପୁଟି ମେୟର, ସିଏମ୍‌ସି**

## ସଂକ୍ଷେପରେ

### ଟ୍ରକ୍ ଭିତରୁ ଯୁବକଙ୍କ ମୃତଦେହ ଜବତ

ମଙ୍ଗୁଳି,୨୭।୮(ଡି.ଏନ୍.ଏ.)- ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଓଭରବ୍ରିଜ୍ ନିକଟରେ ଥିବା ଏକ ଟ୍ରକ୍ ଭିତରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଶନିବାର ଜବତ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଧୀନ ସାନଗୋପାଳପୁର ଗ୍ରାମର ପ୍ରହଲ୍ଲାଦ ପ୍ରଧାନ(୩୫)। ଉକ୍ତ ଟ୍ରକ୍(ନଂ.ଓଡ଼ି୦୫ବିଏ-୨୯୯୮) ଭିତରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ତେବେ ପୋଲିସ ମୃତଦେହ କାଢିବା ସମୟରେ ଟ୍ରକ ଭିତରୁ କୌଣସି ରାସାୟନିକ ପଦାର୍ଥର ଦୁର୍ଗନ୍ଧ ବାହାରୁଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୭ଟାରେ ୪ଜଣ ଯୁବକ ବାଇକ୍‌ରେ ଆସି ପ୍ରହଲ୍ଲାଦଙ୍କ ଗାଡିକୁ ଓଭରବ୍ରିଜ ନିକଟରେ ଅଟକାଇଥିଲେ। ପରେ ଗାଡି ଫାଇନାନ୍ସକୁ କେନ୍ଦ୍ରକରି ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଶନିବାର ସକାଳେ ଦେଖିଲା ବେଳକୁ ଗାଡିରେ ପ୍ରହଲ୍ଲାଦଙ୍କ ମୃତଦେହ ପଡିରହିଥିଲା। ଅପରପକ୍ଷେ ପ୍ରହଲ୍ଲାଦ ସାନ ଭାଇ ପ୍ରଭାତ ପ୍ରଧାନ କହିଛନ୍ତି, ଭାଇ ଗାଡି ସଜାଡିବା ପାଇଁ ଏକ ଗ୍ୟାରେଜକୁ ଆସି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫୋନ କରି କହିଥିଲେ, ମୁଁ ମଙ୍ଗୁଳିରେ ଅଛି। ଦେହ ଭଲ ଲାଗୁନି। ଶନିବାର ସକାଳେ ଘରକୁ ଯିବି। ଏ ନେଇ ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ। ଏ ନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୧୮୭୪/୨୨)ରୁଜୁ ହୋଇଛି।

### ଶିକ୍ଷାବିତ୍‌ଙ୍କ ସ୍ମୃତିସଭା

ଚୌଦ୍ୱାର,୨୭।୮(ଡି.ଏନ୍.ଏ.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ନିଗମାନନ୍ଦ ବିଦ୍ୟାପୀଠ ପରିସରରେ ଶିକ୍ଷାବିତ୍ ଅକ୍ଷୟ୍ କୁମାର ସାହୁଙ୍କ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସବିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୁରାତନ ଛାତ୍ର ଆକୁଳାନନ୍ଦ ସ୍ୱାଇଁ, ଲକ୍ଷ୍ମୀଧର ଦାସ, ଚୈତନ୍ୟ ବେହେରା, ରାମଚନ୍ଦ୍ର ସ୍ୱାଇଁ, ବ୍ରଜେନ୍ଦ୍ର ନାୟକ, ଅଜୟ୍ ବେହେରା, ଶୁକଦେବ ଭୂୟାଁ ଓ ଅଶୋକ ବେହେରା ପ୍ରମୁଖ ଯୋଗଦେଇ ନିଗମାନନ୍ଦ ବିଦ୍ୟାପୀଠ ଗଢି ତୋଳିବାରେ ଅକ୍ଷୟଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।

#### ଜିଲାସ୍ତରୀୟ ଦେଶାତ୍ମବୋଧକ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସଭା

### ସର୍ବୋଦୟ ରାସ୍ତାରେ ସମସ୍ତେ ସ୍ୱାବଲମ୍ବୀ ହେବା ଆବଶ୍ୟକ

କଟକ ଅଫିସ, ୨୭।୮
କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଜିଲାସ୍ତରୀୟ ଦେଶାତ୍ମବୋଧକ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ, ସର୍ବୋଦୟ ରାସ୍ତାରେ ସମସ୍ତେ ସ୍ୱାବଲମ୍ବୀ ହେବା ଆବଶ୍ୟକ। ସତ୍‌ମାର୍ଗରେ ଲୋକେ ପରିଚାଳିତ ହେଲେ ଦେଶରେ ଭାଇଚାରା ବୃଦ୍ଧି ପାଇବ। ସଭାପତି ବିଶ୍ୱଜିତ୍ ସୂର୍ଯ୍ୟବଂଶୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶିକା ଜୟନ୍ତୀ ମଞ୍ଜରୀ ରଥ, ସର୍ବୋଦୟ ସେବକ ମିହିର ପ୍ରତାପ ଦାସ, ସାମ୍ବାଦିକ ଜ୍ଞାନରଞ୍ଜନ ସାମନ୍ତରାୟ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଅନିମା ରାୟ, ହରିହର ସେନ୍, ଦୀପାୟନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସାଗର ଦାସ ଧନ୍ୟବାଦ ଦେଇଥିଲେ।

### ନୂଆପାଟଣା ଛକରେ ପୋଲିସ ଆଉଟ୍ ପୋଷ୍ଟ ଦାବି

ଚୌଦ୍ୱାର,୨୭।୮(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ ନୂଆପାଟଣା ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଏଠାରୁ କଟକକୁ ସଂଯୋଗ କରୁଥିବା ମଧୁସେତୁ ଦେଇ ସମ୍ବଲପୁର, ଅନୁଗୋଳ ଜିଲାକୁ ପ୍ରତିଦିନ ଶତାଧିକ ଯାନବାହନ ଚଳାଚଳ କରୁଛି। ଏଥିସହ ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠକୁ ଯିବା ପାଇଁ ଏହି ରାସ୍ତା ସଂଯୋଗ କରୁଥିବାରୁ ଦୈନନ୍ଦିନ ଜଳଗହଳି ହେଉଛି। ତେଣୁ ଲୋକଙ୍କ ସୁରକ୍ଷା ଓ ଯାନବାହନ ନିୟନ୍ତ୍ରଣ ପାଇଁ ନୂଆପାଟଣା ଛକରେ ପୋଲିସ ଆଉଟପୋଷ୍ଟ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଆନ୍ତର୍ଜାତିକ ମାନବାଧିକାର ପରିଷଦର ଓଡ଼ିଶା ଶାଖା ସଭାପତି ସସ୍ମିତା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ଡିସିପିଙ୍କ ଉଦ୍ଦେଶ୍ୟରେ ଚୌଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଅଭିଳାଷ ଚନ୍ଦ୍ର ସାହୁ, ନାରାୟଣ ବିଶ୍ୱାଳ ଓ ସଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଚାରପତି ଭଲ ମଣିଷ ହେବା ଉଚିତ'



ହାଇକୋର୍ଟ ପରିଦର୍ଶନରେ ଆସିଥିବା ସିଡିଏ ଡିଏଭି ପବ୍ଲିକ ସ୍କୁଲର ବିଦ୍ୟାର୍ଥୀମାନେ।

## ହାଇକୋର୍ଟ ବୁଲିଲେ ଡିଏଭି ସ୍କୁଲ ବିଦ୍ୟାର୍ଥୀ

କଟକ ଅଫିସ,୨୭।୮

ସିଡିଏ ଡିଏଭି ପବ୍ଲିକ ସ୍କୁଲର ୨୫ ଜଣ ବିଦ୍ୟାର୍ଥୀ ସେମାନଙ୍କ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଶନିବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଆଇନଜୀବୀ କାଜଲ ସାହୁ ଓ ବେଣୁଗୋପାଳ ମହାପାତ୍ର ଉପସ୍ଥିତ ରହି ନ୍ୟାୟିକ ବ୍ୟବସ୍ଥା ଉପରେ ବିଦ୍ୟାର୍ଥୀମାନଙ୍କୁ ବୁଝାଇଥିଲେ। ହାଇକୋର୍ଟ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଏବଂ ଚାମ୍ବର ସହ ହାଇକୋର୍ଟର ନୂଆ ଭବନ, ବିଚାରପତିଙ୍କ ପାଠାଗାର ଓ ସମ୍ମିଳନୀ କକ୍ଷକୁ ଛାତ୍ରୀଛାତ୍ରମାନେ ବୁଲି ଦେଖିଥିଲେ। ସେମାନଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସେମାନେ ପଚାରି ବୁଝିଥିଲେ। ବିଚାରପତିମାନଙ୍କ ଶପଥ ଗ୍ରହଣ ସମାରୋହର ଭିଡିଓ କ୍ଲିପ୍ ଓ ମୁଖ୍ୟ ବିଚାରପତିଙ୍କ କୋର୍ଟ ରୁମ୍‌ରେ ଏକ ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ସେମାନେ ଦେଖିଥିଲେ। ଏହାପରେ ଆଇନ ସେବା ଭବନ, ମେଡିଟେଶନ କେନ୍ଦ୍ର ପରିଦର୍ଶନ କରିବା ସହ ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ରହିଥିବା ଆଇନ ସହାୟତା ବିଷୟରେ ସଚେତନ ହୋଇଥିଲେ। ସେହିପରି ଓଡ଼ିଶା ଜୁଡିସିଆଲ ଏକାଡେମୀରେ ବିଚାରପତି ଓ ଆଇନଜୀବୀମାନଙ୍କ ପାଇଁ ହେଉଥିବା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ସେମାନେ ବିଚାରପତି ଗୌରୀଶଙ୍କର ଶତପଥୀ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ସହ ଭାବ ବିନିମୟ କରିଥିଲେ। ବିଚାରପତି ଦ୍ୱୟ ଆଇନଜୀବୀ ଭାବରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସହ ନ୍ୟାୟିକ ବ୍ୟବସ୍ଥାରେ ସିଭିଲ ଓ କ୍ରିମିନାଲ କୋର୍ଟର କାର୍ଯ୍ୟକାରିତା ବିଷୟରେ କହିଥିଲେ। ବିଚାରପତି ଜଣେ ଭଲ ମଣିଷ ହେବା ଉଚିତ, ନ ହେଲେ ସେ ପ୍ରକୃତ ନ୍ୟାୟ ଦେଇପାରିବେ ନାହିଁ ବୋଲି ବିଚାରପତି ଦାଶ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପିଲାମାନେ ଭଲ ଆଇନଜୀବୀ ଓ ବିଚାରପତି ହେବା ପାଇଁ କଠିନ ପରିଶ୍ରମ କରିବାକୁ ବିଚାରପତି ଦ୍ୱୟ ପ୍ରେରଣା ଦେଇଥିଲେ। ସୂଚନାଯୋଗ୍ୟ, ୨୦୨୧ ଶିଶୁ ଦିବସ ଅବସରରେ ପ୍ରଥମଥର ପାଇଁ ହାଇକୋର୍ଟ ପରିସରକୁ ଛାତ୍ରୀଛାତ୍ରଙ୍କ ପରିଦର୍ଶନ ଲାଗି ଖୋଲା ଯାଇଥିଲା। ସେବେଠାରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ସଂସ୍ଥାର ଛାତ୍ରୀଛାତ୍ରମାନେ ହାଇକୋର୍ଟ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିଦର୍ଶନ କରିଛନ୍ତି। ସମାଜରେ ପ୍ରଚଳିତ ଲୋକକଥା ଓ ବାସ୍ତବ ବିଚାର ବ୍ୟବସ୍ଥା ମଧ୍ୟରେ ଏକ ସ୍ପଷ୍ଟଚିତ୍ର ପ୍ରଦାନ କରିବା ପାଇଁ ବିଦ୍ୟାଳୟ ପିଲାମାନଙ୍କର ଏଭଳି ପରିଦର୍ଶନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ହାଇକୋର୍ଟ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ସ୍କୁଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**କଟକ ଅଫିସ,୨୭।୮:** ଏସ୍‌ସିବି ମେଡିକାଲକୁ ଏମ୍ସ ପ୍ଲସ୍ କରିବା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲକୁ ମେଡିକାଲ ପରିସରରୁ ଓଏମ୍‌ପି ଛକସ୍ଥିତ ଷଷ୍ଠ ବାଟାଲିୟନ ପରିସରକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୨୩ କୋଟି ୮୫ ଲକ୍ଷ ୫୦ ହଜାର ୩୮୪ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶନିବାର ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉକ୍ତ ସ୍ଥାନକୁ ଯାଇ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏବେ ସେଠାରେ ପ୍ରଥମ ମହଲାର ଛାତ ପଡିଥିବାରୁ ବିଧାୟକ ସନ୍ତୋଷ ପ୍ରକାଶ କରିଥିଲେ। ୨.୫ ଏକର ପରିମିତ ଜାଗାରେ ୩ ମହଲା ବିଶିଷ୍ଟ କୋଠା, ୪୮ ଶ୍ରେଣୀଗୃହ, ଷ୍ଟାଫ୍ କକ୍ଷ, ସାଇକେଲ ଷ୍ଟାଣ୍ଡ, ମଲ୍ଟି ଅଡିଟୋରିୟମ ନିର୍ମାଣ କରାଯିବ। ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍‌ସନ୍ କର୍ପୋରେଶନ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ନାଗାର୍ଜୁନ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀ ଏହି କାର୍ଯ୍ୟ କରୁଛି। ୨୦୨୩ ଜାନୁୟାରୀ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବା ପାଇଁ ସ୍ଥିର ହୋଇଛି। ବିଧାୟକଙ୍କ ପରିଦର୍ଶନବେଳେ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍‌ସନ୍ କର୍ପୋରେଶନ୍‌ର ବରିଷ୍ଠ ପ୍ରକଳ୍ପ ଅଧିକାରୀ ଶ୍ୟାମସୁନ୍ଦର ମାରାଣ୍ଡି, ନାଗାର୍ଜୁନ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀର ପ୍ରକଳ୍ପ ଅଧିକାରୀ ଦିଲୀପ ଦାସ, ସ୍ୱାଗତ ମିଶ୍ର, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ଡ. ଜେ.ପି. ଦାସ, ରବୀନ୍ଦ୍ରନାଥ ମହାନ୍ତି, ସ୍ଥାନୀୟ କର୍ପୋରେଟର ମୀନା ସାହୁ, ମୁରବି ନିରଞ୍ଜନ ସାହୁ ଓ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିବିରେ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଭେଟିଲେ ଜିଲାପାଳ

କଟକ ଅଫିସ, ୨୭।୮

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଶନିବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ଭେଟିଛନ୍ତି। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କ ସହିତ ଆଲୋଚନା କରିଥିଲେ। ଉଚ୍ଚସ୍ତରୀୟ ଡାକ୍ତରୀ ଟିମ୍ ଦ୍ୱାରା କମଳାଙ୍କ ଚିକିତ୍ସା କରାଯାଉଥିବା ସମ୍ପର୍କରେ ଚୟନୀ ଅବଗତ ହୋଇଥିଲେ। ଗତ ୨୧ ତାରିଖରେ କମଳା ଅସୁସ୍ଥ ହେବା ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। କିନ୍ତୁ ସେ କିଡ୍‌ନୀ ରୋଗରେ ପୀଡିତ ଥିବା ଜଣାପଡିବା ପରେ ସେଠାରୁ ବୁଧବାର ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ଏଠାରେ ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଛି। ଜିଲାପାଳଙ୍କ ପରିଦର୍ଶନବେଳେ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ, ପୂର୍ବତନ ଜିଲା ଜରୁରୀ ଅଧିକାରୀ ପ୍ରଦୀପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲା ପାତ୍ରପୁଟର ବାସିନ୍ଦା କମଳା ୩୦୦ରୁ ଊର୍ଦ୍ଧ୍ୱ ପାରମ୍ପରିକ ଧାନ ବିହନ ସଂରକ୍ଷଣ କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।



ଏସ୍‌ସିବି ମେଡିକାଲରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

# ଗଣେଶ ମୂର୍ତ୍ତି ନିର୍ମାଣକୁ ନେଇ ପୋଲିସ-କାରିଗର ମୁହାଁମୁହିଁ

## ହାଇକୋର୍ଟରେ ମାମଲା

କଟକ ଅଫିସ, ୨୭।୮

କରୋନା ମହାମାରୀ ପାଇଁ ଦୁଇବର୍ଷ ମୂର୍ତ୍ତି କାରିଗରମାନେ ହାତ ବାନ୍ଧି ଘରେ ବସିଥିଲେ। କରୋନା ସ୍ଥିତିରେ ସୁଧାର ଆସିବା ପରେ ଚଳିତବର୍ଷ ଜାକଜମକରେ ଗଣେଶ ପୂଜା ପାଳନ କରାଯିବ। ଏଥିପାଇଁ କାରିଗରମାନେ ମୂର୍ତ୍ତି ନିର୍ମାଣରେ ଲାଗିପଡିଛନ୍ତି। ହେଲେ ପୋଲିସର କାର୍ଯ୍ୟାନୁଷ୍ଠାନ ଯୋଗୁ ସେମାନଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୋଲିସ ଓ ମୂର୍ତ୍ତି କାରିଗର ମୁହାଁମୁହିଁ ହୋଇଛନ୍ତି। କାରିଗରମାନେ ବିକୃତ ମୂର୍ତ୍ତି ନିର୍ମାଣ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ତାଗିଦ୍ କରିଛି। ଏହାକୁ ଚ୍ୟାଲେଞ୍ଜ କରି କଟକ ଶିଳ୍ପୀ କୁମ୍ଭାରସାହିର ମୂର୍ତ୍ତି କାରିଗର ନାରାୟଣ ମୁଦୁଲି ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମୂର୍ତ୍ତି କାରିଗରଙ୍କୁ ନିର୍ଯାତନା ଦେବା ସହ ମାନ ହାନି ହୋଇଥିବା ନେଇ ମାମଲା ରୁଜୁ ହୋଇଛି। କେତେଜଣ କାରିଗରଙ୍କୁ ହଠାତ୍ ଘରୁ ଉଠାଇ ନେଇ ଥାନାରେ କିଛି ଘଣ୍ଟା ଅଟକ ରଖାଯାଇଥିଲା। ଏପରି କି ପୋଲିସ କାରିଗରଙ୍କୁ ଧମକ ଦେଇଥିବା ନେଇ ପିଟିଶନରେ ଉଲ୍ଲେଖ କରାଯାଇଛି। ଏହାସହିତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆବେଦନକାରୀ ମୁଦୁଲି ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଏହି ମାମଲାରେ ରାଜ୍ୟ ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, କଟକ ଡିସିପି, ପୁରୀଘାଟ ଥାନା ଅଧିକାରୀ ଓ କଟକ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆସନ୍ତା ସୋମବାର ମାମଲାର ଶୁଣାଣି ହେବ ବୋଲି ଜଣାପଡିଛି।

ଶିଳ୍ପୀ ଦେବେନ୍ଦ୍ର ମୁଦୁଲି କହିଛନ୍ତି, ଯେଉଁ ବିକୃତ ଗଣେଶ ମୂର୍ତ୍ତିକୁ ନେଇ ପୋଲିସ ତାଗିଦ୍ କରୁଛି, ତାହା ପୂର୍ବରୁ ଅନେକ ମଣ୍ଡପରେ ପୂଜା କରାଯାଇଛି। ଏହା କୌଣସି ଧାର୍ମିକ ଭାବନାକୁ ଆଘାତ ଦେଉନାହିଁ। ରୁଦ୍ର ଗଣେଶ, ଗଣେଶଙ୍କ ଶିବ ଅବତାର ଆଦିକୁ ନେଇ ମୂର୍ତ୍ତି ତିଆରି କରିଛୁ। ହେଲେ ହଠାତ୍ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ଆମର ସମ୍ମାନ ହାନି କରିଛି। ଏ ନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ପୋଲିସ ପକ୍ଷରୁ ତାଙ୍କୁ କୌଣସି ଗାଳିଗୁଲଜ କରାଯାଇନାହିଁ। ବିକୃତ ମୂର୍ତ୍ତି ନିର୍ମାଣ ନ କରିବା ପାଇଁ କେବଳ ତାଙ୍କୁ ତାଗିଦ କରାଯାଇଥିଲା। ଏହା ଉପରେ ଧ୍ୟାନ ଦେଇ ମୂର୍ତ୍ତି ନିର୍ମାଣ କରିବା ପାଇଁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ କୁହାଯାଇଛି।

# ଭକ୍ତମଧୁ ବିଦ୍ୟାପୀଠ ଟିମ୍ ଚାମ୍ପିୟନ

## ବିଦ୍ୟାଳୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

କଟକ ଅଫିସ,୨୭।୮

କଟକ ଜିଲା କ୍ରୀଡ଼ା ଭାରତୀ ଶାଖା ପକ୍ଷରୁ କାଜିବଜାର ସରକାରୀ ବାଳିକା ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଦିବସୀୟ ବିଦ୍ୟାଳୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୪ଟି ବାଳିକା ଏବଂ ୭ଟି ବାଳକ ଦଳ ଭାଗ ନେଇଥିଲେ। ବାଳିକା ଓ ବାଳକ ବିଭାଗରେ ଭକ୍ତମଧୁ ବିଦ୍ୟାପୀଠ ଟିମ୍ ଚମ୍ପିୟାନ ହୋଇଥିବାବେଳେ ବାଳିକା ବିଭାଗରେ ଜଗତ୍‌ପୁର ସ୍କୁଲ ଟିମ୍ ଓ ବାଳକ ବିଭାଗରେ ବିଡାନାସୀ ସ୍କୁଲ ଟିମ୍ ରନର୍ସ ଅପ୍ ହୋଇଥିଲା। ଚାମ୍ପିୟନ ଏବଂ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବପ୍ରାନ୍ତ କ୍ରୀଡ଼ା ଭାରତୀ ସଭାପତି ତଥା ଅଲ୍ ଓଡ଼ିଶା କ୍ରୀଡ଼ା ଭାରତୀ ଉପ ସଭାପତି ଡ. ଅଶୋକ ନାୟକ, ସମ୍ମାନିତ ଅତିଥି ଭାବେ କଟକ ଜିଲା କ୍ରୀଡା ଭାରତୀ ସଭାପତି ବନମାଳୀ ବିଶୋଇ, ଉପସଭାପତି ପ୍ରତାପ ସିଂ, ସମ୍ପାଦକ ତୁଷାରକାନ୍ତ ସିଂ, ଯୁଗ୍ମ ସମ୍ପାଦକ ସୁବିତ୍ ବେହେରା, କୋଷାଧ୍ୟକ୍ଷ ଅଞ୍ଜଳି ଦାସ, କାଜିବଜାର ପୂଜା କମିଟି ସମ୍ପାଦକ ପ୍ରଦୀପ ସିହ୍ନା, ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକ, କଟକ ଜିଲା ବଲ୍ ବ୍ୟାଡ୍‌ମିଣ୍ଟନ୍ ସଂଘ ସମ୍ପାଦକ ଅଜୟ ସାହୁ ଓ ପୂର୍ବତନ ଖେଳାଳି ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଶନିବାର ଅପରାହ୍ନରେ ବର୍ଷା ପରେ କଟକ ବାଦାମବାଡ଼ି ରାସ୍ତା ଜଳାର୍ଣ୍ଣବ।



କଟକ ଜିଲା କ୍ରୀଡ଼ା ଭାରତୀ ଶାଖା ପକ୍ଷରୁ ଶନିବାର କାଜିବଜାର ସରକାରୀ ବାଳିକା ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏକଦିବସୀୟ ବିଦ୍ୟାଳୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ଚୋରି ସମ୍ପର୍କରେ ନ ମାନିବାରୁ ପିଟି ମାରିଦେଇଥିଲେ

ଖୋର୍ଦ୍ଧା ଅଫିସ,୨୭।୮

ଖୋର୍ଦ୍ଧା ଟାଉନ ଥାନା ଅଧୀନ ପୁରୁସାହିର ବାସୁଦେବ ପ୍ରଧାନ ହତ୍ୟାକାଣ୍ଡ ମାମଲାରେ ଶନିବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ପୁରୁସାହି କପିଳେଶ୍ୱରପୁରର ମୁଖ୍ୟ ଅଭିଯୁକ୍ତ ରବି ଓରଫ ରବୀନ୍ଦ୍ର ମୁଦୁଲି(୪୫), ଡ୍ରାଇଭର ନୟାଗଡ ଜିଲା ଫତେଗଡ ଥାନା ଜଗନ୍ନାଥପୁରର ଆଲୋକ ଓରଫ ଛବି ସାହୁ(୨୫) ଏବଂ ସମ୍ପର୍କୀୟ ଭାଇ ବେଗୁନିଆ ଥାନା ଅଞ୍ଚଳର ମାନସ ମୁଦୁଲି(୪୨)। ଏମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ (ଓଡି-୦୨-ଏଏଚ-୨୭୩୭), ପ୍ଲାଷ୍ଟିକ ପାଇପ୍ ଜବତ ହୋଇଛି। ଅପରାହ୍ନରେ ରବୀନ୍ଦ୍ର ହତ୍ୟାକାଣ୍ଡ ଘଟଣାର ଡେମୋ ଦେଖାଇଥିଲେ। ଗୋଦାମ ଗୃହରେ କରାଯାଇଥିବା ଆକ୍ରମଣ, ମଧ୍ୟରାତ୍ରିରେ ବୋଲେରୋରେ କିପରି ନେଇ ବ୍ରିଜ ତଳକୁ ମୃତଦେହ ଫିଙ୍ଗି ଦେଇଥିଲେ, ଘଟଣାର ସମସ୍ତ ସିନ୍ କ୍ରିଏଶନ କରିଥିଲେ ଅଭିଯୁକ୍ତ।

ପୋଲିସ ସୂଚନା ମୁତାବକ, ପୁରୁସାହି ଗ୍ରାମର ବାସୁଦେବ ସେହି ଗ୍ରାମର କପିଳେଶ୍ୱରପୁର କାଜୁ ଜଙ୍ଗଲରେ ରହିଥିବା ରବୀନ୍ଦ୍ରଙ୍କ କବାଡିଆ ଗୋଦାମରେ କାମ କରୁଥିଲେ। ଗୋଦାମରୁ କପର୍ ଓ୍ୱାୟାର ଚୋରି ହୋଇଥିବା ସନ୍ଦେହରେ ବାସୁଦେବ ଏବଂ ଅନ୍ୟ ଜଣେ କର୍ମଚାରୀ ପ୍ରଦୀପ ପ୍ରଧାନଙ୍କୁ ରବୀନ୍ଦ୍ର ଗୋଦାମରେ ଅଟକ ରଖିଥିଲେ। ପ୍ରଦୀପ ନିଜ ଦୋଷ ସ୍ୱୀକାର କରିଥିବା ବେଳେ ବାସୁଦେବ ଏହାକୁ ଅସ୍ୱୀକାର କରିଥିଲେ। ଏନେଇ ରବୀନ୍ଦ୍ର ଓ ମାନସ ମିଶି ଗୋଦାମରେ ବାସୁଦେବଙ୍କୁ ଅଟକ ରଖି ପ୍ଲାଷ୍ଟିକ ପାଇପ୍‌ରେ ନିସ୍ତୁକ ମାଡ଼ ମାରିଥିଲେ। ରବୀନ୍ଦ୍ର ଗତ ୨୨ତାରିଖରେ ବାସୁଦେବଙ୍କ ସ୍ତ୍ରୀ ଅମିୟବାଳାଙ୍କୁ ଫୋନ କରି ଗୋଦାମକୁ ଡାକି ଚୋରି ସାମଗ୍ରୀ ବାବଦକୁ ଅର୍ଥ ଦାବି କରିଥିଲେ। ଅମିୟବାଳା ମନା କରିବା ସହ ଟଙ୍କା ସୁଝିବା ପର୍ଯ୍ୟନ୍ତ ତାଙ୍କୁ ଏଠାରେ ରଖି କାମ କରାନ୍ତୁ କିମ୍ବା ବାସୁଦେବଙ୍କ ବିରୋଧରେ ଥାନାରେ ଅଭିଯୋଗ କରନ୍ତୁ କହି ପଳାଇ ଆସିଥିଲେ। ରବୀନ୍ଦ୍ର ଓ ମାନସଙ୍କ କଥାରେ ବାସୁଦେବ ରାଜି ନ ହେବାରୁ ଉଭୟେ ସେହିଦିନ ପୁଣି ତାଙ୍କୁ ଅକଥନୀୟ ମାଡ଼ ମାରିଥିଲେ। ଫଳରେ ବାସୁଦେବଙ୍କ ମୃତ୍ୟୁ ଘଟିଥିଲା। ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ବିଳମ୍ବିତ ରାତିରେ ରବୀନ୍ଦ୍ର ବୋଲେରୋରେ ମୃତଦେହ ଧରି ନୟାଗଡ ମହାନଦୀ ସିଧାମୂଳା ବ୍ରିଜ ତଳକୁ ଫୋପାଡି ଦେଇଥିଲେ। ଏଥିରେ ତାଙ୍କ ଡ୍ରାଇଭର ଆଲୋକ ସହଯୋଗ କରିଥିଲେ। ଏହି ଘଟଣା ଜଣାପଡିବା ପରେ ଅମିୟବାଳା ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଦଫା ୩୬୫/୩୦୭ରେ ଏକ ମାମଲା(ନଂ.୪୦୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ରବୀନ୍ଦ୍ରଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ମୃତଦେହକୁ ସିଧାମୂଳା ବ୍ରିଜ ତଳକୁ ଫୋପାଡି ଦେଇଥିବା ସ୍ୱୀକାର କରିଥିଲେ। ରବୀନ୍ଦ୍ରଙ୍କ ବୟାନକୁ ଆଧାର କରି ପୋଲିସ ତାଙ୍କ ଡ୍ରାଇଭର ଏବଂ ମାନସଙ୍କୁ ଥାନାରେ ଅଟକ ରଖିଥିଲା। ପରଦିନ ପୋଲିସ ଓଡ୍ରାଫ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ ମଧ୍ୟ ମୃତଦେହ ପାଇ ନ ଥିଲେ। ଏନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶିଳ ମିଶ୍ର, ଟାଉନ ଥାନାଧିକାରୀ ଡିଏସପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଶୁକ୍ରବାର କଟକର ଜଗତପୁର ପୋଲିସ ମହାନଦୀରୁ ବାସୁଦେବଙ୍କ ମୃତଦେହ ଜବତ କରିଥିଲା। ଏନେଇ ଜଗତପୁର ଥାନାରେ ଅପମୃତ୍ୟୁ ମାମଲା(୫୩/୨୨) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ଜବତ କରି ଖୋର୍ଦ୍ଧାରେ ପହଞ୍ଚି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଅମିୟବାଳାଙ୍କ ଅଭିଯୋଗକ୍ରମେ ଦଫା ୩୪୨/୩୦୨/୨୦୧/୩୪ ଆଇପିସିରେ ମାମଲା ରୁଜୁ ହୋଇଛି। ଏହି ଟିମ୍‌ରେ ଇନ୍‌ସ୍ପେକ୍ଟର କାହ୍ନୁ ଚରଣ ସ୍ୱାଇଁ, ଆଡିଶନାଲ ଆଇଆଇସି ଚନ୍ଦ୍ରଶେଖର ଜେନା, ଏସ୍‌ଆଇ ସୁକାନ୍ତ ଦଳାଇ, ପଦ୍ମଲୋଚନ ବେହେରା, ସୁନିତା ବେହେରା, ସସ୍ମିତା ବେହେରା, ଏଏସ୍‌ଆଇ ପ୍ରଦୀପ ପ୍ରଧାନ, କନଷ୍ଟେବଳ ପ୍ରଦୀପ ହରିଚନ୍ଦନ, ଅବଦୁଲ ମାସି ଖାନ ପ୍ରମୁଖ ସାମିଲ ଥିଲେ।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ବୋଲେରୋ।

**ବାସୁଦେବ ପ୍ରଧାନ ହତ୍ୟାକାଣ୍ଡ ମାମଲା**
- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ
- ବୋଲେରୋ, ପ୍ଲାଷ୍ଟିକ୍ ପାଇପ ଜବତ

## ସଂକ୍ଷେପରେ

### ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ



ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର,୨୭।୮ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ବଢ଼ିବାରେ ଲାଗିଛି। ଏସ୍‌ଟିଏଫ୍, ପୋଲିସ ଏବଂ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନି ଏହି କାରବାରରେ ଯୁବପିଢ଼ି ଓ ମହିଳାମାନେ ସାମିଲ ହେଉଥିବା ନଜିର ରହିଛି। ଶନିବାର ଏହି ଥାନା ଅଧୀନ ସୁନ୍ଦରପୁର ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଏହି ଗ୍ରାମର ସର୍ବେଶ୍ୱର ପ୍ରଧାନ। ଟାଙ୍ଗୀ ଅବକାରୀ ବିଭାଗ ଥାନା ଅଧିକାରୀ ସୁନିତା ଦଳାଇଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଆଲୋକ ପ୍ରଧାନଙ୍କ ସମେତ କର୍ମଚାରୀମାନେ ସୁନ୍ଦରପୁର ଜଗଦଳା ପୋଖରୀ ଦୁର୍ଗାମଣ୍ଡପଠାରେ ଚଢ଼ାଉ କରି ବ୍ୟବସାୟୀ ପ୍ରଧାନଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲେ।

### ଓଭରବ୍ରିଜ୍ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ବାଲୁଗାଁ,୨୭।୮(ଡି.ଏନ୍.ଏ.): ବାଲୁଗାଁ ବାଇପାସ୍ ରାସ୍ତା ୧୬ ନମ୍ବର ଜାତୀୟ ରାଜପଥର ସରନଈ ଓଭରବ୍ରିଜ୍ ପାର୍ଶ୍ୱରୁ ଶନିବାର ଏକ ବାଇକ୍ ସହ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ପଦନପୁର ଗ୍ରାମର ରଞ୍ଜିତ କୁମାର ଲେଙ୍କା (୨୭)। ସେ ବାଲୁଗାଁସ୍ଥିତ ଏକ ମଦ ବାର୍‌ରେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଶନିବାର ସକାଳୁ ରଞ୍ଜିତ ନିଖୋଜ ଥିବା ନେଇ ତାଙ୍କ ଭାଇ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଶନିବାର ସନ୍ଧ୍ୟାରେ ବ୍ରିଜ୍ ପାର୍ଶ୍ୱରୁ ତାଙ୍କ ମୃତଦେହ ଜବତ ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ପହଞ୍ଚି ମୃତଦେହ ସହ ବାଇକ୍ ଜବତ କରି ବାଣପୁର ପୋଲିସକୁ ହସ୍ତାନ୍ତର କରିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

### ନାଚୁଣୀ ଫାଣ୍ଡିକୁ ଥାନା ମାନ୍ୟତା




ବାଲୁଗାଁ,୨୭।୮(ଡି.ଏନ୍.ଏ.): ବାଣପୁର ଥାନା ଅଧୀନରେ କାର୍ଯ୍ୟ କରୁଥିବା ନାଚୁଣୀ ଫାଣ୍ଡିକୁ ଥାନାର ମାନ୍ୟତା ମିଳିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବର୍ଦ୍ଧିତ ଜନସଂଖ୍ୟା ଯୋଗୁ ପ୍ରଶାସନିକ ସେବାର ଆବଶ୍ୟକତାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଗ୍ର ରାଜ୍ୟରେ ୩୬ଟି ନୂତନ ଥାନା ଖୋଲିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ତେବେ ନାଚୁଣୀ ଫାଣ୍ଡି ଅଧୀନରେ ଜନସଂଖ୍ୟା ୩୫ ହଜାରରୁ ଉର୍ଦ୍ଧ୍ୱ ରହିଥିବା ବେଳେ ମୋଟ୍ ୮ ପଞ୍ଚାୟତ ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ସହ ଲୋକଙ୍କ ଧନଜୀବନ ସୁରକ୍ଷା ଏବଂ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏହି ଥାନା ବେଶ୍ ସହାୟକ ହୋଇପାରିବ। ବହୁ ବର୍ଷ ହେବ ନାଚୁଣୀ ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯିବା ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିହୋଇ ଆସୁଥିଲା। ଏବେ ଥାନାର ମାନ୍ୟତା ଘୋଷଣା ପରେ ସ୍ଥାନୀୟ ଜନସାଧାରଣ ଆଶ୍ୱସ୍ତି ଲାଭ କରିଛନ୍ତି।

### ୨୯ରେ ଜିଲାପାଳଙ୍କ ଜନଶୁଣାଣି ଶିବିର

କୃଷ୍ଣପ୍ରସାଦ,୨୭।୮(ଡି.ଏନ୍.ଏ.): ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଦୁଇ ବର୍ଷ ପରେ କୃଷ୍ଣପ୍ରସାଦ ବ୍ଲକରେ ଆସନ୍ତା ସୋମବାର ତଥା ୨୯ ତାରିଖରେ ଅନୁଷ୍ଠିତ ହେବ ବୋଲି ବିଡିଓ ମନୋଜ କୁମାର ନାୟକଙ୍କଠାରୁ ସୂଚନା ମିଳିଛି। ଏହି ଶୁଣାଣିରେ ବହୁ ଅଭିଯୋଗ ଉପସ୍ଥାପନ ହେବା ନେଇ ଆଶା ରହିଛି। ଅଭିଯୋଗ ଶୁଣାଣି ଖବର ଶୁଣି ଲୋକମାନଙ୍କ ମନରେ ଏକପ୍ରକାର ଉତ୍ସାହ ଜାଗ୍ରତ ହୋଇଛି।

## ଖୋର୍ଦ୍ଧା କ୍ଲବର ବାର୍ଷିକ ସମ୍ମିଳନୀ, କର୍ମକର୍ତ୍ତା ଚୟନ

ଖୋର୍ଦ୍ଧା ଅଫିସ,୨୭।୮

ଖୋର୍ଦ୍ଧା କ୍ଲବର ବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବିନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କ୍ଲବର ସମ୍ପାଦକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। କ୍ଲବର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ୧୫ ଜଣଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିବା ବିଧାୟକ ସୂଚନା ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କ୍ଲବର ସ୍ଥାୟୀ ସଭାପତି ଭାବେ ଉପଜିଲାପାଳ ରହିଛନ୍ତି। ଉପସଭାପତି ଭାବେ ରବିନାରାୟଣ ପଟ୍ଟନାୟକ ମନୋନୀତ ହୋଇଥିବା ବେଳେ ବିଧାୟକ ମିତ୍ର ପୁଣିଥରେ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସରୋଜ ସୁନ୍ଦର ପଟ୍ଟନାୟକ ସହସମ୍ପାଦକ, ଶରତ ଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଏବଂ ଅଡିଟର ଭାବେ ଦିଲୀପ କୁମାର ପଟ୍ଟନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ପୂର୍ଣ୍ଣେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। କ୍ଲବ ସମ୍ପାଦକଙ୍କ ପକ୍ଷରୁ ଆୟୋଜିତ ଏକ ଭୋଜିରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଜଟଣୀ: ଗୋପୀନାଥଙ୍କ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ମାର୍‌ୱାଡି ମହିଳା ସମିତିର ବାର୍ଷିକୋତ୍ସବରେ ଯୋଗଦେଇଥିବା ମହିଳାମାନେ।

## ମାର୍‌ୱାଡି ମହିଳା ସମିତିର ବାର୍ଷିକୋତ୍ସବ

ଜଟଣୀ,୨୭।୮(ଡି.ଏନ୍.ଏ.)

ଜଟଣୀ ମାର୍‌ୱାଡି ମହିଳା ସମିତିର ୨୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ମହିଳା ସମିତିର ସଭାନେତ୍ରୀ ମନୀଷା ଗୋଏଙ୍କା ଏବଂ ସମ୍ପାଦିକା ସୁଧା ହାଲନଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ। ଉତ୍ସବ ପାଳନ ନିମନ୍ତେ ମନ୍ଦିର ପରିସରକୁ ଫୁଲ ଏବଂ ରଙ୍ଗବେରଙ୍ଗର ଆଲୋକରେ ସଜ୍ଜିତ କରାଯାଇଥିଲା। ଏହି ଅବସରରେ ରାଣୀସତୀ ଦାଦିଙ୍କ ମଙ୍ଗଳ ପାଠ ଏବଂ ଭଜନ ପରିବେଷଣ କରାଯାଇଥିଲା। ରାଣୀଗଞ୍ଜର ପ୍ରସିଦ୍ଧ ଗାୟିକା ଜୁଲି ଖେଡେଲୱାଲ ଏବଂ ବାଲେଶ୍ୱରର ଅଜୟ ମିଶ୍ର ମଙ୍ଗଳ ପାଠ ସହିତ ଭଜନ ପରିବେଷଣ କରିଥିଲେ। ଉତ୍ସବରେ ଅଂଶଗ୍ରହଣ କରିଥିବା ମାର୍‌ୱାଡି ମହିଳାମାନଙ୍କୁ ସୁହାଗପେଡ଼ି ପ୍ରଦାନ କରାଯାଇଥିଲା। ଅଖିଳ ଭାରତୀୟ ମାର୍‌ୱାଡି ମହିଳା ସମିତି ଜଟଣୀ ଶାଖାର ବହୁ ସଦସ୍ୟ, ଗୋପୀନାଥ ଦେବ ମନ୍ଦିର କମିଟି ଏବଂ ମାର୍‌ୱାଡି ଯୁବକ ସଂଘ ଜଟଣୀର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସନ୍ଧ୍ୟା ୬ରୁ ଭସାଣି ଆରମ୍ଭ



ବୈଠକରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୨୭।୮(ଡି.ଏନ୍.ଏ.)

**ଭସାଣି କମିଟିର ପ୍ରସ୍ତୁତି ବୈଠକ**

ଆସନ୍ତା ୩୧ ତାରିଖରେ ଗଣେଶ ପୂଜା। ତେବେ ଜଟଣୀ ଗଣେଶ ପୂଜା ଭସାଣି କମିଟି ପକ୍ଷରୁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବଶ୍ରୀ ପାଠାଗାର ପରିସରରେ ଭସାଣି କମିଟିର ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ବ୍ୟବସାୟୀ ସଂଘର ସଭାପତି, ସମ୍ପାଦକ ଏବଂ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଚଳିତ ବର୍ଷ ଗଣେଶ ଭସାଣି ଉତ୍ସବ ସ୍ଥାନୀୟ ସୀତାରାମ ଛକଠାରେ ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖ ସନ୍ଧ୍ୟା ୬ଟାରୁ ଭସାଣି ଉତ୍ସବ ଆରମ୍ଭ ହେବ। ପୂର୍ଣ୍ଣମୀ ଭସାଣିର ଆଗଦିନ କମିଟିର ସଭାପତି ଏବଂ ସଦସ୍ୟ ସମସ୍ତ ପୂଜା ପେଣ୍ଡାଲକୁ ବାଜା ବାଣ ରୋଶଣିରେ ପ୍ରତିବର୍ଷ ପରି ଯାଇ ଭସାଣି ଉତ୍ସବକୁ ନିମନ୍ତ୍ରଣ ଦେବେ। ଭସାଣି ଦିନ ସମସ୍ତ ରୀତିନୀତିରେ ନିମନ୍ତ୍ରିତ ଠାକୁର ଏବଂ ପୂଜା ମଣ୍ଡପକୁ ସୀତାରାମ ଛକଠାରେ ସ୍ୱାଗତ କରାଯିବ। ଅଧ୍ୟକ୍ଷ ରାଉତରାୟ ସମସ୍ତ ପୂଜା କମିଟି ସଦସ୍ୟଙ୍କୁ ଶାନ୍ତିଶୃଙ୍ଖଳା ଏବଂ ନିଶାରୁ ନିବୃତ୍ତ ରହି ଭସାଣି ଉତ୍ସବ ସମାପନ କରିବା ପାଇଁ ନିବେଦନ କରିଛନ୍ତି।

## ୫-ଟି ବିଦ୍ୟାଳୟ ପରିଦର୍ଶନ କଲେ ଜିଲା ଶିକ୍ଷା ଅଧିକାରୀ

କୃଷ୍ଣପ୍ରସାଦ,୨୭।୮(ଡି.ଏନ୍.ଏ.)

ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ ଶନିବାର କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ୫-ଟି ବିଦ୍ୟାଳୟ ପରିଦର୍ଶନ କରି ଶୈକ୍ଷିକ ବାତାବରଣ ପରଖିଛନ୍ତି। ଜିଲା ଶିକ୍ଷା ଅଧିକାରୀ ରୂପାନ୍ତରୀକରଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ନାରାୟଣ ବିଦ୍ୟାପୀଠ, ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ, ସାନସୀମା ହାଇସ୍କୁଲ, ମାଲୁଦ ଉଚ୍ଚ ବିଦ୍ୟାଳୟ, ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ଆଦି ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶର ସ୍ଥିତି ପରଖିଥିଲେ। ଏଥିସହିତ ଇପିଙ୍ଗ ବାଉରିପଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ସହିତ ନିଜର ଅଧ୍ୟାପନା ଜୀବନର ଅନୁଭୂତି ବାଣ୍ଟିଥିଲେ। ମାୟାଧର ମାନସିଂହ ହାଇସ୍କୁଲରେ ୫-ଟି ଯୋଜନାରେ ନିର୍ମାଣ ହୋଇଥିବା ବିଜ୍ଞାନାଗାର, ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରି ବୁଲି ଦେଖିବା ସହିତ ଆବଶ୍ୟକ ଉପକରଣ କ୍ରୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟଗୁଡ଼ିକୁ ଇଣ୍ଟରନେଟ୍‌ର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଆର୍‌ସିସି ସତ୍ୟବ୍ରତ ସାହୁ, ମାୟାଧର ମାନସିଂହ, ବିଷ୍ଣୁପ୍ରସାଦ ଦଳେଇ, ସିଆର୍‌ସିସି ପ୍ରଶାନ୍ତ କୁମାର ନାୟକ, ଦାମୋଦର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ


ଜବତ କାର୍ ସହ ବିଭିନ୍ନ ସାମଗ୍ରୀ।

ବେଗୁନିଆ,୨୭।୮(ଡି.ଏନ୍.ଏ.)

**କାର୍ ସହ ମଦ ଜବତ**

ଖୋର୍ଦ୍ଧା ଅବକାରୀ ବିଭାଗ ଶନିବାର ବେଗୁନିଆ ଥାନା ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ଚାଲାଣ କରୁଥିବା ଜଣେ ଦେଶୀ ରନ୍ଧା ମଦ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ। ତାଙ୍କ ନିକଟରୁ ଏକ ନମ୍ବରବିହୀନ କାର୍, ୧୦୪୦ ଲିଟର ଦେଶୀ ମଦ, ପ୍ୟାକେଟ ପ୍ରସ୍ତୁତ ପାଇଁ ପଲିଥିନ, ପ୍ଲାଷ୍ଟିକ ଜାରକିନ୍, ୟୁରିଆ ସାର ଏବଂ ଲକ୍ଷାଧିକ ଟଙ୍କାର ବିଭିନ୍ନ ଉପକରଣ ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୪୪/୨୦୨୨-୨୩) ରୁଜୁ ହୋଇଛି। ଅବକାରୀ ଇନ୍‌ସପେକ୍ଟର(ମୋବାଇଲ) ରାଜଶେଖର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ସେସ୍‌ଙ୍କ ସହିତ ଖୋର୍ଦ୍ଧା ଓ ବେଗୁନିଆ ଅବକାରୀ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ସୂଚନାଥାଉ କି, ରଜନୀକାନ୍ତ ଦୀର୍ଘଦିନ ହେବ ଚୋରା ମଦ ବିକ୍ରି କରି ଆସୁଥିବାରୁ ପୋଲିସ ପଦକ୍ଷେପ ନେଇଥିଲା। ବିଭିନ୍ନ ଜିଲାରେ ଥିବା ରଜନୀକାନ୍ତଙ୍କ ସହଯୋଗୀଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ସଜେଇ ହେଲାଣି ପୂଜାମଣ୍ଡପ

ଜଟଣୀ,୨୭।୮(ଡି.ଏନ୍.ଏ.)

ଆଉ ଦିନ କେଇଟା ପରେ ଗଣେଶ ପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ଦୁଇ ବର୍ଷ ପରେ ବିନା କରୋନା କଟକଣାରେ ବିଘ୍ନରାଜ ଗଣପତି ବାବା ଭକ୍ତଙ୍କ ମେଳରେ ପୂଜା ପାଇବେ। ମଣ୍ଡପରେ ଠାକୁରଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରହିଛି ଉତ୍କଣ୍ଠା। ବିଭିନ୍ନ ବ୍ୟବସାୟୀ ସଂଘ, ପୂଜା କମିଟି ପକ୍ଷରୁ ଧୁମ୍‌ଧାମ୍‌ରେ ଏହି ପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ଜଟଣୀର ଥାନା ଛକ ବ୍ୟବସାୟୀ ସଂଘ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ଦେଶ ସ୍ୱାଧୀନତାର ବହୁ ପୂର୍ବରୁ ଏହି ସ୍ଥାନରେ ଥାନା ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ସମୟରେ କେତେଜଣ ବ୍ୟବସାୟୀ ଏହି ସ୍ଥାନରେ ଦୋକାନ କରି ବ୍ୟବସାୟ କରୁଥିଲେ। ସେଥିପାଇଁ ଏହି ସ୍ଥାନକୁ ଥାନା ଛକ କୁହାଯାଇଥାଏ। ଥାନା ଛକରେ ୪୯ ବର୍ଷ ପୂର୍ବେ ଗଣେଶ ପୂଜା ଆରମ୍ଭ ହୋଇଥିବା ବେଳେ ଗୋକୁଳ ସାହୁ, ମହେଶ କାଛୁୱାଲ, କାଶୀନାଥ ନାୟକ, ଝୁଲୁ ସୁନ୍ଦରାୟ, ଭାବଗ୍ରାହୀ ପାହାଡ଼ସିଂଙ୍କ ଭଳି କେତେଜଣ ବ୍ୟବସାୟୀ ଏଠାରେ ପୂଜା ଆରମ୍ଭ କରିଥିବା ଲୋକମତରୁ ଜଣାଯାଏ। ଏଥର ପୂଜାରେ ୬ରୁ ୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ମଣ୍ଡପରେ ୧୨ ଫୁଟ ଉଚ୍ଚର ଗଜାନନଙ୍କ ସହିତ ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଇବେ। ଦର୍ଶକଙ୍କୁ ଆକୃଷ୍ଟ କରିବା ଲାଗି ୬୦ ଫୁଟ ଉଚ୍ଚର ଡିଜିଟାଲ ଲାଇଟ ଗେଟ୍ ସ୍ଥାନ ପାଇବ। ମଣ୍ଡପରେ ଠାକୁରଙ୍କ ନିକଟରେ ୧୧ ଦିନ ଧରି ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଗ ଲାଗି ହୋଇଥାଏ, ଯାହାକୁ କମିଟି ଏବଂ କେତେଜଣ ମାନସିକଧାରୀ ଦେଇଥାନ୍ତି। ସେହିପରି ପ୍ରତିବର୍ଷ ପ୍ରଥମ ଏବଂ ଶେଷଦିବସର ଭୋଗ ଜଟଣୀ ଥାନା ପକ୍ଷରୁ ଆସିଥାଏ ବୋଲି ସମ୍ପାଦକ ଅନନ୍ତ ଶତପଥୀ କହିଛନ୍ତି। ତେଣୁ ପୂଜା ସମୟରେ ଜଟଣୀ ଥାନାକୁ ବ୍ୟବସାୟୀ ସଂଘ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥାଏ। ଭସାଣି ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କୁ କମିଟି ପକ୍ଷରୁ ଖେଚୁଡ଼ି ଭୋଗ ବଣ୍ଟାଯାଇଥାଏ।


ଏଲ୍‌ଇଡି ଗେଟ୍‌ର ନକଲ।

**ଥାନା ଛକ ବ୍ୟବସାୟୀ ସଂଘ ପୂଜା କମିଟି**
- ଥାନା ପକ୍ଷରୁ ପ୍ରଥମ ଓ ବିସର୍ଜନର ଭୋଗ ଆସିଥାଏ
- ୬୦ ଫୁଟ ଉଚ୍ଚର ଡିଜିଟାଲ ଲାଇଟ୍ ଗେଟ୍

### ଏମାନେ ଯାହା କୁହନ୍ତି...



ପୂର୍ବ ବର୍ଷଗୁଡ଼ିକ ତୁଳନାରେ ବର୍ତ୍ତମାନର ପୂଜା ଏବଂ ସାଜସଜ୍ଜାର ମାନ ବଢ଼ିଛି। ସମୟ ସହିତ ତାଳ ଦେଇ ଟଙ୍କା ଖର୍ଚ୍ଚ କରାଯାଉଛି। କରୋନା ପାଇଁ ସବୁ ବ୍ୟବସାୟୀ କ୍ଷତି ସହିଛନ୍ତି। ବ୍ୟବସାୟୀ ଭାଇଙ୍କୁ ନେଇ ଏହି ପୂଜା କରିଥାଉ। ଯିଏ ଯାହା ଚାନ୍ଦା ଦେବେ ସେଥିରେ ଚଳିତ ପୂଜା କରାଯିବା ନେଇ ସ୍ଥିର ହୋଇଛି। ଚଳିତ ପାର୍ବଣ ସୁରୁଖୁରୁରେ ସରିବ ବୋଲି ଆଶା ରହିଛି।
- **ରୋହିତାଶ ଅଗ୍ରୱାଲ, ସଭାପତି, ଥାନା ଛକ ବ୍ୟବସାୟୀ ସଂଘ**



ଜଟଣୀ ଥାନା ପକ୍ଷରୁ ପୂଜା ସମୟରେ ଠାକୁରଙ୍କ ପାଇଁ ଭୋଗ ଆସିଥାଏ, ଯାହା ପରମ୍ପରାରେ ପରିଣତ ହୋଇଛି। କରୋନା ପାଇଁ ବ୍ୟବସାୟୀଙ୍କ କ୍ଷତି ହୋଇଛି, କିନ୍ତୁ ପୂଜା ଲାଗି ଉତ୍ସାହ ରହିଛି। ସେମାନେ ନିଜ ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ୬ରୁ ୮ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ୍ ବ୍ୟବସ୍ଥା ପାଇଁ କମିଶନରେଟ୍ ପୋଲିସ ସହିତ କମିଟି ପକ୍ଷରୁ ଭଲ୍ୟୁଣ୍ଟର ନିୟୋଜିତ ହେବେ।
- **ଅନନ୍ତ ଶତପଥୀ, ସମ୍ପାଦକ, ଥାନା ଛକ ବ୍ୟବସାୟୀ ସଂଘ**

**ଘରୁ ଅଢେଇ ଲକ୍ଷ ଟଙ୍କାର ସୁନାଗହଣା ଚୋରି**

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ବ୍ରାହ୍ମଣପଡ଼ା ଗ୍ରାମର ଜଣଙ୍କ ଘରୁ ଶୁକ୍ରବାର ରାତିରେ ଟଙ୍କା ଓ ସୁନାଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୮୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପରିବାରବର୍ଗ ରାତିରେ ଖାଇ ସାରି ଶୋଇଥିଲେ। ହେଲେ ତାଙ୍କ ଶୋଇବା ଘର କବାଟ ଖୋଲାଥିଲା। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଛାତ ଉପରପଟୁ ଘରେ ପଶିଥିଲେ। ଆଲମାରିରୁ ନଗଦ ୭୦ ହଜାର ଟଙ୍କା, ସୁନା ଚେନ୍, କାନଫୁଲ, ମୁଦି, ଲକେଟ୍, କାଚ ଆଦି ପ୍ରାୟ ଅଢେଇ ଲକ୍ଷ ଟଙ୍କା ମୂଲ୍ୟର ଗହଣା ଚୋରି କରି ନେଇଥିବା ପୂର୍ଣ୍ଣଚନ୍ଦ୍ର ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୭।୮।୨୦୨୨

| | |
|---|---|
| ୩,୯୬,୧୮୧ ଟଙ୍କା | |
| ସୁନା | ୧.୭୦ ଗ୍ରାମ |
| ରୁପା | ୪୭୮ ଗ୍ରାମ |

# ବନ୍ୟା ଧୋଇ ନେଲା ଖରିଫ ଫସଲ

ଅସ୍ତରଙ୍ଗ,୨୭।୮(ଡି.ଏନ୍.ଏ.)



ଅସ୍ତରଙ୍ଗ ଅଞ୍ଚଳର ଚାଷୀମାନେ ନଷ୍ଟ ହୋଇଥିବା ଧାନ ତଳା ଦେଖାଉଛନ୍ତି ।

ପୁରୀ ଜିଲାରେ ବନ୍ୟାର ବିଭୀଷିକା ଦେଖିବାକୁ ମିଳିଛି। ଏବେ ବନ୍ୟାଜଳର ସ୍ତର କମିଯାଇଥିଲେ ମଧ୍ୟ ବିଭିନ୍ନ ଗ୍ରାମାଞ୍ଚଳରେ ଜଳାର୍ଣ୍ଣବ ହୋଇଥିବାରୁ ଲୋକଙ୍କ ଦୁର୍ଦ୍ଦଶା କମିନି। ଏବେ ବି ଲୋକେ ପାଣିଘେରରେ ରହୁଥିବା ବେଳେ ଗ୍ରାମକୁ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ସହ ବନ୍ୟାଜଳରେ ଚାଷ ଜମି ନଷ୍ଟ ହେବା ସହ ଖାଇବାକୁ ମଧ୍ୟ ମୁଠେ ଦାନା ଠିକ୍ ଭାବେ ମିଳିପାରୁନି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନର ଯଥେଷ୍ଟ ସହାୟତା ଓ ଚାଷୀମାନେ କରିଥିବା ଋଣ ପାଇଁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି। ଅସ୍ତରଙ୍ଗ ଅଞ୍ଚଳର ୫ଟି ପଞ୍ଚାୟତର ହଜାର ହଜାର ଏକର ଚାଷ ଜମିରେ ବନ୍ୟାଜଳ ଜମି ରହି ଫସଲ, ପନିପରିବା ନଷ୍ଟ ହୋଇଗଲା। ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ନଈଗୁଆଁ, ତାଳଦା, ଆଳଙ୍ଗପୁର ପଞ୍ଚାୟତର ଶହ ଶହ ଚାଷୀଙ୍କର ସମାନ ଅବସ୍ଥା। ଧାନ ଏବଂ ପରିବା ଚାଷ ନଷ୍ଟ ହେବା କାରଣରୁ ୬୦୦ରୁ ଊର୍ଦ୍ଧ୍ୱ ଚାଷୀ ସମବାୟ ବ୍ୟାଙ୍କରୁ ଋଣ କରି ଆଣିଥିବା ବେଳେ ଅନ୍ୟ କିଛି ଚାଷୀ ଘରୋଇ ଋଣ ଆଣି ହଜାର ହଜାର ଟଙ୍କା ଖର୍ଚ୍ଚ କରିଥିବା ଚାଷ ଏବେ ନଷ୍ଟ ହେଇଯାଇଛି। ଫଳରେ ଚାଷୀଙ୍କ ମୁଣ୍ଡରେ ଏକପ୍ରକାର ଚଡ଼କ ପଡ଼ିଯାଇଛି। ବିଶେଷ ଭାବେ ନଗର ପଞ୍ଚାୟତର ୩ ହଜାର ଏକର ଚାଷ ଜମିରୁ ପ୍ରାୟ ୨ହଜାର ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତଳଦା, ନଗର, ଆଳସାହି ଓ ଆଳଙ୍ଗପୁର ପଞ୍ଚାୟତକୁ ତୁରନ୍ତ

**ଋଣ ଶୁଝିବା ଚିନ୍ତାରେ ଚାଷୀ**

ସର୍ଭେ କରି ରିପୋର୍ଟ ଦେବାକୁ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ପ୍ରଶାସନକୁ କ୍ଷୟକ୍ଷତି ଆକଳନ କରିବା ପାଇଁ କୁହାଯାଇଛି। କୃଷି ବିଭାଗ ଅଧିକାରୀ ଓ ଉଦ୍ୟାନ ବିଭାଗ ଅଧିକାରୀମାନଙ୍କୁ ମଧ୍ୟ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଏହି ସମସ୍ୟାକୁ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା ଏବଂ ପ୍ରଶାସନ ଗୁରୁତ୍ୱ ସହ ନେଇ କିପରି ଚାଷୀଙ୍କ କ୍ଷତି ଭରଣା କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସମଗ୍ର ଚାଷୀଙ୍କ ପାଇଁ ଋଣ ଛାଡ କରିବାକୁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ସାଧାରଣରେ ଦାବି ହେଉଛି। ଚାଷୀମାନଙ୍କ ସ୍ୱାର୍ଥ ଆଉ ସମସ୍ୟା ପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସ୍ଥାନୀୟ ଚାଷୀମାନେ ଚେତାବନୀ ଦେଇଛନ୍ତି।

# ମହାପ୍ରଭୁଙ୍କୁ ଲାଗି ହେଲା ସପ୍ତପୁରୀ ଭୋଗ

ପୁରୀ ଅଫିସ,୨୭।୮

ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଅବସରରେ ଶନିବାର ଶ୍ରୀମନ୍ଦିର ବିଶେଷ ପୂଜାନୀତି ଅନୁଷ୍ଠିତ ହେବା ସହ ସପ୍ତପୁରୀ (ସାତପୁରୀ) ବିଶିଷ୍ଟ ପିଠା ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କଠାରେ ଭୋଗଲାଗି କରାଯାଇଥିଲା। ସପ୍ତପୁରୀ ପିଠା ଭୋଗ ନୀତି ପୂର୍ବରୁ ଶୁକ୍ରବାର ଅଠରନଳା ନିକଟରେ ଅବସ୍ଥିତ ଅଲାମଚଣ୍ଡୀ ମନ୍ଦିରରୁ ସପ୍ତପୁରୀ ଭୋଗ ପାଇଁ ଆବଶ୍ୟକ ତାଡ଼ ଶ୍ରୀମନ୍ଦିରକୁ ଆସିଥିଲା। ସପ୍ତପୁରୀ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି ହୋଇଯାଇଛି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣଙ୍କ ଲୀଳାରେ ବସ୍ତ୍ରହରଣ ନୀତି ମଧ୍ୟ ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ତିନିବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ପରେ ରୋଷ ଘରେ ହୋମ ସମ୍ପନ୍ନ ହୋଇ ସାତପୁରୀ ପିଠା ପ୍ରସ୍ତୁତ ହୋଇଥିଲା। ସକାଳ ଧୂପ ହୋଇ ସାତପୁରୀ ଭୋଗ ଟାଟ ରୋଷଘରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ପରେ ମୁଦିରସ୍ତ ପ୍ରସାଦ ଲାଗି କରି ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ ମଣୋହି କରିଥିଲେ। ଭିତର ଆଳତି ବଢିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡ଼ରେ ଟାଟଥାଇ ବନ୍ଦାପନା କରିଥିଲେ। ସେହିପରି ଶ୍ରୀ

**ଶ୍ରୀମନ୍ଦିରରେ ବସ୍ତ୍ର ହରଣ ନୀତି ସମ୍ପନ୍ନ**

ବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ପରେ ଶ୍ରୀମନ୍ଦିରରୁ ସପ୍ତପୁରୀ ଟାଟ ରାଜନଅରକୁ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳି ସହ ସପ୍ତପୁରୀ ପିଠା ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ବିଜେ କରିଥିଲେ।

ସେହିପରି ଅମାବାସ୍ୟା ତିଥି ଅବସରରେ କୃଷ୍ଣଲୀଳା କ୍ରମରେ ଶ୍ରୀମନ୍ଦିରରେ ବସ୍ତ୍ରହରଣ ଲୀଳା ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ନିକଟରେ ଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ସେମାନଙ୍କ ବସ୍ତ୍ର ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ। ଏହି ନୀତି ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ହୋଇଥିଲା। ନୀତି ସମ୍ପନ୍ନ ପରେ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢି ରାତ୍ରପହୁଡ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ପଞ୍ଚମ ଶ୍ରେଣୀ ଛାତ୍ର ମୃତ

ଗୋପ/କୋଣାର୍କ,୨୭।୮(ଡି.ଏନ୍.ଏ.): କୋଣାର୍କ ଥାନା ଅନ୍ତର୍ଗତ ଜୁଣେଇ ଗ୍ରାମ ନିକଟ ଏକ ପୋଖରୀରେ ବୁଡ଼ି ଶନିବାର ଜଣେ ପଞ୍ଚମ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରବୀର ଧାନ ଆଚାର୍ଯ୍ୟଙ୍କ ପୁଅ। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୧୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଛାତ୍ର ଜଣଙ୍କ ଶନିବାର ସକାଳୁଆ ସ୍କୁଲରୁ ଆସିବା ପରେ ଘରେ ଥିଲେ। ପ୍ରତିଦିନ ପରି ଗାଁ ନିକଟ ଏକ ସ୍ଥାନକୁ ଟିଉସନ ଯିବାର ଥିଲା। କିନ୍ତୁ ଜଣେ ସାଙ୍ଗ ଆସିବାରୁ ତାଙ୍କ ସହ ଗାଁ ପୋଖରୀ ନିକଟରେ ପଢ଼ିବାକୁ ଯାଇଥିଲେ। ଦୀର୍ଘ ସମୟ ହେବ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜିବାକୁ ଯାଇଥିଲେ। ପୋଖରୀ ନିକଟରେ ସାଙ୍ଗ ଥିବା ବେଳେ ପୁଅ ନଥିବା ଦେଖିଥିଲେ। ସାଙ୍ଗଟି ମଧ୍ୟ ଭୟରେ କିଛି କହିପାରୁ ନ ଥିବାବେଳେ ପୋଖରୀକୁ ଦେଖିବା ବେଳେ କିଛି ଭାସୁଥିବା ଦେଖିଥିଲେ। ଫଳରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଅକୁ ପୋଖରୀରୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ଡାକ୍ତର ସଦିପ୍ତା କର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକମାତ୍ର ପୁଅକୁ ହରାଇ ମାଆବାପା ଭାଙ୍ଗି ପଡ଼ିଥିବା ବେଳେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଜୁଣେଇ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ପୁରୀ ସହର,୨୭।୮: ବାସେଳୀ ସାହି ଥାନା ଅନ୍ତର୍ଗତ ଶଙ୍କରେଶ୍ୱର ମନ୍ଦିର ନିକଟ ଚନ୍ଦନ ପୋଖରୀରୁ ଶନିବାର ସକାଳେ ଏକ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ବୟସ ୨୮ରୁ ୩୨ବର୍ଷ ମଧ୍ୟରେ ହେବା ପରିଚୟ ଜଣାପଡ଼ି ନ ଥିବାବେଳେ ଆଖପାଖର ଲୋକ ହୋଇଥିବା ପୋଲିସ ସନ୍ଦେହ କରିଛି। ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସଂରକ୍ଷଣ ଗୃହରେ ରଖିଛି। ଏ ନେଇ ଏକ ମାମଲା(ନଂ.୧୬/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶନିବାର ସକାଳ ସାଢ଼େ ୭ଟା ସମୟରେ ବାସେଳି ସାହି ଅଞ୍ଚଳର ଜଣେ ଯୁବକ ପୋଖରୀକୁ ଯାଇଥିଲେ। ଏହି ସମୟରେ ପୋଖରୀରେ କିଛି ଭାସୁଥିବା ଦେଖିଥିଲେ। ପ୍ରଥମେ ଗୋରୁ ଭାବିଥିବା ବେଳେ ନିକଟକୁ ଯିବା ପରେ ତାହା ମଣିଷର ମୃତଦେହ ବୋଲି ଜଣାପଡ଼ିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

### ସତ୍ୟବାଦୀ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତିର ପୁନର୍ଗଠନ

ସାକ୍ଷୀଗୋପାଳ,୨୭।୮(ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ମଣ୍ଡଳ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ସହ ଶିକ୍ଷାର୍ଥୀମାନଙ୍କର ଉନ୍ନତି ତଥା ବିକାଶ ପାଇଁ ସତ୍ୟବାଦୀ ମଣ୍ଡଳ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତିର ପୁନର୍ଗଠନ ଶନିବାର ସ୍ଥାନୀୟ ପଞ୍ଚସଖା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁନର୍ଗଠନ ପାଇଁ ବିଭିନ୍ନ ବର୍ଗର ଶିକ୍ଷକ ସଙ୍ଗଠନର ସମ୍ମିଶ୍ରଣରେ ୨୦୦୯ରୁ ପ୍ରତିଷ୍ଠା କରାଯାଇଥିବା ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତିର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। କମିଟି ଆବାହକ ସନ୍ତୋଷ କୁମାର ତ୍ରିପାଠୀ ଆୟୋଜିତ ସଭାରେ ସଭାପତିତ୍ୱ କରିବା ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହାପରେ ସଙ୍ଗଠନର ପୁନର୍ଗଠନ କାର୍ଯ୍ୟ କରାଯାଇଥିଲା। ସମସ୍ତଙ୍କ ସମ୍ମତିକ୍ରମେ ସଭାପତି ଭାବେ ସୁକାନ୍ତ କୁମାର ମିଶ୍ର, ସାଧାରଣ ସମ୍ପାଦକ ସୁନୀଲ କୁମାର ବେହେରା, ଉପସଭାପତି କୁନିମଣି ଦେଇ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ନରେନ୍ଦ୍ର ଛାଟଇ, ସମୀକ୍ଷକ ଗୋପୀନାଥ ମିଶ୍ର, ଲକ୍ଷ୍ମୀପ୍ରସାଦ ପାଣି, ଶିଖର ବେହେରା, ଉପଦେଷ୍ଟା ସନ୍ତୋଷ କୁମାର ତ୍ରିପାଠୀ, ରାମଚନ୍ଦ୍ର ସାହୁ ଓ ସ୍ୱର୍ଣ୍ଣଲତା ଦେବୀ ପ୍ରମୁଖଙ୍କୁ ସଂଗଠନର କାର୍ଯ୍ୟକରିଣୀ ସଦସ୍ୟ ସଦସ୍ୟା ଭାବେ ନିର୍ବାଚିତ କରାଯାଇଥିଲା।



ପୁରୀ ଜିଲାର କଣାସ ବ୍ଲକକୁ ବନ୍ୟାଞ୍ଚଳ ଘୋଷଣା ଦାବିରେ ଶନିବାର ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଭାଜପା ଓ କଣାସର ଏକ ପ୍ରତିନିଧି ମଣ୍ଡଳୀ ।

# କଣାସକୁ ବନ୍ୟାଞ୍ଚଳ ଘୋଷଣା ଦାବି

ପୁରୀ ଅଫିସ/କଣାସ,୨୭।୮(ସ୍ୱ.ପ୍ର.)

ଚଳିତବର୍ଷ ବନ୍ୟା କାରଣରୁ ପ୍ରଭାବିତ ହୋଇଥିବା କଣାସ ବ୍ଲକକୁ ଜିଲା ପ୍ରଶାସନ ବନ୍ୟାଞ୍ଚଳ ଭାବେ ଘୋଷଣା କରିବାକୁ ଦାବି ହୋଇଛି। ଏଥିସହ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ଦାବି କରି ଶନିବାର ଭାରତୀୟ ଜନତା ପାର୍ଟି ଓ କଣାସ ବ୍ଲକର ଏକ ପ୍ରତିନିଧି ମଣ୍ଡଳି ଜିଲାପାଳଙ୍କୁ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳ ତାଙ୍କ ଅଭିଯୋଗ ପତ୍ରରେ ଉକ୍ତ ଦାବି ବିଷୟରେ ଜଣାଇଛନ୍ତି। କଣାସ ପଞ୍ଚାୟତ ସମିତି ୨୮ଟି ପଞ୍ଚାୟତକୁ ନେଇ ଗଠିତ। ଚଳିତ ବନ୍ୟାରେ କଣାସ ପଞ୍ଚାୟତ ସମିତିର ସମସ୍ତ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଛି। ଅଞ୍ଚଳର ସମସ୍ତ ରାସ୍ତା ବନ୍ୟାଜଳରେ ବୁଡି ରହିଥିବାରୁ ଯାତାୟାତ ବିଚ୍ଛିନ୍ନ ହୋଇଛି। ସମସ୍ତ ଚାଷଜମି ଉପରେ ୮ରୁ ୧୦ଫୁଟ ଉଚ୍ଚତାରେ

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ବନ୍ୟାଜଳ ଜମି ରହିଥିବାରୁ ଖରିଫ୍ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। ଅଞ୍ଚଳର ସମସ୍ତ ଗ୍ରାମରେ ବନ୍ୟାଜଳ ଜମିରହିଥିବାରୁ ଲୋକମାନେ ଏବଂ ଗୃହପାଳିତ ପଶୁ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଛନ୍ତି। ବନ୍ୟାଜଳ ହେତୁ ଘରେ ରୋଷେଇ କରିବା ସମ୍ଭବ ହେଉ ନଥିବାରୁ ଲୋକମାନେ ଶୁଖିଲା ଖାଦ୍ୟ ଖାଇ ଜୀବନ ବିତାଉଥିବା ବେଳେ କେତେକ ସ୍ଥାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସରକାରଙ୍କ ତରଫରୁ ୧୫ଦିନ ପାଇଁ ରିଲିଫ ଯୋଗାଇ ଦିଆଯିବା ପାଇଁ ଘୋଷଣା କରାଯାଇଛି। ଘରୁ ପାଣି ଛାଡି ଲୋକମାନେ ଥଇଥାନ ହେବା ପାଇଁ ଆହୁରି ସମୟ ଲାଗିବ ଏଣୁ ରିଲିଫ୍ ଯୋଗାଣ ୧୫ଦିନ ପରିବର୍ତ୍ତେ ୧ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଉ।

କଣାସ ପଞ୍ଚାୟତ ସମିତି ଅଧୀନ ୨୮ଟି ପଞ୍ଚାୟତକୁ ବନ୍ୟାଞ୍ଚଳ ଘୋଷଣା କରାଯାଇ ବନ୍ୟ ପରବର୍ତ୍ତୀ ଜୀବିକା ପାଇଁ ସମସ୍ତ କୃଷି ଭାଇଙ୍କର କୃଷିଋଣ ଛାଡ଼ କରିବା ସଙ୍ଗେ ସଙ୍ଗେ ବନ୍ୟାର ସ୍ଥାୟୀ ପ୍ରତିକାର, କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ, ବାସହରା ଲୋକଙ୍କୁ ଥଇଥାନ, ଆସନ୍ତା ଚାଷ ପାଇଁ ସମସ୍ତ ସରକାରୀ ସହାୟତା ପ୍ରଦାନ ସହ ମାଗଣା ବିହନ ପ୍ରଦାନ। ଗରିବ ତଥା ଦିନ ମଜୁରିଆମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏକବର୍ଷ କାମ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସତ୍ୟବାଦୀ ଭାଜପା ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର, କଣାସ ୫ ନମ୍ବର ଜୋନ ଜିଲା ପରିଷଦ ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଅଣ୍ଡାଳ ସିଂହ ସରପଞ୍ଚ ସସ୍ମିତା ସାମନ୍ତରାୟ, ଟୁପୁରିଙ୍ଗ ସରପଞ୍ଚ ଜଗବନ୍ଧୁ ସେଠୀ, ଦେଇପୁର ସରପଞ୍ଚ ସ୍ୱାଗତିକା ପ୍ରଧାନ, ବିଜିପୁର ସରପଞ୍ଚ ଗୀତାଞ୍ଜଳି ସେଠୀ ଏବଂ ସିରେଇ ସରପଞ୍ଚ ବାବୁ ପରିଡାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

### ବନ୍ଧ୍ଵ ଦିବସରେ ଚକ୍ଷୁ ପରୀକ୍ଷା ଶିବିର

ପୁରୀ ଅଫିସ,୨୭।୮

ଅଗଷ୍ଟ ୨୭କୁ ବନ୍ଧ୍ୱ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ କୁମ୍ଭାରପଡା ମହିଳା ମହାସଂଘ ୱାର୍ଡ ନଂ. ୨୨ ପକ୍ଷରୁ ସ୍ଥାନୀୟ କୁମ୍ଭାରପଡା ବଡ଼ ଜାଗାରେ ଶନିବାର ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଆୟୋଜିତ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିରରେ ଡାକ୍ତର ପ୍ରିୟଙ୍କା ରାଉତ, ଜ୍ୟୋତିଶ୍ରୀ ଜେନା, ମିତାଲି ରାଉତ, ମାନସୀ ମହାପାତ୍ର, ମମତା ମିଶ୍ର ପ୍ରମୁଖ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଶିବରରେ ୩୪୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋତିଆବିନ୍ଦୁ ରୋଗୀଙ୍କ ସମେତ ଚକ୍ଷୁ ସମସ୍ୟା ଥିବା ଛାତ୍ରୀଛାତ୍ରଙ୍କୁ ଚଷମା ଯୋଗାଇ ଦିଆଯାଇଥିଲା। ଶିବିରରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଜ୍ୟ ମୁଷ୍ଟିଯୁଦ୍ଧ ସଂଘର ଉପ ସଭାପତି ସୁଦର୍ଶନ ସାହୁ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସହାସଂଘର ସଭାନେତ୍ରୀ ନମିତା ମିଶ୍ର, ସମ୍ପାଦିକା ମାମିନା ସିଂହ, ସଭ୍ୟା ଜ୍ୟୋତ୍ସ୍ନା ମହାନ୍ତି, ସଂଯୁକ୍ତା ସ୍ୱାଇଁ, ପୂର୍ଣ୍ଣିମା ସାହୁ, ଭାନୁମତି ସ୍ୱାଇଁ, ସୁଲତନା ବିବି, ମାମି କର, ସଙ୍ଗୀତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ୟାଞ୍ଚଳରେ ଥିବା ଲୋକଙ୍କୁ ମିଳୁନି ପାନୀୟ ଜଳ

କଣାସ,୨୭।୮(ସ୍ୱ.ପ୍ର.):

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା, ମକରା, ରାଜୁଆ, ଲୁଣାନଦୀରେ ଚଳିତ ବନ୍ୟା ଆସି ରାଜୁଆ ଓ ମକରା ନଦୀରେ ଦୁଇଟି ସ୍ଥାନରେ ଘାଇ କରିବା ଦ୍ୱାରା ୭ରୁ ୮ ପଞ୍ଚାୟତ ବୁଡ଼ିଯାଇଥିଲା। ଏଥିସହ ଦୟା ଓ ରାଜୁଆନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡାସ, ବଳଭଦ୍ରପୁର ପଞ୍ଚାୟତର ୮ଟି ଗ୍ରାମକୁ ୧୫ଦିନ ହେଲା କବଳିତ କରି ରଖିଥିଲା। ଏବେ ଧୀରେ ଧୀରେ ବନ୍ୟାଜଳ ନଦୀମୁହାଁ ହୋଇଯାଇଥିବାରୁ ସମସ୍ତ ଗ୍ରାମରୁ ବନ୍ୟାଜଳ ଖସିଯାଇଥିଲେ ମଧ୍ୟ ଗଭୀରକୂପ ଓ ନଳକୂପରେ ବନ୍ୟାଜଳ ବୁଡାଇ ରଖିଥିବାରୁ ଉକ୍ତ ଜଳ ପାନୀୟ ଅନୁପଯୋଗୀ ହୋଇପଡିଛି। ଫଳରେ ଗ୍ରାମବାସୀ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟାଞ୍ଚଳର ସମସ୍ତ କୂପ ଓ ନଳକୂପକୁ ବିଶୋଧନ କରିବାକୁ ବନ୍ୟାକ୍ଲିଷ୍ଟ ଲୋକମାନେ ଦାବି କରିଛନ୍ତି।

# କବୟିତ୍ରୀ ତୃପ୍ତି ପଣ୍ଡାଙ୍କୁ ସାହିତ୍ୟ ରତ୍ନ ସମ୍ମାନ

ପୁରୀ ଅଫିସ,୨୭।୮



କବୟିତ୍ରୀ ତୃପ୍ତି ପଣ୍ଡା

ପୁରୀ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ସାମାଜିକ କର୍ମୀ ତଥା କବୟିତ୍ରୀ ତୃପ୍ତି ପଣ୍ଡା। ବିଗତ ବର୍ଷ ବିଶ୍ୱ କବି ସଂଘର ଅନ୍ତର୍ଜାତୀୟ ନିର୍ଦ୍ଦେଶିକା ରୂପେ ସେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଚଳିତବର୍ଷ ମହାରାଷ୍ଟ୍ର ସମତା ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ରତ୍ନ ସମ୍ମାନ ପାଇଛନ୍ତି। ଯାହାକୁ ନେଇ ସେ ବେଶ୍ ଖୁସିବ୍ୟକ୍ତ ହେବା ସହ ପୁରୀବାସୀ ତଥା ତାଙ୍କ ଶୁଭେଚ୍ଛୁମାନଙ୍କ ଭଲପାଇବା ପାଇଁ ଏହି ସଫଳତା ପାଇଛନ୍ତି ବୋଲି କବୟିତ୍ରୀ ତୃପ୍ତି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପିଲାଟି ଦିନରୁ ପଣ୍ଡା କବିତା ରଚନା କରିଆସୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ନିଜର ୧୦ଟି ପୁସ୍ତକ ଏବଂ ନିଜସ୍ୱ ସମ୍ପାଦନାରେ ଏକ ଆଧାତ୍ମିକ ପତ୍ରିକା ପ୍ରକାଶିତ କରୁଛନ୍ତି। ପେସାରେ ଜଣେ ଗୃହିଣୀ ହୋଇଥିଲେ ମଧ୍ୟ ତାଙ୍କର ନିଶା ସାହିତ୍ୟ ଓ ସମାଜ ସେବା କରିବା। ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପଣ୍ଡା ଭାରତ ସରକାରଙ୍କ ନୀତି ଆୟୋଗ ତରଫରୁ ବୀରତ୍ୱ ସମ୍ମାନ, ଗୋଲଡେନ୍ ପେନ୍ ଆୱାର୍ଡ, ପ୍ଲେସ୍ ଆମ୍ବାସଡର ଆୱାର୍ଡ, ଗ୍ଲୋବାଲ ପ୍ରେଷ୍ଟିଜିୟସ୍ ଆୱାର୍ଡ ଏବଂ କରୋନା ଯୋଦ୍ଧା ପରି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତେବେ ମହାରାଷ୍ଟ୍ର ସମତା ସାହିତ୍ୟ ଏକାଡେମୀ (ମୁମ୍ବାଇ) ଠାରେ ଅନୁଷ୍ଠିତ ସମାରୋହରେ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି।

# ଚାଷଜମି ଉଜାଡ଼ି ନେଲା ବନ୍ୟା

ପିପିଲି,୨୭।୮(ଡି.ଏନ୍.ଏ.):

ମହାନଦୀରେ ଆସିଥିବା ବନ୍ୟା ପ୍ରଭାବରେ ଦୟାନଦୀର ଜଳସ୍ତର ବଢି ଗ୍ରାମାଞ୍ଚଳରେ ବନ୍ୟାପାଣି ପ୍ରବେଶ କରିଥିଲା। ବର୍ତ୍ତମାନ ବନ୍ୟା ଛାଡି ଯାଇଛି। ହେଲେ କେତେକ ମାଟିଘର ଏହି ବନ୍ୟାରେ ଭାସିଯିବା ସହ ଅନେକଙ୍କ ବର୍ଷକର ଆହାର ଉଜୁଡି ଯାଇଛି। ଦୟାନଦୀ କଣ୍ଠିଠାରେ ଥିବା କାଜରୁ ନିର୍ଗତ ବନ୍ୟାଜଳ ଫଳରେ କଣ୍ଟି ମୌଜାରେ ଥିବା କଣ୍ଟି, ସାନ କଣ୍ଟି, ମାର୍ଥା, ନାରଣ ଖେତା, ବାରିମୂଳ, କେରୁଣ୍ଡେଇ ଆଦି ଗ୍ରାମର ଚାଷୀଙ୍କ ଶହ ଶହ ହେକ୍ଟର ଚାଷଜମିରେ ନଈବାଲି ମାଡିଯାଇଛି। ସେହିପରି ହାଟସାହି, ପାଣିଦୋଳ, ଭାରତୀପୁର, ପୋପରଙ୍ଗା ଆଦି ପଞ୍ଚାୟତରେ ୩ ଶହରୁ ଊର୍ଦ୍ଧ୍ୱ ହେକ୍ଟରରୁ ଅଧିକ ଧାନ ଓ ପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କିଛିଦିନ ପୂର୍ବରୁ

**ଜମି ବାଲିଚର**

ଜମିରେ ଧାନରୁଆ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଚାଷ ଜମି ଏବେ ବାଲିମୟ। ବିଭିନ୍ନ ବ୍ୟାଙ୍କରୁ କରିଥିବା ଋଣ ଚାଷୀ କିଭଳି ପରିଶୋଧ କରିବ ତାକୁ ନେଇ ଚିନ୍ତାରେ ଚାଷୀ। ମକରା ପ୍ରଧାନ, ସୁରେନ୍ଦ୍ର ସାମନ୍ତରାୟ, ଦାଶରଥି ପରିଡାଙ୍କ ସମେତ କେତେକ ଚାଷୀଙ୍କୁ ପଚାରିବାରେ, ବର୍ଷ ବର୍ଷ ଧରି ଏଭଳି ବନ୍ୟା ସମୟରେ ଦୟାନଦୀର ବନ୍ୟାଜଳ କଣ୍ଟି କାଜରେ ନିର୍ଗତ ହେବା ଫଳରେ ବହୁ କ୍ଷତି ସହୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। କଣ୍ଟି ସରପଞ୍ଚ ମୋନାଲିସା ହରିଚନ୍ଦନ ଚଳିତବର୍ଷ ବନ୍ୟାରେ ଚାଷ ଉପରେ ଅନେକ ପ୍ରଭାବ ପଡିଥିବା କହିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଛନ୍ତି।



ପିପିଲି ବ୍ଲକ ଅଞ୍ଚଳରେ ବନ୍ୟାଜଳରେ ନଷ୍ଟ ହୋଇଯାଇଥିବା ଜମି ।

# ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି 'ଟ୍ରାନ୍ସମେଲ'

ପୁରୀ ଅଫିସ,୨୭।୮:

ଦେଶରେ ସମସ୍ତ ନାଗରିକଙ୍କୁ ନିଜସ୍ୱ ହିସାବରେ ବଞ୍ଚିବାର ଅଧିକାର ଦିଆଯାଇଛି। ଜଣେ ସାଧାରଣ ନାଗରିକ ସମାଜରେ ଯେମିତି ସମ୍ମାନର ସହିତ ବଞ୍ଚୁଛି, ଠିକ୍ ସେମିତି ଜଣେ ଟ୍ରାନ୍ସ ଜେଣ୍ଡର ତଥା ତୃତୀୟ ନାଗରିକ ମଧ୍ୟ ସେମିତି ବଞ୍ଚିପାରିବେ। ହେଲେ ସମାଜରେ ବେଳେବେଳେ ଏଭଳି ମଣିଷକୁ ଅଣଦେଖା କରାଯାଉଛି। ଏପରିକି ସେମାନଙ୍କୁ ପରିବାର ଲୋକ ମଧ୍ୟ ସହଯୋଗ କରୁ ନ ଥିବାବେଳେ ପୋଲିସ ବି ହୀନଚକ୍ଷୁରେ ଦେଖୁଛି। ତେଣୁ ସେମାନଙ୍କୁ ମୌଳିକ ଅଧିକାର ମିଳୁ ନ ଥିବାରୁ ବଞ୍ଚିବାର ରାହା ନେଇ ଏଣେତେଣେ ବୁଲୁଛନ୍ତି। ଏଭଳି ଅବସ୍ଥା ପୁରୀ ଜିଲାର ଜଣେ ଟ୍ରାନ୍ସମେଲ୍‌ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ନିଜ ଅସ୍ତିତ୍ୱକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରିଚାଲିଛନ୍ତି। ପରିବାରଠାରୁ ଆରମ୍ଭ କରି ପୋଲିସ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଥିବା ସେ ବାରମ୍ବାର ଅଭିଯୋଗ କରୁଛନ୍ତି। ପରିବାର ଲୋକେ ଜବରଦସ୍ତ ତାଙ୍କ ଇଚ୍ଛା ବିରୋଧରେ ଜଣେ ଝିଅଙ୍କ ଭଳି ଚଳିବା ପାଇଁ ବାଧ୍ୟ କରୁଛନ୍ତି। ପୋଲିସମାନେ ଟ୍ରାନ୍ସ ମେଲ୍ ଶ୍ରେଣୀର ଲୋକଙ୍କୁ ସ୍ୱତନ୍ତ୍ର ଭାବେ ବଞ୍ଚିବାର ସୁଯୋଗ ଦେଉନାହାନ୍ତି ବୋଲି ଅଭିଯୋଗ ହୋଇଛି।

ଘଟଣା ଅନୁଯାୟୀ, ବ୍ରହ୍ମଗିରି ଦହିଖିଆ ଅଞ୍ଚଳର ଟ୍ରାନ୍ସମେଲ୍ ରତିକ୍ ଜେନା (ଜନ୍ମିତ ନାମ ରତୁପର୍ଣ୍ଣା ଜେନା) ଝିଅଟିଏ ହୋଇ ଜନ୍ମ ହୋଇଥିବା ବେଳେ ପରେ ତାଙ୍କଠାରେ ପୁଅ ପିଲାଙ୍କ ସ୍ୱଭାବ ଦେଖାଯାଇଥିଲା। ଫଳରେ ପରିବାର ଲୋକେ ତାଙ୍କୁ ଘୃଣା କରିବା ସହ ଜଣେ ଝିଅ ଭଳି ବ୍ୟବହାର ଓ ଚାଲିଚଳନ ରଖିବାକୁ ବାଧ୍ୟ କରୁଥିଲେ। ଏହାପରେ ରତିକ୍ ସାଥୀ(ସପୋର୍ଟ ଫର୍ ମାର୍ଜିନାଲାଇଜ୍‌ଡ ଇନଡିଭିଜୁଆଲ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ ଏଣ୍ଟରପ୍ରାଇଜ୍) ଅନୁଷ୍ଠାନର ହେଲ୍ପଲାଇନ୍ ନମ୍ବର ସହ ଯୋଗାଯୋଗ କରି ତାଙ୍କୁ ସୁରକ୍ଷା ଦେବାକୁ ନିବେଦନ କରିଥିଲେ। ନିବେଦନକ୍ରମେ ସାଥୀ ଅନୁଷ୍ଠାନର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ପୁରୀସ୍ଥିତ ଜଣେ କର୍ମଚାରୀଙ୍କ ଘରେ ରଖିଥିଲେ। ତେବେ ଏଥିରେ ଅସନ୍ତୁଷ୍ଟ ହୋଇ ପରିବାର ଲୋକେ ଥାନାରେ ଅଭିଯୋଗ କଲେ ଓ ଝିଅକୁ ଖୋଜି ଆଣିବା ପାଇଁ ପୋଲିସ ଉପରେ ଚାପ ପକାଇଲେ। ବ୍ରହ୍ମଗିରି ପୋଲିସ ପୁରୀ ସହରର କୁମ୍ଭାରପଡ଼ା ପୋଲିସ ସହାୟତାରେ ରତିକ୍‌ଙ୍କୁ ଖୋଜିଥିଲେ। ପୁରୀରେ ଥିବା

**■ ପରିବାର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ**

**■ ସୁରକ୍ଷା ଦେଉନି ପୋଲିସ**

ଜଣାପଡ଼ିବା ପରେ କୁମ୍ଭାରପଡ଼ା ଥାନା ପୋଲିସ ରତିକଙ୍କୁ ଉଠାଇ ଆଣିଥିଲେ। ଶୁକ୍ରବାର ରାତିରେ ରତିକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଗଲା। ଏହାପରେ ସାଥୀ ଟିମ୍ ବ୍ରହ୍ମଗିରି ଥାନା ଓ ସାତପଡ଼ାଗଡ଼ ଫାଣ୍ଡିରେ ପହଞ୍ଚି ରତିକ୍‌ଙ୍କ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ପରେ ରତିକ୍ ଥାନାକୁ ଆସିଥିଲେ। ରତିକ୍ ଥାନା ଅଧିକାରୀଙ୍କ ନିକଟରେ ନିଜର ଇଚ୍ଛା କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଓଲଟା ଟ୍ରାନ୍ସମେଲ୍ ହୋଇଥିବା କାରଣରୁ ଅସଭ୍ୟ ଭାଷାରେ ତାଙ୍କୁ ଗାଳିଗୁଲଜ କରାଯାଇଥିଲା। ପୋଲିସ ଟ୍ରେନ୍ସମେଲ୍ ଭଳି ଏକ ଶ୍ରେଣୀକୁ ମାନସିକ ସ୍ତରରେ ଗ୍ରହଣ କରିପାରି ନ ଥିଲା। ଓଲଟା ସାଥୀ କର୍ମଚାରୀଙ୍କ ସହ ବୁଝାମଣା କରି ରତିକ୍‌ଙ୍କ ଇଚ୍ଛା ବିରୋଧରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସାଥୀ କର୍ମଚାରୀମାନେ ପରିବାର ଲୋକଙ୍କୁ ବାଧ୍ୟ ହୋଇ ରତିକ୍‌ଙ୍କ ଦାୟିତ୍ୱ ହସ୍ତାନ୍ତର କରିବା ସହ କିଛି ସର୍ତ୍ତ ମଧ୍ୟ ରଖିଥିଲେ। ରତିକ୍‌ଙ୍କର ସାଥୀ ଅନୁଷ୍ଠାନ ସହ କ୍ରମାଗତ ଯୋଗାଯୋଗ ରହିବା ସହ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବ ନାହିଁ ବୋଲି ସାଥୀ କର୍ମଚାରୀମାନେ ଦାବି କରିଥିଲେ। ପୋଲିସ ସମ୍ପୃକ୍ତ ସର୍ତ୍ତକୁ ମାନି ରତିକ୍‌ଙ୍କ ଦାୟିତ୍ୱ ପରିବାର ଲୋକଙ୍କୁ ଦେଇଛି। ଅନ୍ୟପକ୍ଷେ ରତିକ୍‌ଙ୍କର କହିବା ଅନୁଯାୟୀ ଲିଙ୍ଗ ଦୃଷ୍ଟିକୋଣରୁ ସେ ଜଣେ ଝିଅ ହୋଇଥିବା ପରିବାର ଲୋକେ ମାନି ନେଇଛନ୍ତି। ମାତ୍ର ମୋର ଭାବପ୍ରବଣତା ଓ ଅନୁଭବକୁ ଧ୍ୟାନ ଦିଆଯାଉନାହିଁ। ମୁଁ ଜଣେ ପୁଅ ହୋଇ ରହିବାକୁ ଚାହେଁ। ଏପରିକି ମୁଁ ଏ ନେଇ କୋର୍ଟରେ ସତ୍ୟପାଠ ମଧ୍ୟ କରାଇନେଇଛି। ମୁଁ ସାବାଳକ ହୋଇଥିବା ହେତୁ ନିଜ ଇଚ୍ଛାରେ ବଞ୍ଚିବାକୁ ଚାହେଁ। ଏହା ମୋର ଜନ୍ମସିଦ୍ଧ ଅଧିକାର। ମାତ୍ର ପରିବାର ଲୋକେ ଜବରଦସ୍ତ ମୋ ବାହାଘର କରାଇବା ସହ ଜଣେ ଝିଅ ଭଳି ବ୍ୟବହାର କରିବାକୁ ବାଧ୍ୟ କରୁଛନ୍ତି। ସେମାନଙ୍କ ବ୍ୟବହାର ମୋ ପାଇଁ କ୍ରମାଗତ ଅସହ୍ୟ ହେଉଛି। ଏଭଳିସ୍ଥିତିରେ ମୋତେ ସ୍ୱାଧୀନତା ଦରକାର ବୋଲି ସେ କହୁଛନ୍ତି। ଅନ୍ୟପଟେ କୁମ୍ଭାରପଡ଼ା ଥାନା ଆଇଆଇସି ଦିଲୀପ ସ୍ୱାଇଁ କହିଛନ୍ତି, ଏଭଳି ଘଟଣା ସମ୍ପର୍କରେ ସେ ଅବଗତ ନାହାନ୍ତି। କୁମ୍ଭାରପଡ଼ା ଥାନାକୁ ଏଭଳି ମାମଲା ଆସି ନାହିଁ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ଯାଁଲା,୨୭।୮(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ପୋଲିସ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରଛି। ସେ ହେଲେ ବାଗଲ୍‌ପୁର ଅଞ୍ଚଳର ଏମ୍.ଡି ଖୃଲାଡ(୨୪)। ସୂଚନା ମୁତାବକ, ଏହି ଥାନା ଅଧୀନ ଛତାବର ପଞ୍ଚାୟତର ହରପୁରୁ ଗ୍ରାମ ନିକଟରେ ଦୀର୍ଘଦିନ ହେବ ରାଜ୍ୟ ବାହାରର କେତେଜଣ ଶ୍ରମିକ ଆସି ଭଡାରେ ରହି ଏଠାରେ କାମ କରିଆସୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କେତେଜଣ ଶ୍ରମିକ ନିକଟରେ ଥିବା ଏକ ମୋରମ ଖାଦାନରେ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ଅସବାଧାନତା ଯୋଗୁ ଖୃଲାଡ ପାଣିରେ ବୁଡି ଯାଇଥିଲେ। ଅନ୍ୟ ଶ୍ରମିକମାନେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଏନେଇ ସେମାନେ ଥାନାରେ ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ଉକ୍ତ ମୋରମ ଖଣିରେ ଏକ ମୃତଦେହ ଭାସୁଥିବା ଦେଖି ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତହେଦ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍‌ସ ମେଡିକାଲକୁ ପଠାଇଥିଲା।

### ଶ୍ରୀଲିଙ୍ଗରାଜ ମନ୍ଦିରରେ ସାତପୁରୀ ଅମାବାସ୍ୟା

ପୁରୁଣା ଭୁବନେଶ୍ୱର,୨୭।୮(ଡି.ଏନ୍.ଏ.): ଶନିବାର ଶ୍ରୀଲିଙ୍ଗରାଜ ମନ୍ଦିରରେ ସାତପୁରୀ ଅମାବାସ୍ୟା ପାଳିତ ହୋଇଯାଇଛି। ପ୍ରାତଃରୁ ଆଳତି, ଅବକାଶ, ରୋଷହୋମ ସହ ଅନ୍ୟାନ୍ୟ ନୀତି କରାଯାଇଥିଲା। ସକାଳ ଧୂପରୁ ସନ୍ଧ୍ୟା ଧୂପ ଯାଏ ପ୍ରତ୍ୟେକ ଧୂପରେ ସାତପୁରୀ ଭୋଗ କରାଯାଇଥିଲା। ଟେରା ଫିଟା ନୀତି ସରିବା ପରେ ମନ୍ଦିର ବେଢ଼ାରେ ଥିବା ସମସ୍ତ ଦେବଦେବୀଙ୍କୁ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ସାତପୁରୀ ପିଠା ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ଉକ୍ତ ପିଠାକୁ ସେବାୟତଙ୍କ ମଧରେ ବଣ୍ଟନ କରାଯାଇଥିଲା। ଏହା ପରେ ବଡ଼ସିଂହାର କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା।

### ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆହ୍ୱାନ

ବୋଲଗଡ଼,୨୭।୮(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଟୁକୁଳି, ଗୋପାଳପୁର ଓ କଡ଼ବ ପଞ୍ଚାୟତରେ ଶନିବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଡବ ଗ୍ରାମ ବଜାରସ୍ଥିତ ଖେଳପଡ଼ିଆଠାରେ ୩ଟି ପଞ୍ଚାୟତର ସୁପର ପାୱାର କମିଟି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଷଡ଼ଙ୍ଗୀ ଯୋଗଦେଇ ବୋଲଗଡ଼ ବ୍ଲକରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ବୋରିକ୍ ଗ୍ରାମରେ ଷଡ଼ଙ୍ଗୀ ଛୋଟ ଛୋଟ ପିଲାଙ୍କ ସହିତ ଭାବ ବିନିମୟ କରିବା ସହ ମହିଳାଙ୍କ ସହ ମିଶିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବୋଲଗଡ଼ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ, ବେଗୁନିଆ ପ୍ରତିନିଧି ପ୍ରକାଶ ଚନ୍ଦ୍ର ବିଜୁଳି, ସୁଲୁ ବଳିୟାରସିଂହ, ବନ୍ଧୁ ଭୋଳ, ଅବିନାଶ ମହାପାତ୍ରଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ୧୮ ମାସରେ ସରିବ ନିର୍ମାଣ କାର୍ଯ୍ୟ

**ନାଇଜରରେ ପ୍ରସ୍ତାବିତ କ୍ୟାନ୍‌ସର ହସ୍ପିଟାଲର ସମୀକ୍ଷା କଲେ ଏମ୍‌ପି**

- ଆସନ୍ତା ୩ ମାସ ମଧରେ ଭିତ୍ତିପ୍ରସ୍ତର ସ୍ଥାପନ
- ଖର୍ଚ୍ଚ ହେବ ୬୫୦ କୋଟି ଟଙ୍କା

ଜଟଣୀ,୨୭।୮(ଡି.ଏନ୍.ଏ.):

ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇଜର) କ୍ୟାମ୍ପସ୍ ପରିସରରେ ହେବାକୁ ଥିବା ଟାଟା ମେମୋରିଆଲ କ୍ୟାନ୍‌ସର ମେଡିକାଲ ନିର୍ମାଣ ବିଷୟରେ ଶନିବାର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ନିର୍ମାଣକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନାଇଜର ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁମୋଦନରେ ନିର୍ମାଣ ହେବାକୁ ଥିବା ଏହି ହସ୍ପିଟାଲ ପାଇଁ ପ୍ରାୟ ୮୦ ଏକର ଜମିର ଆବଶ୍ୟକତା ରହିଛି। ତେବେ ନାଇଜର କ୍ୟାମ୍ପସ୍‌ରୁ ୧୭ ଏକର, ମିନିଷ୍ଟ୍ରି ଅଫ୍ ସ୍କିଲ୍ କ୍ଷେତ୍ରରୁ ୧୩ ଏକର


ଖବରଦାତା ସମ୍ମିଳନୀରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୂଚନା ଦେଉଛନ୍ତି।

ଜମି ମିଳିଥିବା ବେଳେ ଆବଶ୍ୟକ ୫୦ ଏକର ଜମି ରାଜ୍ୟ ସରକାର ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି। ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି ୪ଶହ କୋଟି ଏବଂ ଟାଟା ମେମୋରିଆଲ ଟ୍ରଷ୍ଟ ୨୫୦ କୋଟି ମୋଟ୍ ୬୫୦ କୋଟି ଟଙ୍କା ବିନିଯୋଗରେ ଉକ୍ତ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ହେବ, ଯେଉଁଥିରେ ହସ୍ପିଟାଲ ବିଲ୍ଡିଂ, ଧର୍ମଶାଳା, ଗେଷ୍ଟହାଉସ, ଷ୍ଟାଫ୍ କ୍ୱାର୍ଟର୍ସ ଏବଂ ବିଦ୍ୟାଳୟ ନିର୍ମାଣ କରାଯିବ। ଆସନ୍ତା ୩ ମାସ ମଧରେ ହସ୍ପିଟାଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ପରବର୍ତ୍ତୀ ୧୮ ମାସ ମଧରେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ସାରିବା ନେଇ ଏମ୍‌ପି ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ହସ୍ପିଟାଲରେ କେବଳ ରୋଗର ଚିକିତ୍ସା ହେବ ନାହିଁ କ୍ୟାନ୍‌ସର ରୋଗ ଭଲ କରିବା ପାଇଁ ବିଭିନ୍ନ ରିସର୍ଚ୍ଚ ସହିତ ଉନ୍ନତମାନର ଔଷଧ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଛନ୍ତି। ଆବଶ୍ୟକ ୫୦ ଏକର ଜମି, ପାଣି, ମେଣ୍ଢାଶାଳ ଗ୍ରୀଡ୍‌ରୁ ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ ଏବଂ ରାଜ୍ୟ ଓ ରାଜ୍ୟ ବାହାର ରୋଗୀଙ୍କୁ ବିମାନବନ୍ଦର ଏବଂ ରେଳଷ୍ଟେଶନରୁ ଆସିବା ପାଇଁ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିବେ ବୋଲି ଷଡ଼ଙ୍ଗୀ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନାଇଜର ନିର୍ଦ୍ଦେଶକ ଡ. ପ୍ରଫେସର ସୁଧାକର ପଣ୍ଡା, କୁଳସଚିବ ଡ. ଅଭୟ ନାୟକଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।



ଖୋର୍ଦ୍ଧା: ୫୭ ନମ୍ବର ଜାତୀୟ ରାଜପଥର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଜାମ୍ ରହିଛି।

# ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ଦେବାକୁ ଦାବିକଲା ପ୍ରେରଣା

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ସଂସ୍କୃତି ଓ କଳାର ରାଜ୍ୟ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ପୂଜା ପାଇଁ ମୂର୍ତ୍ତି ଗଢାଯାଉଥିବାବେଳେ ସେଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ରାସାୟନିକ ରଙ୍ଗର ପ୍ରୟୋଗ କରାଯାଉଛି। ପରେ ସେହି ମୂର୍ତ୍ତିକୁ ପାଣିରେ ବିସର୍ଜନ କରିବା ଫଳରେ ରାସାୟନିକ ରଙ୍ଗ ପ୍ରଭାବରେ ପାଣି ପ୍ରଦୂଷିତ ଓ ବିଷାକ୍ତ ହେଉଛି। ତେଣୁ କୌଣସି ମୂର୍ତ୍ତିରେ ରାସାୟନିକ ରଙ୍ଗ ନ ଦେଇ ପ୍ରାକୃତିକ ରଙ୍ଗ ଦେବା ପାଇଁ ସାମାଜିକ ଅନୁଷ୍ଠାନ 'ପ୍ରେରଣା' ପକ୍ଷରୁ ଦାବି କରାଯାଇଛି।

ମୂର୍ତ୍ତିରେ ପ୍ରୟୋଗ ହେଉଥିବା ରାସାୟନିକ ରଙ୍ଗ ମଧରେ ଆର୍ସେନିକ୍, ପାରଦ, କ୍ରୋମିୟମ, କାଡ଼ମିୟମ ଓ ସୀସା ଆଦି ଅନେକ ପ୍ରକାର ବିଷାକ୍ତ ଭାରିଧାତୁ ରହିଥାଏ। ଏହା ବ୍ୟତୀତ ମୂର୍ତ୍ତିଗୁଡ଼ିକୁ ଚିକ୍କଣ କରିବା ପାଇଁ ପ୍ଲାଷ୍ଟର ପ୍ୟାରିସ ଆଦି ପରିବେଶ ପ୍ରଦୂଷଣଜନିତ ଦ୍ରବ୍ୟ ବ୍ୟବହାର ହୁଏ। ଏଗୁଡ଼ିକ ସାମୟିକ ଭାବେ ମୂର୍ତ୍ତିଗୁଡ଼ିକୁ ଆକର୍ଷଣୀୟ କରୁଥିଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ମନୁଷ୍ୟ ଓ ପଶୁପକ୍ଷୀଙ୍କୁ ବିଭିନ୍ନ ରୋଗର ଶିକାର କରିବା ସହିତ ମୃତ୍ୟୁମୁଖକୁ ଟାଣି ନେଉଛି। ମୂର୍ତ୍ତିଗୁଡ଼ିକ ବିସର୍ଜନ ହେଲାବେଳେ ନଦୀର ପାଣି ଏହି ରାସାୟନିକ ରଙ୍ଗ ଦ୍ୱାରା ବିଷାକ୍ତ ହୋଇଥାଏ। ଏହି ପାଣି ପିଇଲେ କିମ୍ବା ସେଥିରେ ଗାଧୋଇଲେ ନାନାଦି ପେଟ ଓ ଚର୍ମରୋଗ ସୃଷ୍ଟି ହୋଇଥାଏ। ସେହିପରି ବହୁ ଉଚ୍ଚଶବ୍ଦର ଡିଜେ ବଜାଇବା ସହ ଶବ୍ଦଯୁକ୍ତ ବାଣ ଫୁଟାଇ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରିବାକୁ ନେଲାବେଳେ ଉଭୟ ବାୟୁ ଓ ଶବ୍ଦ ପ୍ରଦୂଷିତ ହୋଇଥାଏ। ତେଣୁ ସଂସ୍କୃତିର ସୁରକ୍ଷା ସହିତ ପରିବେଶର ସୁରକ୍ଷା ପାଇଁ ରାସାୟନିକ ରଙ୍ଗ ଏବଂ ଉଚ୍ଚଶବ୍ଦଯୁକ୍ତ ଡିଜେ ଓ ବାଣକୁ ବାରଣ କରିଛନ୍ତି ଅନୁଷ୍ଠାନ ଅଧକ୍ଷ ଡ. ଦିଲ୍ଲୀପ ଶ୍ରୀଚନ୍ଦନ। ଏଥିସହ ବିଏମ୍‌ସି ତରଫରୁ ନଦୀକୂଳ ଓ ପୋଖରୀକୂଳରେ ଅସ୍ଥାୟୀ ପୁଷ୍କରିଣୀ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପାଖରେ ପ୍ରେରଣା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ନେଇ ଡ. ଶ୍ରୀଚନ୍ଦନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

# ଏଏସ୍‌ଓ ପରୀକ୍ଷା ଦେଲେ ୫୯,୮୭୯

ଖୋର୍ଦ୍ଧା ଅଫିସ,୨୭।୮:

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାରେ ଖୋର୍ଦ୍ଧା ଓ ଭୁବନେଶ୍ୱରରେ ମୋଟ୍ ୧୩୯ଟି କେନ୍ଦ୍ରରେ ୫୯ହଜାର ୮୭୯ ଜଣ ପରୀକ୍ଷା ଦେଇଛନ୍ତି। ସେଥିରୁ ଭୁବନେଶ୍ୱରର ୧୨୯ଟି କେନ୍ଦ୍ରରେ ୫୬ ହଜାର ୫୭୪ ଏବଂ ଖୋର୍ଦ୍ଧା ସବ୍‌ଡିଭିଜନ ଅଧୀନ ୧୦ କେନ୍ଦ୍ରରେ ୩୩୦୫ ଜଣ ପରୀକ୍ଷା ଦେଇଥିଲେ। ୩ଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ପ୍ରଥମ ସିଫ୍ଟ ସକାଳ ୯ରୁ ୧୦ଟା ୩୦ ପର୍ଯ୍ୟନ୍ତ ସାଧାରଣ ଜ୍ଞାନ ବିଷୟରେ ପରୀକ୍ଷା ହୋଇଥିବା ବେଳେ ଦ୍ୱିତୀୟ ସିଫ୍ଟ ପୂର୍ବାହ୍ନ ସାଢ଼େ ୧୧ଟାରୁ ୧ଟା ପର୍ଯ୍ୟନ୍ତ ରିଜନିଂ ଓ ଗଣିତ ଏବଂ ଅପରାହ୍ନ ସାଢ଼େ ୨ରୁ ସାଢ଼େ ୪ ପର୍ଯ୍ୟନ୍ତ ଇଂଲିଶ ଏବଂ ଓଡ଼ିଆ ଭାଷାର ପରୀକ୍ଷା ଦେଇଥିଲେ ପରୀକ୍ଷାର୍ଥୀ। ପୂର୍ବରୁ ଏହି ୧୩୯ଟି କେନ୍ଦ୍ର ଲାଗି ସେହି ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା।

# ଭୁଆସୁଣୀ ଡମ୍ପିଂୟାର୍ଡ ବିବାଦ: ଦ୍ୱିପାକ୍ଷିକ ଆଲୋଚନା ବିଫଳ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

ଭୁବନେଶ୍ୱରରୁ ଅଳିଆ କେବେ ଉଠିବ, କେବେ ସହର ସଫାସୁତରା ହେବ ସେ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ। ଏବେ କୁଢ କୁଢ ଅଳିଆ ଭିତରେ ପେଷି ହେଉଛନ୍ତି ସହରବାସୀ। ଶନିବାର ବିଏମ୍‌ସି ଓ ଦାରୁଠେଙ୍ଗ ଗ୍ରାମବାସୀଙ୍କ ମଧରେ ବିଏମ୍‌ସି କାର୍ଯ୍ୟାଳୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହା ଉପରେ ସମସ୍ତଙ୍କ ନଜର ରହିଥିଲା। ମାତ୍ର ଦୀର୍ଘ ସମୟର ଆଲୋଚନା ଓ ବହୁ ଚେଷ୍ଟା ପରେ ବି ଭୁଆସୁଣି ଡମ୍ପିଂୟାର୍ଡ ବିବାଦର ସମାଧାନ ହୋଇପାରି ନାହିଁ। ନିଜ ଜିଦ୍‌ରେ ଅଟଳ ରହିଛନ୍ତି ଗ୍ରାମବାସୀ। ତେବେ ନିଷ୍ପତ୍ତି ଜଣାଇବା ପାଇଁ ସେମାନେ ୨ଦିନ ସମୟ ନେଇଛନ୍ତି। ଏହା ମଧରେ ଗ୍ରାମସଭା ଡକାଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବ। ଗ୍ରାମସଭାରେ ନିଆଯିବାକୁ ଥିବା ନିଷ୍ପତ୍ତି ଚୂଡାନ୍ତ ହେବ ବୋଲି ଦାରୁଠେଙ୍ଗ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ କହିଛନ୍ତି। ଏଥିସହ ବିଏମ୍‌ସି ନିକଟରେ କିଛିଟା ଦାବି ଉପସ୍ଥାପନ କରାଯାଇଛି। ବିଏମ୍‌ସି ୯ ମାସ ସମୟ ମାଗିଛି। ତେବେ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ଡମ୍ପିଂୟାର୍ଡକୁ ଅଳିଆ ଗାଡ଼ି ଯିବନାହିଁ। ସେହିପରି ଅଳିଆ ପକା ବନ୍ଦ ନ ହେବା ପର୍ଯ୍ୟନ୍ତ ବାୟୋମାଇନିଂ କାମ ଆରମ୍ଭ ହେବ ନାହିଁ ବୋଲି ସରପଞ୍ଚ ଦାବି ରଖିଛନ୍ତି। ହେଲେ ଗ୍ରାମବାସୀଙ୍କ ସହ ସକାରାତ୍ମକ ଆଲୋଚନା ହୋଇଥିବା ମେୟର ସୁଲୋଚନା ଦାସ କହିଛନ୍ତି। ୨ଦିନ ପରେ ସମାଧାନ ବାଟ ଫିଟିବ ବୋଲି ସେ କହିଛନ୍ତି। ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଏମ୍‌ସିର ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଡିସିପି ପ୍ରତୀକ୍ ସିଂ, ଦାରୁଠେଙ୍ଗ ସରପଞ୍ଚ ଓ କେତେଜଣ ଗ୍ରାମବାସୀ ଉପସ୍ଥିତ ଥିଲେ। କମିଶନର ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନ୍‌ଫରେନ୍ସିଂ ମାଧମରେ ବୈଠକରେ ଯୋଗଦେଇଥିଲେ। ଆଲୋଚନା ପରେ ଖୁବ୍‌ଶୀଘ୍ର ଭୁବନେଶ୍ୱର ପରିମଳ ସମସ୍ୟାର ସମାଧାନ ବାଟ ଫିଟିବ ବୋଲି ଆଶା କରାଯାଉଛି। ଭୁଆସୁଣି ଡମ୍ପିଂୟାର୍ଡ ବିବାଦ ଯୋଗୁ ଏବେ ରାଜଧାନୀର ଚାରିଆଡେ ପୂତିଗନ୍ଧମୟ ପରିବେଶ ଦେଖିବାକୁ ମିଳୁଛି। ଯୁଆଡେ ଚାହିଁଲେ ସିଆଡେ ଅଳିଆ। ପରିମଳ ବ୍ୟବସ୍ଥା ବିଗିଡିବା ଦ୍ୱାରା ସ୍ମାର୍ଟସିଟିର ଛବି ମଳିନ ହେଉଛି। ତେଣୁ ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଦାରୁଠେଙ୍ଗବାସୀଙ୍କ ସହ ବୈଠକ ହୋଇଥିଲେ ମଧ ବିଫଳ ହୋଇଥିଲା।

# ମହାପ୍ରଭୁଙ୍କୁ ଲାଗି ହେଲା ସପ୍ତପୁରୀ ଭୋଗ

ପୁରୀ ଅଫିସ,୨୭।୮

ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଅବସରରେ ଶନିବାର ଶ୍ରୀମନ୍ଦିର ବିଶେଷ ପୂଜାନୀତି ଅନୁଷ୍ଠିତ ହେବା ସହ ସପ୍ତପୁରୀ (ସାତପୁରୀ) ବିଶିଷ୍ଟ ପିଠା ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କଠାରେ ଭୋଗଲାଗି କରାଯାଇଥିଲା। ସପ୍ତପୁରୀ ପିଠା ଭୋଗ ନୀତି ପୂର୍ବରୁ ଶୁକ୍ରବାର ଅଠରନଳା ନିକଟରେ ଅବସ୍ଥିତ ଅଲାମଚଣ୍ଡୀ ମନ୍ଦିରରୁ ସପ୍ତପୁରୀ ଭୋଗ ପାଇଁ ଆବଶ୍ୟକ ତାଡ଼ ଶ୍ରୀମନ୍ଦିରକୁ ଆସିଥିଲା। ସପ୍ତପୁରୀ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି ହୋଇଯାଇଛି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣଙ୍କ ଲୀଳାରେ ବସ୍ତ୍ରହରଣ ନୀତି ମଧ ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ତିନିବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ପରେ ରୋଷ ଘରେ ହୋମ ସମ୍ପନ୍ନ ହୋଇ ସାତପୁରୀ ପିଠା ପ୍ରସ୍ତୁତ ହୋଇଥିଲା। ସକାଳ ଧୂପ ହୋଇ ସାତପୁରୀ ଭୋଗ ତାଟ ରୋଷଘରୁ

**ଶ୍ରୀମନ୍ଦିରରେ ବସ୍ତ୍ର ହରଣ ନୀତି ସମ୍ପନ୍ନ**



ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ପରେ ମୁଦିରସ୍ତ ପ୍ରସାଦ ଲାଗି କରି ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ ମଣୋହି କରିଥିଲେ। ଭିତର ଆଳତି ବଢିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ୩ ବାଡ଼ରେ ତାଟଥାଇ ବନ୍ଦାପନା କରିଥିଲେ। ସେହିପରି ଶ୍ରୀ ବିଗ୍ରହମାନଙ୍କ ମଧାହ୍ନ ଧୂପ ସମ୍ପନ୍ନ ପରେ ଶ୍ରୀମନ୍ଦିରରୁ ସପ୍ତପୁରୀ ତାଟ ରାଜନଅରକୁ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳି ସହ ସପ୍ତପୁରୀ ପିଠା ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ବିଜେ କରିଥିଲେ।

ସେହିପରି ଅମାବାସ୍ୟା ତିଥି ଅବସରରେ କୃଷ୍ଣଲୀଳା କ୍ରମରେ ଶ୍ରୀମନ୍ଦିରରେ ବସ୍ତ୍ରହରଣ ଲୀଳା ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ନିକଟରେ ଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ସେମାନଙ୍କ ବସ୍ତ୍ର ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ। ଏହି ନୀତି ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ହୋଇଥିଲା। ନୀତି ସମ୍ପନ୍ନ ପରେ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢି ରାତ୍ରପହୁଡ ଅନୁଷ୍ଠିତ ହୋଇଥିଲା।

# ଅବିଶ୍ୱସନୀୟ ବାସ୍ତବ କାହାଣୀ ହିଁ ଭଲ ଗପ ହୋଇଯାଏ

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ଲୋକଜୀବନ, ଲୋକକଥା, ଲୋକଭାଷା, ଲୋକସଂସ୍କୃତି, ରାଜନୀତି, ପ୍ରେମ ଓ ସଂଘର୍ଷର ବିଷୟ ବର୍ତ୍ତମାନ ଓଡ଼ିଆ ଗପର ସାରାଂଶ। ଅବିଶ୍ୱସନୀୟ ବାସ୍ତବ କାହାଣୀ ହିଁ ଭଲ ଗପ ହୋଇଯାଏ। ସମକାଳ ଓଡ଼ିଆ ଗଳ୍ପ ଭାରତୀୟ ସାହିତ୍ୟରେ ବେଶ୍ ପ୍ରଶଂସା ସାଉଣ୍ଟିଛି ବୋଲି ଅତିଥିମାନେ କହିଛନ୍ତି। ଶନିବାର ସୂଚନା ଭବନଠାରେ ଭୁବନେଶ୍ୱରୀ ସାହିତ୍ୟ ସମାଜର ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସମୟର ଗଳ୍ପକାରିତା, ଲେଖକୀୟ ଅଭିଜ୍ଞତା ଓ କଥାଦର୍ଶ ଉପରେ ଆଲୋଚନା କରି କଥାକାର ଭୀମ ପୃଷ୍ଟି ଓ ତପନ ମହାପାତ୍ର ଏହା କହିଥିଲେ।

# ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଞ୍ଚଳ ତଥା ଗ୍ରାମାଞ୍ଚଳର ୮ହଜାରରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଉଛି। ପ୍ରତ୍ୟେକ ହିତାଧିକାରୀ ଓ ତାଙ୍କ ପରିବାରବର୍ଗଙ୍କୁ ବାର୍ଷିକ ୨ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଉପଲବ୍ଧ ହେଉଛି। ତେବେ ଏହି ବୀମାରାଶିର ପରିମାଣ ୨ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। କଲ୍ୟାଣ ବୋର୍ଡର ଏକ ପ୍ରତିନିଧି ଦଳ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ଏନେଇ ଆଲୋଚନା କରିଥିଲେ। ପ୍ରତିନିଧି ଦଳରେ ବୋର୍ଡ ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ। ରାଜ୍ୟର ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟବୀମା ସହାୟତା ରାଶିର ପରିମାଣ ବୃଦ୍ଧି ଏବଂ ଅବସରପ୍ରାପ୍ତ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ସୁବିଧା ପ୍ରଦାନ ପ୍ରସଙ୍ଗରେ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଦାବି ସମ୍ପର୍କରେ ଖୁବ୍‌ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଆଲୋଚନା କରାଯିବ ଏବଂ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ୬ମାସ ବୃଦ୍ଧି କରିଥିବାରୁ କଲ୍ୟାଣ ବୋର୍ଡ ପ୍ରତିନିଧି ଦଳ ତାଙ୍କୁ ସ୍ୱାଗତ ଜଣାଇଥିଲେ।

**ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ କର୍ମକର୍ତ୍ତା**



# ୩ ଦିନ କ୍ଷୟକ୍ଷତି ଆକଳନ କରିବ ଟିମ୍

ଖୋର୍ଦ୍ଧା ଅଫିସ,୨୭।୮:

ଚଳିତ ବନ୍ୟାରେ ଖୋର୍ଦ୍ଧା ଜିଲାର ଅନେକ ଗାଁ ଜଳମଗ୍ନ ହୋଇଥିବା ବେଳେ ଶତାଧିକ ଗ୍ରାମବାସୀ ପ୍ରଭାବିତ ହୋଇଥିଲେ। ଏକର ଏକର ଚାଷଜମିରେ ବନ୍ୟାପାଣି ମାଡ଼ି ଫସଲ ନଷ୍ଟ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ ଓଡ଼ିଶାର ସ୍ଥିତି ଅନୁଧ୍ୟାନ କରିଥିଲେ। କୃଷି ବିଭାଗ ପକ୍ଷରୁ ସପ୍ତାହକ ମଧରେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କ୍ଷୟକ୍ଷତି ଆକଳନ କରିବା ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରବିବାରଠାରୁ ଜିଲାରେ ୩ ଦିନ ଧରି ରାଜସ୍ୱ, ଉଦ୍ୟାନ ଏବଂ କୃଷି ବିଭାଗ ମିଳିତ ଭାବେ ଫସଲ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବେ। ଆକଳନ ସମୟରେ ଯୋଗ୍ୟ ହିତାଧିକାରୀ ଯେପରି କ୍ଷତିପୂରଣ ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଦୃଷ୍ଟିଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯେପରି ଅଯୋଗ୍ୟ ହିତାଧିକାରୀ ତାଲିକାରେ ସ୍ଥାନ ନ ପାଇବେ, ସେଥିଲାଗି ସୁନିଶ୍ଚିତ କରିବାକୁ ତାଗିଦ୍ କରିଛନ୍ତି। କ୍ଷୟକ୍ଷତି ଆକଳନ ଲାଗି ବ୍ଲକସ୍ତରରେ କମିଟି ଗଠନ କରାଯାଇଛି। ଉକ୍ତ ଟିମ୍‌ରେ ପଞ୍ଚାୟତିରାଜ, ରାଜସ୍ୱ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ଏହି ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହ ଆକଳନ ବେଳେ ସମ୍ପୃକ୍ତ ହିତାଧିକାରୀଙ୍କ କ୍ଷୟକ୍ଷତି ସ୍ଥାନର ଫଟୋ ଜିଓଟ୍ୟାଗିଂ କରିବ।


ଚାଷଜମିରେ ପାଣି ଜମି ରହିଛି।

ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟର ସୂଚନା ଅନୁସାରେ, ଚଳିତ ଲଘୁଚାପ ବର୍ଷା ଓ ବନ୍ୟା ପ୍ରଭାବରେ ଜିଲାର ୯ଟି ବ୍ଲକର ୮୨ ପଞ୍ଚାୟତର ୨୪୩ ଗ୍ରାମର ପ୍ରାୟ ୧୦ ହଜାର ୯୬୩ ହେକ୍ଟର ଫସଲ ନଷ୍ଟ ହୋଇଛି। ସେଥିରୁ ୧୦ହଜାର ୬୫୦ ଧାନ ଏବଂ ୩୧୨ ହେକ୍ଟର ଅଣଧାନ(ପନିପରିବା) ନଷ୍ଟ ହୋଇଛି। ତେବେ ଗାଁରୁ ପାଣି ଖସିଥିବା ବେଳେ ଚାଷଜମିରେ ପାଣି ରହିଛି। ମାଟିରେ ମିଶିଯାଇଛି ଚାଷୀଙ୍କ ଫସଲ। ଦୁଇ ବର୍ଷ କରୋନା ଯୋଗୁ ଆଦାୟ ଫସଲ ବିକ୍ରି କରି ନ ପାରି କ୍ଷତି ସହିଥିଲେ। ଏବେ ପୁଣି ଲଘୁଚାପ ପରେ ବନ୍ୟାଜଳ ମାଡ଼ି ସବୁକିଛି ଛାରଖାର କରିଦେଇଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ବ୍ଲକର ୧୨ ପଞ୍ଚାୟତର ୪୨ ଗ୍ରାମର ୨୨୬୮ ହେକ୍ଟର ଧାନ ଏବଂ ୪୦ ହେକ୍ଟର ପନିପରିବା ନଷ୍ଟ ହୋଇଛି। ସେହିପରି ବେଗୁନିଆ ବ୍ଲକର ୨୧ ପଞ୍ଚାୟତର ୪୫ ଗାଁର ୧୭୩୧ ହେକ୍ଟର ଧାନ, ବୋଲଗଡ଼ ବ୍ଲକର ଗୋଟିଏ ପଞ୍ଚାୟତର ୩ଟି ଗ୍ରାମର ୭ ହେକ୍ଟର, ଟାଙ୍ଗୀ ବ୍ଲକ ୬ଟି ପଞ୍ଚାୟତ ୨୪ ଗ୍ରାମର ୬୬୫ ହେକ୍ଟର ଧାନ ଓ ୫୦ ହେକ୍ଟର ପରିବା, ବାଣପୁର ବ୍ଲକ ଗୋଟିଏ ପଞ୍ଚାୟତର ୪ଟି ଗ୍ରାମର ୧୬ ହେକ୍ଟର ଧାନ, ଭୁବନେଶ୍ୱର ବ୍ଲକର ୬ଟି ପଞ୍ଚାୟତର ୨୧ ଗ୍ରାମର ୮୪୪ ହେକ୍ଟର ଧାନ ଓ ୪୯ ଏକର ପରିବା, ଜଟଣୀ ବ୍ଲକ ୬ ପଞ୍ଚାୟତ ୩୪ଟି ଗ୍ରାମର ୧୫ଶହ ହେକ୍ଟର ଧାନ, ବାଲିଅନ୍ତା ବ୍ଲକର ୧୬ ପଞ୍ଚାୟତ ୨୮ ଗ୍ରାମର ୧୪୦୨ ହେକ୍ଟର ଧାନ ଓ ୨୭ ହେକ୍ଟର ପରିବା ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାଲିପାଟଣା ବ୍ଲକର ୧୩ ପଞ୍ଚାୟତର ୪୨ ଗାଁର ୨୨୧୭ ହେକ୍ଟର ଧାନ ଓ ୧୪୬ ହେକ୍ଟର ପନିପରିବା ନଷ୍ଟ ହୋଇଥିବା ଜଣାପଡ଼ିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ଅଗଷ୍ଟ, ୨୦୨୨

## ଦୁର୍ଘଟଣାଗ୍ରସ୍ତ ୨ ବ୍ୟକ୍ତିଙ୍କୁ ନିଜ ଗାଡିରେ ମେଡିକାଲ ନେଲେ ମନ୍ତ୍ରୀ

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା- କୋଣାର୍କ ରାସ୍ତାର ଦିଘାଲୋ ଛକ ନିକଟରେ ଶୁକ୍ରବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେହି ୨ ଜଣ ଆହତ ବ୍ୟକ୍ତିଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ନିଜ ଗାଡ଼ିରେ ନେଇ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଆହତ ବ୍ୟକ୍ତି ଦ୍ୱୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁହିଁଙ୍କ ଘର ସୁନ୍ଦରଗଡ ବାରମିତ୍ରପୁର ଅଞ୍ଚଳର ହୋଇଥିବାବେଳେ ସେମାନେ ଭୁବନେଶ୍ୱର ସାଲିଆ ସାହିରେ ରହୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ଦୁହେଁ ସ୍କୁଟି ଯୋଗେ କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଏକ ଟ୍ରଲି ଅଟୋ ସେମାନଙ୍କୁ ଧକ୍କା ଦେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ଘଟାଇ ଅଟୋଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା।



## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ

ନିମାପଡ଼ା,୨୭।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଶଗଡ଼ା ପଞ୍ଚାୟତର ଚିତ୍ରା ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟୁକୁନି ଭୋଇ (୫୮)। ଏନେଇ ମହିଳାଙ୍କ ପୁଅଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (୨୧/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ମହିଳା ଜଣଙ୍କ ଗ୍ରାମ ନିକଟସ୍ଥ କନପୁର ଗ୍ରାମର ଚାଷୀ ଶ୍ରୀଧର ନାୟକଙ୍କ ବିଲରେ ଚାଷ କାମ କରୁଥିଲେ। ସେହି ସମୟରେ ଟୁକୁନିଙ୍କ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କ ଶରୀରର ୭୦ ଭାଗ ପୋଡିଯାଇଥିଲା। ବିଲରେ କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଲେ। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ମେଡିକାଲକୁ ପଠାଇଛି। ଏନେଇ ତାଙ୍କ ପୁଅ ବିକ୍ରମ ଭୋଇ (୩୦) ଥାନାରେ ଅଭିଯୋଗ କରିଛନ୍ତି। ମୃତା ମହିଳାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ସାହୁ, ନାଏବ ସରପଞ୍ଚ ପ୍ରଶାନ୍ତ ପ୍ରଧାନ, ସମିତି ସଭ୍ୟ ତପନ ପ୍ରଧାନ, ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ପ୍ରଶାସନଠାରେ ଦାବି କରିଛନ୍ତି।

### ଦୋକାନରେ ପଶି ଆକ୍ରମଣ, ୨ ଗିରଫ

ପୁରୀ ଅଫିସ,୨୭।୮- ଫାଷ୍ଟ ଫୁଡ ଦୋକାନରେ ପଶି ଜିନିଷ ପତ୍ର ନଷ୍ଟ କରିବା ଓ ଦୋକାନୀଙ୍କୁ ଆକ୍ରମଣ କରି ଟଙ୍କା ନେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଉନଥାନା ଅନ୍ତର୍ଗତ ଭିଆଇପି ରୋଡ୍ ନିକଟ ରହୁଥିବା ବାପି ନାୟକ (୩୦) ଓ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଙ୍କି ମୁହାଣ ତାରେଣୀ ସାହିର ପ୍ରତାପ ପଟ୍ଟନାୟକ ଓରଫ ବିଶ୍ୱଜିତ୍ (୨୬)। ପୋଲିସ ଏ ନେଇ ନଂ. ୧୯୫/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୧ଟାରେ ବାଙ୍କି ମୁହାଣ ଅଞ୍ଚଳର ଜିତେନ୍ଦ୍ର କୁମାର ଜେନା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ ଯେ, ସନ୍ଧ୍ୟା ପ୍ରାୟ ୮ ଟା ୩୦ରେ ଅଭିଯୁକ୍ତ ତାଙ୍କ ଫାଷ୍ଟ ଫୁଡ ଦୋକାନକୁ ଆସି ରୋଲ ଅର୍ଡର କରିଥିଲେ। ପରେ କିଛି ସମୟ ପରେ ଗାଳିଗୁଲଜ କରିବା ସହ ଦୋକାନରେ ଥିବା ୫ରୁ ୬ଟି ଅଣ୍ଡା ଟ୍ରେ, ଜିନିଷକୁ ନଷ୍ଟ କରିଥିଲେ। ଏ ନେଇ ଦୋକାନର ଜଣେ ଯୁବକ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତମାନେ ଆକ୍ରମଣ କରିବା ସହ ଜିତେନ୍ଦ୍ରଙ୍କ ପକେଟରୁ ୬୦୦ ଟଙ୍କା ନେଇ ପଳାଇଥିଲା। ଏ ନେଇ ଦୋକାନୀ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଦୁଇଜଣଙ୍କୁ ଗିରଫ କରିଛି।

# ବନ୍ୟାଞ୍ଚଳରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

ଗୋପ,୨୭।୮(ଡି.ଏନ୍.ଏ.):

ପୁରୀ ଜିଲାରେ ବନ୍ୟାର ତାଣ୍ଡବ ଦେଖାଯାଇଥିବା ବେଳେ ଏବେ ବନ୍ୟାଜଳ କମି ସାମାନ୍ୟ ସୁଧାର ଆସିଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା କମିନି। ବନ୍ୟା ଯୋଗୁ ଅଧିକାଂଶ ଲୋକଙ୍କ ଘର ବୁଡ଼ିଯାଇଥିବା ବେଳେ ହଜାର ହଜାର ଧାନ, ଫସଲ ନଷ୍ଟ ହୋଇଯାଇଛି। ଘର ଏବେ ବି ବନ୍ୟାଜଳ ଘେରରେ ଥିବାରୁ ଲୋକ ରୋଷେଇ କରି ନ ପାରି ରିଲିଫକୁ ଚାହିଁ ରହିଛନ୍ତି। ଏବେ କିଛି ଅଞ୍ଚଳରେ ବନ୍ୟାଜଳ କମିଥିବାରୁ କେତେଜଣ ବିପନ୍ନ ବିପନ୍ନ ଘରମୁହାଁ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବନ୍ୟାଞ୍ଚଳରେ କ୍ଷୟକ୍ଷତିର ଆକଳନ କରିବା ପାଇଁ ବ୍ଲକ ପ୍ରଶାସନ ଓ ତହସିଲ ଅଫିସ ସହିତ ଆଉ ଦୁଇ ଗୋଟି ବିଭାଗ


ଅଧିକାରୀମାନେ ବନ୍ୟା ଅଞ୍ଚଳରେ କ୍ଷୟକ୍ଷତି ନେଇ ତଦନ୍ତ କରୁଛନ୍ତି ।

ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏହି ଟିମ୍ ବ୍ଲକର ୯ଟି ବନ୍ୟା ପ୍ଲାବିତ ଅଞ୍ଚଳରେ ତଦନ୍ତ କରିବେ ବୋଲି ବିଡିଓ ଦୀପ୍ତି ରାଣୀ ଓ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୁଶଭଦ୍ରା ନଦୀର ଖଣ୍ଡିଆକୁଦ ନିକଟରେ ଏକ ୩୦ ଫୁଟର ଘାଇ ହେବା ଫଳରେ ୯ ପଞ୍ଚାୟତରେ ବନ୍ୟା ଜଳ ପଶିଥିଲା। ପରେ ଧନୁଆ ନଦୀ ବନ୍ୟାଜଳ ଆହୁରି ଅଧିକ ସମସ୍ୟା ସୃଷ୍ଟି କରିବା ଫଳରେ ୯ ପଞ୍ଚାୟତର ୪୧ଗାଁର ୨୯ହଜାରରୁ ଅଧିକ ଲୋକ ଜଳବନ୍ଦୀ ହୋଇଥିଲେ। ଏକ ସପ୍ତାହ ପର୍ଯ୍ୟନ୍ତ ଏହି ବନ୍ୟାଜଳ ଘେରରେ ବିପନ୍ନମାନେ ରହିଥିବା ବେଳେ କଚା ଘର ଭାଙ୍ଗିବା ସହ ଧାନ, ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ଏବେ ବନ୍ୟା ଛାଡ଼ିଯିବା ପରେ ଲୋକେ ଘରକୁ ଫେରିଛନ୍ତି। ଅନ୍ୟପଟେ ସରକାରଙ୍କ ନିର୍ଦ୍ଦେଶରେ ଏବେ ଗୋପର ଏହି ପଞ୍ଚାୟତରେ କ୍ଷୟକ୍ଷତିର ଆକଳନ କରାଯାଇଛି। କ୍ଷୟକ୍ଷତି ଆକଳନରେ ବ୍ଲକର ପଞ୍ଚାୟତ ଅଧିକାରୀ, ରାଜସ୍ୱ ନିରୀକ୍ଷକଙ୍କ ସହିତ କୃଷି ବିଭାଗ, ଉଦ୍ୟାନ ବିଭାଗ କର୍ମଚାରୀମାନେ ସାମିଲ ଅଛନ୍ତି। ଏହି କ୍ଷୟକ୍ଷତି ଆକଳନ ୩୦ ତାରିଖ ସୁଦ୍ଧା ଶେଷ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବିଡିଓ କହିଛନ୍ତି।

# ବନ୍ୟା କ୍ଷୟକ୍ଷତି ଆକଳନ

ଡେଲାଙ୍ଗ,୨୭।୮(ଡି.ଏନ୍.ଏ.):

ଡେଲାଙ୍ଗରେ ଦୟାନଦୀର କଣ୍ଟି ଓ ମାଧିପୁର କାଜରୁ ବନ୍ୟାଜଳ ଗଡିବା ଦ୍ୱାରା ଡେଲାଙ୍ଗ ବ୍ଲକର ୨୧ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୧୧ ପଞ୍ଚାୟତର ୫୭ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିଲା। ଏହାର କ୍ଷୟକ୍ଷତି ଅକଳନ କରି ଆସନ୍ତା ୨/୩ ଦିନ ମଧ୍ୟରେ ତଥ୍ୟ ଦେବା ପାଇଁ ପୁରୀ ଜିଲାପାଳ ବୁଧବାର ଏନେଇ ନିର୍ଦ୍ଦେଶ ଦେଇଥିଲେ। ତେବେ ଶନିବାର ୧୧ ପଞ୍ଚାୟତ ମଧ୍ୟରୁ ୨ ପଞ୍ଚାୟତର କ୍ଷୟକ୍ଷତି ଆକଳନ ସରିଥିବା ଜଣାପଡିଛି। ଚାଷୀଙ୍କୁ ସେମାନଙ୍କ କାଗଜପତ୍ର ଆର୍ଆଇ ଅଫିସ୍‌ରେ ଦାଖଲ କରିବାକୁ କୁହାଯାଇଛି। କ୍ଷୟକ୍ଷତି ଆକଳନରେ ଡେଲାଙ୍ଗ ତହସିଲଦାର ଦିଲୀପ ଷଡ଼ଙ୍ଗୀ ୧୨ଟି ରାଜସ୍ୱ ମଣ୍ଡଳ ଅନ୍ତର୍ଭୁକ୍ତ ୨୧ ପଞ୍ଚାୟତର ପ୍ରଭାବିତ ଘର, ଧାନ କ୍ଷେତ, ପରିବା ଚାଷ, ପ୍ରାଣୀ ସମ୍ପଦ ନିରୀକ୍ଷକ, ରୋଜଗାର ସେବକଙ୍କୁ ଏହି ଟିମରେ ସାମିଲ କରାଯାଇଛି। ରାଜସ୍ୱ ସୁପରଭାଇଜର ମନୋରଞ୍ଜନ ମିଶ୍ର, କୃଷି ବୈଷୟିକ ପରିଚାଳକ ଜ୍ଞାନରଞ୍ଜନ ହରିଚନ୍ଦନଙ୍କୁ ଅଧୀକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ ଏହି କାର୍ଯ୍ୟ ସମ୍ପାଦନ କରିବା କ୍ଷେତ୍ରରେ ପଞ୍ଚାୟତିରାଜ ପ୍ରତିନିଧି ଓ ଗ୍ରାମବାସୀ ଆକଳନ କର୍ମଚାରୀଙ୍କୁ ସହଯୋଗ କରିବା ପାଇଁ ତହସିଲଦାର ଷଡ଼ଙ୍ଗୀ ନିବେଦନ କରିଛନ୍ତି।

# ୪୧ ବର୍ଷ ପରେ ଚାରିଛକ ଫାଣ୍ଡି ହେଲା ଥାନା

ନିମାପଡ଼ା,୨୭।୮(ଡି.ଏନ୍.ଏ.):

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକଠାରେ ଭୋଦର, କଳାପାଞ୍ଚଣ, ଛଣିଜଙ୍ଘ, ତୁଳସୀପୁର, ବାହାରେଣା, ତମ୍ପାଲୋ ଆଦି ୬ ପଞ୍ଚାୟତର ୯୦ ଗ୍ରାମକୁ ନେଇ ୧୯୮୧ ମସିହାରେ ଚାରିଛକ ଫାଣ୍ଡି ପ୍ରତିଷ୍ଠା ହୋଇଥିଲା। ଏହି ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯିବା ପାଇଁ ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ଦଳିତ ସଙ୍ଗଠନ, ଚାରିଛକ ଅଞ୍ଚଳବାସୀ, ବ୍ୟବସାୟୀ ସଂଘ ପକ୍ଷରୁ ଦୀର୍ଘଦିନ ଧରି ସରକାରଙ୍କ ପାଖରେ ଦାବି ହୋଇ ଆସୁଥିଲା। ଏହି ଦାବି ଏବେ ବାସ୍ତବରେ ପରିଣତ ହୋଇଛି। ଦୀର୍ଘ ୪୧ ବର୍ଷ ପରେ ଏହି ଫାଣ୍ଡିକୁ ଥାନାର ମାନ୍ୟତା ମିଳିଛି। ରାଜ୍ୟରେ ଆଉ ୩୬ଟି ନୂଆ ଥାନା ଖୋଲିବା ପାଇଁ ଶନିବାର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାବେଳେ ଚାରିଛକ ଫାଣ୍ଡି ମଧ ଏହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି। ଏଥିପାଇଁ ଅଞ୍ଚଳବାସୀ, ବିଭିନ୍ନ ସଂଗଠନ, ଅନୁଷ୍ଠାନ, ଚାରିଛକ ପ୍ରେସକ୍ଲବ, ବ୍ୟବସାୟୀ ସଂଘ, ଦଳିତ ଅଧିକାର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଘରୋଇ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ପୁରୀ ଏସ୍‌ପି ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନୂତନ ଥାନା ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେଲେ ଚାରିଛକ ଅଞ୍ଚଳବାସୀ ବହୁଳ ଭାବେ ଉପକୃତ ହେବା ସହ ସେମାନଙ୍କୁ ଆଉ ୧୨/୧୫ କି.ମି. ନିମାପଡ଼ା ଥାନାକୁ ଯିବାକୁ ପଡିବ ନାହିଁ ବୋଲି କହିଥିଲେ।



ପୁରୀର ଭାରତ ବିକାଶ ପରିଷଦ ପକ୍ଷରୁ ଶନିବାର ଅନୁଷ୍ଠିତ ଜଣାଅଜଣା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

# ବଟି ଆଦାୟ କରି ୪ ଗିରଫ

ପୁରୀ ଅଫିସ,୨୭।୮

କୁମ୍ଭାରପଡା ଥାନା ଅଞ୍ଚଳରେ ବଟି ମାଗିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଅବକାଶ ଲେନ୍‌ର ଦେବବ୍ରତ ପ୍ରଧାନ (୩୩)। ପୋଲିସ ଅଭିଯୁକ୍ତ ଠାରୁ ୨୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୩୩/୨୨)ରେ ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ବଡଶଙ୍ଖଠାରେ ସ୍ଥାନୀୟ ଦୋକାନୀଙ୍କୁ ନାନା ଧମକ ଦେଇ ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମୁଦ୍ରକୂଳ ଥାନା ପୋଲିସ ଦାଦାବଟି ଆଦାୟ କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ ଧୋବା ସାହିର ନାରାୟଣ ରେଡି (୩୩) , ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖର ପୁରୁଷୋତ୍ତମ ରେଡି ଓରଫ ଏନ୍ ପପୁ (୨୨) ଏବଂ ଘୋଡାବାଜାର ନିକଟର ଆର. ରଘୁ ରେଡି (୩୫) । ପୋଲିସ ଏ ନେଇ ଏକ ମାମଲା (ନଂ. ୧୯୪/୨୨)ରେ ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଙ୍କି ମୁହାଣ ତାରେଣୀ ମନ୍ଦିର ସାହିର ମିନତୀ ପଟ୍ଟନାୟକ ଶୁକ୍ରବାର ଥାନାକୁ ଆସି ଅଭିଯୋଗ କରିଥିଲେ ଯେ, ପପୁ ଓ ନାରାୟଣ ରେଡି ତାଙ୍କ ପୁଅକୁ ବଟି ମାଗୁଛନ୍ତି। ତାଙ୍କ ପୁଅ ବିଶ୍ୱଜିତ୍ ଏବଂ ପ୍ରତାପ ପଟ୍ଟନାୟକ ଅର୍ଦ୍ଧବାନ ହାଟରେ ସେମାନଙ୍କ ଗାଡ଼ି ପାର୍କିଂ କରୁଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କ ନିକଟକୁ ଆସି ଭୁଜାଲି ଦେଖାଇ ୫୦ ହଜାର ଟଙ୍କା ବଟି ମାଗିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କ ସହ ତାଙ୍କର ଅନ୍ୟଜଣେ ସାଥୀକୁ ଗିରଫ କରିଥିଲେ।

## ତଳିଆ ଅଞ୍ଚଳକୁ ଗଲା ବନ୍ୟାଜଳ

କଣାସ,୨୭।୮(ସ୍ୱ.ପ୍ର.):

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳର ଉପରମୁଣ୍ଡ କଣ୍ଟି ଓ ମାଧିପୁର ନିର୍ଗତ ବନ୍ୟାଜଳ ଦ୍ୱାରା ଦୀର୍ଘ ୮ଦିନ ହେଲା ଡେଲାଙ୍ଗ ବ୍ଲକର ୬ ପଞ୍ଚାୟତ ଏବଂ କଣାସ ବ୍ଲକର ତ୍ରିଲୋଚନପୁର, ସିରେଇ, ଅଣ୍ଡାଳସିଂହ, ବିଜିପୁର, ବିନ୍ଧଣ, ଗଡସାହି, କଣାସ ପଞ୍ଚାୟତକୁ ବୁଡାଇ ରଖିଥିଲା। ହେଲେ ଗତ ଦୁଇଦିନ ହେଲା ଉକ୍ତ ବନ୍ୟାଜଳ ଧୀରେ ଧୀରେ ଉପରମୁଣ୍ଡରୁ ହ୍ରାସପାଇ ତଳିଆ ଅଞ୍ଚଳ ଖଣ୍ଡହତା, ଆଳିବାଡ, ଯାମଳଗୋଦା, ଗଡ଼ିଶାଗୋଦା ପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇଥିବାରୁ ଯୋଗାଯୋଗ ପ୍ରାୟ ବିଚ୍ଛିନ୍ନ ହୋଇଯାଇଛି।

# ୧୦୭ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

ପୁରୀ ଅଫିସ,୨୭।୮

ବ୍ରାଉନ ସୁଗାର କାରବାର କରିବା ବା ବିକ୍ରି କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୩ଜଣ ଅଭିଯୁକ୍ତକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ପୁରୀ ତାଳବଣିଆ ପୋଲିସ ଏବଂ ସ୍ପେଶାଲ ଟିମ ମିଳିତ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳହୋଇଛି। ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ନବକଳେବର ରୋଡର ରାକେଶ କୁମାର ବାରିକ୍ (୨୧), ନିମାପଡା ଥାନା ଅନ୍ତର୍ଗତ ଚାରିଛକ ଅଞ୍ଚଳର ଅଭିଜିତ୍ ଦାସ ଓରଫ ଅଭି (୨୨) ଏବଂ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ତ୍ରିନାଥ ନଗରର ଚିନ୍ମୟ ପ୍ରଧାନ ଓରଫ ଚିନୁ (୨୯)। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୧୦୭ ଗ୍ରାମ ଓଜନର ବ୍ରାଉନ ସୁଗାର, ନଗଦ ୩୧ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ଓଡି ୧୩ ଏମ ୬୫୮୯ ନମ୍ବର ବିଶିଷ୍ଟ ଟିଭିଏସ୍ ସ୍କୁଟି ଏବଂ ଓଡି ୦୪ ଆର୍ ୧୮୩୪ ନମ୍ବର ବିଶିଷ୍ଟ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ନଂ. ୧୧୮/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ୩ ଜଣ ବ୍ରାଉନ ସୁଗାର ବେପାରୀ ଆଖଣ୍ଡଳମଣୀ ରୋଡସ୍ଥିତ ହୁଲୁହୁଲିଆ ବ୍ରିଜ୍ ନିକଟରେ ଏକାଠି ହୋଇ ବ୍ରାଉନସୁଗାର କାରବାର କରୁଥିଲେ। ବିଶେଷ ସୂତ୍ରରୁ ଏହି ଖବରପାଇ ତାଳବଣିଆ ଥାନା ପୋଲିସ ଏବଂ ସ୍ପେସାଲ ଟିମ୍ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

# ଉପସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରାଇ ସ୍ୱାସ୍ଥ୍ୟକର୍ମୀ ପୁରସ୍କୃତ

କଣାସ,୨୭।୮(ସ୍ୱ.ପ୍ର.):

ପୁରୀ ଜିଲା କଣାସ ବ୍ଲକରେ ବନ୍ୟା ସମୟରେ ସବୁ ଅଞ୍ଚଳ ଜଳମଗ୍ନ ଥିବାବେଳେ ସେହି ସମୟରେ ପ୍ରସବ ବେଦନା ପାଉଥିବା ୪ଜଣ ଗର୍ଭବତୀଙ୍କୁ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରାଇ ଉଦାହରଣ ସୃଷ୍ଟି କରିଛନ୍ତି ଏହି ବ୍ଲକ କାଦୁଆ ପଞ୍ଚାୟତ ଅନ୍ତର୍ଗତ ସାହାସପୁର ଉପକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ମୁଲତା ମହାରଣା। ଏଥିପାଇଁ ଶୁକ୍ରବାର ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡାକ୍ତର ସୁଜତା ମିଶ୍ର ସମସ୍ତ ବ୍ଲକ ସ୍ୱାସ୍ଥ୍ୟ ସେବା ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକର୍ମୀ ମୁଲତାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଡାକ୍ତର ମିଶ୍ର କହିଥିଲେ, ଯେତେବେଳେ ଡାକ୍ତରମାନେ ପ୍ରସବ କରାଇବା ପାଇଁ ନାନା ଆଶଙ୍କା ମଧ୍ୟରେ କାର୍ଯ୍ୟ କରୁଛନ୍ତି। ବନ୍ୟା ଭଳି ସମୟରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ସାହାସର ସହିତ ଉପକେନ୍ଦ୍ରରେ ବିନା କୌଣସି ଅସୁବିଧାରେ ୪ଟି ପ୍ରସବ କରାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଅନ୍ୟ କର୍ମୀମାନଙ୍କ ପାଇଁ ସେ ସବୁବେଳେ ପ୍ରେରଣା ହେବେ। ତାଙ୍କର ଦୃଢ଼ବିଶ୍ୱାସ କାର୍ଯ୍ୟ ଯୋଗୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।


ସ୍ୱାସ୍ଥ୍ୟକର୍ମୀ ମୁଲତା ମହାରଣାଙ୍କୁ ପୁରସ୍କୃତ କରାଯାଉଛି ।

# ଡିସେମ୍ବର ୨ରେ ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ ଅଫିସ,୨୭।୮

**୨୫ ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବେ**

କଳିଙ୍ଗ ବଡି ବିଲ୍ଡିଂ ଫିଟନେସ୍ ଆସୋସିଏଶନ ପକ୍ଷରୁ ଡିସେମ୍ବର ୨ରୁ ୪ତାରିଖ ପର୍ଯ୍ୟନ୍ତ ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁଯାଉଛି। ଏ ନେଇ ଶନିବାର ଭିଆଇପି ରୋଡ୍‌ସ୍ଥିତ ଲିଜେଣ୍ଡ ଜିମ୍ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ୨୫ଟି ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗନେବେ। ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଅନୁଷ୍ଠିତ ହେବ। ବିଚ୍ ବରମୁଡା ମଡେଲ, ଜେଣ୍ଟସ ଡେନିମ ଜିନ୍ସ ମଡେଲ, ମହିଳାମାନଙ୍କ ବିକିନି, ସ୍ପୋର୍ଟ୍ସ ମଡେଲ ଭେଟେରାନ ଭଳି ୨୫ଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କୃତୀ ପ୍ରତିଯୋଗୀଙ୍କ ନିମନ୍ତେ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ରାଶିର ବ୍ୟବସ୍ଥା କରାଯାଇଥିବା ବେଳେ ମୁଖ୍ୟ ଆକର୍ଷଣ ରହିବ ରୟାଲ ଏନଫିଲଡର କ୍ଲାସିକ ମଡେଲ ବାଇକ୍। ଯେଉଁ ପ୍ରତିଯୋଗୀ ସର୍ବାଧିକ ବର୍ଗରେ ଉତ୍ତୀର୍ଣ୍ଣ ହେବେ ତାଙ୍କୁ ବୁଲେଟ ଗାଡିଟି ପୁରସ୍କାର ରୂପେ ପ୍ରଦାନ କରାଯିବ ବୋଲି ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗୌରୀ ଶଙ୍କର ସିଂହାରୀ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା, ଉପସଭାପତି ସଂଜୀବ ରଥ ଶର୍ମା, ସନ୍ତୋଷ ଆଡିହ, ସଦସ୍ୟ ରାମ ନାରାୟଣ ନାୟକ, ଶିଶିର ମିଶ୍ର, ଦିବ୍ୟଜ୍ୟୋତି ସାମନ୍ତରାୟ, ଶିବ ନାରାୟଣ ପ୍ରହରାଜ, ମଧୁସ୍ମିତା ରଥ, ରବିନ ସାହୁ, ଭବାନୀ ଦାସ, ଚିନ୍ମୟ ବିଷୋୟୀ, ରୂପକ ଭକ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟାକ୍ଲିଷ୍ଟ ପରିବାରଙ୍କୁ ସହାୟତାର ହାତ

ନିମାପଡ଼ା,୨୭।୮(ଡି.ଏନ୍.ଏ.):

ଭାରତୀୟ ରେଡକ୍ରସ ସୋସାଇଟି (ଆଇଆର୍‌ସିଏସ୍) ଓଡ଼ିଶା ଶାଖା ଅବୈତନିକ ସଚିବ ସି.ଟି.ଏମ୍. ସୁଗୁଣା (ଆଇଏଏସ୍)ଙ୍କ ତତ୍ତ୍ୱାବଧାନରେ ଶନିବାର ୪ ହଜାର ବନ୍ୟା ବିପନ୍ନ ପରିବାରଙ୍କୁ ରିଲିଫ୍ ପ୍ରଦାନ କରାଯାଇଛି। ନିମାପଡ଼ା ବ୍ଲକର ବନ୍ୟା କ୍ଷତିଗ୍ରସ୍ତ ଧଳେଶ୍ୱର, ଅନ୍ଧୁଆର, ସଲଙ୍ଗ, ବଡଶିରୁଲା, ଧନୁଆଁ ଆଦି ୫ ପଞ୍ଚାୟତର ୩୦ ଗ୍ରାମରେ ୧୫ ଶହ ପ୍ୟାକେଟ୍ ରିଲିଫ୍ ସାମଗ୍ରୀ ବଣ୍ଟନ ହୋଇଛି। ଜୁନିୟର୍ ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ, ନିମାପଡ଼ା କଲେଜର ଯୁବ ରେଡକ୍ରସ କାଉନ୍‌ସିଲ୍‌ର ଅଧ୍ୟାପକ ସୁବ୍ରତ ମହାନ୍ତି, କଲେଜ ସ୍ୱେଚ୍ଛାସେବୀ, ବ୍ଲକର ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଯୁବନେତା ଅଶୋକ ସାହୁ, ସଞ୍ଜୟ ପାତ୍ର ପ୍ରମୁଖ ସହାୟତା କରିଥିଲେ।

ଅନ୍ୟପଟେ ନିମାପଡ଼ା ଯୁବ ସ୍ୱେଚ୍ଛାସେବୀ ସଂଗଠନ ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ନିମାପଡ଼ା ବ୍ଲକ ଅନ୍ତର୍ଗତ ବାମନାଳ ପଞ୍ଚାୟତର ପିପଲିଆ ଓ ଭୁତୁପଦା ଗ୍ରାମଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଶହ ବନ୍ୟା ବିପନ୍ନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଥିଲା। ଡ. ଜୟ ପ୍ରକାଶ ଦାସ ଔଷଧ ଯୋଗାଇଥିଲେ। ନିମାପଡ଼ା କଲେଜ ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର ଓ ସୁଜନ୍ସ ମେଡିକାଲ ପକ୍ଷରୁ ଔଷଧ ଯୋଗାଇ ଦିଆଯାଇଥିଲା। ଏହିଅବସରରେ ବାମନାଳ ପଞ୍ଚାୟତର ୫ ଶହରୁ ଊର୍ଦ୍ଧ୍ୱ ପରିବାରକୁ ରିଲିଫ୍ ବଣ୍ଟନ ହୋଇଛି। ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜାଙ୍କ ନେତୃତ୍ୱରେ ସଭ୍ୟ ସୋମିତା ଭାଟିଆ, ସୁଲଗ୍ନା ସାହୁ, ସୁଦର୍ଶନ ପ୍ରଧାନ, ମହେଶ ପ୍ରଧାନ ପ୍ରମୁଖ ସଂଯୋଜନା ଓ ପରିଚାଳନା କରୁଥିଲେ।

**ପିପିଲି/ବାଲକାଟୀ, (ଡି.ଏନ୍.ଏ.):** କୌଶଲ୍ୟାଗଙ୍ଗସ୍ଥିତ ସିଫା ପକ୍ଷରୁ ପୁରୀ ଜିଲା ଗୋପ ବ୍ଲକ ନାଗପୁର ପଞ୍ଚାୟତ ଦଳଭା ଗ୍ରାମର ବନ୍ୟା ବିପନ୍ନଙ୍କୁ ଶୁକ୍ରବାର ରିଲିଫ୍ ବଣ୍ଟନ କରାଯାଇଛି। ବ୍ଲକରେ ପ୍ରବାହିତ କୁଶଭଦ୍ରା ନଦୀର ଖଣ୍ଡିଆ କୁଦଠାରେ ଘାଇ ଫଳରେ ଗ୍ରାମରେ ୧୨ ଦିନ ଧରି ଜଳମଗ୍ନ ହୋଇ ରହିଥିଲା। ତଫସିଲଭୁକ୍ତ ଜାତି ଓ ସାଧାରଣ ବର୍ଗର ପ୍ରାୟ ୨୫୦ ଜଣ ମହିଳା ଓ ୩୫୦ ଜଣ ପୁରୁଷ ଓ ୭ ଜଣ ଦିବ୍ୟାଙ୍ଗଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ ହୋଇଛି। ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ସିଫାର ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁଙ୍କ ନେତୃତ୍ୱରେ ମତ୍ସ୍ୟ ଅନୁବଂଶୀକ ବିଭାଗ ମୁଖ୍ୟ ଡ. ପି. ଦାସ, ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଜି. ଏସ୍. ସାହା, ବରିଷ୍ଠ ବୈଷୟିକ ଅଧିକାରୀ ଦୁର୍ଗା ପ୍ରସାଦ ରଥ, ଶିଶିର ମହାନ୍ତି ଓ ସିଫାର ଅନ୍ୟାନ୍ୟ କର୍ମଚାରୀମାନେ ପରିଚାଳନା କରିଥିବାବେଳେ ଦଳଭା ଗ୍ରାମର ପ୍ରଶାନ୍ତ ବିଶ୍ୱାଳ, ପ୍ରଦୀପ୍ତ ସ୍ୱାଇଁ, କାଳନ୍ଦୀ ବାରିକ, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ଗ୍ରାମବାସୀ ଏହି ରିଲିଫ୍ ବଣ୍ଟନରେ ସହଯୋଗ କରିଥିଲେ।

**ପୁରୀ ଅଫିସ–** ରାମକୃଷ୍ଣ ମିଶନ ଆଶ୍ରମ ପୁରୀ ତରଫରୁ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଆପ୍ତେଶ୍ୱରନନ୍ଦ ମହାରାଜଙ୍କ ନିର୍ଦ୍ଦେଶରେ ଓ ସ୍ୱାମୀ ଯୋଗପୂର୍ଣ୍ଣାନନ୍ଦ ମହାରାଜଙ୍କ ନେତୃତ୍ୱରେ ଓ ସ୍ୱାମୀ କ୍ରିଷ୍ଣାରୂପାନନ୍ଦଙ୍କ ପୂର୍ଣ୍ଣସହଯୋଗରେ ଗତ ୨୨ ତାରିଖରେ କଣାସ ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତର ବନ୍ୟା ପ୍ରୀଡ଼ିତ ଗ୍ରାମରେ ଏକ ସର୍ଭେ କରାଯାଇଥିଲା। ପରେ ୨୩ ତାରିଖରେ ଗଡ଼ବଳଭଦ୍ର ପୁର ପଞ୍ଚାୟତର ମନିଜିପୁର, ଧୂଆଁଳ ଗ୍ରାମରେ ୧୦୦୦ ଲୋକଙ୍କ ପାଇଁ ରନ୍ଧାଖାଦ୍ୟ କରି ଦିଆଯାଇଥିଲା। ୨୪ରେ କେଶରପୁର, ମନିଜିପୁର ଓ ଧୂଆଁଳରେ ୩୦୦୦ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟାଯାଇଥିଲା। ସେହିପରି ୨୬ରେ ଶୁଖିଲା ଖାଦ୍ୟ ଓ ୫କେଜି ପାନୀୟ ଜଳ ସାହୁପଡ଼ା ପଞ୍ଚାୟତର ବନ୍ଧାମୁଣ୍ଡା ଗ୍ରାମର ୫୯୦ ପରିବାର, ବେଲତୁଣ୍ଡାର ୧୭୦, ଟାଇଁଲୋରର ୮୦ ପରିବାର, ଚୁପୁରିଙ୍ଗି ପଞ୍ଚାୟତ ପାହିଲୁଣ୍ଡିର ୩୦, କଉଡ଼ିପୁର ଗ୍ରାମର ୨୦ ପରିବାରଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ସେହିପରି ଶନିବାର ଗାଦେବଳଭଦ୍ରପୁର ପଞ୍ଚାୟତର ରକ୍ତପଟା ଗ୍ରାମରେ ୨୦୦ ପରିବାର ପାଇଁ ଶୁଖିଲା ଖାଦ୍ୟ ବଣ୍ଟାଯାଇଛି। କାର୍ଯ୍ୟକ୍ରମରେ ମ୍ୟାନେଜିଂ କମିଟି ମେମ୍ବର ଅଧ୍ୟାପକ ସୁକାନ୍ତ ମହାନ୍ତି, ରମେଶ ନାୟକ, ବିଦ୍ୟାଧର ପଟ୍ଟନାୟକ, ସ୍ୱଦେଶ ନରେନ୍ଦ୍ର, ଦୁଷ୍ମନ୍ତ ମଙ୍ଗରାଜ, କଣାସ ଜଗନ୍ନାଥ ସେବା ପ୍ରତିଷ୍ଠାନର ସମ୍ପାଦକ ପ୍ରସନ୍ନ ପାଇକରାୟ ଏବଂ ଭିକାରି ବଳିୟାର ସିଂ ପ୍ରମୁଖଙ୍କ ସହଯୋଗରେ ବଣ୍ଟାଯାଇଥିଲା।



ନିମାପଡା ରେଡକ୍ରସ ପକ୍ଷରୁ ବିପନ୍ନଙ୍କୁ ସହାୟତା ପାଇଁ ଏକ ଗାଡି ବାହାରିଛି ।


ପୁରୀର ରାମକୃଷ୍ଣ ମିଶନ ଆଶ୍ରମ ପକ୍ଷରୁ କଣାସ ଅଞ୍ଚଳରେ ବିପନ୍ନଙ୍କୁ ରିଲିଫ ଦିଆଯାଉଛି ।

## ସଂକ୍ଷେପରେ

### ଭଦ୍ରେଶ୍ୱର, ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା

ମାହାଙ୍ଗା/ତିଗିରିଆ, ୨୭।୮(ସ୍ୱ.ପ୍ର./ଡି.ଏନ୍.ଏ.): ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡିକୁ ଥାନାର ମାନ୍ୟତା ମିଳିଛି। ୧୯୮୨ରେ ମାହାଙ୍ଗାର ପୂର୍ବାଞ୍ଚଳରେ ଆଇନଶୃଙ୍ଖଳା ସେବା ଯୋଗାଇଦେବା ପାଇଁ ତତ୍କାଳୀନ ବିଧାୟକ ସେକ ମତ୍‌ଲୁବ ଅଲ୍ଲିଙ୍କ ଉଦ୍ୟମରେ ଏହି ଫାଣ୍ଡି ପ୍ରତିଷ୍ଠା କରାଯାଇଥିଲା। ଏହି ଫାଣ୍ଡି ଅଧୀନରେ କୁରୁଜଙ୍ଗା,ଗୋପାଳପୁର, ଭଦ୍ରେଶ୍ୱର,ଗୋଡରା, ଉମର, ନାହାଙ୍ଗ ଓ ହଳଦିଆ ପଞ୍ଚାୟତ ରହିଛି। ଏହାକୁ ଥାନାର ମାନ୍ୟତା ଦେବା ପାଇଁ ଦୀର୍ଘ ଦିନ ହେବ ଦାବି ହୋଇଆସୁଥିଲା। ସେହିପରି ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆବନ୍ଧ ଫାଣ୍ଡି ୧୯୩୯ରେ ପ୍ରତିଷ୍ଠା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୩୬ ଫାଣ୍ଡିକୁ ଶନିବାର ଥାନା ମାନ୍ୟତା ଦିଆଯାଇଥିବାବେଳେ ସେଥିମଧ୍ୟରେ ଭଦ୍ରେଶ୍ୱର, ମାଣିଆବନ୍ଧ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

### ଚକ୍ଷୁ ଚିକିତ୍ସା ଶିବିର

ବାଙ୍କୀ,୨୭।୮(ସ୍ୱ.ପ୍ର./ବି.ପ୍ର.): ଡମପଡ଼ା ବ୍ଲକ ଘାସିପୁଟ ପଞ୍ଚାୟତ ଭବନ କାର୍ଯ୍ୟାଳୟରେ କଟକ ମର୍ଡନ ଆଇକେୟାର ଓ କୁଶୁପଙ୍ଗି ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ବ୍ୟକ୍ତି ଯୋଗଦେଇ ନିଜର ଚକ୍ଷୁ ପରୀକ୍ଷା କରିଥିଲେ। ଡାକ୍ତର ଡୋଲ ବରାଳ ଏହି ଅବସରରେ ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବସନ୍ତ କୁମାର ବେଉରା, ନରେଶ ଚନ୍ଦ୍ର ବେଉରା, ଅଜୟ କୁମାର ସ୍ୱାଇଁ, ଶ୍ୟାମ ସୁନ୍ଦର ନାୟକ, ଜଗବନ୍ଧୁ ସାମଲ ଓ ମନୋଜ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।

### ୫ଶହ ନାପକିନ୍ ବଣ୍ଟନ

ବାଙ୍କୀ,୨୭।୮(ସ୍ୱ.ପ୍ର.): ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବନ୍ୟା ପ୍ଲାବିତ ଓସ୍ତିଆ ଓ ସୁବର୍ଣ୍ଣପୁରରେ ୫୦୦ ମହିଳା ଓ ବାଳିକାଙ୍କୁ ମାଗଣାରେ ନାପକିନ୍ ବଣ୍ଟନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାନଭଞ୍ଜ ଦଳେଇ ଏବଂ ବ୍ଲକ ପୋଗ୍ରାମ ମ୍ୟାନେଜର ସଙ୍ଗୀତା ଦାଶ ପରିଚାଳନା କରିଥିଲେ। ଆଶାକର୍ମୀ ମିନାରାଉତ ଏବଂ ଅଙ୍ଗନୱାଡି କର୍ମୀ ବିଜୟ ଲକ୍ଷ୍ମୀ ରାଉତ ଏଥିରେ ସହଯୋଗ କରିଥିଲେ।

### ୧୬୦ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ

ବାଙ୍କୀ,୨୭।୮(ସ୍ୱ.ପ୍ର./ବି.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସଂସ୍ଥା ତରଫରୁ ବ୍ଲକ ଅନ୍ତର୍ଗତ ଅନୁଆରୀ ପଞ୍ଚାୟତସ୍ଥିତ ବାଇଗଣି ଗ୍ରାମରେ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଅଧାପକ ଓ ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ୧୬୦ ଜଣ କ୍ଷତିଗ୍ରସ୍ତ ପରିବାରକୁ ରିଲିଫ୍ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଅଧାପକ କ୍ୟାପଟେନ ଗୁରୁବାରୀ ସାହୁ, ଡ.ବିଶ୍ୱରଞ୍ଜନ ସାହୁ ଏବଂ ଡ.ଅଭିମନ୍ୟୁ ରଣା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ମୁର୍କୁଣ୍ଡି ବାଣେଶ୍ୱରୀ ଶିବ ମନ୍ଦିର।


ମନ୍ଦିର ପରିସରରେ ପିଲାମାନଙ୍କୁ ପାଠପଢ଼ା ଯାଉଛି।

# ଦେବାଳୟରେ ଚାଲୁଛି ବିଦ୍ୟାଳୟ

ସାଲେପୁର,୨୭।୮( ଡି. ଏନ.ଏ)

- ବିଦ୍ୟାଳୟର ନାହିଁ ନିଜସ୍ୱ ଜମି
- ପର୍ବପର୍ବାଣି ସମୟରେ ପାଠପଢ଼ା ଠପ୍
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ

ରାଜ୍ୟ ସରକାର ୫-ଟି ମାଧ୍ୟମରେ ଜିଲାର ଶିକ୍ଷା ବ୍ୟବସ୍ଥା ସୁଧାରିବାକୁ ପ୍ରୟାସ ଚଳାଇଛନ୍ତି। ପିଲାଙ୍କୁ ଉନ୍ନତମାନର କ୍ଲାସ ରୁମ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାସତ୍ତ୍ୱେ ପିଲାଙ୍କ ଅସୁବିଧା ଦୂର ହେଉନାହିଁ। କଟକ ଜିଲାରେ ଏପରି ବି ସ୍କୁଲ୍ ରହିଛି, ଯେଉଁଠି ବିଦ୍ୟାଳୟ ବଦଳରେ ଦେବାଳୟରେ ପାଠପଢ଼ା ଚାଲିଛି। ସାଲେପୁର ଶିକ୍ଷା ମଣ୍ଡଳ ଅଧୀନ ମୁର୍କୁଣ୍ଡି ବାଣେଶ୍ୱରୀ ଶିବ ମନ୍ଦିରରେ ଏହା ଦେଖିବାକୁ ମିଳିଛି। ଏହି ମନ୍ଦିର ପରିସରରେ ୭ ବର୍ଷ ହେବ ଦାଶ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଚାଲିଛି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୪୦ରୁ ଉର୍ଦ୍ଧ୍ୱ ପିଲା ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ପିଲାମାନେ ମନ୍ଦିର ପ୍ରାଙ୍ଗଣରେ ଖୋଲାରେ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ପିଲାମାନେ ପଢୁଥିବା ସ୍ଥାନରେ ଝରକା କବାଟ ଅବା କାଠ ଆଦି ନ ଥିବାରୁ ବର୍ଷା ଋତୁରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନେକ ସମୟରେ ମାଙ୍କଡ଼ ଓ କୁକୁର କାମୁଡ଼ିବାର ଭୟ ପିଲାଙ୍କୁ ଘାରିଥାଏ। ବିଦ୍ୟାଳୟରେ ୨ ଜଣ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଉଥିବା ବେଳେ କୌଣସି ପର୍ବପର୍ବାଣୀ ସମୟରେ ଜନଗହଳି ହେତୁ ପିଲାଙ୍କ ପାଠପଢ଼ା ଠପ୍ ହୋଇଯାଏ। ପିଲାଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ମଧ୍ୟ ମନ୍ଦିର ପରିସରରେ କରାଯାଏ। ବିଦ୍ୟାଳୟର ବହୁବିଧ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ଦାଶ କୁହନ୍ତି, ବିଦ୍ୟାଳୟର ନିଜସ୍ୱ ଗୃହ ଅବା ଜମି ନ ଥିବାରୁ ସ୍କୁଲର ନାମ ଅବା ଫଳକ କେଉଁଠି ମିଳିବନାହିଁ। ଏନେଇ ଅନେକଥର ପ୍ରଶାସନକୁ ଅବଗତ କରାଯାଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ କହିଛନ୍ତି, ସ୍କୁଲର ନିଜସ୍ୱ ଜାଗା ପାଇଁ ବ୍ୟବସ୍ଥା କଲାପରେ ସ୍କୁଲ ଗୃହ ପାଇଁ ପଦକ୍ଷେପ ନିଆଯିବ।

## ବିଦ୍ୟୁତ୍ ସବ୍‌ଷ୍ଟେଶନ ଶିଳାନ୍ୟାସ କଲେ ଶକ୍ତିମନ୍ତ୍ରୀ

ନରସିଂହପୁର,୨୭।୮(ସ୍ୱ.ପ୍ର.)

ନରସିଂହପୁର ବ୍ଲକ ଅଧୀନ ସାଗର ଗ୍ରାମରେ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ୩୩/୧୧ ବିଦ୍ୟୁତ୍ ସବ୍‌ଷ୍ଟେଶନର ଶିଳାନ୍ୟାସ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତି, ଶିଳ୍ପ, କ୍ଷୁଦ୍ର,ଶିଳ୍ପ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭିତ୍ତିପ୍ରସ୍ତର କରିଛନ୍ତି। ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର, କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ପରେ ୫-ଟି ଅଧୀନରେ ରୂପାନ୍ତରିତ ହୋଇଥିବା ସାଗରସ୍ଥିତ ବିଦ୍ୟାଧର ଶତ୍ରୁଜିତ୍ ବିଦ୍ୟାପୀଠକୁ ମନ୍ତ୍ରୀ ଉଦଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବରେ ଯୋଗ ଦେଇ ସେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ନରସିଂହପୁର ତହସିଲଦାର ଆଲୋକ ରଞ୍ଜନ ଦେହୁରୀ, ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଶରତ ବେହେରା ସମ୍ମାନିତ


ଶରତ ବେହେରାଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯାଉଛି।

ସାଲେପୁର,୨୭।୮(ଡି.ଏନ୍.ଏ.)

ସଙ୍ଗୀତ ଗୁରୁ ତଥା ସୁନାମଧନ୍ୟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଶରତ ବେହେରାଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ସୁଲତା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସାଲେପୁର ବ୍ଲକ ବଳଭଦ୍ରପୁର ଗ୍ରାମର ଶରତ ବେହେରା ପେସାରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ହୋଇଥିବାବେଳେ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଛି। ନିକଟରେ ଅଭିପ୍ସା ଅନୁଷ୍ଠାନ ଦ୍ୱାରା ଆୟୋଜିତ ସମ୍ମିଳନୀରେ ବେହେରାଙ୍କୁ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଶ୍ରୀତମ୍ ଦାଶ 'ଓଡ଼ିଶା ଶିଳ୍ପୀ ରତ୍ନ' ସମ୍ମାନରେ ସମ୍ମାନିତ କରିଥିଲେ।

## ୪ ବିଭାଗରେ ଖୋଲିଲା ପି.ଜି. ପାଠ୍ୟକ୍ରମ

**ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ**

ସାଲେପୁର,୨୭।୮(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ୪ ବିଭାଗରେ ପିଜି ପାଠ୍ୟକ୍ରମ ଖୋଲିଛି। ସେଗୁଡ଼ିକ ହେଲା ରସାୟନ ବିଜ୍ଞାନ, ଗଣିତ, ଶିକ୍ଷା ଓ ସଂସ୍କୃତ ବିଭାଗ। ଉଚ୍ଚ ଶିକ୍ଷା ବିଭାଗ ଓ ଆଞ୍ଚଳିକ ଶିକ୍ଷାନିର୍ଦ୍ଦେଶକଙ୍କ ଅନୁମୋଦନ କ୍ରମେ ଏହି ପାଠ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତି ବିଭାଗରେ ୩୨ ଲେଖାଏ ସିଟ୍ ରହିଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶଙ୍କ ସହ ସମସ୍ତ ସଭ୍ୟ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନଗରପାଳଙ୍କ ଉଦ୍ୟମରେ ଘରକୁ ଫେରିଲେ ବୃଦ୍ଧା


ବୃଦ୍ଧା ଦୁଲା ଦେଇଙ୍କ ସହ ନଗରପାଳ ମାଣିକ ସାହୁ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ବାଙ୍କୀ,୨୭।୮(ସ୍ୱ.ପ୍ର.)

ବାଙ୍କୀ ଏନଏସି ଅନ୍ତର୍ଗତ ୩ନଂ.ୱାର୍ଡ ଶିଶୁଆ ବାଲିସାହିର ବୃଦ୍ଧା ଦୁଲା ଦେଇ(୮୫) ଘର ଛାଡ଼ି ନିର୍ମାଣାଧୀନ ଗାଁ କୋଠଘରେ ଦୁଃଖକଷ୍ଟରେ ରହୁଥିଲେ। ଏ ସଂକ୍ରାନ୍ତରେ ଖବର ପାଇବା ପରେ ବାଙ୍କୀ ନଗରପାଳ ମାଣିକ ସାହୁ ସ୍ଥାନୀୟ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କୁ ଅବଗତ କରିଥିଲେ। ନିଜ ଘର ରନ୍ଧା ଖାଦ୍ୟ ଓ ଚା ବିସ୍କୁଟ ଆଦି ନେଇ ନଗରପାଳ ସେଠାକୁ ଯାଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୨ ପୋଲିସ ଅଧିକାରୀ ଦୁଲାଙ୍କୁ ନେଇ ତାଙ୍କ ଘରେ ଛାଡିବା ସହିତ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ନରଗପାଳ ବି ଏ ସଂକ୍ରାନ୍ତରେ ବୃଦ୍ଧାଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଶିଶୁଆ ଗ୍ରାମର ୩ନଂ. ୱାର୍ଡ କାଉନସିଲର ଅଶାନ୍ତି ରାଉତ, ୪ନଂ. ୱାର୍ଡ କାଉନସିଲର ସନାତନ ବେହେରା, ପୂର୍ବତନ କାଉନସିଲର ଖଗେନ୍ଦ୍ର ରାଉତ, ରାଜେଶ ମିଶ୍ର, ନକୁଳ ପରିଡା, ବିଧାନ ବେହେରା, ସୁନୀଲ ସାହୁ, ପ୍ରମୋଦ ରାଉତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ନଳକୂପ ଅଚଳ, ପାଣି ପାଇଁ ଲୋକେ ଡହଳବିକଳ

ବାଙ୍କୀ,୨୭।୮(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଭଗିପୁର ଗ୍ରାମର ମୁଖ୍ୟରାସ୍ତା ଛକର ନଳକୂପଟି ଅଚଳ ହୋଇ ପଡି ରହିଛି। ଫଳରେ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହିତ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏହି ନଳକୂପଟି ମରାମତି କରା ନ ଗଲେ ଜନସାଧାରଣ ରାସ୍ତାରୋକୋ କରିବେ ବୋଲି ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତୁରନ୍ତ ନଳକୂପ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ଭଗିପୁର ଗ୍ରାମର ମୁଖ୍ୟ ରାସ୍ତାରେ ଅଚଳ ହୋଇଯାଇଥିବା ନଳକୂପ।

## ମାଣିଆବନ୍ଧ କଲେଜ ଅଧ୍ୟକ୍ଷଙ୍କ ସ୍ତ୍ରୀଙ୍କ ପରଲୋକ

ତିଗିରିଆ, ୨୭।୮(ଡି. ଏନ. ଏ )

ବଡମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧସ୍ଥିତ ମାଣିଆବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଜୟ କୁମାର ଶତପଥୀଙ୍କ ସ୍ତ୍ରୀ ଗୀତାରାଣୀ ପଣ୍ଡାଙ୍କ ଅକାଳ ବିୟୋଗ ଘଟିଛି। ସେ କିଛି ଦିନ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତଦେହକୁ ଶ୍ୱଶୁରଘର ଯାଜପୁର ଜିଲାର ଶୁଳିଆଶାସନକୁ ନିଆଯାଇଛି। ଗୀତାରାଣୀ ଅଭିରାମ ପରମହଂସ ଉପ୍ରା ବିଦ୍ୟାଳୟ, ଦାମୋଦରପୁରଠାରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ପ୍ରକୃତି ପ୍ରେମୀ, ମିଷ୍ଟଭାଷୀ, ପରୋପକାରୀ ଓ ସରଳ ମଣିଷ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବନ୍ୟା ଅଞ୍ଚଳରେ ମନ୍ଦିର କୂପ ବିଶୋଧନ

ବାଙ୍କୀ,୨୭।୮(ସ୍ୱ.ପ୍ର./ବି.ପ୍ର.)

ଭାରତୀୟ କିଷାନ ସଂଘ ବାଙ୍କୀ ଶାଖା ଆନୁକୂଲ୍ୟରେ ବାଙ୍କୀର ବନ୍ୟାଞ୍ଚଳରେ ରହିଥିବା ମନ୍ଦିରର କୂପଗୁଡ଼ିକୁ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରାଯାଇଛି। ଏହି ଅବସରରେ ହରିରାଜପୁର-ଚକାପଦାସ୍ଥିତ ପ୍ରଭୁ ଅଖଣ୍ଡେଶ୍ୱର ମନ୍ଦିର ପରିସରରେ ଥିବା କୂପଗୁଡ଼ିକୁ ବିଶୋଧନ କରାଯାଇଛି। ଭାରତୀୟ କିଷାନ ସଂଘ ବାଙ୍କୀ ସଭାପତି ରବୀନ୍ଦ୍ର କୁମାର ସାହୁ ଏହାର ନେତୃତ୍ୱ ନେଇଥିଲେ। ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରା ଓ ରଞ୍ଜିତ ରାଉତ ଏଥିରେ ସହାୟତା କରିଥିଲେ।

## ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ଦେବାକୁ ଦାବି

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ସଂସ୍କୃତି ଓ କଳାର ରାଜ୍ୟ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ପୂଜା ପାଇଁ ମୂର୍ତ୍ତି ଗଢାଯାଉଥିବାବେଳେ ସେଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ରାସାୟନିକ ରଙ୍ଗର ପ୍ରୟୋଗ କରାଯାଉଛି। ପରେ ସେହି ମୂର୍ତ୍ତିକୁ ପାଣିରେ ବିସର୍ଜନ କରିବା ଫଳରେ ରାସାୟନିକ ରଙ୍ଗ ପ୍ରଭାବରେ ପାଣି ପ୍ରଦୂଷିତ ଓ ବିଷାକ୍ତ ହେଉଛି। ତେଣୁ କୌଣସି ମୂର୍ତ୍ତିରେ ରାସାୟନିକ ରଙ୍ଗ ନ ଦେଇ ପ୍ରାକୃତିକ ରଙ୍ଗ ଦେବା ପାଇଁ ସାମାଜିକ ଅନୁଷ୍ଠାନ 'ପ୍ରେରଣା' ପକ୍ଷରୁ ଦାବି କରାଯାଇଛି।

ମୂର୍ତ୍ତିରେ ପ୍ରୟୋଗ ହେଉଥିବା ରାସାୟନିକ ରଙ୍ଗ ମଧ୍ୟରେ ଆର୍ସେନିକ, ପାରଦ, କ୍ରୋମିୟମ, କାଡ଼ମିୟମ ଓ ସୀସା ଆଦି ଅନେକ ପ୍ରକାର ବିଷାକ୍ତ ଭାରିଧାତୁ ରହିଥାଏ। ଏହା ବ୍ୟତୀତ ମୂର୍ତ୍ତିଗୁଡ଼ିକୁ ଚିକ୍କଣ କରିବା ପାଇଁ ପ୍ଲାଷ୍ଟର ପ୍ୟାରିସ ଆଦି ପରିବେଶ ପ୍ରଦୂଷଣଜନିତ ଦ୍ରବ୍ୟ ବ୍ୟବହାର ହୁଏ। ଏଗୁଡ଼ିକ ସାମୟିକ ଭାବେ ମୂର୍ତ୍ତିଗୁଡ଼ିକୁ ଆକର୍ଷଣୀୟ କରୁଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ମନୁଷ୍ୟ ଓ ପଶୁପକ୍ଷୀଙ୍କୁ ବିଭିନ୍ନ ରୋଗର ଶିକାର କରିବା ସହିତ ମୃତ୍ୟୁମୁଖକୁ ଟାଣି ନେଉଛି। ମୂର୍ତ୍ତିଗୁଡ଼ିକ ବିସର୍ଜନ ହେଲାବେଳେ ନଦୀର ପାଣି ଏହି ରାସାୟନିକ ରଙ୍ଗ ଦ୍ୱାରା ବିଷାକ୍ତ ହୋଇଥାଏ। ଏହି ପାଣି ପିଇଲେ କିମ୍ବା ସେଥିରେ ଗାଧୋଇଲେ ନାନାଦି ପେଟ ଓ ଚର୍ମରୋଗ ସୃଷ୍ଟି ହୋଇଥାଏ। ସେହିପରି ବହୁ ଉଚ୍ଚଶବ୍ଦର ଡିଜେ ବଜାଇବା ସହ ଶବ୍ଦଯୁକ୍ତ ବାଣ ଫୁଟାଇ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରିବାକୁ ନେଲାବେଳେ ଉଭୟ ବାୟୁ ଓ ଶବ୍ଦ ପ୍ରଦୂଷିତ ହୋଇଥାଏ। ତେଣୁ ସଂସ୍କୃତିର ସୁରକ୍ଷା ସହିତ ପରିବେଶର ସୁରକ୍ଷା ପାଇଁ ରାସାୟନିକ ରଙ୍ଗ ଏବଂ ଉଚ୍ଚଶବ୍ଦଯୁକ୍ତ ଡିଜେ ଓ ବାଣକୁ ବାରଣ କରିଛନ୍ତି ଅନୁଷ୍ଠାନ ଅଧ୍ୟକ୍ଷ ଡ. ଦିଲ୍ଲୀପ ଶ୍ରୀଚନ୍ଦନ। ଏଥିସହ ବିଏମ୍‌ସି ତରଫରୁ ନଦୀକୂଳ ଓ ପୋଖରୀକୂଳରେ ଅସ୍ଥାୟୀ ପୁଷ୍କରିଣୀ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପାଖରେ ପ୍ରେରଣା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ନେଇ ଡ. ଶ୍ରୀଚନ୍ଦନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

## ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଞ୍ଚଳ ତଥା ଗ୍ରାମାଞ୍ଚଳର ୮ହଜାରରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଉଛି। ପ୍ରତ୍ୟେକ ହିତାଧିକାରୀ ଓ ତାଙ୍କ ପରିବାରବର୍ଗଙ୍କୁ ବାର୍ଷିକ ୨ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଉପଲବ୍ଧ ହେଉଛି। ତେବେ ଏହି ବୀମାରାଶିର ପରିମାଣ ୨ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। କଲ୍ୟାଣ ବୋର୍ଡର ଏକ ପ୍ରତିନିଧି ଦଳ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ଏନେଇ ଆଲୋଚନା କରିଥିଲେ।



ପ୍ରତିନିଧି ଦଳରେ ବୋର୍ଡ ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ। ରାଜ୍ୟର ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟବୀମା ସହାୟତା ରାଶିର ପରିମାଣ ବୃଦ୍ଧି ଏବଂ ଅବସରପ୍ରାପ୍ତ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ସୁବିଧା ପ୍ରଦାନ ପ୍ରସଙ୍ଗରେ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଦାବି ସମ୍ପର୍କରେ ଖୁବ୍‌ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଆଲୋଚନା କରାଯିବ ଏବଂ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ୬ମାସ ବୃଦ୍ଧି କରିଥିବାରୁ କଲ୍ୟାଣ ବୋର୍ଡ ପ୍ରତିନିଧି ଦଳ ତାଙ୍କୁ ସ୍ୱାଗତ ଜଣାଇଥିଲେ।

**ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ କର୍ମକର୍ତ୍ତା**